◆ RNI REGD NO: 42041/83 ◆ www.sakalaepaper.com ◆ www.thesakala.in ◆ /sakalanews ◆ /sakalanews



ବୀର ପ୍ରସବିନୀ ଓଡ଼ିଶା ମାଟିର ସୁଯୋଗ୍ୟ ବରପୁତ୍ରମାନଙ୍କ ନିରନ୍ତର ଉଦ୍ୟମ ବଳରେ ୧୯୩୬ ମସିହା ଆଜିର ଦିନରେ ଭାଷା ଭିତ୍ତିରେ ଗଠନ ହୋଇଥିଲା ପ୍ରଥମ ରାଜ୍ୟ ଓଡ଼ିଶା। ଏହି ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ 'ସକାଳ' ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।




# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-275 ◆BHUBANESWAR ◆MONDAY ◆1 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୭୫ ◆ଭୁବନେଶ୍ୱର ◆ସୋମବାର ◆୧ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## ଜଲ୍‌ପାଇଗୁଡ଼ି ଜିଲ୍ଲାରେ ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼

### ୪ ମୃତ, ଶତାଧିକ ଆହତ

■ **ଜଲ୍‌ପାଇଗୁଡ଼ି,୩୧।୩(ଏଜେନ୍ସି):** ଉତ୍ତର ପଶ୍ଚିମବଙ୍ଗର ଜଳପାଇଗୁଡ଼ି ଜିଲ୍ଲାରେ ରବିବାର ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଛି। ପ୍ରବଳ ବେଗରେ ପବନ ସହ ବର୍ଷା ଏବଂ କୁଆପଥର ମାଡ଼ ଯୋଗୁଁ ଜିଲ୍ଲାର ରାଜରହାଟ, ବରନିସ୍, ବାକାଲି, ଜୋରପକଡି, ମାଧବଡଙ୍ଗା ଏବଂ ସପ୍ତିବାରି ସମେତ ଅନ୍ୟ କେତେକ ଅଞ୍ଚଳ ଭାରୀମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏହିସବୁ ଅଞ୍ଚଳରେ ଶହ ଶହ କଚାଘର ଉଡିଯିବାରୁ ୪ ଜଣଙ୍କ ମୃତ୍ୟୁ ହେବା ସହିତ ▶ପୃଷ୍ଠା-୯



## ଦିନରାତି କଲବଲ; ଆଜିଠୁ ପୁଣି ବଢ଼ିବ ତାତି

■ **ଭୁବନେଶ୍ୱର,୩୧।୩(ସମିସ):** ଗୋଟିଏ ଦିନର ବିରତି ପରେ ସୋମବାରଠାରୁ ରାଜ୍ୟରେ ପୁଣି ତାପମାତ୍ରା ବୃଦ୍ଧି ପାଇବ। ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟରେ ୪-୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବା କାରଣ ଯୋଗୁଁ ରାଜ୍ୟରେ ପାରଦ ପୁଣି ୪୦ ଡିଗ୍ରୀ ଛୁଇଁବ। ଛତିଶଗଡ଼ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ଏବଂ କାଳବୈଶାଖୀ ପ୍ରଭାବ ଯୋଗୁଁ ରାଜ୍ୟର କିଛି ସ୍ଥାନରେ ରବିବାର ପାଗ ମେଘୁଆ ରହିଥିଲା। ଏହାଫଳରେ ଅଧିକାଂଶ ସ୍ଥାନରେ ତାପମାତ୍ରା ହ୍ରାସ ହୋଇଥିଲା। ଶୁକ୍ରବାର ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବା ସହ ଶନିବାର ରାଜ୍ୟର ୫ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଥିଲା। ମାତ୍ର ରବିବାର ମେଘୁଆ ପାଗ ହେତୁ ରାଜ୍ୟର ସମସ୍ତ ସହର ୪୦ ଡିଗ୍ରୀ ତଳେ ରହିଥିଲା। ତେବେ ସୋମବାରଠାରୁ ପୁଣି ଥରେ ତାପମାତ୍ରା ବଢ଼ିବା କାରଣରୁ ତାତି ପୁଣି ଫେରିବ ବୋଲି ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ଦୁଇ ଦିନ ମଧ୍ୟରେ (୧ ରୁ ୨ ଏପ୍ରିଲ) ରାଜ୍ୟର ଅନେକ ▶ପୃଷ୍ଠା-୯

**୨ ଦିନରେ ୫ ଡିଗ୍ରୀ ବଢ଼ିବ ତାମପାତ୍ରା**

**୩ ଦିନ ପର୍ଯ୍ୟନ୍ତ 'ଉଷ୍ମ ରାତି' ଚେତାବନୀ**

**ଦିନରେ ୪୦ ଟପିବ, ରାତିରେ ସ୍ୱାଭାବିକଠାରୁ ତାତି ୫ ଡିଗ୍ରୀ ଅଧିକ ରହିବ**

### ▶▶ ମହାସମର ପୂର୍ବରୁ ବିରୋଧୀ ଶିବିରକୁ ଝଟ୍‌କା

# ବିଜେଡିରେ ପରାକ୍ରମୀ ଯୋଦ୍ଧା

**ଶଙ୍ଖ ଭବନମୁହାଁ ରାଜ୍ୟ ରାଜନୀତିର ତୁଙ୍ଗ ନେତା**

**ବିଜେଡିରେ ମିଶିଲେ କଂଗ୍ରେସର ଚିରଞ୍ଜୀବ ଓ ବିଜେପିର ସୁକାନ୍ତ, ବୃନ୍ଦାବନ, ଉପେନ୍ଦ୍ର, ଅବକାଶ**

**କିମିଆ କରିଛି ନବୀନଙ୍କ ଭାବମୂର୍ତ୍ତି ଓ ବିକାଶ କାର୍ଯ୍ୟ**



■ **ଭୁବନେଶ୍ୱର, ୩୧।୩ (ସମିସ):** ନିର୍ବାଚନ ତାରିଖ ଯେତିକି ପାଖେଉଛି, ନେତାଙ୍କ ଦଳଡିଆଁ ସେତିକି ଜୋର୍ ଧରୁଛି। ଗୋଟିଏ ପଟେ ଶାସକ ବିଜେଡି ଶିବିରରେ ରାଜ୍ୟ ରାଜନୀତିର ତୁଙ୍ଗ ନେତାଙ୍କ ଆବିର୍ଭାବ ଘଟୁଥିବା ବେଳେ ଅନ୍ୟପଟେ ବିରୋଧୀ ବିଜେପି ଓ କଂଗ୍ରେସ୍‌ର ହୃତ୍‌କମ୍ପନ ବଢ଼ିବାରେ ଲାଗିଛି। ନିର୍ବାଚନୀ ବିଗୁଲ ବାଜିବା ପୂର୍ବରୁ ବିରୋଧୀ ଦଳର ନେତାମାନେ ଶଙ୍ଖ ଭବନମୁହାଁ ହେବା ଆରମ୍ଭ କରିଛନ୍ତି। ଦିନକୁ ଦିନ ଏହି ଗହଳି ବଢ଼ିବାରେ ଲାଗିଛି। ସଂଗଠନ ବୃଦ୍ଧି ଦୃଷ୍ଟିରୁ ଆଜିର ଦିନଟି ବିଜେଡି ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଆଜି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ପୁଅ ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ କଂଗ୍ରେସ ସହିତ ସମ୍ପର୍କ ତୁଟାଇ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ନୀଳଗିରି ବିଜେପି ବିଧାୟକ ସୁକାନ୍ତ ନାୟକ ବିଜେଡି ଶିବିରକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ କୁଚିଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେପି ବିଧାୟକ ବୃନ୍ଦାବନ ମାଝୀ, ବୌଦ୍ଧରୁ କଂଗ୍ରେସ୍ ଟିକଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅବକାଶ ସାହୁ, ରାଜଗାଙ୍ଗପୁରର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଦୃଢ଼ ଆସ୍ଥା ପ୍ରକଟ କରିଛନ୍ତି। କେବଳ ଏହି ନେତାମାନେ ନୁହଁନ୍ତି, ▶ପୃଷ୍ଠା-୯




### ବ୍ୟାଙ୍କରୁ ୧.୦୪ କୋଟି ଟଙ୍କା ହେରଫେର ମାମଲା

## ମ୍ୟାନେଜରଙ୍କ ସହ କର୍ମଚାରୀ ଦମ୍ପତି ଗିରଫ

■ **ଭୁବନେଶ୍ୱର/ଢେଙ୍କାନାଳ, ୩୧।୩ (ସମିସ):** ଢେଙ୍କାନାଳ ଆଇସିଆଇସିଆଇ ବ୍ୟାଙ୍କରୁ ୧.୦୪ କୋଟି ଟଙ୍କା ହେରଫେର୍ ମାମଲାରେ କ୍ରାଇମବ୍ରାଞ୍ଚ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ବ୍ୟାଙ୍କର ଡେପୁଟି ମ୍ୟାନେଜର୍ ପ୍ରଶାନ୍ତ କୁମାର ସାହୁ ଏବଂ ବ୍ୟାଙ୍କ୍ କର୍ମଚାରୀ ଦମ୍ପତି ମନୋଜ କୁମାର ସାହୁ ଓ ସ୍ୱାଗତିକା ସ୍ୱାଇଁ। ଠକେଇ ଟଙ୍କା ମନୋଜଙ୍କ ଶାଶୁ ରଞ୍ଜିତା ସାହୁଙ୍କ ଏକାଧିକ ଆକାଉଣ୍ଟକୁ ଯାଇଛି। ଉକ୍ତ ଆକାଉଣ୍ଟରୁ ଟଙ୍କା ଅନ୍ୟ ଆକାଉଣ୍ଟକୁ ଟ୍ରାଞ୍ଜାକସନ୍ ହୋଇଥିବା ଜଣାପଡ଼ିଛି। କ୍ରାଇମବ୍ରାଞ୍ଚ ଉକ୍ତ ଆକାଉଣ୍ଟକୁ ଅଚଳ କରିଥିବା ଜଣାଯାଇଛି। କେତେକ ବରିଷ୍ଠ ନାଗରିକଙ୍କ ଆକାଉଣ୍ଟରୁ ଜାଲ୍ କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିବା ନେଇ ୧୧ଜଣ ବରିଷ୍ଠ ନାଗରିକ କ୍ରାଇମବ୍ରାଞ୍ଚ ସାଇବର ଥାନାରେ ଅଭିଯୋଗ କରିଥିଲେ।

ତଦନ୍ତରୁ ଜଣାପଡ଼ିଛି ଯେ ସ୍ୱାଗତିକା ଢେଙ୍କାନାଳ ଆଇସିଆଇସିଆଇ ବ୍ୟାଙ୍କରେ ରିଲେସନସିପ୍ ମ୍ୟାନେଜର୍ ଭାବେ କାମ କରୁଥିଲେ। ସେହିପରି ତାଙ୍କ ସ୍ୱାମୀ ମନୋଜ ବ୍ୟାଙ୍କ୍‌କୁ ଆସୁଥିବା ଲୋକଙ୍କୁ ସହଯୋଗ କରୁଥିଲେ। ମନୋଜ ଅଧିକାଂଶ ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ୍ କରିଥିଲେ। ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଏବଂ ଅନଲାଇନ୍ ବ୍ୟାଙ୍କିଙ୍ଗ୍ ସେବା ବରିଷ୍ଠ ନାଗରିକ ଜାଣି ନଥିବାରୁ ସେମାନଙ୍କୁ ଠକିବା ପାଇଁ ସହଜ ହେବ ବୋଲି ଦମ୍ପତି ଜାଣିଥିଲେ। ଏହିପରି ଗ୍ରାହକଙ୍କ ସହ ଭଲ ସମ୍ପର୍କ ବଜାୟ ରଖି ସେମାନଙ୍କ ଓଟିପି ଏବଂ ଅନ୍ୟାନ ପାସ୍‌ୱାର୍ଡ ହାତେଇ ନେଉଥିଲେ। ବରିଷ୍ଠ ନାଗରିକଙ୍କ ମୋବାଇଲରେ ଆଇ-ମୋବାଇଲ୍ ଆପ୍ଲିକେସନ୍ ଡାଉନ୍‌ଲୋଡ କରୁଥିଲେ। ଏହାପରେ ସେମାନଙ୍କ ଓଟିପି ଏବଂ ପାସ୍‌ୱାର୍ଡ ନେଇ ▶ପୃଷ୍ଠା-୯

**ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ୍ କରି ଠକୁଥିଲେ**

## ବିବାହ ଭୋଜିଖାଇ ୨ ମୃତ, ୮ ଗୁରୁତର

■ **ତାଳଚେର ସଦର, ୩୧।୩ (ସମିସ):** ତାଳଚେର ଟାଉନ ଥାନା ଅନ୍ତର୍ଗତ ବାଘୁଆବୋଲ ଗ୍ରାମରେ ବିବାହ ଭୋଜି ଖାଇ ଜଣେ ବୃଦ୍ଧା ଏବଂ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଅଘଟଣ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତକାଲି ଏକ ବିବାହ ଉତ୍ସବ ଭୋଜି ଖାଇ ବାଘୁଆବୋଲ ଗ୍ରାମର ସିଦ୍ଧେଶ୍ୱର ସାହୁ (୭୫), ସୁଜାତା ସାହୁ (୪୮) ଅସୁସ୍ଥ ▶ପୃଷ୍ଠା-୯

## କୋଇଲା ଖଣିରେ ଦୁଇ ଶ୍ରମିକ ମୃତ

■ **ତାଳଚେର ସଦର, ୩୧।୩ (ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ ଜଗନ୍ନାଥ ଅଧୀନସ୍ଥ ଭୁବନେଶ୍ୱରୀ କୋଇଲା ଖଣିରେ ଦୁର୍ଘଟଣା ଘଟି ଦୁଇ ଠିକା କର୍ମଚାରୀ ମୃତ୍ୟୁ ହୋଇଛି। ଗୋଡ଼ିବନ୍ଧ ବେଲପଡ଼ା ଗ୍ରାମର ଗଗନ ଦଣ୍ଡଧାରୀ (୪୨) ଓ ମାଣିକମରା ଅଞ୍ଚଳର ପ୍ରଶାନ୍ତ କୁମାର ପରିଡ଼ା (୪୩) କୋଇଲା ଖଣିର ବିପିଏଲ ନାମକ ଘରୋଇ କମ୍ପାନୀରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରିଥାନ୍ତି। ଗତକାଲି ବିଳମ୍ବିତ ରାତ୍ରୀରେ ସେମାନେ ଡ୍ୟୁଟି କରିବାକୁ ଯାଉଥିବା ବେଳେ ଏକ ଦ୍ରୁତଗାମୀ କୋଇଲା ବୋଝେଇ ଟ୍ରକ୍ ( ଓଡ଼ି ୩୫ଏଫ୍-୬୫୨୮) ▶ପୃଷ୍ଠା-୯

### ଲୋକକଥା



ସିନେମାରେ ଲୋକପ୍ରିୟ ହୋଇଯାନ୍ତି
ନାଚି ଦେଲେ ଥେଇ ଥେଇ,
ଲୋକଙ୍କ ସେବାରେ କାଳ ବିତେଇବା
ଲୋଡ଼ା ରାଜନୀତି ପାଇଁ !
ଜନପ୍ରିୟ ନେତା ସେହି,
ଅଭିନେତା ନେତା ଅଭିନୟ କଲେ
ଭୋଟର ମୋହିବେ କାହିଁ ?






ସମ୍ପୂର୍ଣ୍ଣା

ସକାଳ
THE SAKALA
www.sakalaepaper.com

# ଏପ୍ରିଲ୍ ଫୁଲ୍



ସାରା ବିଶ୍ୱରେ ଏପ୍ରିଲ୍ ୧ ତାରିଖକୁ ଏପ୍ରିଲ୍ ଫୁଲ୍ ଡେ' ବା ବୋକା ଦିବସ ଭାବେ ପାଳନ କରାଯାଏ। କ୍ୟାଲେଣ୍ଡରରେ ଏହି ତାରିଖର ଏକ ଅଲଗା ପରିଚୟ ଅଛି । ସାଙ୍ଗ ସାଥୀ ହୁଅନ୍ତୁ ବା କେହି ଅନ୍ତରଙ୍ଗ ଲୋକଙ୍କୁ ମିଛ କହି ବୋକା ବନାଇବା ପରେ ଚିଲ୍ଲେଇକି 'ଏପ୍ରିଲ୍ ଫୁଲ୍' କହିବାର ମଜା ଅଲଗା। ୧ ଏପ୍ରିଲରେ ଏପ୍ରିଲ୍ ଫୁଲ୍ ଡେ' ଅର୍ଥାତ୍ ବୋକା ଦିବସ ପାଳନ ପରମ୍ପରା କେବେଠୁ ଆରମ୍ଭ ହୋଇଥିଲା ସେନେଇ କୌଣସି ସଠିକ୍ ସୂଚନା ନ ଥିଲେ ମଧ୍ୟ ଅନେକ ଏହା ୧୩୮୧ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇଥିଲା ବୋଲି କହିଥାନ୍ତି। ଇଂଲଣ୍ଡର ରାଜା ରିଚାର୍ଡ ଦ୍ୱିତୀୟ ଓ ବୋହେମିଆର ରାଣୀ ଏନି ୩୨ ମାର୍ଚ୍ଚ ୧୩୮୧ରେ ନିର୍ବନ୍ଧ ହେବ ବୋଲି ଘୋଷଣା କରିଥିଲେ। ରାଜା ରାଣୀଙ୍କ ନିର୍ବନ୍ଧ ଖବର ପ୍ରଚାର ହେବା ପରେ ଜନତାଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଥିଲା। କ୍ୟାଲେଣ୍ଡରରେ ୩୨ ମାର୍ଚ୍ଚ ଦିନ ନ ଥିବାରୁ ରାଜାରାଣୀ ଲୋକଙ୍କୁ ଭୁଲ୍ ସୂଚନା ଦେଇ ବୋକା ବନାଇଥିଲେ ବୋଲି ପ୍ରଜାମାନେ ବୁଝିପାରିଥିଲେ। ସେହିଦିନଠାରୁ ଏପ୍ରିଲ୍ ୧ ତାରିଖକୁ 'ଏପ୍ରିଲ୍ ଫୁଲ୍ ଦିବସ' ଭାବେ ପାଳନ କରାଗଲା। ଅନ୍ୟ ଏକ କାହାଣୀ ଅନୁସାରେ, ଏପ୍ରିଲ ଫୁଲ୍ ଦିବସର ଆରମ୍ଭ ଫ୍ରାନ୍ସରେ ହୋଇଥିଲା। ୧୫୮୨ରେ ଏହିଦିନରେ ପୋପ୍ ଗ୍ରେଗୋରୀ-୧୩ ସବୁ ୟୁରୋପୀୟ ଦେଶକୁ ଜୁଲିୟନ କ୍ୟାଲେଣ୍ଡର ଛାଡି ଗ୍ରେଗୋରିୟନ କ୍ୟାଲେଣ୍ଡର ବ୍ୟବହାର କରିବାକୁ କହିଥିଲେ। ଗ୍ରେଗୋରିୟାନ କ୍ୟାଲେଣ୍ଡରରେ ନୂଆବର୍ଷ ୧ ଏପ୍ରିଲ ନୁହେଁ, ଜାନୁଆରୀ ୧ରେ ଆରମ୍ଭ ହୋଇଥାଏ। ଏହି ପରିବର୍ତ୍ତନ ପରେ ମଧ୍ୟ ୟୁରୋପରେ ବହୁ ଲୋକ ପୁରୁଣା କ୍ୟାଲେଣ୍ଡର ଜୁଲିୟନ ଅନୁସାରେ ନୂଆବର୍ଷ ପାଳନ କରୁଥିଲେ। ହୁଏତ ସେମାନେ ଏହା ଜାଣି ନ ଥିଲେ ଅଥବା ନୂଆ କ୍ୟାଲେଣ୍ଡରକୁ ଆପଣାଇବାକୁ ଇଚ୍ଛା ପ୍ରକାଶ କରୁ ନଥିଲେ। ତେବେ ଜାନୁଆରି ୧ରେ ନୂତନ ବର୍ଷ ପାଳନ କରିବା ଲୋକଙ୍କ ସଂଖ୍ୟା ଅଧିକ ରହିଥିବାରୁ ସେମାନେ ଏପ୍ରିଲ ୧ରେ ନୂଆ ବର୍ଷ ପାଳନ କରୁଥିବା ବ୍ୟକ୍ତିଙ୍କୁ ବୋକା ବା ଫୁଲ୍ ବୋଲି ଡାକୁଥିଲେ। ସେବେଠାରୁ ଏପ୍ରିଲ ୧କୁ ଏପ୍ରିଲ ଫୁଲ୍ ଦିବସ ଭାବେ ପାଳନ କରିବା ଆରମ୍ଭ କରାଯାଇଥିଲା। ଲୋକଙ୍କୁ ଚିଡ଼ାଇବା ସହ ତାଙ୍କ ସହ ବିଭିନ୍ନ ପ୍ରକାରର ଥଟ୍ଟାମଜା କରିବା ମଧ୍ୟ ଆରମ୍ଭ କରାଗଲା। ଯାହା ଧୀରେ ଧୀରେ ୟୁରୋପକୁ ଓ ପରେ ସମଗ୍ର ବିଶ୍ୱକୁ ବ୍ୟାପି ଯାଇଥିଲା। ପରେ ଏହାକୁ ସାରା ଦୁନିଆ ଆପଣାଇ ନେଇଥିଲା। ଊନବିଂଶ ଶତାବ୍ଦୀରେ ଭାରତରେ ଇଂରେଜମାନେ ପ୍ରଥମେ ଏହି ଦିବସ ପାଳନ ଆରମ୍ଭ କରିଥିଲେ ବୋଲି କୁହାଯାଏ। ତେବେ ବର୍ଷର କୌଣସି ଦିନରେ ଲୋକଙ୍କୁ ବୋକା ବନାଇ ହେବ କିନ୍ତୁ ଏହିଦିନ ବୋକା ବନାଇଲେ କେହି ରାଗି ନଥାନ୍ତି। ସୋସିଆଲ ମିଡିଆରେ ଏପ୍ରିଲ୍ ଫୁଲ୍‌କୁ ନେଇ ମିମସ୍ ଓ ମେସେଜ୍ ଭାଇରାଲ୍ ହୋଇଥାଏ।

## ମେ ୧ରେ 'ହୀରାମଣ୍ଡି'



ବଲିଉଡ୍‌କୁ ଅନେକ ବିଗ୍ ବଜେଟ୍ ଫିଲ୍ମ ଦେଇଥିବା ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀ ଏବେ ଓଟିଟିରେ ଭାଗ୍ୟ ପରଖିବାକୁ ଯାଉଛନ୍ତି। ସଞ୍ଜୟ ତାଙ୍କର ବହୁପ୍ରତୀକ୍ଷିତ ୱେବ୍‌ସିରିଜ୍ 'ହୀରାମଣ୍ଡି: ଦ ଡାଏମଣ୍ଡ ବାଜାର' ପାଇଁ ଏବେ ଚର୍ଚ୍ଚାରେ। ନିକଟରେ ଏହି ୱେବ୍‌ସିରିଜ୍‌ର ରିଲିଜ ତାରିଖକୁ ବେଶ୍ ନିଆରା ଢଙ୍ଗରେ ଘୋଷଣା କରାଯାଇଛି । ଦକ୍ଷିଣ ମୁମ୍ବାଇର ମହାଲକ୍ଷ୍ମୀ ରେସ୍ କୋର୍ସରେ ଆୟୋଜିତ ଏକ ଡ୍ରୋନ୍ ଲାଇଟ୍ ଶୋ' କାର୍ଯ୍ୟକ୍ରମ ସମୟରେ ଏହି ୱେବ୍‌ସିରିଜ୍‌ର ମୁକ୍ତିଲାଭ ଦିନ ଘୋଷଣା କରାଯାଇଥିଲା। ତେବେ ନେଟ୍‌ଫ୍ଲିକ୍ସରେ ଏହି ସିରିଜ୍ ମେ' ୧ ରେ ପ୍ରସାରିତ ହେବ। ମନୀଷା କୋଇରାଲା, ସୋନାକ୍ଷୀ ସିହ୍ନା, ଅଦିତି ରାଓ ହୈଦରୀ, ରୁଚା ଚଡ୍ଢା, ସଞ୍ଜିଦା ଶେଖ୍ ଆଦି ଏଥିରେ ଅଭିନୟ କରିଛନ୍ତି। 'ହୀରାମଣ୍ଡି' ସବୁଠୁ ମହଙ୍ଗା ୱେବ୍‌ସିରିଜ୍ ହେବାକୁ ଯାଉଛି। ଏହାର ବଜେଟ୍ ୨୦୦ କୋଟି ରହିଛି। ପାକିସ୍ତାନର ଲାହୋରରେ ଥିବା ଏକ ରେଡ୍ ଲାଇଟ୍ ଏରିଆ ଉପରେ 'ହରାମଣ୍ଡି'ର କାହାଣୀ ଆଧାରିତ। ନିକଟରେ ରିଲିଜ୍ ହୋଇଥିବା ଏହାର ଗୀତ 'ସକଲ ବନ'କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି।

## ଆଜିର ଇତିହାସ

- ୧୫୮୨- ଫ୍ରାନ୍ସରେ ଏହି ଦିନକୁ 'ଏପ୍ରିଲ୍ ଫୁଲ୍ ଦିବସ' ଭାବେ ପାଳନ କରାଗଲା।
- ୧୭୯୩- ଜାପାନର ଉନସେନ୍ ଆଗ୍ନେୟଗିରିରେ ବିସ୍ଫୋରଣ, ୫୩ ହଜାର ଲୋକଙ୍କ ପ୍ରାଣହାନି।
- ୧୮୬୯-ଆୟକର ବ୍ୟବସ୍ଥା ପ୍ରଚଳନ ହେଲା।
- ୧୮୭୮- କଲିକତା ସଂଗ୍ରହାଳୟକୁ ସମସ୍ତଙ୍କ ପାଇଁ ଖୋଲି ଦିଆଗଲା।
- ୧୯୧୨- ଭାରତର ରାଜଧାନୀ ବିଧିବଦ୍ଧ ଭାବେ କଲିକତାରୁ ଦିଲ୍ଲୀକୁ ସ୍ଥାନାନ୍ତର ହେଲା।
- ୧୯୩୫- ଭାରତୀୟ ରିଜର୍ଭ ବ୍ୟାଙ୍କର ସ୍ଥାପନା।
- ୧୯୭୩- ଜିମ୍ କାର୍ବେଟ୍ ନେସନାଲ୍ ପାର୍କରେ ବାଘ ସଂରକ୍ଷଣ ପରିଯୋଜନା ଆରମ୍ଭ ହେଲା।
- ୨୦୦୪- ଗୁଗ୍‌ଲ ଜି-ମେଲ୍ ସେବା ଆରମ୍ଭ

## ଆଜି ଆସିଥିଲେ

# ପଦ୍ମଭୂଷଣ ଡକ୍ଟର ପ୍ରାଣକୃଷ୍ଣ ପରିଜା



ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଯେଉଁ କତିପୟ ଯୋଗଜନ୍ମା ଉତ୍କଳ ଜନନୀର କୋଳମଣ୍ଡନ କରି ସେମାନଙ୍କର କୃତି ଓ କୀର୍ତ୍ତି ବଳରେ ଭାରତ ସହ ସମଗ୍ର ବିଶ୍ୱରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ସେମାନଙ୍କ ମଧ୍ୟରେ ପଦ୍ମଭୂଷଣ ଡକ୍ଟର ପ୍ରାଣକୃଷ୍ଣ ପରିଜା ଅନ୍ୟତମ। ସେ ଏକାଧାରରେ ଥିଲେ ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବୈଜ୍ଞାନିକ, ପ୍ରବୀଣ ଶିକ୍ଷାବିତ୍, ଦକ୍ଷ ପ୍ରଶାସକ ଓ ଆଦର୍ଶ ଜନନାୟକ। ୧୮୯୧ ମସିହା ଆଜିର ଦିନରେ ଜଗତସିଂହପୁରଠାରୁ ୧୨ କିଲୋମିଟର ଦୂରବର୍ତ୍ତୀ ବାଲିକୁଦା ନିକଟବର୍ତ୍ତୀ ଇଚ୍ଛାପୁର ଗାଁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ବିଶ୍ୱନାଥ ପରିଜା ଓ ମାତା ଜୟନ୍ତୀ ଦେବୀ। ପିଲାଦିନରୁ ସେ ଥିଲେ ଖୁବ୍ ମେଧାବୀ । ବାଲିକୁଦା ମଧ୍ୟଇଂରାଜୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଶେଷ କରି ସେ ୧୯୦୪ ମସିହାରେ କଟକ ରେଭେନ୍ସା କଲିଜିଏଟ ସ୍କୁଲରେ ପାଠ ପଢ଼ିଥିଲେ। ସେଠାରୁ ମାଟ୍ରିକ୍ ଓ ରେଭେନ୍ସା ମହାବିଦ୍ୟାଳୟରୁ କୃତିତ୍ୱର ସହ ଆଇଏସ୍‌ସି ପାସ୍ କରିଥିଲେ। ତା'ପରେ କଲିକତାର ପ୍ରେସିଡେନ୍ସି କଲେଜରୁ ୧୯୧୩ ମସିହାରେ ଗଣିତ ଅନର୍ସ ନେଇ ବି.ଏ ପାସ୍ କରିଥିଲେ। ତାପରେ ସେ ଛାତ୍ରବୃତ୍ତି ପାଇ ଉଚ୍ଚ ଶିକ୍ଷା ପାଇଁ ୧୯୧୪ ମସିହାରେ ବିଲାତ ଯାତ୍ରା କରି କ୍ୟାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କଲେ। ଏହି ସମୟରେ ସେ ପ୍ରଥମ ଭାରତୀୟ ଭାବେ ଫ୍ରାଙ୍କସ୍ମାର୍ଟ ଛାତ୍ରବୃତ୍ତି ପାଇବାର ଗୌରବ ଅର୍ଜନ କରିଥିଲେ। କ୍ୟାମ୍ବ୍ରିଜ୍‌ରେ ଅଧ୍ୟୟନ କରିବା ସମୟରେ ସେ ଏଫ୍.ଏ ବ୍ଲାକ୍‌ମ୍ୟାନ୍‌ଙ୍କ ଅଧୀନରେ ଗବେଷଣା କରି ସେଓର ଶ୍ୱାସକ୍ରିୟା ସମ୍ପର୍କରେ ଯେଉଁ ନିବନ୍ଧ ରଚନା କରିଥିଲେ, ତାହା 'ପରିଜା-ବ୍ଲାକ୍‌ମ୍ୟାନ୍ ଥିଓରି' ଭାବେ ପୃଥିବୀ ବିଖ୍ୟାତ। ଏହି ଗବେଷଣାର ପ୍ରସ୍ତୁତ ତଥ୍ୟ ଲଣ୍ଡନର ପ୍ରସିଦ୍ଧ 'ରୟାଲ ସୋସାଇଟି' ପତ୍ରିକାରେ ପ୍ରକାଶ ପାଇବା ପରେ ପ୍ରାଣକୃଷ୍ଣ ପରିଜାଙ୍କ ଖ୍ୟାତି ସମଗ୍ର ବିଶ୍ୱରେ ବ୍ୟାପୀ ଯାଇଥିଲା। ୧୯୨୧ରେ ଓଡ଼ିଶାକୁ ଫେରି ଉଦ୍ଭିଦ ବିଜ୍ଞାନରେ ପ୍ରଫେସର ହିସାବରେ ରେଭେନ୍ସା କଲେଜରେ ଯୋଗ ଦେଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ୧୯୪୩ରୁ ୧୯୪୮ ଯାଏଁ କାର୍ଯ୍ୟ କରିଥିଲେ। ୧୯୪୯ ମସିହାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍ ଚାନ୍‌ସେଲର ହୋଇଥିଲେ। ୧୯୫୧ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋଚାନ୍‌ସେଲର ଭାବେ ନିଯୁକ୍ତି ପାଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ସେ ଅନେକ କାଳ ଅଧ୍ୟାପନା କାର୍ଯ୍ୟ କରିଥିଲେ। ତାଙ୍କରି ନାମରେ ପରିଜା ପାଠାଗାର ନାମିତ। ୧୯୫୨ ମସିହାରେ, ସେ ବାଲିକୁଦା ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୫ ମସିହାରେ ସେ ପୁଣି ଥରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ହୋଇ ପ୍ରାୟ ୧୦ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ବିଜ୍ଞାନ ଶିକ୍ଷା ପ୍ରତି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ପାଇଁ ସେ ତାଙ୍କ ଜୀବନକାଳରେ ଅନେକ ପଦକ୍ଷେପ ନେଇଥିଲେ। ୧୯୫୫ ମସିହାରେ ସେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏହି ବିଶିଷ୍ଟ ଶିକ୍ଷାବିତ୍ ୧୯୭୮ ମସିହା ଜୁନ୍ ମାସ ୨ ତାରିଖରେ ୮୭ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। କଥାରେ ମଧୁରତା ରଖିବେ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇଭଉଣୀଙ୍କ ଭିତରେ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ବ୍ୟବସାୟକୁ ନେଇ ନୂଆ ଯୋଜନା କରିବେ। ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖାଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ଆଇଟି ଓ ବ୍ୟାଙ୍କ ଚାକିରିଆଙ୍କୁ ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ଦାମ୍ପତ୍ୟ ଜୀବନରେ ସମସ୍ୟା ଆସିବ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି। ଭଜନ, କୀର୍ତ୍ତନରେ ସାମିଲ ହେବେ। କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆସ୍ଥା

# ପବିତ୍ର ଚୈତ୍ର

**ଆରମ୍ଭ ହୋଇଛି ପବିତ୍ର ଚୈତ୍ର ମାସ। କୁହାଯାଏ, ଏହି ମାସରେ ବ୍ରହ୍ମା ସୃଷ୍ଟିର ରଚନା କରିଥିଲେ। ଏଣୁ ଏହି ମାସରେ ହିନ୍ଦୁ ନବ ବର୍ଷ ପାଳନ କରାଯାଏ। ସେହିପରି ଧାର୍ମିକ ଦୃଷ୍ଟିକୋଣରୁ ଚୈତ୍ର ମାସ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ମାସରେ ଦାନ-ଧର୍ମ କରିବା ଦ୍ୱାରା ଜୀବନରେ ପୁଣ୍ୟଫଳ ପ୍ରାପ୍ତି ହୁଏ। ତେବେ ଏହି ମାସରେ ସୂର୍ଯ୍ୟଦେବ, ମା' ଦୁର୍ଗା, ମା' ମଙ୍ଗଳା ଏବଂ ଲକ୍ଷ୍ମୀ ନାରାୟଣଙ୍କ ପୂଜା କରିବାର ବିଶେଷ ମହତ୍ତ୍ୱ ଅଛି। ତା'ସହ ଏହି ମାସରେ ଚୈତ୍ର ନବରାତ୍ରି, ରାମନବମୀ, ହନୁମାନ ଜୟନ୍ତୀ, କାମଦା ଏକାଦଶୀ ଆଦି ପୂଜାପର୍ବ ପଡ଼ିଥାଏ। ତା'ସହ ଓଡ଼ିଆ ପରମ୍ପରାନୁସାରେ ବାଟମଙ୍ଗଳା ଓଷା, ଝାମୁ ଯାତ୍ରା, ଚଇତି ପର୍ବ, ଅଶୋକାଷ୍ଟମୀ, ଦଣ୍ଡଯାତ୍ରା ମଧ୍ୟ ଏହି ମାସରେ ପାଳିତ ହୁଏ।**

### ପନ୍ଥେଇ ପୂଜା



ଚୈତ୍ର ମଙ୍ଗଳବାରର ପ୍ରଥମ ପାଳି ଶେଷ ହୋଇଛି। ଗାଁ ଦାଣ୍ଡ ବା ବାଟରେ କରାଯାଉଥିବାରୁ ଏହା ବାଟ ମଙ୍ଗଳା ଓଷା ବା ପନ୍ଥେଇ ପୂଜା ଭାବେ ପରିଚିତ। ସେହିପରି ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ଏହାକୁ ପାଳନ କରାଯାଉଥିବାରୁ ଏହାକୁ ଚଇତି ମଙ୍ଗଳବାର ଓଷା ବୋଲି ବି କୁହାଯାଏ। ପରିବାର ତଥା ସନ୍ତାନଙ୍କ ଶୁଭ ମନାସୀ ସଧବା ନାରୀମାନେ ମେଳ ହୋଇ ଏହି ପୂଜା ନିଷ୍ଠାର ସହ କରନ୍ତି। ଏହି ଅବସରରେ ଘଟଗାଁ ସ୍ଥିତ ମା' ତାରିଣୀ ମନ୍ଦିର ତଥା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠ ଚଳଚଞ୍ଚଳ ହୋଇଥାଏ।

ତେବେ ବିଧି ଅନୁସାରେ ଦାଣ୍ଡରେ ପନ୍ଥେଇ ଖୋଳା ଯାଏ ଏବଂ ତାହାକୁ ଗୋବର ପାଣିରେ ଲିପା ପୋଛା କରାଯାଏ। ପନ୍ଥେଇ ଭିତରେ ହଳଦି, ଚୁଆ, କ୍ଷୀର, ଜଳ ଆଦି ଅର୍ପଣ କରାଯାଏ। ସେହିପରି ପନ୍ଥେଇର ଚାରିପାର୍ଶ୍ୱରେ ଆମ୍ବ ଡାଳ, ଗୁଆ, ସିନ୍ଦୂର, ନାଲି ମନ୍ଦାର ଏବଂ ମୁରୁଜରେ ସଜାଯାଏ। ଏହାସହ ବିଭିନ୍ନ ପ୍ରକାର ଫଳ, ଦହି, ଛେନା, ନଡ଼ିଆରେ ତିଆରି ପଣା ଲାଗି କରାଯାଏ। ଓଷା ବ୍ରତ ବହି ବ୍ରତଧାରୀ ପଢ଼ନ୍ତି। ତେବେ ବ୍ରତ କରୁଥିବା ମହିଳାମାନେ ଧଳା ସୂତାରେ ୧୩ଟି ଗଣ୍ଠି ପକାଇ ବ୍ରତକୁ ଧାରଣ କରନ୍ତି। ପୂଜା ଶେଷ ହେବା ପରେ ବ୍ରତ କରିଥିବା ମହିଳାମାନେ ପନ୍ଥେଇରେ ଲାଗି ହୋଇଥିବା ପଣାକୁ ପ୍ରସାଦ ରୂପେ ପାଆନ୍ତି। ତେବେ ଏ ଓଷା କେବଳ ଗ୍ରାମାଞ୍ଚଳରେ ସୀମିତ ନାହିଁ। ସହରରେ ମହିଳାମାନେ ପନ୍ଥେଇ ପୂଜା କରି ନିଷ୍ଠାର ସହ ପାଳନ କରନ୍ତି। ଏହି ଅବସରରେ ଗାଁ ଗାଁରେ ମଙ୍ଗଳାଙ୍କ ଘଟ ବୁଲିଥାଏ।

### ଝାମୁ ଯାତ୍ରା



ଚୈତ୍ର ପ୍ରଥମ ମଙ୍ଗଳବାରରୁ ଆରମ୍ଭ ହୋଇଛି କାକଟପୁର ମାଆ ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁ ଯାତ୍ରା। ମାସେ ଧରି ଏହି ଯାତ୍ରା ଚାଲେ। ଏହା ଚୈତ୍ର ମାସରେ ଆରମ୍ଭ ହୋଇ ବୈଶାଖ ସଂକ୍ରାନ୍ତି ଦିନ ଶେଷ ହୁଏ। ଉତ୍ତର ଓଡ଼ିଶାରେ ଏହାକୁ 'ପାଟୁଆ ଯାତ୍ରା' କୁହାଯାଉଥିବା ବେଳେ ପଶ୍ଚିମ ଓଡ଼ିଶାରେ ଏହାକୁ 'ଦଣ୍ଡନାଚ ଓ ଝାମୁଯାତ୍ରା' ବୋଲି କୁହାଯାଏ। ଝାମୁ ବ୍ରତ ଯେଉଁମାନେ ପାଳନ କରନ୍ତି, ସେମାନେ ମହାବିଷୁବ ସଂକ୍ରାନ୍ତିର ମାସକ ପୂର୍ବରୁ ଏହି ବ୍ରତ ଆରମ୍ଭ କରନ୍ତି। ବ୍ରତଧାରୀଙ୍କୁ ପାଟୁଆ ବୋଲି କୁହାଯାଏ। ଏଥିରେ ଶିବ, ପାର୍ବତୀ ଓ ମଙ୍ଗଳାଙ୍କୁ ପୂଜା କରାଯାଏ। ବ୍ରତଧାରୀ ନିଆଁରେ ଚାଲିବାର ପରମ୍ପରା ଅଛି। ଝାମୁ ପଡ଼ିଆରେ ଗଭୀର ଖାଇ ଖୋଳାଯାଇ ସେଠାରେ କାଠ କୋଇଲା ନିଆଁ ଜଳାଯାଏ। ପାଟୁଆମାନେ ସେଥିରେ ପ୍ରବେଶ କରନ୍ତି।

### ଚଇତି ଘୋଡ଼ା ନାଚ



ଚୈତ୍ର ପୂର୍ଣ୍ଣିମାରେ ଚଇତି ଘୋଡ଼ା ନାଚ ହୋଇଥାଏ। ଚୈତ୍ର ପୂର୍ଣ୍ଣିମାଠାରୁ ବୈଶାଖ ମାସ ଅଷ୍ଟମୀ ଯାଏ ଚଇତି ଘୋଡ଼ା ନୃତ୍ୟ ୮ ଦିନ ପରିବେଷଣ କରାଯାଏ। ତେବେ ଚଇତି ଘୋଡ଼ା ନାଚ ପରମ୍ପରା ବହୁ ପ୍ରାଚୀନ। ଓଡ଼ିଶାର ଉପକୂଳ ଅଞ୍ଚଳରେ ଏହି ଘୋଡ଼ାନାଚ ହୁଏ। କିମ୍ବଦନ୍ତୀ ଅନୁସାରେ, ଶ୍ରୀରାମଚନ୍ଦ୍ର ବନବାସକୁ ଗଲା ବେଳେ ବାଟରେ ସରଯୂ ନଦୀ ପଡ଼ିଲା। ଜଣେ ଧିବର ଡଙ୍ଗାରେ ଶ୍ରୀରାମ ଚନ୍ଦ୍ର, ଲକ୍ଷ୍ମଣ ଓ ସୀତାଙ୍କୁ ନଦୀ ପାର କରାଇ ଥିଲେ। ସେହି କେଉଟଙ୍କୁ ଖୁସି ହୋଇ ଶ୍ରୀରାମଚନ୍ଦ୍ର ଉପହାର ସ୍ୱରୂପ ଘୋଡ଼ା ଦେଇଥିଲେ। ସେବେଠୁ ଖୁସିରେ କୈବର୍ତ୍ତମାନେ ଏହି ପର୍ବ ପାଳି ଆସୁଛନ୍ତି। ତା'ସହ ସେମାନେ ଚୈତ୍ର ପୂର୍ଣ୍ଣମୀ ଦିନ ବାଉଁଶ ବୁଦାକୁ ପୂଜା କରନ୍ତି। ସେହିପରି କୈବର୍ତ୍ତ ବ୍ୟତୀତ ଅନ୍ୟ ଜାତିର ଲୋକେ ଆଜିକାଲି ଘୋଡ଼ା ନାଚ କରୁଛନ୍ତି। ଯାହାକି ଆମ ଓଡ଼ିଶାର ଏକ ଲୋକ ସଂସ୍କୃତି ଓ ଲୋକନୃତ୍ୟ ପାଲଟିଛି।

## ପୌରାଣିକ କଥା

# ଶିବଙ୍କ ଶାପ



**ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ନେଇ ଅନେକ ପୌରାଣିକ ଆଖ୍ୟାନ ଅଛି। ସେଥିରୁ ଗୋଟିଏ ହେଉଛି ଶିବଙ୍କ ଦ୍ୱାରା ପାର୍ବତୀ ଅଭିଶାପଗ୍ରସ୍ତ ହେବା। କେଉଁ ପରିସ୍ଥିତିରେ ଏହା ଘଟିଥିଲା, ଆସନ୍ତୁ ଜାଣିବା... ।**

**ଶିବ ଦେଉଥିଲେ ବ୍ରହ୍ମଜ୍ଞାନ:** ଏକଦା ଭଗବାନ ଶିବ ମାତା ପାର୍ବତୀଙ୍କୁ ବ୍ରହ୍ମଜ୍ଞାନ ଦେବା ପାଇଁ ସୃଷ୍ଟି ରଚନାର କାହାଣୀ ଶୁଣାଉ ଥିଲେ। ସେହି ସମୟରେ ପାର୍ବତୀ କାହାଣୀ ଶୁଣିଶୁଣି ଭାବନା ରାଜ୍ୟରେ ହଜିଗଲେ। ଏହାପରେ ମଧ୍ୟ ଶିବ ତାଙ୍କୁ କାହାଣୀ ଶୁଣାଇବା ବନ୍ଦ କରି ନ ଥିଲେ। ତେବେ ମହାଦେବ ଯେତେବେଳେ ଅନୁଭବ କଲେ ଯେ, ପାର୍ବତୀ କାହାଣୀ ଶୁଣୁ ନାହାନ୍ତି, ସେଇଠୁ ସେ ଅଧାରୁ ଅଟକି ତାଙ୍କୁ ପ୍ରଶ୍ନ କଲେ, 'ତମେ କ'ଣ ମୋ କାହାଣୀ ଶୁଣୁଛ?' କିନ୍ତୁ ପାର୍ବତୀ କଳ୍ପନା ଦୁନିଆରେ ହଜି ଯାଇଥିବାରୁ ଶିବଙ୍କ ପ୍ରଶ୍ନର ଉତ୍ତର ଦେଲେ ନାହିଁ।

**ମହାଦେବଙ୍କ ଅଭିଶାପ:** ତେବେ ଭାବନା ରାଜ୍ୟରୁ ଫେରି ପାର୍ବତୀ ଯେତେବେଳେ ବାସ୍ତବ ଦୁନିଆକୁ ଫେରିଲେ ସେତେବେଳକୁ ଶିବ କ୍ରୋଧିତ ହୋଇସାରିଥିଲେ। ମହାଦେବ କହିଲେ, 'ତୁମେ ବ୍ରହ୍ମଜ୍ଞାନକୁ ଅମାନ୍ୟ କଲ। ଯେତେବେଳେ କାହାଠୁ କୌଣସି ମୂଲ୍ୟବାନ ଶିକ୍ଷା କିମ୍ବା ଜ୍ଞାନ ପ୍ରାପ୍ତି କରାଯାଏ, ସେତେବେଳେ ଧ୍ୟାନ ଭଗ୍ନ ହେବା ଅନୁଚିତ।' ଏହାପରେ ଭଗବାନ ଶିବ ଦଣ୍ଡ ସ୍ୱରୂପ ମାତା ପାର୍ବତୀଙ୍କୁ ଅଭିଶାପ ଦେଇ କହିଲେ, 'ତୁମର ଜନ୍ମ କୌଣସି ଏକ କୈବର୍ତ୍ତ ପରିବାରରେ ହେବ।'

**କୈବର୍ତ୍ତ ଘରେ ପାର୍ବତୀଙ୍କ ଗୋଟିଏ ଜନ୍ମ:** ଶିବଙ୍କଠାରୁ ଏଭଳି ଅଭିଶାପ ପାଇବା ପରେ ପାର୍ବତୀ ଦୁଃଖୀ ହେଲେ ଏବଂ ଏକ କୈବର୍ତ୍ତଙ୍କ ଗାଁକୁ ଚାଲିଗଲେ। ସେହି ଗାଁ ମୁଖିଆଙ୍କ କୌଣସି ସନ୍ତାନ ନ ଥିଲେ। ଦିନେ ମାଛ ଧରିବା ପାଇଁ ପୋଖରୀକୁ ଜଣେ ଧିବର ଯାଉଥିବା ବେଳେ ଗଛ ତଳେ ଗୋଟିଏ ଝିଅ ବସିଥିବା ସେ ଦେଖିବାକୁ ପାଇଲେ। ସେହି କନ୍ୟା ଜଣକ ଥିଲେ ପାର୍ବତୀ ମାତାଙ୍କ ସ୍ୱରୂପ। କୈବର୍ତ୍ତ ଜଣକ ଝିଅଟିର ବାପାମାଆଙ୍କୁ ଖୋଜିଲେ କିନ୍ତୁ ପାଇଲେ ନାହିଁ। ଏହାପରେ କନ୍ୟାଙ୍କୁ ପ୍ରଭୁଙ୍କ କୃପା ଭାବି ତାଙ୍କୁ ନିଜ ଘରେ ନେଇ ରଖିଲେ। ଏହିପରି ଭାବେ ପାର୍ବତୀଙ୍କୁ ଗୋଟିଏ ଜନ୍ମ କୈବର୍ତ୍ତ ଘରେ କାଟିବାକୁ ପଡ଼ିଥିଲା।

## ପ୍ରଶ୍ନୋତ୍ତର

୧. ପାର୍ବତୀଙ୍କ ପିତାଙ୍କ ନାଁ କ'ଣ?
୨. ଭଗବାନ ବିଷ୍ଣୁଙ୍କ ବାହନ କିଏ?
୩. ଲକ୍ଷ୍ମଣ କାହାର ଅବତାର?
୪. ରାବଣ କେଉଁ ବାଦ୍ୟଯନ୍ତ୍ର ବଜାଉ ଥିଲେ?
୫. ଭାବାର୍ଥ ରାମାୟଣ କିଏ ଲେଖିଥିଲେ?



### ଉତ୍ତର

(୧) ପର୍ବତରାଜ ହିମାଳୟ
(୨) ଗରୁଡ଼
(୩) ଶେଷନାଗ
(୪) ବୀଣା
(୫) ଏକନାଥ

## ଗୀତାବାଣୀ



ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ
ତତ୍ପରଃ ସଂଯତେନ୍ଦ୍ରିୟଃ ।
ଜ୍ଞାନଂ ଲବ୍ଧ୍ୱା ପରାଂ
ଶାନ୍ତିମଚିରେଣାଧିଗଚ୍ଛତି ॥୩୯ ॥

ଜିତେନ୍ଦ୍ରିୟ ଓ ସାଧନାପରାୟଣ ଶ୍ରଦ୍ଧାବାନ ମନୁଷ୍ୟ ଜ୍ଞାନ ଲାଭ କରେ ଏବଂ ଜ୍ଞାନ ଲାଭ କରି ସେ ତତ୍କାଳ ପରମଶାନ୍ତି ପ୍ରାପ୍ତ ହୁଏ।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୩୯)

# ଖରାପ ନଜରରୁ ରକ୍ଷା କରେ ଇଭିଲ୍ ଆଇ



**ଲିଭିଂ ରୁମ୍‌ରେ ଲଗାନ୍ତୁ:** ଇଭିଲ୍ ଆଇକୁ ଘରର ଲିଭିଂ ରୁମ୍‌ରେ ରଖିଲେ ଏଥିରୁ ବିଶେଷ ଲାଭ ମିଳେ। ଅତିଥିଙ୍କ ବସିବା ସ୍ଥାନର ବିପରୀତ ଦିଗରେ ଏହାକୁ ଲଗାଇବା ଶୁଭ। ଯଦି ଲିଭିଂ ରୁମ୍‌ର ପୂର୍ବ ଦିଗରେ ଅତିଥି ବସନ୍ତି, ଏହାକୁ ପଶ୍ଚିମ ଦିଗରେ ଲଗାଇବା ଉଚିତ। ଝରକାରେ ଇଭିଲ୍ ଆଇ ଦର୍ପଣ ଲଗାଇପାରିବେ।

**ପଢ଼ା ଓ ଶୟନକକ୍ଷରେ ଲଗାଇବା ଶୁଭ:** ପିଲାମାନେ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରୁ ନ ଥିଲେ, ଏହାକୁ ଘରର ଷ୍ଟଡିରୁମ୍ ବା ପଢ଼ାଘରେ ଲଗାଇବା ଶୁଭ। ଏହାଦ୍ୱାରା ପିଲାଙ୍କ ଉପରେ କୌଣସି ନକାରାତ୍ମକ ଶକ୍ତିର ପ୍ରଭାବ ପଡ଼ି ନ ଥାଏ। ସେହିପରି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ମଜଭୁତ ହେବା ପାଇଁ ଏହାକୁ ଶୋଇବା ଘରେ ଲଗାଇବା ଶୁଭ। ସମ୍ପର୍କ ମଜଭୁତ୍ ହେଲେ ଦାମ୍ପତ୍ୟ ଜୀବନ ସୁଖମୟ ଏବଂ ଶାନ୍ତିପୂର୍ଣ୍ଣ ହୋଇଥାଏ।

**ଘର ବଗିଚା ପାଇଁ ଉତ୍ତମ:** ଇଭିଲ୍ ଆଇକୁ ଗଛରେ ଝୁଲାଇବା ଦ୍ୱାରା ଭଲ ଶକ୍ତି ଆକର୍ଷିତ ହୁଅନ୍ତି। ତେବେ ଏହାକୁ ବଗିଚାର ଦକ୍ଷିଣ ଦିଗରେ ଲଗାନ୍ତୁ ନାହିଁ। ବଗିଚାର ମଝାମଝି ନଚେତ୍ ଉତ୍ତର ଦିଗରେ ଏହାକୁ ଲଗାନ୍ତୁ। ଏହାଦ୍ୱାରା ଇଭିଲ୍ ଆଇର ପୂର୍ଣ୍ଣ ଫଳ ଲାଭ ହୁଏ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-275 ♦BHUBANESWAR ♦MONDAY ♦1 APRIL 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୭୫ ♦ଭୁବନେଶ୍ୱର ♦ସୋମବାର ♦୧ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


**୨୦୨୪-୨୫ ଶିକ୍ଷାବର୍ଷ ପାଇଁ କ୍ୟାଲେଣ୍ଡର ଜାରି**

## ଫେବୃଆରୀ ଶେଷ ସପ୍ତାହରେ ମାଟ୍ରିକ୍ ପରୀକ୍ଷା

**ସମୁଦାୟ ୨୩୧ ଦିନ ପାଠପଢ଼ା**

**ମେ ୬ରୁ ଜୁନ୍ ୧୭ ଯାଏଁ ଖରାଛୁଟି**

■ **ଭୁବନେଶ୍ୱର, ୩୧।୩ (ସମିସ):** ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ବିଦ୍ୟାଳୟର ୨୦୨୪-୨୫ ଶିକ୍ଷାବର୍ଷ ପାଇଁ କ୍ୟଲେଣ୍ଡର ଜାରି କରାଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ଜାରି ଏହି କ୍ୟାଲେଣ୍ଡର ଅନୁଯାୟୀ ସମୁଦାୟ ୨୩୧ ଦିନ ପଠପଢ଼ା ହେବ। ଏପ୍ରିଲ୍ ୨ତାରିଖରୁ ନୂତନ ଶିକ୍ଷା ବର୍ଷ ଆରମ୍ଭ ହେଉଛି। ସମୁଦାୟ ୩୧ଟି ପର୍ବପର୍ବାଣି ଓ ୨ଟି ସ୍ଥାନୀୟ ପର୍ବପର୍ବାଣୀରେ ଛୁଟି ପ୍ରଦାନ କରାଯିବ। ହେଲେ ଏହି ପର୍ବପର୍ବାଣିରେ ନୂଆଖାଇ ପର୍ବକୁ ସାମିଲ କରାଯାଇନାହିଁ। ସେହିପରି ଫେବୃଆରୀ ଶେଷ ସପ୍ତାହରେ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଦର୍ଶାଯାଇଛି।

ନୂତନ କ୍ୟାଲେଣ୍ଡର ଅନୁଯାୟୀ, ଆସନ୍ତା ୫ ତାରିଖ ଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବ। ସେହିପରି ମେ ୬ ତାରିଖରୁ ଜୁନ୍ ୧୭ ତାରିଖ ଯାଏଁ ଖରାଛୁଟି ହେବ। ଅକ୍ଟୋବର ୯ତାରିଖରୁ ୧୭ ତାରିଖ ଯାଏଁ ପୂଜା ଛୁଟି ଓ ଡିସେମ୍ବର ୨୩ ତାରିଖରୁ ୩୧ ତାରିଖ ଯାଏଁ ଏକ୍ସମାସ୍ ଛୁଟି ହେବ। ସବୁ ମାସରେ ଷ୍ଟାଫ୍ ମିଟିଂ କରିବାକୁ ଦିନ ଧାର୍ଯ୍ୟ କରାଯାଇଛି। ଓସେପା ପକ୍ଷରୁ ଜାରି ଏହି ଶିକ୍ଷା କ୍ୟାଲେଣ୍ଡରକୁ ସମସ୍ତ ପ୍ରଧାନଶିକ୍ଷକଙ୍କ ନିକଟରେ ପହଞ୍ଚାଇବା ପାଇଁ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ରାଜ୍ୟ ବିଜେପିକୁ ସସ୍ମିତଙ୍କ କଟାକ୍ଷ**

# ୧୪୭ ଆସନ ପାଇଁ ମିଳୁନାହାନ୍ତି ପ୍ରାର୍ଥୀ



**ପଦାରେ ପଡ଼ିଛି ଦଳର ଅସହାୟତା**

**ଜନବିରୋଧୀ ଓ ଅପରାଧୀ ନେତାଙ୍କୁ ଭରସା**

■ **ଭୁବନେଶ୍ୱର, ୩୧।୩ (ସମିସ):** ସବୁ ଆସନରେ ନିର୍ବାଚନ ଲଢ଼ିବା ପାଇଁ ପ୍ରାର୍ଥୀ ଖୋଜି ପାଉ ନାହାନ୍ତି, କିନ୍ତୁ ଭାଷଣବାଜି ବନ୍ଦ ହେଉ ନାହିଁ। ସେଥିପାଇଁ ସେମାନେ ଜନ ବିରୋଧୀ ନେତାଙ୍କୁ ଗୋଟାଉଛନ୍ତି। ଆଜି ଏପରି ମନ୍ତବ୍ୟ ଦେଇ ରାଜ୍ୟ ବିଜେପିକୁ କଟାକ୍ଷ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର। ଡ଼ ପାତ୍ର କହିଛନ୍ତି ଯେ ବିଜେପି ଓଡ଼ିଶାର ସମସ୍ତ ଲୋକସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି। କିନ୍ତୁ ସବୁ ବିଧାନସଭା ଆସନରେ ବିଜୟ ଲାଭ ପାଇଁ ବାହାସ୍ଫୋଟ ମାରୁଥିବା ଓଡ଼ିଶା ବିଜେପି ଏପର୍ଯ୍ୟନ୍ତ ଗୋଟିଏ ବି ବିଧାସନଭା ଆସନ ପାଇଁ ପ୍ରାର୍ଥୀ ଦେଇ ପାରିଲା ନାହିଁ। ୧୪୭ ବିଧାନସଭା ଆସନରେ ଲଢ଼ିବାକୁ ବିଜେପି ପ୍ରାର୍ଥୀ ପାଉନି। ସେଥିପାଇଁ ଜନବିରୋଧୀ କାର୍ଯ୍ୟରେ ଲିପ୍ତ, ଅପରାଧରେ ସମ୍ପୃକ୍ତ ଥିବା ନେତାଙ୍କୁ ନିଜ ଦଳରେ ସ୍ୱାଗତ କରି ସେମାନଙ୍କୁ ପ୍ରାର୍ଥୀ କରିବା ଯୋଜନାରେ ଅଛି।

ଡକ୍ଟର ପାତ୍ର ଆଜି ଏଠାରେ ଗଣମାମ୍ଧମକୁ କହିଛନ୍ତି ଯେ, ଓଡ଼ିଶା ଭାରତୀୟ ଜନତା ପାର୍ଟି କହୁଛି ୧୪୭ ନିର୍ବାଚନ ମଣ୍ଡଳୀରେ ଲଢ଼ିବ, ହେଲେ ସେମାନେ ସେହି ୧୪୭ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ପାଇପାରୁ ନାହାନ୍ତି, ଏହା ହେଉଛି ବାସ୍ତବିକ ସତ୍ୟ। ବିଜେପି ୨୧ ଲୋକସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଘୋଷଣା କଲା, ହେଲେ ଏବେଯାଏଁ ଗୋଟିଏ ବି ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରିଲା ନାହିଁ। ପ୍ରାର୍ଥୀ ପାଉନଥିବାରୁ ବିଜେପି ଜନବିରୋଧୀ ଓ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ନେତାଙ୍କୁ ନିଜ ଦଳକୁ ନେଉଛି। ଏଥିରୁ ରାଜ୍ୟ ବିଜେପିର ଅସହାୟତା ସ୍ପଷ୍ଟ ବାରିହୋଇ ପଡୁଛି। ରାଜ୍ୟବାସୀ ଏହା ଦେଖୁଛନ୍ତି ଏବଂ ଆଗାମୀ ଦିନରେ ଏହାର ଉଚିତ ଜବାବ୍ ଦେବେ ବୋଲି ଡ଼ ପାତ୍ର କହିଛନ୍ତି।

# ବିଜେପି ବୈଠକରେ ରେଳ ବିଭାଗର ୩ ଅଧିକାରୀ

**ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି**



■ **ଭୁବନେଶ୍ୱର, ୩୧।୩ (ସମିସ):** ବିଜେପିର ନିର୍ବାଚନୀ ସଭାରେ ରେଳ ବିଭାଗର ୩ ଜଣ ଅଧିକାରୀଙ୍କ ଉପସ୍ଥିତିକୁ ନେଇ ବିବାଦ ଆରମ୍ଭ ହୋଇଛି। ଭୁବନେଶ୍ୱର ଲୋକସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ବିଜେପି ନେତା ପ୍ରଶାନ୍ତ ଜଗଦ୍ଦେବଙ୍କ ସହିତ ଏହି ୩ ଜଣ ଅଧିକାରୀ ଗୋଟିଏ ବୈଠକରେ ନଜର ଆସିଛନ୍ତି। ଯାହାର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ବିଜେଡି ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ମୁଖ୍ୟ ନିର୍ବଚନୀ ଅଧିକାରୀଙ୍କୁ ଫେରାଦ ହୋଇଛି। ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅବଗତ ▶ପୃଷ୍ଠା-୯

## ଆଜି ଖସାପଡ଼ା ଲାଗି ନୀତି

**୪ ଘଣ୍ଟା ବନ୍ଦ ରହିବ ଶ୍ରୀଜୀଉଙ୍କ ଦର୍ଶନ**

**ପୁରୀ, ୩୧।୩ (ସମିସ):** ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖସାପଡ଼ା ଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ନୀତି କରାଯିବ। ଏଥିପାଇଁ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ଅର୍ଥାତ୍ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଖସାପଡ଼ା ଲାଗି ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ପୂର୍ବ ଦିନରୁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥା'ନ୍ତି।







## ସ୍କୁଟର ସହ ଦେଶୀମଦ ଜବତ, ଜଣେ ଗିରଫ

**ସୋର, ୩୧।୩(ସମିସ):** କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ନାୟକବନ୍ଧ ଛକରେ ଚଢ଼ଉ କରାଯାଇ ସ୍କୁଟର ସହ ଦେଶୀମଦ ଜବତ କରିଥିବା ବେଳେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଡେପୁଟି କମିଶନର ରାମଚନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଣ୍ଡେଣ୍ଟ ଅଲକା ସୁନାଙ୍କ ତତ୍ୱାବଧାନରେ ଆଇଆଇସି ଧିରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ସକାଳେ ଏହି ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ବାଲେଶ୍ୱରରୁ ସୋର ଅଭିମୁଖେ ଆସୁଥିବା ଏକ ସ୍କୁଟରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ଏକ ଅଖାରେ ୫୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ସ୍କୁଟର ସହ ମଦକୁ ଜବତ କରି ଖନ୍ତାପଡ଼ା ଥାନା ଚନ୍ଦନିପୁର ଗ୍ରାମର କମଳ ଲୋଚନ ରାଉତକୁ ଗିରଫ କରିଥିଲେ। ଅପରାହ୍ଣରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ ଥବୀର ପଟ୍ଟନାୟକ, କିଶୋର ରାଉତ, ଗୋଖେନ୍ଦ୍ର ପରିଡ଼ା, କନଷ୍ଟେବଲ ରାଜେଶ କିଷାନ, ବସନ୍ତ ମଲ୍ଲିକ, ସୁମିତ୍ରା ସାମଲ ଓ ଜଗନ୍ନାଥ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଟ୍ରେନ ଧକ୍କାରେ ଯୁବକ ଗୁରୁତର

**ସୋର, ୩୧।୩(ସମିସ):** ସୋର ରେଳ ଷ୍ଟେସନ ଅନ୍ତର୍ଗତ ଦକ୍ଷିଣ କେବିନ ନିକଟରେ ଆଜି ସନ୍ଧ୍ୟାରେ ଏକ ଟ୍ରେନ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ସାଜନପୁର ପଞ୍ଚାୟତ ବ୍ରହ୍ମପୁର ଚାରିଘରିଆସାହି ଗ୍ରାମର ଦାମୋଦର ବେହେରା ଆଜି ସନ୍ଧ୍ୟାରେ ଏହି ସ୍ଥାନରେ ରେଳ ଧାରଣା ପାରି ହେଉଥିବା ବେଳେ ଏକ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଦାମୋଦରଙ୍କ ଡାହାଣ ହାତଟି ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହିତ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏକ ୧୦୮ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

## ପୁତୁରା ବୋହୂ ମାଡ଼ରେ ଶାଶୂ ଗୁରୁତର

**ସୋର, ୩୧।୩ (ସମିସ):** ସୋର ବ୍ଲକ କେଦାରପୁର ପଞ୍ଚାୟତ କେଦାରପୁର ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ପୁତୁରା ବୋହୂ ମାଡ଼ରେ ଶାଶୂ ଗୁରୁତର ଆହତ ହୋଇଥିବା ବେଳେ ପୁତୁରା ବୋହୂକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। କେଦାରପୁର ଗ୍ରାମର ମାଳତୀ ବେହେରାଙ୍କର ତାଙ୍କ ଦିଅର ସୁଦର୍ଶନଙ୍କ ସହିତ ଜମିବାଡ଼ି ବିବାଦ ଲାଗିରହିଛି। ଆଜି ସକାଳେ ମାଳତୀ ଦୋକାନକୁ ସଉଦା କିଣି ବାକୁ ଯାଉଥିବା ବେଳେ ତାଙ୍କ ପୁତୁରା ବୋହୂ ରଶ୍ମିତା ତାଙ୍କୁ ବିଭିନ୍ନ ପ୍ରକାର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଏକ ଠେଙ୍ଗାରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ମାଳତୀଙ୍କ ହାତ ଭାଙ୍ଗି ଯିବା ସହିତ ଗୁରୁତର ଆହତ ହୋଇଥିଲେ। ତାଙ୍କ ପୁଅ ତାଙ୍କୁ ସୋର ମେଡିକାଲରେ ଚିକିତ୍ସା କରାଇବା ପରେ ମାଳତୀ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ରଶ୍ମିତା ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ନୀଳଗିରି ଏନ୍‌ଏସି ପକ୍ଷରୁ ଖୋଲିଲା ଜଳଛତ୍ର




**ନୀଳଗିରି, ୩୧।୩ (ସମିସ):** ନୀଳଗିରି ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ ଜଳ ଛତ୍ର ଉଦ୍‌ଘାଟନ କରିଛନ୍ତି। ଗ୍ରୀଷ୍ମ ପ୍ରଭାବରେ ସହରରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ, ସହରର ବିଭିନ୍ନ ସ୍ଥାନରେ ଖୋଲାହୋଇଛି ଜଳ ଛତ୍ର। ସହରରେ କିଛି ସ୍ଥାନରେ ଜଳଛତ୍ର ଖୋଲାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ୱାର୍ଡରେ ଖୋଲାଯିବ ବୋଲି ଏନ୍ ଏ ସି ଅଧ୍ୟକ୍ଷା ଦାସ କହିଛନ୍ତି। ଏହି ଅବସରରେ ନୀଳଗିରି ଏନ୍ ଏ ସି ଉପାଧ୍ୟକ୍ଷ ମହେନ୍ଦ୍ରନାଥ ବେହେରାଙ୍କ ସମେତ ସମସ୍ତ ୱାର୍ଡ଼ ର କାଉନସିଲର ଉପସ୍ଥିତ ଥିଲେ।

## ବିଜେଡି କର୍ମୀ ସମ୍ମିଳନୀ

**ନୀଳଗିରି, ୩୧।୩(ସମିସ):** ବିଜୁ ଜନତା ଦଳର ନୀଳଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ ୩ଟି ବ୍ଲକ ଔପଦା, ନୀଳଗିରି ଓ ବାହାନଗା ବ୍ଲକର ସମସ୍ତ ତୁଙ୍ଗ ନେତା କର୍ମୀ ମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଜଡିବାଲିସ୍ଥିତ ଫାର୍ମ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ସନ୍ତୋଷ ଖଟୁଆ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ, ରାଜ୍ୟ ବିଜେଡିର ଉପ ସଭାପତି ଗତିକୃଷ୍ଣ ନନ୍ଦ ସଭାପତିତ୍ୱ କରିଥିବାବେଳେ ଶ୍ରୀ ଖଟୁଆ କର୍ମୀ ମାନଙ୍କୁ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବା ଦିଗରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୩ଟି ବ୍ଲକ ତଥା ୪୧ଟି ପଞ୍ଚାୟତର ସମସ୍ତ ଜିଲ୍ଲାପରିଷଦ ସଭ୍ୟ, ସଭ୍ୟା, ବ୍ଲକ ଅଧ୍ୟକ୍ଷା, ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟ ପ୍ରମୁଖ ପାଞ୍ଚ ହଜାରରୁ ଉର୍ଦ୍ଧ କର୍ମୀ ଯୋଗ ଦେଇଥିଲେ।



### ଅନୁଗତଙ୍କୁ ପ୍ରାର୍ଥୀ ଭାବେ ଥଇଥାନ ମହଙ୍ଗା ପଡ଼ିବ

## ବିଜେପିର ୨୦୦୯ ଭଳି ସ୍ଥିତି ଉପୁଜିବା ଆଶଙ୍କା

**ବାଲେଶ୍ୱର, ୩୧।୩(ସମିସ):**

ବାଲେଶ୍ୱର ଲୋକସଭା ସଂସଦୀୟ କ୍ଷେତ୍ର ପାଇଁ ବିଜେପି ପୁଣି ପ୍ରତାପ ଷଡ଼ଙ୍ଗୀଙ୍କୁ ଚଳିତ ଥର ପ୍ରାର୍ଥୀ କରିଥିବାରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହାର ଉଦାହରଣ ହେଉଛି ନୀଳଗିରି ନିର୍ବାଚନ ମଣ୍ଡଳୀ। ଏହି ନିର୍ବାଚନ ମଣ୍ଡଳୀର ବିଧାୟକ ସୁକାନ୍ତ ନାୟକ ବିଜେପି ଛାଡିଛନ୍ତି। ଫଳରେ ନୀଳଗିରି ବିଧାନସଭା ଆସନରେ ବିଜେପିର ପ୍ରାର୍ଥୀତ୍ୱକୁ ନେଇ ଏକ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଥିବାବେଳେ ଏବେ ଏକାଧିକ ଆଶାୟୀ ମୁଣ୍ଡ ଟେକିଛନ୍ତି। ଏହାରି ମଧ୍ୟରେ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ନିଷ୍ପତ୍ତି ବେଶ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏପରିକି ଖୋଦ ସାଂସଦ ତାଙ୍କ ବ୍ୟକ୍ତିଗତ ସଚିବ ଚନ୍ଦ୍ରବିନ୍ଦୁ ଦାସଙ୍କୁ ପ୍ରାର୍ଥୀ କରିବା ଉଦ୍ୟମ ନେଇ ଚର୍ଚ୍ଚା ହେଉଛି। ଏହି ଖବରକୁ ନେଇ ସ୍ଥାନୀୟ ବିଜେପି କର୍ମକର୍ତ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବହୁ ନେତା ଦିନରାତି ଏକ କରି ବର୍ଷ ବର୍ଷ ଧରି ଦଳରେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିଆସୁଥିବା ସତ୍ତ୍ୱେ ଶ୍ରୀ ଷଡଙ୍ଗୀ ନିଜ ବ୍ୟକ୍ତିଗତ ସଚିବଙ୍କୁ ଥଇଥାନ ପାଇଁ ଉଦ୍ୟମକୁ କର୍ମୀମାନେ କଡା ସମାଲୋଚନା କରିଛନ୍ତି। ୨୦୦୯ ମସିହାରେ ବାଲେଶ୍ୱର ଲୋକସଭା ଆସନରେ ଠିକ ଏହିଭଳି ସ୍ଥିତି ଉପୁଜିଥିଲା। ସେତେବେଳେ ବିଜେପିର ସାଂସଦ ଥିଲେ ଖାରବେଳ ସ୍ୱାଇଁ। ତିନି ଥର ସାଂସଦ ହେବା ପରେ ଦଳରେ ତାଙ୍କର ଦଖଲ ଥିଲା। ୨୦୦୯ରେ ବିଜେଡି ସହ ମେଣ୍ଟ ଭାଙ୍ଗିବା ପରେ ବିଜେପି ଏକାକୀ ସମସ୍ତ ଆସନରେ ପ୍ରାର୍ଥୀ ଦେଇଥିଲା। ସେତେବେଳର ବିଜେପି ସଦର ବିଧାୟକ ଥିବା ଜୀବନ ପ୍ରଦୀପ ଦାଶଙ୍କ ଟିକଟରୁ ବଞ୍ଚିତ କରାଯିବାରୁ ସେ ବିଜେଡିରେ ମିଶି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ଜଳେଶ୍ୱରରୁ ବିଧାୟକ ଥିବା ଅଶ୍ୱିନୀ ପାତ୍ର ମଧ୍ୟ ବିଜେପି ଛାଡି ବିଜେଡିରୁ ପ୍ରାର୍ଥୀ ହୋଇ ଜିତିଥିଲେ। ବାଲେଶ୍ୱର ସଦରରେ ମାତ୍ର ୬ପ୍ରତିଶତ ଭୋଟ ପାଇଁ ବିଜେପି ପ୍ରାର୍ଥୀ ଚତୁର୍ଥରେ ରହିଥିଲେ। ରେମୁଣା ନିର୍ବାଚନମଣ୍ଡଳୀରେ ବିଜେପିର ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ଟିକଟ ଦିଆନଯିବାରୁ ସେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା କରି ଦ୍ୱିତୀୟରେ ରହିଥିଲେ। ୨୦୦୯ରେ ବିଜେପିର ସାଙ୍ଗଠନିକ ସ୍ଥିତି ଭୁଶୁଡି ପଡ଼ିଥିଲା। ଏପରିକି ସାଂସଦ ପ୍ରାର୍ଥୀ ଶ୍ରୀ ସ୍ୱାଇଁ ତୃତୀୟ ସ୍ଥାନରେ ରହିଥିଲେ। ସାମ୍ପ୍ରତିକ ସ୍ଥିତିରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଧିନ ବିଧାନସଭା ନିର୍ବାଚନମଣ୍ଡଳୀ ଗୁଡିକରେ ବିଜେପିର ପ୍ରାର୍ଥୀ ଚୟନକୁ ନେଇ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସାଂସଦ ଶ୍ରୀ ଷଡଙ୍ଗୀ ପ୍ରାର୍ଥୀ ଚୟନ ରାଜ୍ୟ କମିଟିର ସଦସ୍ୟ ଥିବାରୁ ତାଙ୍କର ଅନୁଗତମାନଙ୍କୁ ପ୍ରାର୍ଥୀ କରାଉଥିବାର ଚର୍ଚ୍ଚା ଜୋର ଧରିଛି। ଏଭଳି ହେଲେ ବିଗତ ପାଞ୍ଚ ବର୍ଷଧରି ନିଜ ନିଜ କ୍ଷେତ୍ରରେ ସଙ୍ଗଠନର କଳେବର ବୃଦ୍ଧି ପାଇଁ କାର୍ଯ୍ୟରତ ଆଶାୟୀ ପ୍ରାର୍ଥୀ ହେବାରୁ ବଞ୍ଚିତ ହେବେ।

## ବିଜେଡିରେ ଯୋଗଦେଲେ ନୀଳଗିରି ବିଜେପି ବିଧାୟକ ସୁକାନ୍ତ ନାୟକ

**ଭୁବନେଶ୍ୱର, ୩୧।୩ (ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ସୁକାନ୍ତ ନାୟକଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନଠାରେ ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ମଣ୍ଡଳ ସଭାପତି ଅକ୍ଷୟ ବେହେରା, ଉପେନ୍ଦ୍ର ନାୟକ, ଜିଲ୍ଲା ସମ୍ପାଦକ ନିରଞ୍ଜନ ମହାନ୍ତି, ଅଶୋକାସିନି ନାୟକ, ପୂର୍ବତନ ବିଜେଡ଼ି ବ୍ଲକ ସଭାପତି ରମାକାନ୍ତ ମହାପାତ୍ର, ସଞ୍ଜୟ ସ, ନମା ସିଂ, ଅନାମ ଚରଣ ମଲ୍ଲିକ, ସରପଞ୍ଚ ସର୍ବଶ୍ରୀ ତାରିଣୀ ସିଂ, କୁଳମଣୀ ନାୟକ, ସଞ୍ଜୟ କୁମାର ସିଂ, ଦିଲ୍ଲୀପ ସିଂ, ରଞ୍ଜିତା ଦଣ୍ଡପାଟ, ଚନ୍ଦ୍ରମଣି ମୁର୍ମୁ, ଶାନ୍ତିଲତା ବିଶ୍ୱାଳ, ଅନ୍ନପୂର୍ଣ୍ଣା ସିଂ, ମୀନତି ମୁର୍ମୁ, ବସନ୍ତ କୁମାର ସିଂ, ସୁରଥ ଚନ୍ଦ୍ର ସିଂ, ବାହାମଣି ମାରାଣ୍ଡି, ସମିତିସଭ୍ୟ ସର୍ବଶ୍ରୀ ଭାଗବତ ଖିଲାର, ସୁକାନ୍ତି ଦାସ, କମଳାଲତା ବାରିକ, ଶୁକଦେବ ସିଂ, ବିନିତା ମଢ଼େଇ, ପାଗୁଲୁ ସିଂ, ରଶ୍ମିତା ମହାପାତ୍ର, ରଜନୀ ଗିରି, ରମାକାନ୍ତ ମଲ୍ଲିକ, ଶଶିଧର ମହାପାତ୍ର, ଅହଲ୍ୟା ନାୟକ, ପ୍ରଭାକର ବାଗୁଡ଼ାଇ, ରାଜୀବ କୁମାର ଦାସବାବୁ, ଟିକି ସିଂ, ସାବିତ୍ରୀ ସିଂ, ନାଏବ ସରପଞ୍ଚ ସର୍ବଶ୍ରୀ ରମାକାନ୍ତ ଧଳ, ସୁଶାନ୍ତ ମହାଲିକ, ହରେକୃଷ୍ଣ ମାଝୀ, ଲକ୍ଷ୍ମୀପ୍ରିୟା ସିଂ, ପ୍ରଫୁଲ୍ଲ ପାତ୍ର. ପୂର୍ବତନ ନୀଳଗିରି ଏନଏସି ଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆ, ପୂର୍ବତନ ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଘଢ଼େଇ, ପୂର୍ବତନ ସରପଞ୍ଚ ସର୍ବଶ୍ରୀ ନିରଞ୍ଜନ ମଲ୍ଲିକ, ଉଦୟ କୁମାର ସ, ସେରାଲ ବାସ୍କେ, ସତ୍ୟବାନ ମଢ଼େଇ, ପୂର୍ବତନ ନୀଳଗିରି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ମହାନ୍ତିଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଚୌକି, ୩୧।୩(ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଦେହୁର୍ଦ୍ଧା ପଞ୍ଚାୟତ ଅଧିନସ୍ତ ବହ୍ଲାରପୁର ଗ୍ରାମ ସ୍ଥିତ ଶ୍ରୀକାନ୍ତ ମୋକ୍ଷଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ପାତ୍ରଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ସଭାରେ ଭୋଗରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳ ଲୋଚନ ବିଶ୍ୱାଳ, ପ୍ରଧାନ ଶିକ୍ଷକ ଦିଲୀପ ଧଳ ପ୍ରଧାନ, ଓଷ୍ଟା ସଂଘର ସଭାପତି ନଟରଞ୍ଜନ ଘଡାଇ, ବଡ଼ ମନ୍ଦାରୁଣୀ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ମହାନ୍ତି, ଜୟରାମପୁର ହାଇ ସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦୁ ବିକାଶ ପାତ୍ର, ବାଗରୁଖି ହାଇ ସ୍କୁଲ ର ପ୍ରଧାନ ଶିକ୍ଷକ ଭାରତ ଭୂଷଣ ଦାସ, ବାର ବାଟିଆ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ସୌଭାଗ୍ୟ ରଞ୍ଜନ ଦେ, ବାସନ୍ତୀ ଦାସ, ବୁଦ୍ଧିରାମ ଟୁଡୁ ବହ୍ଲାରପୁର ପ୍ରାଥମିକ, ରାଧାଶ୍ୟାମ ପାତ୍ର ପୁରାତନ ଶିକ୍ଷକ ବହ୍ଲାରପୁର, ରାଧାଶ୍ୟାମ ଦାସ ପ୍ରଧାନ ଶିକ୍ଷକ ବାରବାଟିଆ, ଶିନୀବାସ ପ୍ରଧାନ ଅଷ୍ଟା ସଂଘର ସଭାପତି, ମାନେ ଉପସ୍ଥିତ ଥିଲେ। । ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଅଞ୍ଜନ ଦାସ ଦିଲୀପ କୁମାର ଦାସ ସୁବ୍ରତ ଦାସ ଜୀବନ ଆଧେକ, ଦେବେନ୍ଦ୍ର ସେଠୀ ବାସନ୍ତୀ ବେଜ, ହେନା ପ୍ରଧାନ, ମିନତୀ ଜେନା ଆଦି ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ହିନ୍ଦୀଶିକ୍ଷକ ପ୍ରକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ପରିଦର୍ଶିକାଙ୍କ ଅବସରକାଳୀନ ସଭା



**ଜଳେଶ୍ୱର ବ୍ଲକ, ୩୧।୩ (ସମିସ) :** ଜଳେଶ୍ୱର ଆଇସିଡିଏସର ମୁଖ୍ୟ ମହିଳା ପରିଦର୍ଶିକା ବିନତାମଣି ସିଂଙ୍କ ଅବସରକାଳୀନ ସଭା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସିଡିପିଓ ଚମ୍ପାମଣି ମୁର୍ମୁ ସଭାପତିତ୍ୱ କରିଥିବାବେଳେ ମହିଳା ପରିଦର୍ଶିକା ସ୍ୱର୍ଣ୍ଣଲତା ନାୟକ ପରିଚାଳନା କରିଥିଲେ। ବିନତା ମଣି ସିଂ ପ୍ରଥମେ ୧୧/୨/୧୯୮୬ ରେ ବାଲେଶ୍ୱର ଜିଲ୍ଲା ସୁରୋ ବ୍ଲକରେ ମହିଳା ଗ୍ରାମ ସେବିକା ଭାବେ ନିଯୁକ୍ତି ପାଇଥିଲେ। ପରେ ୧୯୯୪ ମସିହା ଡିସେମ୍ବର ମାସରେ ଭୋଗରାଇ ବ୍ଲକକୁ ମହିଳା ପରିଦର୍ଶିକା ଭାବେ କାର୍ଯ୍ୟ ସୁଚାରୁରୂପେ କରିଥିଲେ।୧୯/୫/୨୦୧୭ ରେ ଜଳେଶ୍ୱର ମହିଳା ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ ହୋଇ ମୁଖ୍ୟ ପରିଦର୍ଶିକା ଭାବେ କାର୍ଯ୍ୟରତ ହୋଇ ରବିବାର ମାର୍ଚ୍ଚ ୩୧ ତାରିଖ ସେ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ପରିଦର୍ଶିକା ନିଶାମଣି ପଣ୍ଡା, ପାର୍ବତୀ ହେମ୍ବ୍ରମ, ସୁନିତା ଟୁଡୁ, ଶ୍ରଦ୍ଧାଞ୍ଜଳି ଭାରତୀ, ସୁକାନ୍ତି ସିଂ, ଶାନ୍ତିଲତା ସିଂ, ସଞ୍ଜୁ ଜେନା, କବିତା ସିଂ, ପୂର୍ବତନ ମହିଳା ପରିଦର୍ଶିକା ବୈଜୟନ୍ତୀ ମୁଦୁଲି, ଚଞ୍ଚଳା ବାରିକ, କନକ ବାରିକ, ସାବିତ୍ରୀ ମହାନ୍ତି, ଆରାଧନା ସାଥୁଆ, ସଞ୍ଚୟିତା ସାମନ୍ତ, ମୁଖ୍ୟ କିରାଣୀ ନମିତା ଟୁଡୁ, କର୍ମଚାରୀ କମଳ ଲୋଚନ ଆଚାର୍ଯ୍ୟ, ଗଗନ ବିହାରୀ ପ୍ରଧାନ ଉପସ୍ଥିତ ଥିବାବେଳେ ଲକ୍ଷ୍ମୀପ୍ରିୟା ଦାସ, ସବିତା ପରିଡ଼ା, ବନଜା ଦାସ ଓ ତୃପ୍ତିଲତା ମହାନ୍ତି ପ୍ରମୁଖ ଅଙ୍ଗନବାଡ଼ି କର୍ମୀ ମାନେ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଇରା, ୩୧।୩ (ସମିସ):** ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ମିର୍ଜାପୁରସ୍ଥିତ କେସି ୟୁପି ସ୍କୁଲର କାର୍ଯ୍ୟରତ ପ୍ରଧାନଶିକ୍ଷକ ନରହରି ରାଉଳଙ୍କୁ ରବିବାର ଦିନ ବିଦ୍ୟାଳୟ ପରିସରରେ ସମୁହ ଗ୍ରାମବାସୀ ଓ ସହକାରୀ ଶିକ୍ଷକମାନଙ୍କ ତରଫରୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କମଳାକାନ୍ତ ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଆରସିସି ଗୌରାଙ୍ଗ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ବିଜୟ କୁମାର ଦ୍ୱିବେଦୀ, ପ୍ରଫୁଲ୍ଲ କୁମାର ଦାଶ, ଶଙ୍କର୍ଷଣ ଜେନା, ଉଦୟ କୁମାର ପାତ୍ର, ସନ୍ତୋଷ କୁମାର ଦକ୍ଷିଣରାୟ ଓ ଜନାର୍ଦ୍ଦନ ସାମଲ, ପରିଚାଳନା କମିଟି ସଭାପତି ମିତାରାଣୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନପିଏସ ସଂଘର ସଭାପତି ସୁଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା, ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ମନୋରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଜୁଣବଳଦା ପ୍ରିମିୟର ଲିଗ୍ ସିଜିନ-୧ ଉଦ୍‌ଯାପିତ

**ରାଜଘାଟ, ୩୧।୩ (ସମିସ) :**

ବସ୍ତା ବ୍ଲକ ଅଧିନସ୍ଥ କୁଳିଦା ପଞ୍ଚାୟତ ଜୁଣବଳଦା ପଡ଼ିଆରେ ଆୟୋଜିତ ଜୁଣବଳଦା ପ୍ରିମିୟର ଲିଗ ସିଜିନ-୧ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଅପରାହ୍ନ ସମୟରେ ଉଦଯାପିତ ହୋଇଯାଇଛି। ଏଥିରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏସଆର ଇଗଲ ଓ ରାଧିକା ୱାରିୟର୍ସ ମଧ୍ୟରେ ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଏସଆର ଇଗଲ ଟସ ଜିତି ପ୍ରଥମେ ଫିଲ୍ଡିଂ କରିଥିଲେ। ରାଧିକା ୱାରିୟର୍ସ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ମୋଟ ୧୭୮ ରନ କରିଥିଲା। ଜବାବରେ ଏସଆର ଇଗଲ ୧୫ ଅଭରରେ ୧୬୪ ରନ କରି ପରାସ୍ତ ହୋଇଥିଲା। ମ୍ୟାଚ ପରେ ପୁରସ୍କାର ବିତରଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଅବକାରୀ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର, କୁଳିଦା ବିଜେଡି ପଞ୍ଚାୟତ ସଭାପତି ପୁର୍ଣଚନ୍ଦ୍ର ସେନାପତି, ସରପଞ୍ଚ ଅର୍ଣ୍ଣପୂର୍ଣ୍ଣା ସେନାପତି, ପୂର୍ବତନ ସରପଞ୍ଚ ସୁନୀଲ କୁମାର ସେନାପତି, ନାଏବ ସରପଞ୍ଚ ଅରବିନ୍ଦ ପ୍ରଧାନ, ସରପଞ୍ଚଙ୍କ ପ୍ରତିନିଧି ଜୟକୃଷ୍ଣ ସେନାପତି, ୱାର୍ଡ ସଦସ୍ୟା ନମିତା ଦେ, ସମାଜସେବୀ ସୁଦର୍ଶନ ଦଳାଇ, ସଞ୍ଜୟ କୁମାର ସେନାପତି, କମଳା କାନ୍ତ ମଲ୍ଲିକ, ସଦାଶିବ ମହାନ୍ତି ପ୍ରମୁଖ ଯୋଗଦେଇ କୃତି ଖେଳାଳି ମାନଙ୍କୁ ପୁରସ୍କାର ରାଶି ବିତରଣ କରିଥିଲେ। ସୁଧୀର କୁମାର ଦଳାଇ ଓ ବିଶ୍ୱଜିତ ପରିଡ଼ା ପରିଚାଳନା କରିଥିଲେ। କମିଟି ପକ୍ଷରୁ ଜଗନ୍ନାଥ ଦେ, ଜିକୁ ସେନାପତି, ବିନୋଦ ଦଳାଇ, ଶିବୁ ଦଳାଇ, ଉପେନ୍ଦ୍ର ମହାନ୍ତି, ସିଟୁ ଦଳାଇ, ବବଲୁ ଦଳାଇ, ବିକାଶ ଦଳାଇ, ଦେବୁ ଦଳାଇ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।




## ଇଟାଭାଟିରୁ ଶିଶୁ ନିଖୋଜ

**ରାଇବଣିଆ, ୩୧।୩ (ସମିସ):** ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା କୁଣ୍ଡୁଳି ଗ୍ରାମରେ ଥିବା ଟାଟା ଇଟା ଭାଟିରେ ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅଞ୍ଚଳର କାସରାଇ ମାରାଣ୍ଡି ଚଳିତ ବର୍ଷ କାମ କରିବା ପାଇଁ ସ୍ତ୍ରୀ ଓ ଦୁଇ ପୁଅକୁ ନେଇ ଆସିଥିଲେ। କିନ୍ତୁ ଗତକାଲି କାସରାଇ ଏବଂ ତାଙ୍କ ସ୍ତ୍ରୀ ଖାଇବାକୁ ବସିଥିବା ବେଳେ ତାଙ୍କ ୩ ବର୍ଷର ବଡ ପୁଅ ହରି ମାରାଣ୍ଡି ଇଟା ଭାଟିରେ ଖେଳୁଥିଲା। ଖାଇ ସାରି କାସରାଇ ପୁଅକୁ ଖୋଜିଲା ବେଳକୁ ପାଇ ନଥିଲେ। ଆଜି କାସରାଇ ରାଇବଣିଆ ଥାନାରେ ପୁଅ ନିଖୋଜର ଅଭିଯୋଗ ପରେ ରାଇବଣିଆ ପୁଲିସ ଓ ଜଳେଶ୍ୱର ଏସଡିପିଓ ଇଟା ଭାଟି ସହିତ ବିଭିନ୍ନ ସ୍ଥାନରେ ବିଭିନ୍ନ ଦିଗରୁ ଛାନଭିନ ଆରମ୍ଭ କରିଥିଲେ। ଆଜି ସନ୍ଧ୍ୟା ସମୟରେ ଗ୍ରାମ ମାମି ହାଁସଦା ୩୫ ନାମକ ଶ୍ରିଖଣ୍ଡପୁର ଗାଁର ଜଣେ ସ୍ତ୍ରୀ ଲୋକ ପାଖରେ ଥିବା ଖବର ପାଇ ଗାଁ ଲୋକ ଘଟଣା ସ୍ଥଳରେ ପହଞ୍ଚି ରାଇବଣିଆ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମାମି ହାଁସଦା ସହିତ ଭାନୁପୁର ଗାଁର ଶିବଶଙ୍କର ମଲ୍ଲିକଙ୍କୁ ଥାନାରେ ଅଟକ ରଖିଛି।






## ବଳଦେବଜୀଉ ମନ୍ଦିରରେ ଦୋଳଯାତ୍ରା ଉଦ୍‌ଯାପିତ



ବାଲେଶ୍ୱର, ୩୧।୩(ସମିସ): ରେମୁଣା ବ୍ଲକରେ ଥିବା ୧୮୦୪ ମସିହାରେ ପ୍ରତିଷ୍ଠିତ ଜଗନ୍ନାଥ ସଂସ୍କୃତି ପୀଠ ଶ୍ରୀ ଶ୍ରୀ ବଳଦେବ ଜୀଉ ମନ୍ଦିରର ଦୋଳ ମହୋତ୍ସବ ପାଳିତ ହୋଇଯାଇଛି। ଗୋବିନ୍ଦ ଦ୍ୱାଦଶ ରାତ୍ର ଓ ତ୍ରୟୋଦଶୀ ପର୍ଯ୍ୟନ୍ତ ମନ୍ଦିରର ବିଜେ ପ୍ରତିମା ରାଧାକୃଷ୍ଣ ଗ୍ରାମ ପରିକ୍ରମା ପରେ ମେଳନ ପଡ଼ିଆରେ ଉପବିଷ୍ଟ ହୋଇଥିଲେ। ଉକ୍ତ ଅନୁଷ୍ଠାନରେ ବିଭିନ୍ନ ଗ୍ରାମରୁ ୩୪ଟି ବିମାନରେ ଶ୍ରୀଜୀଉମାନେ ଶୋଭାଯାତ୍ରାରେ ଆସି ଏଥିରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍କୀର୍ତ୍ତନ, ନାମ, ନାଟପାଲା, ଭୋଗ ଆରତୀ, ପ୍ରସାଦ ବଣ୍ଟନ ଏବଂ ଅବିର ଖେଳ ଇତ୍ୟାଦିରେ ସହସ୍ରାଧିକ ଲୋକ ସମାବେଶ ହୋଇଥିଲେ। ଦୋଳ ପୂର୍ଣ୍ଣିମାରେ ଶ୍ରୀକୃଷ୍ଣ ରାଧା ମନ୍ଦିରରୁ ଆସି ଦୋଳ ମଣ୍ଡପରେ ଉପବିଷ୍ଟ ହୋଇ ବିଧି ଅନୁସାରେ ପୂଜାର୍ଚ୍ଚନା ଓ ନୂତନ ଓଡ଼ିଆ ବର୍ଷ ୧୪୩୧-୩୨ ସାଲର ପଞ୍ଜିକା ଜ୍ୟୋତିଷ ପାଠ କରିଥିଲେ। ଶେଷରେ ଶ୍ରୀ ଜୀଉଙ୍କ ହୋଲିକା ଘର ଦହନ ପରେ ଭକ୍ତମାନେ ଦହନ ଭସ୍ମ ମାଖି ଦୋଳ ପର୍ବ ଉଦଯାପନ କରିଥିଲେ।

### ଗଣ୍ଡର୍ଦାରେ ଚାଲିଛି ଜଳ ବିଶୋଧନ କେନ୍ଦ୍ର କାମ

# ଲୋକଙ୍କୁ ମିଳିବ ବିଶୋଧିତ ବୁଢ଼ାବଳଙ୍ଗ ପାଣି

ବାଲେଶ୍ୱର, ୩୧।୩(ସମିସ): ଖରାର ତାତି ବଢ଼ିଲେ ଲୋକଙ୍କ ପାନୀୟ ଜଳର ସମସ୍ୟା ମୁଣ୍ଡ ଟେକେ। ବର୍ଷଯାକ ଲୋକଙ୍କର ପାଣି ସମସ୍ୟା ରହିଥିଲେ ବି ଗ୍ରୀଷ୍ମରେ ଏହି ପାଣି ସମସ୍ୟା ଅଧିକ ଦେଖାଦିଏ। କାରଣ ଦିନକୁ ଦିନକୁ ଭୂତଳ ଜଳସ୍ତର ହ୍ରାସ ପାଉଥିବାବେଳେ ଆବଶ୍ୟକ ମୁତାବକ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ସମ୍ଭବପର ହେଉନାହିଁ। ଲୋକେ ପାଣି ଟୋପେ ପାଇଁ ହୀନସ୍ତା ମଧ୍ୟ ହୁଅନ୍ତି। ଫଳରେ କେଉଁଠି ପାଇପ୍‌ରେ ପାଣି ଆସୁନି ତ ପୁଣି କେଉଁଠି ଦୀର୍ଘ ବର୍ଷ ଧରି ଲୋକେ ଫ୍ଲୋରାଇଡ ପାଣି ପିଇ ରୋଗାକ୍ରାନ୍ତ ହେଉଛନ୍ତି। ତେଣୁ ଜନସାଧାରଣଙ୍କ ଏହି ପାନୀୟଜଳ ସମସ୍ୟାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜନସ୍ୱାସ୍ଥ୍ୟ ଡିଭିଜନ କାର୍ଯ୍ୟାଳୟ ପକ୍ଷରୁ ଦୀର୍ଘମିଆଦି ଯୋଜନାର ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଯାହା ୨୦୨୫ ସୁଦ୍ଧା ଶେଷ ହେବାର ଅବଧି ରହିଛି ବୋଲି କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ନବୀନ ଚନ୍ଦ୍ର ସିଂ ସୂଚନା ଦେଇଛନ୍ତି। ଏହି ଯୋଜନାରେ ଲୋକଙ୍କ ଶୋଷ ମେଣ୍ଟାଇବ ବୁଢ଼ାବଳଙ୍ଗ ନଦୀ ଜଳ। ସାଇଡ୍ କମିଟି ବୈଠକରେ ଏହା ପାସ୍ ହେବା ପରେ କାମ ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଅମୃତ ଯୋଜନା-୨ ଏବଂ ଷ୍ଟେଟ୍ ପ୍ଲାନ୍ ରେ ବାଲେଶ୍ୱରର ନୀଳଗିରି, ରେମୁଣା ଓ ବାଲେଶ୍ୱର ପୌରପାଳିକା ଅଞ୍ଚଳ ପାଇଁ ୨୦୦ କୋଟି ଟଙ୍କାର ପ୍ରକଳ୍ପ ଯୋଜନା କରାଯାଇଛି। ଯେଉଁଥିରେ ଆଉ ଭୂତଳ ଜଳକୁ ବ୍ୟବହାର କରାନଯାଇ ବୁଢ଼ାବଳଙ୍ଗ ନଦୀ ପାଣିକୁ ବିଶୋଧନ କରାଯାଇ ଲୋକଙ୍କୁ ଯୋଗାଣ କରାଯିବ। ଏ ନେଇ ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର ସହର ପାଇଁ ୧୦୦ କୋଟି ଟଙ୍କାର କାମ ପାଇଁ ମଞ୍ଜୁର ପ୍ରଦାନ ସରିଛି। ବାକି ୧୦୦ କୋଟି ଟଙ୍କାର କାମର ପ୍ରସ୍ତାବ ପାଇଁ ଡିପିଆର ପ୍ରସ୍ତୁତ କରାଯାଇଛି। ଯାହା ନୀଳଗିରି ଓ ରେମୁଣା ପାଇଁ କାମ ଆରମ୍ଭ ହେବ। ଏପ୍ରିଲ ୧୦ ସୁଦ୍ଧା ଏହି ଡିପିଆର ଡିପୋଜିଟ କରାଯିବ। କୋଡ୍ ଅଫ୍ କଣ୍ଡକ୍ଟ ଉଠିବା ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ତେବେ କେବଳ ବାଲେଶ୍ୱର ପୌରପାଳିକା ମଞ୍ଜୁର ହୋଇଥିବା ଟଙ୍କାରେ ସହରରେ ଭିନ୍ନ ଭିନ୍ନ କ୍ଷମତା ବିଶିଷ୍ଟ ୯ଟି ଓଭର୍ ହେଡ୍ ଟାଙ୍କି ନିର୍ମାଣ ହେବ। ଏ ନେଇ ସ୍ଥାନ ନିରୂପଣ ମଧ୍ୟ ହୋଇସାରିଛି। ବାକି ନୀଳଗିରି ଓ ରେମୁଣା ପାଇଁ କେତୋଟି ଓଭର ହେଡ୍ ଟାଙ୍କି ହେବ ନିଷ୍ପତ୍ତି ହୋଇନାହିଁ। ତେବେ ୨୦୨୩ ମସିହା ଡ଼ିସେମ୍ବର ମାସରୁ ରେମୁଣା ବ୍ଲକ ଗଣ୍ଡର୍ଦାଠାରେ ଆରମ୍ଭ ହୋଇଯାଇଛି ଜଳ ବିଶୋଧନ କେନ୍ଦ୍ର କାମ(ୱାଟର୍ ଟ୍ରିଟମେଣ୍ଟ ପ୍ଲାଣ୍ଟ)। ଏଥିପାଇଁ ୩୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି କେନ୍ଦ୍ରର ନିର୍ମାଣ କାମ ରାଜସ୍ଥାନର ବାଲାଜୀ କନଷ୍ଟ୍ରକସନ୍ କମ୍ପାନୀ କରୁଛି। ୨୦୨୫ ସୁଦ୍ଧା ଏ ସମସ୍ତ କାମ ଶେଷ ହେବାର ଅବଧି ରହିଛି। ତାପରେ କଟକ, ଭୁବନେଶ୍ୱର ପରି ୨୪ ଘଣ୍ଟା ସମସ୍ତଙ୍କୁ ପାନୀୟ ଜଳ ମିଳିପାରିବ। ତେବେ ଏହି ଜଳ ବିଶୋଧନାଗାର କେନ୍ଦ୍ରରେ ପ୍ରତିଦିନ ୬୦ ମିଲିୟନ ଲିଟର ପାଣି ବିଶୋଧନ ହେବାର କ୍ଷମତା ରହିଛି। ବୁଢ଼ାବଳଙ୍ଗ ନଦୀର ପାଣିକୁ ଏହୀ ବିଶୋଧନ କେନ୍ଦ୍ରରେ ବିଶୋଧନ କରି ଲୋକଙ୍କୁ ପ୍ରତିଦିନ କରାଯିବ। ପ୍ରକାଶ ଥାଉକି, ୨୦୦ କୋଟି ମେଗା ପାନୀୟ ଜଳ ପ୍ରକଳ୍ପରେ ନୀଳଗିରି ପାଇଁ ୨୨ କୋଟି, ରେମୁଣା ପାଇଁ ୫୮ କୋଟି ଏବଂ ବାଲେଶ୍ୱର ସହର ପାଇଁ ୧୨୦ କୋଟି ଖର୍ଚ୍ଚ ପାଇଁ ପ୍ରସ୍ତାବ ରହିଛି। ଏହି ୨୦୦ କୋଟିରୁ ୧୦୦ କୋଟି ଟଙ୍କାର ଡିପିଆର୍ ମଞ୍ଜୁର ହୋଇଯାଇଛି। ନୀଳଗିରି, ରେମୁଣା ଓ ବାଲେଶ୍ୱର ସହରର ପ୍ରାୟ ୬୦ ହଜାର ଲୋକଙ୍କ ପାଇଁ ଏହି ପ୍ରକଳ୍ପରେ ପାଣି ଯୋଗାଣ ଦିଆଯିବ।



● ବ୍ୟବହାର ହେବନି ଭୂତଳ ଜଳ

## ଅରୁଣ ଦେ ସ୍ମୃତି କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର, ୩୧।୩(ସମିସ): ଅରୁଣ ଦେ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ମଲ୍ଲିକାଶପୁରସ୍ଥିତ କାର୍ଯ୍ୟାଳୟ ପରିସରରେ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡ. ଦାମୋଦର ରାଉତଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର କାର୍ଯ୍ୟକାରୀ ସଭାପତି ବିଷ୍ଣୁପଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରଫେସର ଅଶୋକ ପଟ୍ଟନାୟକ, ଶତ୍ରୁଘ୍ନ ମଲ୍ଲିକ, ଉପଦେଷ୍ଟା ରଞ୍ଜନ ବାଗ, ଅନୁସୂୟା ନାୟକ, ବିନୋଦ ଜୀ, ଅଭିଜିତ ଦାସ, ଅବସରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଅଜୟ ମହାପାତ୍ର, ଭୋଳାନାଥ ବେହେରା, ଗୋବିନ୍ଦ ରାଠୀ, ଦେବେନ୍ଦ୍ର ଦାସ, ଛାତ୍ରନେତା ବିଭୁଦତ୍ତ ପରିଡ଼ା, ପୂର୍ବତନ ସରପଞ୍ଚ ମଧୁସୂଦନ ମହାପାତ୍ର, ଶ୍ରମିକନେତା ଶରତ ଦାସ, ଜୟନ୍ତ ମହାପାତ୍ର, ବିରେନ୍ଦ୍ର ଦାସ, ଅଭୟ କୁମାର ମାଝୀ, ଗୋପୀକୃଷ୍ଣ ମହାନ୍ତି, ଅରୁଣ ମିଶ୍ର ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଡ. ରାଉତ ଥିଲେ ଓଡ଼ିଶାର ଅର୍ଦ୍ଧଶତାବ୍ଦୀର ଜୀବନ୍ତ ଇତିହାସ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରସଙ୍ଗ ଉପରେ ସ୍ୱଷ୍ଟ ମତ ରଖି ଓଡ଼ିଶା ବାସୀଙ୍କ ଆସ୍ଥା ଭାଜନ ହୋଇପାରିଥିଲେ। ତାଙ୍କ ବିୟୋଗରେ ରାଜ୍ୟ ରାଜନିତିରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ଅପୂରଣୀୟ କ୍ଷତି ବୋଲି ମତ ଦେଇଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ରାଉତଙ୍କ ଫଟୋଚିତ୍ରରେ ସମୂହ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା।

### ବାଲେଶ୍ୱର ବାର୍ ଆସୋସିଏସନ ନିର୍ବାଚନ ଫଳାଫଳ

# ରଘୁନାଥ ପ୍ରଧାନ ସଭାପତି, ସମ୍ବିତ ନନ୍ଦୀ ସମ୍ପାଦକ





ବାଲେଶ୍ୱର, ୩୧।୩(ସମିସ): ଓଡ଼ିଶା ବାର୍ କାଉନସିଲର ନିଷ୍ପତ୍ତି ଅନୁସାରେ ରାଜ୍ୟର ସମସ୍ତ ବାର ଆସୋସିଏସନର ନିର୍ବାଚନ ଗୋଟିଏ ଦିନରେ ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇଛି। ଏହି କ୍ରମରେ ବାଲେଶ୍ୱର ବାର୍ ଆସୋସିଏସନର ନିର୍ବାଚନରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ ଓ ସମ୍ପାଦକ ଭାବେ ପୁଣି ଥରେ ସମ୍ବିତ ନନ୍ଦୀ ନିର୍ବାଚିତ ହୋଇଛନ୍ତି। ଶ୍ରୀ ପ୍ରଧାନ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ମନୋଜ ନାୟକଙ୍କୁ ୧୯୫ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଶ୍ରୀ ପ୍ରଧାନ ୬୫୪ ଓ ଶ୍ରୀ ନାୟକ ୪୫୯ ଖଣ୍ଡ ଭୋଟ ପାଇଥିଲେ। ଅନ୍ୟପକ୍ଷରେ ନବ ନିର୍ବାଚିତ ସମ୍ପାଦକ ଶ୍ରୀ ନନ୍ଦୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଦୀପକ କୁମାର ଦାଶଙ୍କଠାରୁ ମାତ୍ର ୫ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ସେହିପରି ରଣଜିତ ପଣ୍ଡା ଉପସଭାପତି, ଜିତେନ୍ଦ୍ର ଉପାଧ୍ୟାୟ ଓ ପୀନାକି ଧୀର ସହ ସମ୍ପାଦକ, ଶିବ ଶଙ୍କର ପଣ୍ଡା କୋଷାଧ୍ୟକ୍ଷ ଓ ମମତା ବେହେରା ସହ କୋଷାଧ୍ୟକ୍ଷ ଭାବେ ଆଇନଜୀବିଙ୍କ ଆସ୍ଥା ପାଇବାରେ ସଫଳତା ପାଇଛନ୍ତି। ବାର ଆସୋସିଏସନର ୧୨ଟି କାର୍ଯ୍ୟକାରିଣୀ ସଦସ୍ୟ ପଦରେ ଜ୍ଞାନରଞ୍ଜନ ପାଣି, ନିଶାନ୍ତ ପଟ୍ଟନାୟକ, ପ୍ରଭାତ କୁମାର ଦାସ, ସଞ୍ଜୟ କୁମାର ଚୌଧୁରୀ, ରାମକୃଷ୍ଣ ଜେନା, ବରେନ୍ଦ୍ର ସେଠୀ, ମହମ୍ମଦ ଇସଲାମ, ବାସନ୍ତୀ ସାହୁ, ଧୀରେନ୍ଦ୍ର କୁମାର ମିଶ୍ର, ଦେବାଶିଷ ପାତ୍ର, ଅକ୍ଷୟ କୁମାର ପାତ୍ର, ଦିଗାମ୍ବର ମିଶ୍ର ପ୍ରମୁଖ ବିଜୟୀ ହୋଇଛନ୍ତି। ତେବେ ବାଲେଶ୍ୱରରେ ପ୍ରସ୍ତାବିତ ଜୁଡିସିଆଲ ହବ୍ ପ୍ରତିଷ୍ଠା ସ୍ଥାନ ନିରୂପଣ ଚଳିତ ବର୍ଷର ପ୍ରମୁଖ ବିଷୟ ରହିବ ବୋଲି ବାର ଆସୋସିଏସନର ନବ ନିର୍ବାଚିତ କର୍ମକର୍ତାମାନେ କହିଛନ୍ତି। ଜୁଡିସିଆଲ ହବ୍ ବାଲେଶ୍ୱର ସହର ମଧ୍ୟରେ ପ୍ରତିଷ୍ଠା ପାଇଁ ସମସ୍ତ କର୍ମକର୍ତା ଆନ୍ତରିକତାର ସହ ପ୍ରଚେଷ୍ଟା କରିବେ ବୋଲି ନବନିର୍ବାଚିତ ସଭାପତି ଶ୍ରୀ ପ୍ରଧାନ କହିଛନ୍ତି। ଏହା ସହିତ ଆଇନଜୀବୀଙ୍କ କଲ୍ୟାଣ ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ସହିତ କଚେରୀ ପରିସରରେ ଆବଶ୍ୟକତା ଅନୁଯାୟୀ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ ହେବ ବୋଲି ସେ କହିଛନ୍ତି। ସେହିପରି ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଥିବା ବାର ଆସୋସିଏସନର ନିର୍ବାଚନକୁ ବିରୋଧ ସହ ଏହାକୁ ପରିବର୍ତନ ପାଇଁ ଜିଲ୍ଲାର ଅନ୍ୟାନ୍ୟ ବାର ଆସୋସିଏସନ ସହିତ ଆଲୋଚନା କରି ଓଡ଼ିଶା ବାର କାଉନସିଲ ନିକଟରେ ଦାବି ଉପସ୍ଥାନ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ବାଲେଶ୍ୱରର ଆଇନଜୀବୀମାନେ ବର୍ଷକ ପରେ ପୁଣି ଥରେ ତାଙ୍କୁ ସମର୍ଥନ ଜଣାଇଥିବାରୁ ନବନିର୍ବାଚିତ ସମ୍ପାଦକ ସମ୍ବିତ ନନ୍ଦୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ସମ୍ପାଦକ ଭାବେ ତାଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ପାଇଁ ପୁଣି ଥରେ ପ୍ରୟାସ ଆରମ୍ଭ କରିବେ ବୋଲି ସେ କହିଛନ୍ତି। ଆଇନଜୀବିଙ୍କ ସ୍ୱାର୍ଥରକ୍ଷା ପାଇଁ ବାର୍ଷିକ ନିର୍ବାଚନ ପରିବର୍ତେ ପୂର୍ବବତ ତିନି ବର୍ଷରେ ଥରେ ନିର୍ବାଚନ ପାଇଁ ରାଜ୍ୟ ବାର୍ କାଉନସିଲଙ୍କ ନିକଟରେ ସର୍ବସମ୍ମତ ଦାବି ଉପସ୍ଥାନ କରାଯିବ ବୋଲି ଶ୍ରୀ ନନ୍ଦୀ ପ୍ରକାଶ କରିଛନ୍ତି।

## ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା



ବାଲେଶ୍ୱର, ୩୧।୩ (ସମିସ): ଇଂରାଜୀ ମାସ ଏପ୍ରିଲ ୯ ତାରିଖ ହିନ୍ଦୁ ନବବର୍ଷ ପାଳନ ପରିପ୍ରେକ୍ଷୀରେ ହିନ୍ଦୁ ନବବର୍ଷ କମିଟି ପକ୍ଷରୁ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ହୋଇଯାଇଛି। ରବିବାର ସକାଳେ ବାଲେଶ୍ୱର ସହର ଷ୍ଟେସନ ସ୍କୋୟାରସ୍ଥିତ ଝାଡ଼େଶ୍ୱର ଇଣ୍ଟର ନ୍ୟାସନାଲ ସ୍କୁଲ ପରିସରରେ ଏହି ପରୀକ୍ଷା ଆୟୋଜିତ ହୋଇଯାଇଛି। ଜିଲ୍ଲାର ୧୬ଟି ବିଦ୍ୟାଳୟ ତଥା ମହାବିଦ୍ୟାଳୟର ୭୬ ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଭାଗ ନେଇଥିଲେ। ସଂଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଧାକର ପାଢ଼ୀ, ରାଜନୀକାନ୍ତ ଶତପଥି, ମଧୁସୂଦନ ହୋତାଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ପରିଚାଳନା କରାଯାଇଥିଲା। ଏଥିରେ କମିଟି ଅଧ୍ୟକ୍ଷ ଆଲୋକ ପଣ୍ଡା, ଅନନ୍ତ ଦାସ, ମନସ୍ୱିନୀ ପଣ୍ଡା, ନିମାଇଁ ଚରଣ ଅଧିକାରୀ, ସୂର୍ଯ୍ୟକାନ୍ତ ପଣ୍ଡା ପ୍ରମୁଖ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପୁସ୍ତକ 'ଅନୁପମ ଇନ୍ଦ୍ରଧନୁ' ଓ 'ନୂଆ ଭାରତର ନୂଆ ନକ୍ସା' ଉନ୍ମୋଚିତ




ବାଲେଶ୍ୱର, ୩୧।୩ (ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନରେ ଡ. କୁଞ୍ଜବିହାରୀ ଧଳଙ୍କ ପ୍ରବନ୍ଧ ପୁସ୍ତକ 'ଅନୁପମ ଇନ୍ଦ୍ରଧନୁ' ଓ କବିତା ଗ୍ରନ୍ଥ 'ନୂଆ ଭାରତର ନୂଆ ନକ୍ସା' ଉନ୍ମୋଚିତ ହୋଇଯାଇଛି। ପରିଷଦ ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ 'ଅକ୍ଷାଂଶ'ର ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା, ଯଶସ୍ୱୀ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଅତିଥି ଭାବେ ଯୋଗଦାନ କରି ଡ. ଧଳଙ୍କର ସାହିତ୍ୟ କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଡ. କୁଞ୍ଜବିହାରୀ ଧଳ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ପରିଷଦର ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଶେଷକଥା ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଚାଟାର୍ଜୀ, ତପନ ରାୟ, ନିବାରଣ ଜେନା, ସଞ୍ଜୟ ପଣ୍ଡା, କରୁଣାକର ସ, ପଦ୍ମଲୋଚନ ଦତ୍ତ, ଜ୍ୟୋତ୍ସ୍ନା ରାୟ, ଗୋପୀକୃଷ୍ଣ ମହାନ୍ତି, ଦୀପକ ଦାସ, ବିଜୟ କୁମାର ମହାନ୍ତି, ଲକ୍ଷଣ ଚରଣ ବିଶ୍ୱାଳ, ନରେନ୍ଦ୍ରନାଥ ପାଣିଗ୍ରାହୀ, ରଜନୀକାନ୍ତ ବେହେରା, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ଅଶୋକ କୁମାର ଗିରି, ସିପୁନ ବେହେରା, କମଳାକାନ୍ତ ନାୟକ, ଦିଲ୍ଲୀପ ଚକ୍ରବର୍ତ୍ତୀ, ଚନ୍ଦନ ସିଂହ, ବଳରାମ ପାତ୍ର, ମନ୍ମଥ ସାହୁ, ଜୟନ୍ତ ହଂସରାଜ, ଡ. ରତ୍ନାକର ସିଂହ, ଅରୋଲିନା ସିଂହ, ବାସନ୍ତୀ ଦେ, ଅନିମା ନାଏକ, ମୋନାଲିସା ଦାସ, ସସ୍ମିତା ମଲ୍ଲିକ, ପ୍ରୀତିସ୍ମିତା ନନ୍ଦୀ, ପ୍ରତିଭାରାଣୀ ବାରିକ, ଶୁଭଶ୍ରୀ ବେହେରା, ଗାୟତ୍ରୀ ପାତ୍ର, ଜ୍ୟୋତିର୍ଜ୍ୟୋତ୍ସ୍ନା ଯେନା, ଜ୍ୟୋସ୍ନାରାଣୀ ପାଢ଼ୀ, ମନ୍ଦାକିନୀ ଦାସ, ରଞ୍ଜିତା ଦାସ, ସବିତା ସାମନ୍ତ, ଶୁଭସ୍ମିତା ଜେନା, ରୂପଶ୍ରୀ ମହାନ୍ତି, ସୁଭଦ୍ରା ଦାସମହାପାତ୍ର, ମାମିନା ମହାପାତ୍ର, ଶୁଭଲକ୍ଷ୍ମୀ ପାତ୍ର, ରଶ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

ବାଲେଶ୍ୱର, ୩୧।୩(ସମିସ): ଓଲନ୍ଦା ସାରଗାଁ ପଞ୍ଚାୟତ ଅଧିନ ହିଂଜଳା ଗ୍ରାମରେ ଥିବା ହରେକୃଷ୍ଣ ଦାସ ଗାର୍ଲସ ଏକାଡେମୀରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ସଭା ଅନୁଷ୍ଠିତ ହୋଇଯାଇଛି। ସିଏମସି ସଭାପତି ସୁବାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାର ହରେକୃଷ୍ଣ ଦାସ ଗାର୍ଲସ ଏକାଡେମୀ, ଶିକ୍ଷାନୁଷ୍ଠାନ ପରିସରରେ ଆଦର୍ଶ ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ପୃଷ୍ଟି ଏବଂ ଶିକ୍ଷା କର୍ମଚାରୀ ଅବନ୍ତୀ ଦାସଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏହି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରର ସମସ୍ତ ଶିକ୍ଷକ, ବୁଆଁଳ, ଗୋପିନାଥପୁର ପଞ୍ଚାୟତର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାଗବତ ମହାନ୍ତି ଏବଂ ହରିପଦ ଭୂୟାଁ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଲନ୍ଦା ସରପଞ୍ଚ ଆରତୀ ଦାସ ଏବଂ ସମିତି ସଭ୍ୟା ରସ୍ମିତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କବିତା ବାରିକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଚାରୁଲତା ପ୍ରଧାନ, ସୁଧାକର ନାୟକ ଅନାଦି ଚରଣ ବାରିକ ମନ୍ମଥ ପାତ୍ର କୁମୁଦ ବନ୍ଧୁ ନାୟକ ଆଦି ବିଶିଷ୍ଟ ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ ସହ ବିଦାୟୀ ଶିକ୍ଷକ କୃଷ୍ଣଚନ୍ଦ୍ର ପୃଷ୍ଟି ଏବଂ ଶିକ୍ଷା କର୍ମୀ ଅବନ୍ତୀ ଦାସଙ୍କ ମହନୀୟ ଗୁଣ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରେ ଗ୍ରାମବାସୀ ଏବଂ ଆଲମିନି ଛାତ୍ରୀମାନଙ୍କ ଦ୍ୱାରା ବିଦାୟୀ ଶିକ୍ଷକ ଏବଂ ଶିକ୍ଷାକର୍ମୀଙ୍କୁ ଉପଢୌକନ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଗୀତାଞ୍ଜଳି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ମେଡିସିନ ୱାର୍ଡ ସମ୍ମୁଖରେ ଅସ୍ୱାସ୍ଥ୍ୟକର ପରିବେଶ

ବାଲେଶ୍ୱର, ୩୧।୩(ସମିସ): ଲୋକମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ଆମ ହସପିଟାଲ ଯୋଜନା ମଧ୍ୟରେ ଅର୍ନ୍ତଭୁକ୍ତ କରାଯାଇ ଉନ୍ନତିକରଣ କରାଯାଇଛି। ଏପରିକି ମେଡିକାଲ ରାସ୍ତା ସାଙ୍ଗକୁ ଗୃହ ଗୁଡିକ ଚକାଚକ ହୋଇଛି। ଅନ୍ୟପଟେ ରୋଗୀମାନଙ୍କ ପଞ୍ଜୀକରଣ ପାଇଁ ସବୁ ପ୍ରକାର ସୁବିଧା କରାଯାଇଥିବା ବେଳେ ରୋଗୀମାନଙ୍କ ବସିବା ପାଇଁ ପ୍ରତୀକ୍ଷାଳୟ ମଧ୍ୟ କରାଯାଇଛି। ଏହାବ୍ୟତିତ ମେଡିକାଲକୁ ସଫାସୁତୁରା କରାଯାଉଥିବା କୁହାଯାଉଥିବା ବେଳେ ବାସ୍ତବରେ କିନ୍ତୁ ଓଲଟା ଚିତ୍ର ଦେଖିବାକୁ ମିଳିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ଅଣଦେଖା ପାଇଁ ଏବେ ରୋଗୀମାନଙ୍କ କ୍ଷେତ୍ରରେ ସମସ୍ୟା ବୃଦ୍ଧି ହେବାର ଆଶଙ୍କା ରହିଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ମେଡିସିନ ୱାର୍ଡ ସମ୍ମୁଖରେ। ମେଡିସିନ ବିଭାଗ ସମ୍ମୁଖରେ ଜମା ରହୁଛି ପାଣି ସାଙ୍ଗକୁ ପଡ଼ି ରହୁଛି ଅଳିଆ। ଏହାକୁ ସଠିକ ଭାବେ ସଫା କରାଯାଉ ନ ଥିବା ଦେଖିବାକୁ ମିଳିଛି। ଦୀର୍ଘ ଦିନ ଧରି ଅଳିଆ ପାଣି ସେଠାରେ ଜମା ହୋଇ ରହିବା ଫଳରେ ପାଣିରେ ମଶାବଂଶ ବୃଦ୍ଧି ହେବାରେ ଲାଗିଛି। ନିକଟରେ ଏକ ଡଷ୍ଟ ବିନ ଥିବା ସତ୍ତ୍ୱେ ସେଠାରେ ଅଳିଆ ସବୁ ନ ପକାଇ ରାସ୍ତା କଡରେ ପଡୁଥିବା ଯୋଗୁଁ ସେଠାରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବାରେ ଲାଗିଛି। ଫଳରେ ମଶାମାନଙ୍କ ବଂଶ ବୃଦ୍ଧି ହେଉଥିବା କାରଣରୁ ତାହା ରୋଗୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାର ଅଧିକ ସମ୍ଭାବନା ରହୁଛି। ଜମି ରହୁଥିବା ଅଳିଆ ପାଣି ସାଙ୍ଗକୁ କାନ୍ଥରେ ପାନ ଛେପ ଏକ ଅସ୍ୱାସ୍ଥ୍ୟ କର ପରିବେଶ ସୃଷ୍ଟି କରୁଛି। ସେଠାରୁ ପାଣି ନିଷ୍କାସନ ପାଇଁ କୌଣସି ପ୍ରକାର ବ୍ୟବସ୍ଥା ନଥିବା ବେଳେ ହସପିଟାଲ ସଫେଇ କରାଯିବା ବେଳେ ହସପିଟାଲ କର୍ତୃପକ୍ଷ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନାହାନ୍ତି। ଏ ନେଇ ସ୍ଥାନୀୟ ବ୍ୟକ୍ତି ସେକ ଅରଫାନ ଉଦ୍ଦିନ କହିଛନ୍ତି ଯେ, ମେଡିକାଲ ପରିସରରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଥିବା ବେଳେ ଏଥିପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନାହିଁ। ଫଳରେ ଦୀର୍ଘ ଦିନ ଧରି ଏଠାରେ ପାଣି ଜମି ରହିବା ସହ ଅଳିଆ ଗୁଡିକ ପଡ଼ି ରହିବା କାରଣରୁ ମଶାମାନଙ୍କ ବଂଶ ବୃଦ୍ଧି ହେଲାଣି। ଏହି ବିଭାଗରେ ବିଭିନ୍ନ ପ୍ରକାର ରୋଗୀମାନେ ଆସୁଥିବା ବେଳେ ବହୁ ଇନଫେକସନ ରୋଗୀମାନେ ମଧ୍ୟ ଆସୁଛନ୍ତି। ଯଦି ଏହି ମଶା ସେମାନଙ୍କ ଦେହରେ ବସି ଅନ୍ୟ କେଉଁ ରୋଗୀଙ୍କ ଦେହରେ ବସିବ ତେବେ ରୋଗ ବୃଦ୍ଧି ହେବାର ଅଧିକ ସମ୍ଭାବନା ରହିଛି। ଏଣୁ ମେଡିକାଲ କର୍ତୃପକ୍ଷ ଏହାକୁ ତୁରନ୍ତ ସଫା କରିବା ସହ ଏଥିପ୍ରତି ଯତ୍ନବାନ ସହ ସେଠାରେ ବ୍ଲିଚିଂ ପକାଇବାର ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି। ହସପିଟାଲ ମ୍ୟାନେଜର ମୀରା ଲେଙ୍କା କହିଛନ୍ତି ଯେ, ଏହି ଘଟଣା ସମ୍ପର୍କରେ ସେ ଅବଗତ ନାହିଁ। ହେଲେ ବି ସେ ତୁରନ୍ତ ମେଡିକାଲର ସଫେଇ କର୍ମଚାରୀଙ୍କୁ ଏହାକୁ ସଫା କରିବେ ବୋଲି କହିଛନ୍ତି।



**ଗଣତନ୍ତ୍ର ବଞ୍ଚାଅ ମହାରାଲିରେ ମୋଦୀଙ୍କ ଉପରେ ବର୍ଷିଲେ ବିରୋଧୀ**

# ୨୦୨୪ ପାଇଁ 'ମ୍ୟାଚ୍ ଫିକ୍ସିଂ' ହୋଇଛି: ରାହୁଲ

ନୂଆଦିଲ୍ଲୀ,୩୧।୩(ଏଜେନ୍ସି)

ଦିଲ୍ଲୀସ୍ଥିତ ରାମଲୀଳା ମଇଦାନରେ ରବିବାର ଆୟୋଜିତ ଗଣତନ୍ତ୍ର ବଞ୍ଚାଅ ମହାରାଲିରେ ବିରୋଧୀ ଇଣ୍ଡିଆ ମେଣ୍ଟର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପି ଉପରେ ବର୍ଷିଛନ୍ତି। ମୋଦୀ ଦେଶରେ ଏକଛତ୍ରବାଦ ଶାସନ ଚଳାଇବା ସହିତ ଗଣତନ୍ତ୍ର ବ୍ୟବସ୍ଥାକୁ ହତ୍ୟା କରିବାକୁ ବସିଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଯଦି ମୋଦୀ ସରକାରକୁ ଗାଦିଚ୍ୟୁତ କରା ନଯାଏ ତେବେ ସାରା ଦେଶରେ ଅରାଜକତା ଦେଖାଯିବା ସହିତ ସମାଜ ନଷ୍ଟଭ୍ରଷ୍ଟ ହୋଇଯିବ ବୋଲି ବିରୋଧୀ ନେତାମାନେ କହିଛନ୍ତି।ଏଥିପାଇଁ ସବୁ ବିରୋଧୀ ଦଳ ମୋଦୀ ସରକାର ବିରୋଧରେ ଏକାଠି ହେବା ସହିତ ଦେଶବାସୀ ମଧ୍ୟ ଏହି ବିଷୟକୁ ଗୁରୁତ୍ୱ ସହ ବିଚାର କରିବା ଉଚିତ ବୋଲି କଂଗ୍ରେସ ସମେତ ଆମ ଆଦମୀ ପାର୍ଟି, ସମାଜବାଦୀ ପାର୍ଟି, ଶିବସେନା(ଉଦ୍ଧବ), ଏନସି, ପିଡିପି, ସିପିଆଇ,ସିପିଆଇ(ଏମ),ଆରଜେଡି, ଟିଏମସି, ଏନସିପି ଆଦି ବହୁ ବିରୋଧୀ ଦଳର




ତୁଙ୍ଗ ନେତା କହିଛନ୍ତି। ବିଜେପି ଏବଂ ରାଷ୍ଟ୍ରୀୟ ସ୍ୱୟଂ ସଂଘ(ଆରଏସ୍ଏସ୍)କୁ ବିଷ ସଦୃଶ ତୁଳନା କରି କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ କହିଛନ୍ତି ଯେ, ବିଜେପି ଏବଂ ଆରଏସଏସ୍ ମିଳିତ ଭାବେ ଦେଶକୁ ନଷ୍ଟ କରିଦେବାକୁ ବସିଛନ୍ତି। ତେଣୁ ସେମାନଙ୍କ କବଳରୁ ଦେଶକୁ ସୁରକ୍ଷିତ ରଖିବାକୁ ପଡ଼ିବ। କେନ୍ଦ୍ର ସରକାର ଦେଶରେ ଏକଛତ୍ରବାଦ ଶାସନ ଚଳାଇଥିଲା ବେଳେ ସବୁ କେନ୍ଦ୍ରୀୟ ଏଜେନ୍ସିଗୁଡିକୁ ନିଜ କବଜାକୁ ନେଇ ବିରୋଧୀଙ୍କ କଣ୍ଠରୋଧ କରିଛନ୍ତି। କେବଳ ସେତିକି ନୁହେଁ, ବିରୋଧୀ ନେତାଙ୍କୁ ଧମକ ଚମକ ଦିଆଯାଇ ଚାପଗ୍ରସ୍ତ କରାଯାଉଛି। ଯେଉଁମାନେ ବିଜେପି କଥା ଶୁଣୁନାହାନ୍ତି ସେମାନଙ୍କୁ ଜେଲ ଭିତରେ ପୁରାଇ ଦିଆଯାଉଛି। ଏଥିରେ ଦେଶର ଗଣତନ୍ତ୍ର କିଭଳି ବଞ୍ଚି ରହିବ ବୋଲି ଖଡ଼ଗେ ପ୍ରଶ୍ନ କରିଛନ୍ତି। ଖଡ଼ଗେଙ୍କ ବ୍ୟତୀତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ମୋଦୀଙ୍କୁ ନିଶାଣ କରି ତାଙ୍କ ବିରୋଧରେ ଜୋର ବର୍ଷିଛନ୍ତି। ସେ କହିଛନ୍ତି ଯେ, ୨୦୨୪ ନିର୍ବାଚନ ପାଇଁ ମୋଦୀ କ୍ରିକେଟ୍ ଭଳି 'ମ୍ୟାଚ୍ ଫିକ୍ସିଂ' କରିଛନ୍ତି। କ୍ରିକେଟ୍ ମ୍ୟାଚ୍ ବେଳେ ଅମ୍ପାୟରଙ୍କ ଉପରେ ଚାପ ପଡ଼ିଲେ ମ୍ୟାଚ୍ ଏପଟ ସେପଟ ହୋଇଯିବାର ସମ୍ଭାବନା ଥାଏ। ସେହିପରି କ୍ୟାପଟେନଙ୍କୁ ଧମକ ଦିଆଯିବା ଏବଂ ଖେଳାଳିମାନଙ୍କୁ ଖରିଦ୍ କରିଦିଆଗଲେ ମ୍ୟାଚ୍ ଏକପାଖିଆ ହୋଇଯାଏ। ଯାହାକୁ ଆମେ ମ୍ୟାଚ୍ ଫିକ୍ସିଂ ବୋଲି କହୁ। ୨୦୨୪ ସାଧାରଣ ନିର୍ବାଚନ ପାଇଁ ମୋଦୀ ଠିକ୍ ଏଭଳି କରିଛନ୍ତି। ବିଭିନ୍ନ ବିରୋଧୀ ଦଳର ନେତାମାନଙ୍କୁ ଧମକ ଚମକ ଦିଆଯିବା ସହିତ ଦଳୀୟ କର୍ମକର୍ତ୍ତାଙ୍କୁ ବିଜେପି କିଣି ନେବାକୁ ବସିଛି। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନଙ୍କୁ ଜେଲ ପଠାଇ ଦିଆଯାଉଛି। ଜେଏମଏମ ନେତା ତଥା ପୂର୍ବତନ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଆପ୍ ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏହାର ଜ୍ୱଳନ୍ତ ଉଦାହରଣ ବୋଲି ରାହୁଲ କହିଛନ୍ତି। ଏହି ଦୁଇ ଦଳ ବ୍ୟତୀତ କଂଗ୍ରେସକୁ ମଧ୍ୟ ବିଜେପି ଟାର୍ଗେଟ କରିଛି। ଆମ ଦଳ ବିରୋଧରେ ହଜାର ହଜାର କୋଟି ଟଙ୍କାର ଆୟକର ନୋଟିସ୍ ପଠାଯାଉଛି। ଯଦି କୌଣସି ପ୍ରସଙ୍ଗରେ ଦୁର୍ନୀତି ଯାଞ୍ଚ କରିବାର ଥିଲା କିମ୍ବା ଆୟକର ଚଢଉ କରିବାର ଥିଲା ତେବେ ନିର୍ବାଚନ ପୂର୍ବରୁ କାହିଁକି କରାଗଲା ନାହିଁ। ନିର୍ବାଚନର ଠିକ୍ ପୂର୍ବରୁ ମୋଦୀ ସରକାର କାହିଁକି ଏସବୁ ପାଇଁ ତତ୍ପର ହୋଇପଡ଼ିଲେ ବୋଲି ରାହୁଲ ପ୍ରଶ୍ନ ଉଠାଇଛନ୍ତି। ଏସବୁ ବ୍ୟତୀତ ବିଜେପି ଇଭିଏମରେ ମଧ୍ୟ ଘୋଟାଲା କରିବାକୁ ମସୁଧା କରିଛି। କାରଣ ଇଭିଏମରେ କାରସାଦି ବିନା ମୋଦୀ କେବେ ବି ୪୦୦ ଆସନ ଜିତିପାରିବେ ନାହିଁ ବୋଲି ରାହୁଲ କହିଛନ୍ତି। ରାହୁଲଙ୍କ ବ୍ୟତୀତ ଶିବସେନା(ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ,ଆରଜେଡି ନେତା ତେଜସ୍ୱୀ ଯାଦବ, ଟିଏମସି ନେତା ଡିରେକ୍ ଓ ବ୍ରିଏନ୍, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ,ନ୍ୟାସନାଲ କନଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲା,ଏନସିପି ନେତା ଶରଦ ପାୱାର,ପିଡିପି ନେତ୍ରୀ ମେହବୁବା ମୁଫତିଙ୍କ ସମେତ ସୀତାରାମ ୟେଚୁରୀ, ଡି ରାଜା, ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କ ଭଳି ବହୁ ବାମପନ୍ଥୀ ନେତା ମୋଦୀ ସରକାର ଉପରେ ବର୍ଷିଥିଲେ। ସମସ୍ତେ ଏକାଠି ହୋଇ ୨୦୨୪ ନିର୍ବାଚନରେ ମୋଦୀ ସରକାରକୁ ଗାଦିଚ୍ୟୁତ କରିବାକୁ ଜରୁରୀ ବୋଲି ସେମାନେ କହିଥିଲେ।

**ବିଜେପି, ଆରଏସ୍ଏସ୍ ବିଷ ସଦୃଶ: ଖଡ଼ଗେ**

**ଦେଶ ସୁରକ୍ଷା ପାଇଁ ସବୁ ବିରୋଧୀଙ୍କୁ ଏକାଠି ହେବାକୁ ପଡ଼ିବ**

### ନିର୍ବାଚନ ଆୟୋଗ ନିକଟରେ ୫ ଦାବି

ବିରୋଧୀ ଦଳର ନେତାମାନେ ୨୦୨୪ ଲୋକସଭା ନିର୍ବାଚନକୁ ନେଇ ନିର୍ବାଚନ ଆୟୋଗଙ୍କ ନିକଟରେ ୫ ଦାବି ରଖିଛନ୍ତି। ନିରପେକ୍ଷ ନିର୍ବାଚନ ସହିତ ଏଥିରେ ସବୁ ଦଳଙ୍କୁ ଯେଭଳି ସମାନ ଅଧିକାର ମିଳେ ତାହାକୁ ସୁନିଶ୍ଚିତ କରିବାକୁ ଦାବି କରାଯାଇଥିଲା ବେଳେ ଏହି ସମୟରେ ସିବିଆଇ, ଇଡି ଏବଂ ଆୟକର ଭଳି କେନ୍ଦ୍ରୀୟ ଏଜେନ୍ସିଙ୍କ ଦ୍ୱାରା ବିରୋଧୀ ଦଳର ନେତାଙ୍କ ବିରୋଧରେ ଯେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହାକୁ ବନ୍ଦ କରାଯିବା ଉଚିତ ବୋଲି ଦାବି କରାଯାଇଛି। ସେହିପରି ଆପ୍ ନେତା ଅରବିନ୍ଦ କେଜ୍ରିୱାଲ ଏବଂ ଜେଏମଏମ ନେତା ହେମନ୍ତ ସୋରେନଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରାଯିବା ସହିତ ବିରୋଧୀ ଦଳଙ୍କୁ ଦୁର୍ବଳ କରି ଦେବା ଉଦ୍ଦେଶ୍ୟରେ ସେମାନଙ୍କ ବିରୋଧରେ ଆର୍ଥିକ ଯାଞ୍ଚ ନ କରାଇବାକୁ ଦାବି କରାଯାଇଛି। ଅନ୍ୟପକ୍ଷରେ ଏକ ଏସଆଇଟି ଗଠନ କରାଯାଇ ବିଜେପି ନିର୍ବାଚନୀ ବଣ୍ଡ ମାଧ୍ୟମରେ ହାତେଇଥିବା ଚାନ୍ଦା ସମ୍ପର୍କରେ ଯାଞ୍ଚ କରିବାକୁ ବିରୋଧୀ ଦଳର ନେତା ଦାବି କରିଛନ୍ତି।

### 'କେଜ୍ରିୱାଲ ସିଂହ, ବିଜେପି ବେଶୀ ଦିନ ଜେଲ୍‌ରେ ରଖିପାରିବନି'

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିଥିଲା ବେଳେ ଏହାକୁ ବିରୋଧ କରି ଆମ ଆଦମୀ ପାର୍ଟି ପକ୍ଷରୁ ଆୟୋଜିତ ମହାରାଲିରେ ସବୁ ବିରୋଧୀ ଦଳ ଏକାଠି ହୋଇଥିଲେ। ପୂର୍ବରୁ କେବେ ବି ସାମ୍ନାକୁ ଆସି ନଥିବା କେଜ୍ରିୱାଲଙ୍କ ପତ୍ନୀ ସୁନୀତା କେଜ୍ରିୱାଲ ପ୍ରଥମଥର ପାଇଁ କୌଣସି ରାଜନୈତିକ ମଞ୍ଚରେ ଯୋଗ ଦେବା ଭାବେ ଏହି ରାଲିରେ ସାମିଲ ହୋଇ ମୋଦୀ ସରକାରଙ୍କ ବିରୋଧରେ ବର୍ଷିଥିଲେ। ସେ ମଞ୍ଚରେ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ଦ୍ୱାରା ପ୍ରେରିତ ଏକ ସମ୍ବାଦ ଘୋଷଣା କରିବା ସହିତ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଜଣେ ସିଂହ ଏବଂ ତାଙ୍କୁ ବିଜେପି ବେଶୀ ସମୟ ଯାଏ ଜେଲରେ ରଖିପାରିବ ନାହିଁ ବୋଲି ହୁଙ୍କାର ଦେଇଥିଲେ। ମୁଖ୍ୟମନ୍ତ୍ରୀ ପଦରୁ କେଜ୍ରିୱାଲ ଇସ୍ତଫା ଦେବାକୁ ବିଜେପି ଦାବି କରୁଥିଲେ ହେଁ ସେ କଦାଚିତ୍ ଏହା କରିବେ ନାହିଁ ଏବଂ ପୁଣିଥରେ ଦିଲ୍ଲୀ ଶାସନ କ୍ଷମତା ହାତକୁ ନେବେ ବୋଲି ସୁନୀତା କହିଥିଲେ। ଏହି ସମୟରେ ଜେଏମଏମ ନେତା ତଥା ପୂର୍ବତନ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ମଧ୍ୟ ମଞ୍ଚରେ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ଦେଶବାସୀ ବିଜେପିକୁ ଠିକଣା ଜବାବ ଦେବାକୁ କହିଥିଲେ।

● ବିଜେପିର ପ୍ରଚାର ଆରମ୍ଭ; ବିରୋଧୀଙ୍କୁ ମୋଦୀଙ୍କ ନିଶାଣ

## ଦୁର୍ନୀତିଖୋର୍‌ଙ୍କୁ ନିସ୍ତାର ନାହିଁ

ମିରଟ, ୩୧।୩(ଏଜେନ୍ସି)

ଲୋକସଭା ନିର୍ବାଚନ ୨୦୨୪ ହେଉଛି ଦୁର୍ନୀତିର ପୃଷ୍ଠପୋଷକ ଓ ଦୁର୍ନୀତିର ଶତ୍ରୁଙ୍କ ମଧ୍ୟରେ ଲଢ଼େଇ। ମୋଦୀ ଅଟକିବ ନାହିଁ। ପ୍ରତ୍ୟେକ ଦୁର୍ନୀତିଖୋରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଆଜି ଏଠାକାର ଆଳୁ ଗବେଷଣା ପ୍ରତିଷ୍ଠାନର ମଇଦାନରେ ଆୟୋଜିତ ବିଜେପି-ଆରଏଲଡି ନିର୍ବାଚନ ପ୍ରଚାର ସଭାରେ କହିଛନ୍ତି। ସେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଲଢୁଥିବା କହିଛନ୍ତି। ସେଥିପାଇଁ କେତେକ ବ୍ୟକ୍ତି ଏବେ ଜେଲରେ ଅଛନ୍ତି। ସେମାନେ ସୁପ୍ରିମକୋର୍ଟରୁ ବି ଜାମିନ ପାଉନାହାନ୍ତି। ଏପରି କାର୍ଯ୍ୟାନୁଷ୍ଠାନ ଦେଖି କିଛି ଲୋକ ଘାବରେଇଯାଇ ଇଣ୍ଡି ମେଣ୍ଟ ଛତା ତଳେ ଏକତ୍ରିତ ହୋଇଛନ୍ତି। ମୋଦୀ ୨୦୧୪ ଓ ୨୦୧୯ରେ ମଧ୍ୟ ଏଠାରୁ ଲୋକସଭା ନିର୍ବାଚନ ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ। ଏହି ସଭାରେ ପ୍ରଧାନମନ୍ତ୍ରୀଙ୍କ ସହ ଅନ୍ୟମାନଙ୍କ ସମେତ ମଞ୍ଚରେ ଥିଲେ ରାଷ୍ଟ୍ରୀୟ ଲୋକ ଦଳ(ଆରଏଲଡି)ର ମୁଖ୍ୟ ଜୟନ୍ତ ଚୌଧୁରୀ ଓ ମିରଟ ଲୋକସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀ ଅରୁଣ ଗୋଭିଲ। ବିଜେପି ନେତୃତ୍ୱାଧୀନ




ଏନଡିଏରେ ଜୟନ୍ତଙ୍କ ଆରଏଲଡି କିଛି ଦିନ ତଳେ ଯୋଗଦେଇଛି ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଜୟନ୍ତଙ୍କ ମଞ୍ଚାସୀନ ହେବା ଏହା ପ୍ରଥମ। ଜୟନ୍ତ ହେଉଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ନାତି। ଜୟନ୍ତଙ୍କ ଆରଏଲଡି ପ୍ରତି ଜାଠମାନଙ୍କର ସମର୍ଥନ ରହୁଛି ତେଣୁ ନିର୍ବାଚନ ଦୃଷ୍ଟିରୁ ଏହି ଦଳକୁ ପ୍ରଭାବୀ କୁହାଯାଉଛି।

**ପୁଣି ବଢ଼ିଲା କଂଗ୍ରେସ ଚିନ୍ତା**

## ଆଉ ୧୭୪୫ କୋଟିର ଆୟକର ନୋଟିସ୍

ନୂଆଦିଲ୍ଲୀ,୩୧।୩(ଏଜେନ୍ସି):

ଆର୍ଥିକ ଦିଗରୁ ବେଳକୁ ବେଳ ଦୁର୍ବଳ ହେବାକୁ ଲାଗିଥିବା କଂଗ୍ରେସ ଦଳ ପାଇଁ ପୁଣି ଚିନ୍ତା ବଢିଛି। କାରଣ ଆୟକର ବିଭାଗ ଟିକସ ଦେୟ ବାବଦ ପୁଣି ୧୭୪୫ କୋଟି ଟଙ୍କାର ନୋଟିସ୍ ଜାରି କରିଛି। ୨୦୧୪-୧୫ ରୁ ୨୦୧୬-୧୭ ଆର୍ଥିକ ବର୍ଷ ପାଇଁ ଦଳ ଏହି ପରିମାଣର ଆୟକର ପୈଠ କରିନାହିଁ ବୋଲି ଆୟକର ବିଭାଗ ଦର୍ଶାଇ ଏଥିପାଇଁ ନୋଟିସ୍ ଜାରି କରିଛି। ଏହାକୁ ମିଶାଇ ଆୟକର ବିଭାଗ ପକ୍ଷରୁ ୩୫୬୭ କୋଟି ଟଙ୍କାର ଆୟକର ନୋଟିସ୍ ଜାରି କରାଯାଇଛି। ଏହାପୂର୍ବରୁ ୧୯୯୪-୯୫ ଆର୍ଥିକ ବର୍ଷ ସମେତ ୨୦୧୭-୧୮ ରୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ମୋଟ ୧୮୨୩ କୋଟି ଟଙ୍କାର ଆୟକର ପୈଠ କରିବାକୁ ଆଇଟି ବିଭାଗ ନୋଟିସ୍ ପଠାଇଥିଲା। ଗତ ୩୦ ତାରିଖ ସୁଦ୍ଧା ଯେଉଁ ନୂଆ ନୋଟିସ୍ ଜାରି କରାଯାଇଛି ସେଥିରେ ୨୦୧୪-୧୫ ଆର୍ଥିକ ବର୍ଷ ପାଇଁ ୬୬୩ କୋଟି,୨୦୧୫-୧୬ରେ ୬୬୪ କୋଟି ଏବଂ ୨୦୧୮-୧୭ ବର୍ଷ ପାଇଁ ୪୧୭ କୋଟି ଟଙ୍କାର ଆୟକର ଦେବାକୁ କୁହାଯାଇଛି।

## ଶାହାଜାହାନ ଶେଖ୍‌କୁ ଗିରଫ କଲା ଇଡି

କୋଲକାତା, ୩୧।୩ (ଏଜେନ୍ସି)

ସିବିଆଇ ପରେ ମନି ଲଣ୍ଡରିଂ ଏବଂ ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଟିଏମ୍‌ସି ନେତା ଶାହାଜାହାନ ଶେଖ୍‌କୁ ଗିରଫ କରିଛି। ଏହା ପୂର୍ବରୁ ତାକୁ ୩ ଘଣ୍ଟା ପଚରାଉଚୁରା କରାଯାଇଥିଲା। ଏଥିରେ ସହଯୋଗ ନ କରିବାରୁ ଶେଖ୍‌କୁ ଗିରଫ କରାଯାଇଥିଲା। ସନ୍ଦେଶଖାଲି ମାମଲାର ମୁଖ୍ୟ ଅଭିଯୁକ୍ତ ଶେଖ୍ ଏବେ ବସିରହାଟ ଜେଲ୍‌ରେ ଅଛନ୍ତି। ହେପାଜତକୁ ନେବା ପାଇଁ ଇଡି ତାକୁ ସୋମବାର କୋର୍ଟରେ ହାଜର କରିବ ବୋଲି ସୂଚନା ମିଳିଛି। ରାସନ ଦୁର୍ନୀତି ମାମଲାରେ ଇଡି ତାର ୧୨ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିବା ନେଇ କୋର୍ଟଙ୍କୁ ସୂଚନା ଦେଇଛି। ଅନ୍ୟପକ୍ଷରେ ଇଡି ଅଲକେମିଷ୍ଟ ଗ୍ରୁପ୍‌ର ମୁଖ୍ୟ ତଥା ଟିଏମସିର ପୂର୍ବତନ ସାଂସଦ କେଡି ସିଂହଙ୍କ ବିମାନ, ଫ୍ଲାଟ, ହିମାଚଳ ପ୍ରଦେଶ, ହରିୟାଣା ଏବଂ ମଧ୍ୟପ୍ରଦେଶରେ ଥିବା ୨୯ କୋଟିର ସମ୍ପତ୍ତି ଜବତ କରିଛି। ମନି ଲଣ୍ଡରିଂ ନିରୋଧୀ ଆଇନ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି କମ୍ପାନୀ ଅଧିକ ରିଟର୍ଣ୍ଣ, ଭିଲା, ପ୍ଲଟ୍, ଫ୍ଲାଟ ଆଦି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ସାଧାରଣ ଲୋକଙ୍କଠାରୁ ପ୍ରାୟ ୧୮୦୦ କୋଟି ଟଙ୍କା ଆଦାୟ କରିଥିବା ନେଇ ମାମଲା ରୁଜୁ ହୋଇଛି।

**ପୂର୍ବତନ ସାଂସଦ କେଡି ସିଂହଙ୍କ ବିମାନ ଜବତ**

## ଉତ୍ତରପ୍ରଦେଶରେ ନୂଆ ମେଣ୍ଟ 'ପିଡିଏମ୍'

ଲକ୍ଷ୍ନୌ, ୩୧।୩ (ଏଜେନ୍ସି): ଲୋକସଭା ନିର୍ବାଚନ ପାଇଁ ଉତ୍ତରପ୍ରଦେଶରେ ନୂଆ ମେଣ୍ଟ ଗଠନ ହୋଇଛି। ଅସଦୁଦ୍ଦିନ ଓୱେସିଙ୍କ ଦଳ ଏଆଇଏମଆଇଏମ ରାଜ୍ୟ ରାଜନୀତିରେ ପ୍ରବେଶ କରି ପଲ୍ଲବୀ ପଟେଲଙ୍କ ଅପନା ଦଳ (କମେରାବାଦି) ସହ ମେଣ୍ଟ ଗଠନ କରିଛି। ଏହି ମୋର୍ଚ୍ଚାର ନାମ ପିଡିଏମ (ପଛୁଆ, ଦଳିତ ଏବଂ ମୁସଲିମ) ରଖାଯାଇଛି। ଏହି ମେଣ୍ଟ ୩୫ରୁ ଅଧିକ ଆସନରେ ଲଢ଼ିବାକୁ ପ୍ରସ୍ତୁତି କରୁଥିବା ଚର୍ଚ୍ଚା ହେଉଛି। ରବିବାର ଦ୍ୱିପହରେ ପଲ୍ଲବୀ ଏବଂ ଓୱେସି ଲକ୍ଷ୍ନୌରେ ମିଳିତ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଓୱେସି କହିଛନ୍ତି ଯେ ଅଖିଳେଶ ଯାଦବ ଏଆଇଏମଆଇଏମକୁ ବିଜେପିର ବି-ଟିମ୍ କୁହନ୍ତି। ଏଥିପାଇଁ ବାରମ୍ବାର ୟୁପି ଆସି ନିର୍ବାଚନ ଲଢୁଛନ୍ତି। ଏଥିପାଇଁ ଡ଼.ଏସ୍‌ଟି ହାସନଙ୍କ ଟିକଟ କାଟି ଦିଆଗଲା କି ବୋଲି ସେ ଅଖିଳେଶଙ୍କୁ ପ୍ରଶ୍ନ କରିଛନ୍ତି। ରାମପୁର ପାଇଁ କ'ଣ ଏମଆଇଏମଆଇଏମ ଦାୟୀ ? କେବଳ ଏହି ନିର୍ବାଚନରେ ପିଡିଏମ ଅଟକି ଯିବନାହିଁ।

## ପେରୁ ରାଷ୍ଟ୍ରପତି ଭବନରେ ପୁଲିସ ଚଢ଼ଉ

ଲିମା, ୩୧।୩ (ଏଜେନ୍ସି): ପେରୁ ରାଷ୍ଟ୍ରପତି ଡାଏନା ବୋଲୁର୍ତେଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲାଗିଛି। ଏହି ମାମଲାର ତଦନ୍ତ ଆରମ୍ଭ ହୋଇଯାଇଛି। ପୁଲିସ ଶୁକ୍ରବାର ରାଷ୍ଟ୍ରପତିଙ୍କ ବାସଭବନ ଏବଂ ନିଜସ୍ୱ ଘରେ ଚଢ଼ଉ କରିଛି। ଡାଏନାଙ୍କ ପାଖରେ ବିଳାସପୂର୍ଣ୍ଣ ବ୍ରାଣ୍ଡ ରୋଲେକ୍ସ ସହିତ ଅନେକ ବହୁମୂଲ୍ୟ ଘଣ୍ଟା ରହିଛି ବୋଲି ଅଭିଯୋଗ ଲାଗିଛି। ସେ ଏପରି



୧୪ଟି ଘଣ୍ଟା ରଖିଥିବା କୁହାଯାଉଛି। ପେରୁରେ ରାଷ୍ଟ୍ରପତିଙ୍କ ଏହି ଦୁର୍ନୀତିକୁ 'ରୋଲେକ୍ସ କେସ୍' କୁହାଯାଉଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ରାଷ୍ଟ୍ରପତିଙ୍କୁ ତୀବ୍ର ସମାଲୋଚନା କରୁଥିଲେ। ପଦରେ ରହିବା ଉପରେ ପ୍ରଶ୍ନ ଉଠାଉ ଥିଲେ। ପୁଲିସ ରାଷ୍ଟ୍ରପତିଙ୍କ ଘରେ ପହଞ୍ଚିବା ପରେ କେହି କବାଟ ଖୋଲି ନ ଥିଲେ। ତେଣୁ ପୁଲିସ ଏହାକୁ ଭାଙ୍ଗି ଘରେ ପ୍ରବେଶ କରିଥିଲା। ଏବେ ଡାଏନାଙ୍କ କିଛି ଫଟୋ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ ଅଲଗା ଅଲଗା ବ୍ରାଣ୍ଡର ଘଣ୍ଟା ପିନ୍ଧିଥିବା ଦେଖାଯାଉଛି। ତେବେ ରାଷ୍ଟ୍ରପତି କୌଣସି ଦୁର୍ନୀତି କରି ନ ଥିବା କହିଛନ୍ତି। ପାଖରେ ଯାହା ଅଛି ତାହାକୁ ସେ କଠିନ ପରିଶ୍ରମ ଦ୍ୱାରା ବନାଇଥିବା କହିଛନ୍ତି।

● ଆମେରିକା ପୋଲ ଦୁର୍ଘଟଣା ମାମଲା

## ୫ ଦିନ ହେଲା ଜାହାଜରେ ଫସିଛନ୍ତି ଭାରତୀୟ

ୱାଶିଂଟନ, ୩୧।୩ (ଏଜେନ୍ସି): ଆମେରିକା ମେରିଲାଣ୍ଡର ବାଲ୍‌ଟିମୋର ବନ୍ଦରରୁ ଆସୁଥିବାବେଳେ ଗତ ୨୫ ତାରିଖ ରାତିରେ ଏକ ଜାହାଜ 'ଫ୍ରାନ୍‌ସିସ୍ ସ୍କଟ୍ କି' ପୋଲ ସହ ଧକ୍କା ହୋଇଥିଲା। ଏହି ଜାହାଜରେ ୨୧ ଜଣ ଭାରତୀୟ କ୍ରୁ ସଦସ୍ୟ ଅଛନ୍ତି। ଦୁର୍ଘଟଣାର ୫ ଦିନ ପରେ ବି ଏମାନେ ଜାହାଜରେ ଫସି ରହିଛନ୍ତି। ଏହି ପୋଲର ଅବଶେଷ ହଟାଇବାକୁ କେତେ ଦିନ ଲାଗିବ ତାହା ଜଣା ନାହିଁ। ଏହା ସତ୍ତ୍ୱେ କ୍ରୁ ସଦସ୍ୟ ନିଜର ଦୈନନ୍ଦିନ କାର୍ଯ୍ୟ କରୁଛନ୍ତି। ଯାତ୍ରା ପାଇଁ ଜାହାଜକୁ ପ୍ରସ୍ତୁତ ରଖିବାକୁ ସେମାନେ ପ୍ରୟାସ କରୁଛନ୍ତି। ଏହା ସହିତ ଅଧିକାରୀଙ୍କ ଯାଞ୍ଚର ସମ୍ମୁଖୀନ ହେଉଛନ୍ତି। ୯୫ ହଜାର ଟନ୍ ଓଜନ ବିଶିଷ୍ଟ ୯୮୫ ଫୁଟ ଲମ୍ବର ଏହି ଜାହାଜରେ ୪,୭୦୦ କଣ୍ଟେନର ରହିଛି। ଅନ୍ୟପଟେ ଖୁବଶୀଘ୍ର ଭାରତୀୟ କ୍ରୁ ସଦସ୍ୟଙ୍କୁ ବଦଳା ଯାଇ ଅନ୍ୟମାନଙ୍କୁ ମୁତୟନ କରାଯିବ ବୋଲି ଜାହାଜ କମ୍ପାନୀ 'ସିନର୍ଜି ମରିନ'ର ପରାମର୍ଶଦାତା କ୍ରିସ୍ ଜେମ୍ସ କହିଛନ୍ତି।

**ଆଡଭାନୀଙ୍କୁ ଭାରତ ରତ୍ନ**

## ଘରେ ପହଞ୍ଚି ସମ୍ମାନିତ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୩୧।୩(ଏଜେନ୍ସି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବିଜେପିର ବୟୋଃବୃଦ୍ଧ ନେତା ଲାଲକୃଷ୍ଣ ଆଡଭାନୀଙ୍କ ଦିଲ୍ଲୀ ବାସଭବନରେ ପହଞ୍ଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉପରାଷ୍ଟ୍ରପତି ଜଗଦୀପ ଧନଖର ଓ ପୂର୍ବତନ ଉପରାଷ୍ଟ୍ରପତି ଏମ ଭେଙ୍କେୟା ନାଇଡୁଙ୍କ ଉପସ୍ଥିତିରେ ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରିଛନ୍ତି। ଗତକାଲି ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ରାଷ୍ଟ୍ରପତି ମୁର୍ମୁ ଦୁଇ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ ଓ ପିଭି ନରସିଂହ ରାଓ, ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁର ଓ କୃଷି ବିଜ୍ଞାନୀ ଏମଏସ ସ୍ୱାମୀନାଥନଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ସମ୍ମାନ ପ୍ରଦାନ କରିଥିଲେ। ଲାଲକୃଷ୍ଣ ଆଡଭାନୀଙ୍କୁ ମଧ୍ୟ ଭାରତ ରତ୍ନ ସମ୍ମାନ ମିଳିବା ନେଇ



ପୂର୍ବରୁ ଘୋଷଣା କରାଯାଇଥିଲା, କିନ୍ତୁ ସ୍ୱାସ୍ଥ୍ୟଗତ କାରଣରୁ ସେ ରାଷ୍ଟ୍ରପତି ଭବନ ଯାଇପାରିନଥିଲେ। ତେଣୁ ଆଜି ରାଷ୍ଟ୍ରପତି ମୁର୍ମୁ ତାଙ୍କ ବାସଭବନକୁ ଯାଇ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି।

## ମମତାଙ୍କ ଚ୍ୟାଲେଞ୍ଜ: ବିଜେପି ୨୦୦ ଆସନ ଜିତିକି ଦେଖାଉ

ଧୁବୁଲିଆ(ନଦିଆ)୩୧।୩(ଏଜେନ୍ସି): ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନଡିଏ) ୪୦୦ରୁ ଅଧିକ ଆସନ ଜିତିବ ବୋଲି ବିଜେପି ଯେଉଁ ଆସ୍ଫାଳନ କରୁଛି ତାହାକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉପହାସ କରିଛନ୍ତି। କ୍ରିଷ୍ଣନଗର ଲୋକସଭା ନିର୍ବାଚନମଣ୍ଡଳୀର ତୃଣମୂଳ କଂଗ୍ରେସ(ଟିଏମସି) ପ୍ରାର୍ଥୀ ମହୁଆ ମୋଇତ୍ରଙ୍କ ପାଇଁ ପ୍ରଚାରରେ ଆସି ଏଠାରେ ଆୟୋଜିତ ଏକ ସଭାରେ ମୁଖ୍ୟମନ୍ତ୍ରୀ ମମତା ଚ୍ୟାଲେଞ୍ଜ ଦେଇ କହିଛନ୍ତି, ଲୋକସଭା ନିର୍ବାଚନରେ ବିଜେପି ୨୦୦ ଆସନ ଜିତିକରି ଦେଖାଉ। ୨୦୨୧ରେ ପଶ୍ଚିମବଙ୍ଗ ବିଧାନସଭା ପାଇଁ ନିର୍ବାଚନ ବେଳେ ବିଜେପି କହିଥିଲା ୨୦୦ ଆସନ ଜିତିବ, କିନ୍ତୁ ୭୭ରେ ସୀମିତ ରହିଥିଲା। ବିଜେପିକୁ ଏକ ଜୁମଲା ପାର୍ଟି ଭାବେ ବର୍ଣ୍ଣନା କରି ମମତା କହିଛନ୍ତି, ସର୍ବଦା ମିଛ କହିବା ହେଉଛି ବିଜେପି ନେତାମାନଙ୍କ ଅଭ୍ୟାସ। ବିଜେପି ନାଗରିକତା ସଂଶୋଧନ ଆଇନ(ସିଏଏ) ସମ୍ପର୍କରେ ମିଛ କହିଚାଲିଛି। ସିଏଏ ହେଉଛି ଏକ ଜନ୍ତା ଯାହାର ପ୍ରୟୋଗରେ ଅସଲ ନାଗରିକଙ୍କୁ ବିଦେଶୀ ଘୋଷିତ କରାଯାଇପାରିବ। ସିଏଏ ଲାଗୁ ହେବା ପରେ ନାଗରିକଙ୍କ ଜାତୀୟ ରେଜିଷ୍ଟାର ବା ଏନଆରସି ଆସିଯିବ। ପଶ୍ଚିମବଙ୍ଗରେ ସିଏଏ, ଏନସିଆର କୌଣସିଟିକୁ ବି ଲାଗୁ ହେବାକୁ ଦେବୁ ନାହିଁ ବୋଲି ମମତା କହିଛନ୍ତି।

## ଅରୁଣାଚଳର ୩୦ ସ୍ଥାନର ନାମ ବଦଳାଇଲା ଚୀନ୍

ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି): ଚୀନ୍ ପୁଣି କୁଟୀଳ କୂଟନୀତି ଆରମ୍ଭ କରିଦେଇଛି। ଏହି ଦେଶ ଅରୁଣାଚଳ ପ୍ରଦେଶର ୩୦ ସ୍ଥାନର ନାମ ବଦଳାଇ ଦେଇଛି। 'ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ'ରେ ଏହି ସୂଚନା ଦିଆଯାଇଛି। ଚୀନ୍‌ର ନାଗରିକ ବ୍ୟାପାର ମନ୍ତ୍ରାଳୟ 'ଆଞ୍ଚଳିକ ମାନ୍ୟତା', ତିବ୍ବତୀୟ ଭାଷା, ପିନିନ ଏବଂ ଚୀନ୍‌ରେ ପ୍ରଚଳିତ ଧାରା ଅନୁସାରେ ନୂଆ ନାମ ରଖିଛି। ଏହି ୩୦ ସ୍ଥାନ ମଧ୍ୟରେ ୧୧ ଆବାସୀକ ଜିଲ୍ଲା, ୧୨ ପର୍ବତ, ୪ ନଦୀ, ଗୋଟିଏ ହ୍ରଦ, ପାର୍ବତ୍ୟାଞ୍ଚଳ ଦେଇ ଯାଇଥିବା ଗୋଟିଏ ସଡ଼କ ଏବଂ ଚାରଣ ଭୂମି ସାମିଲ ରହିଛି।

**କାମ୍ବୋଡ଼ିଆରେ ଭାରତୀୟ ସାଇବର ଠକେଇର ଶିକାର**

## ଫସି ରହିଛନ୍ତି ୫ ହଜାର ନାଗରିକ

ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି)

କାମ୍ବୋଡ଼ିଆରେ ଅନେକ ଭାରତୀୟ ସାଇବର ଠକେଇର ଶିକାର ହୋଇଛନ୍ତି। ଚାକିରି ପ୍ରତିଶ୍ରୁତି ଦେଇ ଏମାନଙ୍କୁ ଫସାଇ ଦିଆଯାଇଛି। ବେଆଇନ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୨୫୦ ଜଣଙ୍କୁ ସ୍ୱଦେଶ ଅଣାଯାଇଛି। ଗତ ତିନି ମାସ ମଧ୍ୟରେ ଏମାନଙ୍କ ମଧ୍ୟରୁ ୭୫ ଜଣଙ୍କୁ ରକ୍ଷା କରାଯାଇଥିଲା। ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଭାରତୀୟ ଚାକିରିର ଲୋଭ ଦେଖାଇ କମ୍ବୋଡିଆ ନିଆ ଯାଇଥିଲା। ପରେ ଏମାନଙ୍କୁ ସାଇବର ଠକେଇ ସମ୍ବନ୍ଧିତ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏବେ ଆହୁରି ପ୍ରାୟ ୫ ହଜାର ଭାରତୀୟ କାମ୍ବୋଡ଼ିଆରେ ଫସି ରହିଛନ୍ତି। ଏମାନଙ୍କୁ ଫେରାଇ ଆଣିବାକୁ ପ୍ରୟାସ କରାଯାଉଛି। ଏହି ଭାରତୀୟଙ୍କୁ ଜୋର ଜବରଦସ୍ତି କମ୍ବୋଡିଆରେ ରଖାଯାଇଛି। ଭାରତୀୟଙ୍କ ନାଗରିକଙ୍କୁ ସାଇବର ଠକେଇର ଶିକାର ବନାଇବାକୁ ବାଧ୍ୟ କରାଯାଉଥିଲା। ଗତ ୬ ମାସ ମଧ୍ୟରେ ଏମାନଙ୍କ ମାଧ୍ୟମରେ ଭାରତରେ ପ୍ରାୟ ୬୦୦ କୋଟି ଟଙ୍କାର ଠକେଇ କରାଯାଇଛି ବୋଲି ସରକାର ଆକଳନ କରିଛନ୍ତି।

**■ ସ୍ୱଦେଶ ଫେରିଲେ ୨୫୦ ଭାରତୀୟ**

**■ ଭାରତରେ କରିଥିଲେ ୫୦୦ କୋଟିର ଠକେଇ**

**■ ଠକେଇରେ ସାମିଲ ରହିଛି ଚୀନ୍‌ର ଏକ ଟିମ୍**

ଜୟସ୍ୱାଲ କହିଛନ୍ତି ଯେ କାମ୍ବୋଡ଼ିଆ ସ୍ଥିତ ଭାରତୀୟ ଦୂତାବାସ ଭାରତୀୟଙ୍କୁ ସହଯୋଗ କରୁଛି। କାମ୍ବୋଡ଼ିଆ ଅଧିକାରୀଙ୍କ ସହ ମିଶି ୨୫୦ ଭାରତୀୟଙ୍କୁ ଛଡ଼ାଇ ସ୍ୱଦେଶ ପଠାଇଛି। ଏଭଳି ଠକେଇ ସମ୍ବନ୍ଧିତ ଯୋଜନାରୁ ବର୍ତ୍ତିବା ଲାଗି ବୈଦେଶିକ ମନ୍ତ୍ରାଳୟ ଭାରତୀୟ ନାଗରିକଙ୍କ ପାଇଁ ଚେତାବନୀ ଜାରି କରିଛି। ଏହି ମାମଲା ପାଇଁ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କାମ୍ବୋଡ଼ିଆ ଅଧିକାରୀଙ୍କ ସହ ମିଶି ଭାରତୀୟ ସୁରକ୍ଷା ଏଜେନ୍ସି କାର୍ଯ୍ୟ କରୁଛି। ରିପୋର୍ଟ ଅନୁଯାୟୀ କାମ୍ବୋଡ଼ିଆରେ ସାଇବର ଠକେଇର ଶିକାର ହୋଇଥିବା ଭାରତୀୟ ନିଜକୁ ଇଡି ଏବଂ ଅନ୍ୟ ଟିକସ ଅଧିକାରୀର ପରିଚୟ ଦେଇ ଭାରତକୁ ଫୋନ୍ କରୁଥିଲେ। ସେମାନେ ପ୍ରଥମେ ଅନ୍ତର୍ଜାତୀୟ କୁରିୟର ଏଜେନ୍ସି ନାମରେ ଏକ ପାର୍ସଲ ପଠାଉ ଥିଲେ। ପରେ ଏଥିରୁ ସନ୍ଦେହଜନକ ସାମଗ୍ରୀ ମିଳିଥିବା କହୁଥିଲେ ଏବଂ ପୁଲିସ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ଲାଗି ଟଙ୍କା ମାଗୁଥିଲେ। କେହି ନ ଶୁଣିଲେ ପୁଲିସ ଅଧିକାରୀ ଭାବେ ଫୋନ୍ ଖରି ଧମକ ଦେଉଥିଲେ। ଟଙ୍କା ମିଳିଗଲା ପରେ ଫୋନ୍ ସ୍ୱିଚ୍-ଅଫ୍ କରି



ଦେଉଥିଲେ। ଏଭଳି ଭାବେ ଠକେଇ କରି ଭାରତୀୟଙ୍କୁ ସାଇବର ଗୁଲାମ କରାଉ ଥିଲେ।

ଉଦ୍ଧାର ହୋଇଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ ମାଙ୍ଗାଲୁରୁର ଜଣେ ଏଜେଣ୍ଟ ତାଙ୍କୁ କାମ୍ବୋଡ଼ିଆରେ 'ଡାଟା ଏଣ୍ଟ୍ରି' ଚାକିରିର ପ୍ରସ୍ତାବ ଦେଇଥିଲା। ପରେ ଅନ୍ୟ ଦୁଇ ଜଣଙ୍କ ସହ ତାଙ୍କୁ 'ପର୍ଯ୍ୟଟକ ଭିସା'ରେ କାମ୍ବୋଡ଼ିଆ ପଠା ଯାଇଥିଲା। ସେଠାରେ ପହଞ୍ଚିବା ପରେ ଏକ କାର୍ଯ୍ୟାଳୟକୁ ନେଇ 'ଟାଇପ୍ ସ୍ପିଡ୍' ପରୀକ୍ଷା ଏବଂ ସାକ୍ଷାତକାର ନିଆଯାଇଥିଲା। ଚାକିରିରେ ସାମିଲ ହେବା ପରେ ସହଜରେ ଠକେଇର ଶିକାର ହୋଇପାରିବା ଭଳି ଲୋକଙ୍କ ବିଷୟରେ ଫେସବୁକ୍‌ରୁ ସୂଚନା ସଂଗ୍ରହ କରାଯାଉଥିଲା। ଲୋକଙ୍କୁ ଫସାଇବା ପାଇଁ ଯୁବତୀଙ୍କ ନାମରେ ଆଇଡି ବନା ଯାଉଥିଲା। ଚୀନ୍‌ର ଏକ ଟିମ୍ ଏହି ସବୁ କାମ କରୁଥିଲା। ମାଲେସିଆର ଜଣେ ବ୍ୟକ୍ତି ତାଙ୍କ ନିର୍ଦ୍ଦେଶକୁ ଇଂରାଜୀରେ ଅନୁବାଦ କରୁଥିଲା।

# ବିଜେଡିରେ ବସନ୍ତ; ବିଜେପି-କଂଗ୍ରେସରେ ପତ୍ରଝଡ଼ା

## ବିଜେଡିର ବିପୁଳ ବିଜୟ ପାଇଁ ପୂର୍ଣ୍ଣପ୍ରାଣରେ କାର୍ଯ୍ୟ କରିବି: ଚିରଞ୍ଜୀବ

**ଭୁବନେଶ୍ୱର, ୩୧।୩(ସମିସ):** କଂଗ୍ରେସ ସହିତ ଦୀର୍ଘ ଦିନର ସମ୍ପର୍କ ତୁଟାଇବା ପରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଆଜି ଶଙ୍ଖ ଶିବିରରେ ସାମିଲ ହୋଇଛନ୍ତି। ଶ୍ରୀ ବିଶ୍ୱାଳ ବିରାଟ ପଟୁଆରରେ ଶତାଧିକ ସମର୍ଥକଙ୍କ ଗହଣରେ ଆସି ଶଙ୍ଖ ଭବନରେ ପହଞ୍ଚିବା ପରେ ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ସାଂସଦ ଡକ୍ଟର ସସ୍ମିତ ପାତ୍ର ତାଙ୍କୁ ଦଳରେ ସ୍ୱାଗତ ଜଣାଇଥିଲେ। ଶ୍ରୀ ମଙ୍ଗରାଜ କହିଥିଲେ ଯେ ଚିରଞ୍ଜୀବ ବିଶ୍ୱାଳ କେବଳ ଜଗତସିଂହପୁର ନୁହେଁ; ବରଂ ସମଗ୍ର ରାଜ୍ୟରେ ଜଣେ ପରିଚିତ ରାଜନେତା। ଜଣେ ଭଲ ସଂଗଠକ ଭାବେ ତାଙ୍କର ସୁନାମ ରହିଛି। ଏପରି ଜଣେ ନେତୃତ୍ୱଙ୍କୁ ବିଜେଡିରେ ସ୍ୱାଗତ କରିବା ସୌଭାଗ୍ୟର ବିଷୟ। ଶ୍ରୀ ବିଶ୍ୱାଳଙ୍କ ଯୋଗଦାନ ଫଳରେ ଜଗତସିଂହପୁର ସମେତ ସାରା ରାଜ୍ୟରେ ବିଜୁ ଜନତା ଦଳର ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ଶ୍ରୀ ମଙ୍ଗରାଜ ବିଶ୍ୱାସବ୍ୟକ୍ତ କରିଥିଲେ। ଏହି ମିଶ୍ରଣ ପର୍ବରେ ଜଗତସିଂହପୁର ଜିଲ୍ଲା କଂଗ୍ରେସର ସ୍ଥାନୀୟ ପୌର ଓ ପଞ୍ଚାୟତ ପ୍ରତିନିଧିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।




ଏହି ଅବସରରେ ଚିରଞ୍ଜୀବ ବିଶ୍ୱାଳ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, କୌଣସି ସ୍ୱାର୍ଥ ନେଇ ବିଜେଡିକୁ ଆସିନାହିଁ। ୨୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜନାଭିମୁଖୀ ଶାସନ, ବିକାଶମୂଳକ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶ ମୋତେ ଗଭୀର ଅନୁପ୍ରାଣିତ କରିଥିଲା। ଓଡ଼ିଶା ଭଳି ଏକ ପଛୁଆ ରାଜ୍ୟକୁ ଯେପରି ଭାବେ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିଛନ୍ତି, ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ। ମହିଳା, ଯୁବପିଢ଼ି, ଚାଷୀଙ୍କ ପାଇଁ ବହୁ କାମ କରିଛନ୍ତି ମୁଖ୍ୟମନ୍ତ୍ରୀ। ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଆଗାମୀ ନିର୍ବାଚନରେ ବିଜେଡିର ବିପୁଳ ବିଜୟ ପାଇଁ ଯେଉଁ ଲକ୍ଷ୍ୟ ରହିଛି ତାହା ପୂରଣ ପାଇଁ ମୁଁ ନିଷ୍ଠାପର ଭାବେ କାର୍ଯ୍ୟ କରିବି। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଶଙ୍ଖ ଭବନରେ ମିଶ୍ରଣ ପର୍ବ ପରେ ଶ୍ରୀ ବିଶ୍ୱାଳ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରିଥିଲେ।

## ଶଙ୍ଖ ଫୁଙ୍କିଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅବକାଶ ସାହୁ



**ଭୁବନେଶ୍ୱର, ୩୧।୩(ସମିସ):** ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ବୌଦ୍ଧ ନିର୍ବାଚନମଣ୍ଡଳୀର ୨୦୧୪ ସାଧାରଣ ନିର୍ବାଚନର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅବକାଶ ସାହୁଙ୍କ ସମେତ ଶତାଧିକ କଂଗ୍ରେସ ଓ ସିପିଆଇ କର୍ମୀ ଆଜି ଶଙ୍ଖଭବନ ଠାରେ ମନ୍ତ୍ରୀ ତଥା ବୌଦ୍ଧ ବିଧାୟକ ପ୍ରଦୀପ ଅମାତ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଏବଂ ଶତାଧିକ କଂଗ୍ରେସ ଓ ସିପିଆଇ କର୍ମୀଙ୍କୁ ଶ୍ରୀ ଅମାତ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି କଂଗ୍ରେସ କର୍ମୀ ଓ ସିପିଆଇ କର୍ମୀଙ୍କ ଯୋଗଦାନ ଫଳରେ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଉଭୟ ନେତୃବୃନ୍ଦ ପ୍ରକାଶ କରିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅବକାଶ ସାହୁ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଓଡ଼ିଶାର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ନୂଆ ଇତିହାସ ସୃଷ୍ଟି କରିଛି। ତାଙ୍କର ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ଏକ ସଶକ୍ତ ଓଡ଼ିଶା ଗଠନରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ ଓ ସିପିଆଇ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେ କହିଥିଲେ।

ଏହି ମିଶ୍ରଣ ପର୍ବରେ ଅଲ ଇଣ୍ଡିଆ ୟୁଥ୍ ଫେଡେରେସନର ବୌଦ୍ଧ ଜିଲ୍ଲା ସଭାପତି ସୁଧାଂଶୁ ପ୍ରଧାନ, ସମ୍ପାଦକ ପ୍ରଦୀପ ବେହେରା, ବୌଦ୍ଧ ଜିଲ୍ଲା ସିପିଆଇ ସମ୍ପାଦକ ଭୀମସେନ ଘିବିଲା, ବୌଦ୍ଧ ଜିଲ୍ଲା ସିପିଆଇ ଜୋନ ସମ୍ପାଦକ ସତ୍ୟନାରାୟଣ ସାହୁ, ବୌଦ୍ଧ ଜିଲ୍ଲା ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ମମତା ପଣ୍ଡାଙ୍କ ସହ ଶତାଧିକ କଂଗ୍ରେସ ଓ ସିପିଆଇ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶଙ୍ଖ ଧରିଲେ ପୂର୍ବତନ ବିଜେପି ବିଧାୟକ ବୃନ୍ଦାବନ ମାଝୀ

**ଭୁବନେଶ୍ୱର, ୩୧।୩(ସମିସ):** ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କୁଚିଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେପି ବିଧାୟକ ବୃନ୍ଦାବନ ମାଝୀଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନଠାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ପୂର୍ବତନ ବିଜେପି ବିଧାୟକ ବୃନ୍ଦାବନ ମାଝୀ ଏବଂ ଶତାଧିକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ନାୟକ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ସମ୍ବଲପୁର ବିଶେଷକରି କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ନାୟକ ଓ ଡକ୍ଟର ପାତ୍ର କହିଥିଲେ।



ନିଜ ପ୍ରତିକ୍ରିୟାରେ ଶ୍ରୀ ମାଝୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ମୁଖ୍ୟମନ୍ତ୍ରୀ ଦେଖିଥିବା ନୂଆ ଓଡ଼ିଶା ନିର୍ମାଣ ସ୍ୱପ୍ନକୁ ସାକାର କରିବା ଲାଗି ଆମେ ସମସ୍ତେ ପୂର୍ଣ୍ଣ ନିଷ୍ଠାର ସହ କାମ କରିବୁ। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ଲଇକେରା ନିର୍ବାଚନମଣ୍ଡଳୀର ପୂର୍ବତନ ଜନତା ଦଳ ସଭାପତି ଅଭିମନ୍ୟୁ ନାଏକ, ପୂର୍ବତନ ବ୍ଲକ ଉପସଭାପତି ପ୍ରମୋଦ କୁମାର ନାଏକ, ଗ୍ରାମପଞ୍ଚାୟତ ସଂଗଠକ ଦିବ୍ୟରାଜ ସାହୁ, ଜମନକିରା ବ୍ଲକର ଯୁବ ସଂଗଠକ ଅନାଦି ମିର୍ଦ୍ଧା ଓ ପ୍ରମୋଦ ମିର୍ଦ୍ଧାଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି ମୋର ଘର ବାହୁଡ଼ା ହୋଇଛି: ସୁକାନ୍ତ

**ଭୁବନେଶ୍ୱର,୩୧।୩(ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ସୁକାନ୍ତ ନାୟକ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କ ସହିତ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ ଆଜି ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଶ୍ରୀ ନାୟକ ଏବଂ ଅନ୍ୟମାନଙ୍କୁ ଦଳରେ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ବିଜେଡିର ଶକ୍ତି ବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ। ଏହି ମିଶ୍ରଣ ପର୍ବରେ ଜିଲ୍ଲା ବିଜେପିର ବହୁ ଛାମୁଆ ନେତାଙ୍କ ସମେତ ଶତାଧିକ ବିଜେପି କର୍ମୀ




ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଶ୍ରୀ ନାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଆଜି ବିଜେଡିରେ ମିଶିବା ପରେ ଏହା ମୋର ଘରବାହୁଡ଼ା ହେଲା। ବିଜୁ ବାବୁଙ୍କ ଆଦର୍ଶରେ ମୁଁ ପ୍ରଥମରୁ ଅନୁପ୍ରାଣିତ। କୌଣସି କାରଣରୁ ଅଭିମାନ କରି ୨୦୧୯ରେ ବିଜେଡି ଛାଡ଼ିଥିଲି; ହେଲେ ମୋ ହୃଦୟରେ ବିଜେଡି ସର୍ବଦା ରହିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଶଙ୍ଖ ଭବନରେ ମିଶ୍ରଣ ପର୍ବ ପରେ ଶ୍ରୀ ନାୟକ ଏବଂ ଅନ୍ୟମାନେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରି କୃତଜ୍ଞତା ଅର୍ପଣ କରିଥିଲେ।






## ବିଜେଡି ଶିବିରରେ ରାଜଗାଙ୍ଗପୁରର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୩୧।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ରାଜଗଙ୍ଗପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନରେ ମନ୍ତ୍ରୀ ସାରଦା ନାୟକ, ପୂର୍ବତନ ବିଧାୟକ ମଙ୍ଗଳା କିଶାନ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି।



ଏହି ଅବସରରେ ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟ କରିବା ସୌଭାଗ୍ୟର ବିଷୟ। ଓଡ଼ିଶାର ବିକାଶ ପାଇଁ ଦିନ ରାତି କାମ କରୁଥିବା ମୁଖ୍ୟମନ୍ତ୍ରୀଙ୍କ ନିଷ୍ଠାପର ଏବଂ ତ୍ୟାଗପୂତ ସେବା ମୋତେ ବିଜୁ ଜନତା ଦଳରେ ଯୋଗ ଦେବା ଲାଗି ବାଧ୍ୟ କରିଥିଲା। ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ରାଜଗଙ୍ଗପୁର ବିକାଶ ପରିଷଦର ସଭାପତି ସୁନୀଲ ଅଗ୍ରୱାଲ, ବିଧାୟକଙ୍କ ପ୍ରତିନିଧି ରତନ କୁମାର ସାହୁଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।









ସକାଳ
THE SAKALA

## ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ମହୋତ୍ସବ- ସାଧାରଣ ନିର୍ବାଚନ ୨୦୨୪

# ମୁକ୍ତ ଓ ଅବାଧ ନିର୍ବାଚନ ଆମ ସମସ୍ତଙ୍କ ଦାୟିତ୍ୱ

ମୁକ୍ତ ଓ ଅବାଧ ଜନମତ ସଂଗ୍ରହ ଭିତ୍ତିରେ ସ୍ୱଚ୍ଛ ନିର୍ବାଚନ ମାଧ୍ୟମରେ ହିଁ ଗଣତାନ୍ତ୍ରିକ ଶାସନର ସାମ୍ବିଧାନିକ ମୂଳଦୁଆ ପଡ଼ିଥାଏ। କିନ୍ତୁ ଏହାର ମାନେ ନୁହେଁ ଯେ କେବଳ ନିର୍ବାଚନ ହିଁ ଗଣତନ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ ବା ଶେଷ ପାହାଚ। ଏହା କେବଳ ସୁସ୍ଥ ଓ ସ୍ୱଚ୍ଛ ଜନମତ ଭିତ୍ତିରେ ଲୋକାଭିମୁଖୀ ଗଣତନ୍ତ୍ର ଶାସନର ପ୍ରଥମ ପାହାଚ ମାତ୍ର। ଅବଶ୍ୟ ଏହା ବହୁତ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ଗଣତାନ୍ତ୍ରିକ ଶାସନ ପ୍ରକ୍ରିୟାର ଗଙ୍ଗୋତ୍ରୀ। ତେଣୁ ନିର୍ବାଚନ ମୁକ୍ତ ଓ ସୁସ୍ଥ ବାତାବରଣରେ ହେବା ଯେତିକି ଆବଶ୍ୟକ, ସେତିକି କିମ୍ବା ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା ସୁସ୍ଥ ଜନାଦେଶ ଭିତ୍ତିରେ ଗଠିତ ସରକାର ରାଷ୍ଟ୍ର ବିକାଶ ତଥା ଜନସମୂହର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଶାସନ ପରିଚାଳନା କରିବା। ଯଦି ଗଙ୍ଗୋତ୍ରୀ ଆବିଳତାପୂର୍ଣ୍ଣ ହୁଏ ତେବେ ଗଙ୍ଗାର ସ୍ୱଚ୍ଛ ପ୍ରବାହ ଆସିବ କେଉଁଠୁ? ଏହି ଅନାବିଳ ନିର୍ବାଚନ ପ୍ରକରଣର ଏକ ମୂଳମନ୍ତ୍ର ହେଲା ରାଜନୈତିକ ଦଳମାନଙ୍କ ଦ୍ୱାରା ନିଆଯାଇଥିବା ସର୍ବସମ୍ମତିକ୍ରମେ ଆଦର୍ଶ ଆଚରଣ ବିଧିର ନିଷ୍ପତ୍ତି। ତେଣୁ ଦୀର୍ଘ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଭାରତୀୟ ନିର୍ବାଚନ ଆୟୋଗ ଯେଉଁ ଆଦର୍ଶ ଆଚରଣ ବିଧି ଘୋଷଣା କରିଆସୁଛନ୍ତି ତାହା ଆମ ସ୍ୱଚ୍ଛ ଗଣତାନ୍ତ୍ରିକ ପ୍ରକ୍ରିୟାର ଦର୍ପଣ ସଦୃଶ। କିନ୍ତୁ ବିଡ଼ମ୍ବନାର କଥା ଯେ ଆଦର୍ଶ ଆଚରଣ ବିଧିର ପାଳନରେ ବେଶୀ ଉଲ୍ଲଙ୍ଘନ ଦେଖାଯାଉଛି ଏବଂ କମ୍ ପରିପାଳନ ଦୃଷ୍ଟିକୁ ଆସୁଛି।

ଗତ ମାର୍ଚ୍ଚ ୧୬ ତାରିଖଠାରୁ ଦେଶରେ ନିର୍ବାଚନ ଋତୁ ବିଧିବଦ୍ଧ ଘୋଷଣା ହୋଇସାରିଛି। ଜୁନ୍ ୪ ତାରିଖରେ ଫଳାଫଳ ଘୋଷଣା ହେବା ସହିତ ଦେଶରେ ଓ ଚାରି ରାଜ୍ୟରେ ନୂଆ ଗଣତାନ୍ତ୍ରିକ ସରକାର ଗଠନ ହେବ। ଭାରତ ପରି ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ନିର୍ବାଚନ ଋତୁ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ନିର୍ବାଚନରେ ଅର୍ଥବଳ, ବାହୁବଳ, ସରକାରୀ କଳର ଅପପ୍ରୟୋଗ ଆଦି ଗଣତାନ୍ତ୍ରିକ ନିର୍ବାଚନର ସ୍ୱଚ୍ଛତା, ନିରପେକ୍ଷତା ଓ ପବିତ୍ରତାକୁ କ୍ଷୁଣ୍ଣ କରୁଥିବା ଅଭିଯୋଗ ଆଧାରରେ ସାଧାରଣ ନିର୍ବାଚନ ପରିଚାଳନା ଏକ ଆହ୍ୱାନପୂର୍ଣ୍ଣ ଓ ସମସ୍ୟା ବହୁଳ ପ୍ରକ୍ରିୟା ହୋଇଯାଇଛି। ତଥାପି ଏହି ଆହ୍ୱାନର ମୁକାବିଲା ପାଇଁ ନିରନ୍ତର ପ୍ରୟାସ ଚାଲିଛି ଏବଂ ସଫଳତା ମଧ୍ୟ ମିଳିଛି।

ଗତ ମାର୍ଚ୍ଚ ୧୬ ତାରିଖରେ ସାଧାରଣ ନିର୍ବାଚନ ସମେତ ଚାରି ରାଜ୍ୟର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ସର୍ବସାଧାରଣ ସ୍ଥାନମାନଙ୍କରୁ ରାଜନୈତିକ ଦଳମାନଙ୍କର ନିର୍ବାଚନୀ ଚିହ୍ନ, ସ୍ଲୋଗାନ୍, ଫଟୋ, ପୋଷ୍ଟର ଆଦି ତୁରନ୍ତ ହଟାଇବାକୁ ନିର୍ବାଚନ ଆୟୋଗ କେନ୍ଦ୍ର ସରକାର ଓ ସମସ୍ତ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମା ପାଳନ କରାଯାଇଛି କି ନାହିଁ ତାହା ୨୧ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ନିଶ୍ଚିତ କରିବାକୁ ଗତ ୨୦ ତାରିଖରେ ପୁନଃ ନିର୍ଦ୍ଦେଶନାମା ଜାରି କରିବାକୁ ପଡ଼ିଲା। କାରଣ ସମ୍ପୃକ୍ତ ସରକାରମାନେ ଏହାର ଅନୁପାଳନ ସମ୍ପୂର୍ଣ୍ଣ କରିପାରି ନଥିଲେ। ତା'ପୂର୍ବରୁ ମାର୍ଚ୍ଚ ୧୮ ତାରିଖ ଦିନ ଗୁଜରାଟ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶର ଗୃହ ସଚିବ ଏବଂ ପଶ୍ଚିମ ବଙ୍ଗ ପୁଲିସ ମହାନିର୍ଦ୍ଦେଶକଙ୍କୁ ତତ୍କାଳ ବଦଳି କରିବା ପାଇଁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଥିଲେ। ମାର୍ଚ୍ଚ ୨୧ ତାରିଖ ସୁଦ୍ଧା ଉପରୋକ୍ତ ରାଜ୍ୟର ଅନେକ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନଙ୍କୁ ମଧ୍ୟ ବଦଳି କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଲା ସେହି ରାଜ୍ୟଗୁଡ଼ିକରେ ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ଯେପରି ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ ନ କରି ପାରନ୍ତି।

ନିର୍ବାଚନ ଆଦର୍ଶ ଆଚରଣ ବିଧି ଅଧୀନରେ ରାଜନୈତିକ ଦଳ ଓ ନିର୍ବାଚନରେ ଭାଗ ନେଉଥିବା ରାଜନେତାଙ୍କ ପାଇଁ ଅନେକ କଟକଣା ଜାରି କରାଯାଇଥାଏ। ନିର୍ବାଚନ ପ୍ରଚାର ବେଳେ ସେମାନଙ୍କ ଭାଷଣରେ ଯେପରି ଘୃଣା ଓ ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ, ଜାତିଗତ ଓ ସାମ୍ପ୍ରଦାୟିକତା ବିଦ୍ୱେଷ, ବ୍ୟକ୍ତିଗତ ଚରିତ୍ରର କୁତ୍ସାରଟନା ଆଦି ସ୍ଥାନ ନ ପାଏ ତା' ଉପରେ ସତର୍କ ଦୃଷ୍ଟି ରଖିବାକୁ କଟକଣା ଥାଏ। କାରଣ ନିର୍ବାଚନ ଋତୁରେ ପରସ୍ପର ଦୋଷାରୋପ, କଟୁ ବାକ୍ୟ ପ୍ରୟୋଗ, ଚରିତ୍ର ହନନ ତଥା ଖୋଲାଖୋଲି କାଦୁଅ ଫିଙ୍ଗାଫିଙ୍ଗିର ଅରାଜକତା ଦେଖାଦିଏ। ସେଇଥିପାଇଁ ତ ଆଦର୍ଶ ଆଚରଣ ବିଧିର ସୃଷ୍ଟି ଓ ନିର୍ବାଚନ ଆୟୋଗଙ୍କୁ ନିର୍ବାଚନୀ ମ୍ୟାଚ୍ ପରିଚାଳନାର ନିରପେକ୍ଷ ଅମ୍ପାୟାର(ରେଫରି) ଭାବେ ନିଯୁକ୍ତ କରାଯାଇଛି। ନିକଟରେ ନିର୍ବାଚନୀ ଇସ୍ତାହାରରେ ମାଗଣା ଯୋଜନା ବା ଭୋଟ ପାଇଁ ପ୍ରଲୋଭିତ କରିବା ଭଳି ଘୋଷଣା ଯେପରି ସ୍ଥାନ ନ ପାଏ ସେଥିପ୍ରତି ଦୃଷ୍ଟି ଦେବାକୁ ରାଜନୈତିକ ଦଳମାନଙ୍କୁ ସତର୍କ କରିଦିଆଯାଇଛି। ବିଶେଷକରି ଏଭଳି ଉଚ୍ଚାଭିଳାଷୀ ପ୍ରକଳ୍ପଗୁଡ଼ିକ ପାଇଁ ଆର୍ଥିକ ଆୟୋଜନ କିପରି ହେବ ତାହା ମଧ୍ୟ ସ୍ପଷ୍ଟ କରାଯିବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଅର୍ଥ ହେଲା ନିର୍ବାଚନୀ 'ମାନିଫେଷ୍ଟୋ' (ସଂକଳ୍ପପତ୍ର)ରେ 'ହାତୀ ଦେବି, ଛତି ଦେବି' ବୋଲି କହି ଭୋଟରଙ୍କୁ ଭୁଆଁ ବୁଲାଇବାର ପ୍ରକ୍ରିୟା ଯେପରି ସଫଳ ନ ହୁଏ। ସେହିପରି ନିର୍ବାଚନ ତାରିଖ ଘୋଷଣା ହେବା ପରେ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ରାଜନୈତିକ ପ୍ରଚାର କାର୍ଯ୍ୟକୁ ସରକାରୀ କାର୍ଯ୍ୟ ପ୍ରକ୍ରିୟା ସହିତ ଯୋଡ଼ି ପାରିବେ ନାହିଁ କି କୌଣସି ଅନୁଦାନ କିମ୍ବା ଯୋଜନାର ଘୋଷଣା, ନିଯୁକ୍ତି, ଭିତ୍ତିପ୍ରସ୍ତର ସ୍ଥାପନ, ସରକାରୀ ସମ୍ପତ୍ତିକୁ ବ୍ୟକ୍ତିଗତ ବ୍ୟବହାର ଆଦି ମଧ୍ୟ କରିପାରିବେ ନାହିଁ। ମନ୍ତ୍ରୀ ଓ ସରକାରରେ ଥିବା ନେତାମାନେ ଯେପରି ଏହାର ଅନୁପାଳନ ଠିକ୍ ଭାବେ କରନ୍ତି ତାହା ନିଶ୍ଚିତ କରିବାକୁ କେନ୍ଦ୍ର କ୍ୟାବିନେଟ୍ ସଚିବ ଓ ରାଜ୍ୟ ମୁଖ୍ୟ ଶାସନ ସଚିବମାନଙ୍କୁ ନିର୍ବାଚନ ଆୟୋଗ ତାଗିଦ କରିଛନ୍ତି ଏବଂ ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟବେକ୍ଷକମାନଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। ଏଥିସହିତ ସରକାରୀ ୱେବ୍‌ସାଇଟ୍‌ରୁ ମନ୍ତ୍ରୀ ବା ନେତାଙ୍କର ନାମ ଓ ଫଟୋକୁ ହଟାଇବାକୁ ମଧ୍ୟ ଆଦେଶ ଦିଆଯାଇଛି। ଏହି ସବୁ କଟକଣାର ଯେପରି କଠୋର ଅନୁପାଳନ ହେବ ସେ ଦିଗରେ ନିର୍ବାଚନ ଆୟୋଗ 'ଶୂନ୍ୟ ସହନଶୀଳତା' ନୀତି ଅବଲମ୍ବନ କରୁଛନ୍ତି। ଉଦାହରଣସ୍ୱରୂପ କର୍ଣ୍ଣାଟକର ଜଣେ ମନ୍ତ୍ରୀଙ୍କ ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେନ୍ଦ୍ର ସରକାରଙ୍କ 'ବିକଶିତ ଭାରତ ଅଭିଯାନ' ଅଧୀନରେ ଜନସାଧାରଣଙ୍କୁ କୌଣସି ହ୍ୱାଟ୍ସଆପ୍ ବାର୍ତ୍ତା ପ୍ରେରଣ ପ୍ରକ୍ରିୟାକୁ ତତ୍କାଳ ରଦ୍ଦ କରାଯାଇଛି। ମହିଳା ପ୍ରାର୍ଥୀଙ୍କ ବିରୋଧରେ ଆପତ୍ତିଜନକ ଶବ୍ଦ ପ୍ରୟୋଗ କରିବା ଅଭିଯୋଗରେ ଦୁଇ ତୁଙ୍ଗ ରାଜନୈତିକ ଦଳର ବରିଷ୍ଠ କର୍ମକର୍ତ୍ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ନିର୍ବାଚନ ଆଦର୍ଶ ଆଚରଣ ବିଧି ଅନୁପାଳନରେ ଜନସାଧାରଣଙ୍କ ସହଯୋଗିତା ଓ ସହଭାଗିତାକୁ ମଧ୍ୟ ନିର୍ବାଚନ ଆୟୋଗ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ 'ସି-ଭିଜିଲ୍' ନାମରେ ଏକ ମୋବାଇଲ୍ ଆପ୍ କାର୍ଯ୍ୟକାରୀ କରାଯାଇଛି। ଏହି ଆପ୍ ଉପଯୋଗରେ ନାଗରିକମାନେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ, ଭୋଟ ପାଇଁ ନୋଟ୍ କିମ୍ବା ମଦ କିମ୍ବା ମାଗଣା ସାମଗ୍ରୀ ବଣ୍ଟନ ସମ୍ପର୍କିତ କାର୍ଯ୍ୟକଳାପ, ଫଟୋ, ବାର୍ତ୍ତାଳାପ ଓ ଭିଡିଓ ଚିତ୍ର ଆଦି ଅପଲୋଡ୍ କରି ନିର୍ବାଚନ ଆୟୋଗଙ୍କ ନିକଟକୁ ପଠାଇ ଅଭିଯୋଗ କରିପାରିବେ। ଅଭିଯୋଗକାରୀଙ୍କ ନାମ ଓ ଠିକଣା ଗୋପନ ରଖାଯିବ। ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ମାତ୍ର ୧୦ ଦିନ ମଧ୍ୟରେ ଏହି ଆପ୍‌ରେ ୫୩, ୦୦୦ ଅଭିଯୋଗ ଦାଖଲ ହୋଇଥିବା ଓ ସେଥିମଧ୍ୟରୁ ୧୦୦ ମିନିଟ୍ ମଧ୍ୟରେ ଅଧିକାଂଶ ଅଭିଯୋଗ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

ଏହାସତ୍ତ୍ୱେ ନିର୍ବାଚନ ଆଦର୍ଶ ଆଚରଣ ବିଧିର ସଠିକ୍ ଅନୁପାଳନରେ କେତେକ ସମସ୍ୟା ଓ ଆହ୍ୱାନ ରହିଛି। ପ୍ରଥମତଃ ଭାରତ ପରି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରାୟ ୨୮ ୦୦ ରାଜନୈତିକ ଦଳ ନିର୍ବାଚନ ଲଢ଼ିବା ପାଇଁ ପଞ୍ଜୀକୃତ। ତେଣୁ ସମସ୍ତଙ୍କ ଉପରେ ସତର୍କ ଦୃଷ୍ଟି ରଖିବା ନିର୍ବାଚନ ଆୟୋଗଙ୍କ ସୀମିତ ସମ୍ବଳରେ କାଠିକର ପାଠ। ଏହାଛଡ଼ା ନିର୍ବାଚନ ଆୟୋଗ ପାଇଁ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଅନୁପାଳନ ତଦାରଖ ସହଜ ହେଲେ ମଧ୍ୟ ସାମାଜିକ ଗଣମାଧ୍ୟମକୁ ନିୟନ୍ତ୍ରଣ କରିବା ବର୍ତ୍ତମାନ ସମୟରେ ସହଜ ନୁହେଁ। ବିଶ୍ୱ ସାରା ପ୍ରସାରିତ ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ୍ ମିଡିଆ ବିଭିନ୍ନ ଦେଶରେ ସେଠାକାର ନିର୍ବାଚନ ପ୍ରକରଣକୁ ଦୂଷିତ କରୁଥିବାର ଅଭିଯୋଗ ବାରମ୍ବାର ସାମ୍ନାକୁ ଆସେ। ଆମ ନିର୍ବାଚନ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ପ୍ରକ୍ରିୟା ହୋଇଥିବାରୁ ଏହାକୁ ମୁକ୍ତ ଓ ଅବାଧ ରଖିବା ପାଇଁ କେବଳ ନିର୍ବାଚନ ଆୟୋଗଙ୍କ ଉଦ୍ୟମ ଯଥେଷ୍ଟ ନୁହେଁ। ଦେଶର ସାଧାରଣ ଭୋଟର ଓ ନାଗରିକମାନେ ଏଥିପ୍ରତି ସଜାଗ ରହିବା ଉଚିତ ବୋଲି ଆମେ ଜାଣିଛେ, କିନ୍ତୁ ଦଳଗତ ରାଜନୀତିର ଅନୈତିକ ଚାପ ଫଳରେ ନିର୍ବାଚନ ପ୍ରଭାବିତ ହେଉଛି। ଉଦ୍ଦେଶ୍ୟ ହେଲା ଏହାକୁ ଯଥାସମ୍ଭବ ସର୍ବନିମ୍ନ ସ୍ତରରେ ରଖିବା।

**ଘୋଷଣା**

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ସମୃଦ୍ଧ ଓଡ଼ିଶା ପାଇଁ ଶତାବ୍ଦୀର ସଙ୍କଳ୍ପ



ପ୍ରହଲ୍ଲାଦ କୁମାର ସିଂହ
ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

'ଯେଉଁ ଉତ୍କଳ ଜନନୀ ମୋତେ ଜନ୍ମ ଦେଇଛନ୍ତି ତାଙ୍କ ସକାଶେ ଏହି ସଭାରେ ମୁଁ ପ୍ରତିଜ୍ଞା କରୁଛି ଯେ ପ୍ରତିଦିନ ପାଞ୍ଚ ମିନିଟ୍ ସମୟ ଦେଶର କଥା ଭାବିବି ଏବଂ ସମ୍ମିଳନୀ ସକାଶେ, ଉତ୍କଳ ନିମନ୍ତେ ଏବଂ ଭାରତ ନିମନ୍ତେ ଅନ୍ତତଃ ପାଞ୍ଚ ମିନିଟ୍ ସମୟ ବ୍ୟୟ କରିବି।' ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ନିଜେ କୁଳବୃଦ୍ଧ ମଧୁସୂଦନ ଦାସ ଉପସ୍ଥିତ ସମସ୍ତଙ୍କୁ ଏହି ଶପଥପାଠ କରାଇଥିଲେ। ଖଣ୍ଡବିଖଣ୍ଡିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରି ସ୍ୱତନ୍ତ୍ର ପ୍ରଦେଶ ଗଠନ ଲାଗି ଯେଉଁମାନେ ୧୯୦୩ ମସିହାର ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଏହି ବଜ୍ରଶପଥ ନେଇଥିଲେ ସେମାନଙ୍କ ନିରନ୍ତର ଉଦ୍ୟମର ଫଳସ୍ୱରୂପ ୧୯୩୬ ଏପ୍ରିଲ ପହିଲାରେ ଗଠିତ ହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନକୁ ଶହେ ବର୍ଷ ପୂରିବାକୁ ଯାଉଥିବା ବେଳେ ସେତେବେଳକୁ ଆମ ରାଜ୍ୟ କେତେ ସମୃଦ୍ଧ ହୋଇଥିବ ସେ ସଂକ୍ରାନ୍ତରେ ଯଦି ଓଡ଼ିଆମାନେ ଏବେଠାରୁ ସ୍ୱପ୍ନ ନ ଦେଖିବେ, ଚିନ୍ତା ନ କରିବେ ଏବଂ କେଉଁ କ୍ଷେତ୍ରରେ ଆମେ କେତେ ଆଗେଇଛୁ ଓ କେତେ ପଛେଇଛୁ ତାହାର ସମୀକ୍ଷା କରି ପ୍ରଗତିର ପ୍ରଶସ୍ତ ରାଜପଥ ନ ଖୋଜିବେ ତେବେ ସୁନାର ଓଡ଼ିଶା କେବଳ ସ୍ୱପ୍ନ ହୋଇ ରହିଯିବ। ୧୯୩୬ରେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା କୋରାପୁଟ, ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର ଓ ସମ୍ବଲପୁର ଭଳି ଛଅଟି ଅବିଭକ୍ତ ଜିଲ୍ଲାକୁ ନେଇ। ସ୍ୱାଧୀନତା ପରେ ଗଡ଼ଜାତ ମିଶ୍ରଣ ହେବାରୁ ଓଡ଼ିଶାର ଜିଲ୍ଲା ସଂଖ୍ୟା ପ୍ରଥମେ ୧୨ ଓ ପରେ ୧୩କୁ ବୃଦ୍ଧି ପାଇଲା। ୧୯୯୦ ଦଶକରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଆମ ରାଜ୍ୟର ଜିଲ୍ଲା ସଂଖ୍ୟା ବଢ଼ି ୩୦ ହେଲା।

ଭାଷାଭିତ୍ତିରେ ପ୍ରଦେଶ ଗଠନ ପାଇଁ ଓଡ଼ିଶାରୁ ଯେଉଁ ଦାବି ଉଠୁଥିଲା ସେଥିରେ ସାମିଲ ହୋଇଥିଲେ ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ। ୧୯୨୦ ଫେବୃୟାରୀ ୧୮ର 'ୟଙ୍ଗ୍ ଇଣ୍ଡିଆ'ରେ 'ଏ କ୍ରାଏ ଫ୍ରମ ଉତ୍କଳ' ଶୀର୍ଷକରେ ଗାନ୍ଧିଜୀଙ୍କର ଏକ ଆଲେଖ୍ୟ ପ୍ରକାଶ ପାଇଥିଲା। ଅନ୍ୟତମ ଜାତିପ୍ରାଣ ନେତା ବାବୁ ବ୍ରଜସୁନ୍ଦର ଦାସ ତାଙ୍କ ପାଖକୁ ପଠାଇଥିବା ଏକ ପରିପତ୍ରର ସାରାଂଶ ପ୍ରକାଶ କରିବା ସହିତ 'ୟଙ୍ଗ୍ ଇଣ୍ଡିଆ'ରେ ଗାନ୍ଧିଜୀ ଭାଷାସୂତ୍ରରେ ପ୍ରଦେଶ ପୁନର୍ଗଠନ ଦାବିକୁ ସମର୍ଥନ ଜଣାଇ ଲେଖିଥିଲେ, 'ଯଦି ଏହି ଗୌରବୋଜ୍ଜ୍ୱଳ ଜାତି କୌଣସି ଉଚିତ୍ କାରଣ ନଥାଇ ଚାରିଭାଗରେ ବିଖଣ୍ଡିତ ହୋଇ ରହିବ, ତେବେ ତାହା କଦାପି ନିଜର ସ୍ୱାଭାବିକ ପ୍ରଗତି କରିପାରିବ ନାହିଁ। ଲୋକେ ଓଡ଼ିଆ ଆନ୍ଦୋଳନକୁ ସହାନୁଭୂତିପୂର୍ଣ୍ଣ ଭାବରେ ବୁଝିବେ ଓ ଦେଖିବେ ବୋଲି ମୋର ବିଶ୍ୱାସ।' ଏଠାରେ ଉଲ୍ଲେଖନୀୟ ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରାୟ ୧୫ବର୍ଷ ପୂର୍ବରୁ ଓଡ଼ିଶାକୁ ଜାତୀୟସ୍ତରରେ ସ୍ୱୀକୃତି ଦେଇ ଗାନ୍ଧିଜୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ଗଠନ କରିଥିଲେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି। ବିହାର, ମାନ୍ଦ୍ରାଜ, ବଙ୍ଗଳା ଓ ମଧ୍ୟପ୍ରଦେଶ ଅଧୀନରେ ଓଡ଼ିଆମାନଙ୍କୁ ଖଣ୍ଡବିଖଣ୍ଡିତ କରି ରଖାଯାଇଥିବା ଘେନି ଚିନ୍ତାବ୍ୟକ୍ତ କରିବା ସହ ସେତେବେଳେ ଗାନ୍ଧିଜୀ କହିଥିଲେ, 'ଭାରତର କୌଣସି ଅଂଶର ପ୍ରଗତି ବାଧାପ୍ରାପ୍ତ ହେଲେ ସମଗ୍ର ଦେଶର ପ୍ରଗତି ହୋଇପାରିବ ନାହିଁ...।' 'ନୂତନ ଭାରତ ରାଷ୍ଟ୍ର ଓଡ଼ିଶା ଭଳି ଗୋଟିଏ ପ୍ରାଚୀନ ଜାତିର ଭଗ୍ନାବଶେଷ ଉପରେ ଗଢ଼ାଯାଇ ନପାରେ' ବୋଲି ମହାତ୍ମାଙ୍କର ସେ ଶହେବର୍ଷ ତଳର ଚେତାବନୀ ଏବେ ଅଧିକ ପ୍ରାସଙ୍ଗିକ ମନେହୁଏ। ଏ ପରିପ୍ରେକ୍ଷୀରେ ୧୯୨୦ର ନାଗପୁର କଂଗ୍ରେସ ଅଧିବେଶନ ପରେ ପରେ ଚକ୍ରଧରପୁରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଅଧିବେଶନରେ ନିଷ୍ପତ୍ତି ନିଆଯାଇଥିଲା ଜାତୀୟ ମହାସ୍ରୋତରେ ସାମିଲ ହେବା ପାଇଁ। ପାରଳା ଗଜପତି କୃଷ୍ଣଚନ୍ଦ୍ର ଗଜପତି, ଖଲ୍ଲିକୋଟ ମହାରାଜା ହରିହର ମର୍ଦ୍ଦରାଜ ଦେବ, ବାମଣ୍ଡା ରାଜା ସୁଢ଼ଳ ଦେବ, ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀରମୋହନ, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ପଲ୍ଲୀକବି ନନ୍ଦକିଶୋର ବଳ, ଭାଷାକୋଷର ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜ, ବିଶିଷ୍ଟ ଓକିଲ ଗୋକୁଳାନନ୍ଦ ଚୌଧୁରୀ, ଉତ୍କଳମଣି ଗୋପବନ୍ଧୁ ଦାସ, ଶ୍ରୀପତି ମିଶ୍ର, ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ଅଗ୍ରଣୀ ଓଡ଼ିଆପ୍ରେମୀଙ୍କ ନିରବଚ୍ଛିନ୍ନ ସାଧନାର ଫଳସ୍ୱରୂପ ୧୯୩୬ ମସିହା ଏପ୍ରିଲ୍ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଜନ୍ମ ନେଲା। ଏଥିପାଇଁ ମଧୁବାବୁଙ୍କ ସମେତ ଏହି ସଂଗ୍ରାମର ସମସ୍ତ ଯୋଦ୍ଧାଙ୍କ ନିକଟରେ ଓଡ଼ିଆ ଜାତି ଅନନ୍ତକାଳ ପାଇଁ କୃତଜ୍ଞ ହୋଇ ରହିବ।

ଏକଦା କଳା, ସ୍ଥାପତ୍ୟ, ବାଣିଜ୍ୟ ବ୍ୟବସାୟ, ବୀରତ୍ୱ, କୃଷି ଆଦି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଏ ଜାତିର ଦ୍ରୁତ ପତନ ଘଟିଲା ଇଂରେଜ ରାଜତ୍ୱ କାଳରେ। ତେବେ ଏହା ବିରୁଦ୍ଧରେ ଓଡ଼ିଆମାନଙ୍କ ପ୍ରତିବାଦର ସ୍ୱର ସ୍ୱାଧୀନତା ଆନ୍ଦୋଳନର ବହୁପୂର୍ବରୁ ଉଠିଥିଲା। ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, କୃତିବାସ ପାଟଶାଣୀ, ପିଣ୍ଡିକି ବାହୁବଳେନ୍ଦ୍ର, ତାମା ଡୋରା, କଷ୍ଟି ଡାକୁଆ, ଦୋରା ବିଷୋୟୀ, ଚକରା ବିଷୋୟୀ, ନିର୍ମଳ ମୁଣ୍ଡାଙ୍କଠାରୁ ଲକ୍ଷ୍ମଣ ନାଏକଙ୍କ ପର୍ଯ୍ୟନ୍ତ ବହୁ ସଂଗ୍ରାମୀ ଇଂରେଜଙ୍କ ବିରୁଦ୍ଧରେ ଲଢ଼ି ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିଗଲେ। ବୀର ସୁରେନ୍ଦ୍ର ସାଏ, ଉଦନ୍ତ ସାଏ, ଘେଁସ ଜମିଦାର ପରିବାର ଆଦିଙ୍କ ବଳିଦାନ ଏବେ ବି ରୋମାଞ୍ଚ ସୃଷ୍ଟି କରେ। ପାରଳା, ଘୁମୁସର, କେନ୍ଦୁଝରର ପ୍ରଜାମେଳି ଠାରୁ ଆରମ୍ଭ କରି ପାଇକ ବିଦ୍ରୋହ, ସିପାହୀ ବିଦ୍ରୋହ ଆଦି ସମୟରେ ଓଡ଼ିଶାର ବୀରମାନେ ଅବିସ୍ମରଣୀୟ ସ୍ମାରକୀ ଛାଡ଼ି ଯାଇଛନ୍ତି। ପ୍ରଜାମଣ୍ଡଳ ଆନ୍ଦୋଳନରେ ବାଜୁ ସେଠୀ, ବିସୁନି ମଡୁଆଳ, ରଘୁନାଥ ମହାନ୍ତି, ଦିବାକର ପରିଡ଼ା, ମୂଷା ମଲ୍ଲିକ, ବାଜି ରାଉତ ଆଦିଙ୍କ ବଳିଦାନ ଜାତି ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି।

ରକ୍ତତୀର୍ଥ ଇରମ, ଆମ୍‌କୋ ସିମ୍‌କୋ, ଲୁଣିଆ, ମାଥିଲି, ପାପଡ଼ାହାଣ୍ଡି, ନିମାପଡ଼ା, ତୁଡ଼ିଗଡ଼ିଆ, ଖଇରାଡିହି, କାଇପଡ଼ା, କଳାମାଟିଆର ମାଟି ଚିପୁଡ଼ି ଦେଲେ ସେଥିରୁ ସତେଯେମିତି ଅମର ସହିଦମାନଙ୍କ ରକ୍ତବୁନ୍ଦା ଝରିପଡ଼େ। ସ୍ୱାଧୀନତା ଆନ୍ଦୋଳନ କାଳରେ ଦେଢ଼ ଶହରୁ ଅଧିକ ଓଡ଼ିଆ ସହିଦ ହୋଇଥିବା ବେଳେ ହଜାର ହଜାର ସତ୍ୟାଗ୍ରହୀ ନିର୍ଯାତନା ଓ କାରାବରଣ କରିଥିଲେ। ସେମାନଙ୍କ ସଂଗ୍ରାମ ଓ ବଳିଦାନର ପୃଷ୍ଠଭୂମିରେ ପ୍ରଥମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା ଓ ପରେ ଆମ ଦେଶମାତୃକା ବିଟ୍ରିଶ ଶୃଙ୍ଖଳରୁ ମୁକ୍ତ ହେଲା। ଏହି ପୂର୍ବସୂରୀମାନଙ୍କର ଉପଯୁକ୍ତ ଦାୟାଦ ଭାବେ ଆମେ ଆମର ପରମ୍ପରା ଓ ଇତିହାସକୁ ସୁରକ୍ଷିତ ରଖି ବର୍ତ୍ତମାନର ମୂଳଦୁଆ ଉପରେ ସମୃଦ୍ଧ ଓଡ଼ିଶାର ସୌଧ ଗଢ଼ିବା ପାଇଁ କେତେଦୂର ସଫଳ ହେବା, ତାହା ଆମମାନଙ୍କ ସଙ୍କଳ୍ପବଦ୍ଧ ମନ ଉପରେ ନିର୍ଭର କରେ।

ଇତିମଧ୍ୟରେ ଓଡ଼ିଆ ଭାଷା ଓ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇସାରିଛି। ଆମ ଜାତିର ସବୁଠାରୁ ବଡ଼ ପୁଞ୍ଜି ହେଉଛି ଆମର ଭାଷା, ସାହିତ୍ୟ, ସଂସ୍କୃତି, ଶୃଙ୍ଖଳା ଓ ସମଷ୍ଟିଗତ କର୍ମପ୍ରବଣତା। ଏହା ଦୁର୍ବଳ ହୋଇଗଲେ ଏବଂ ନିଃସ୍ୱାର୍ଥ ସେବା ପରବର୍ତ୍ତେ ସ୍ୱାର୍ଥଲିପ୍ସା ବଢ଼ି ଚାଲିଲେ ଜାତିର ମୂଳଦୂଆ ଦୁର୍ବଳ ହୋଇଯିବ। ଗୋଟିଏ ଜାତିର ସବୁଠାରୁ ବଡ଼ ସମ୍ପଦ ହେଉଛି ତାହାର ସୁଶୃଙ୍ଖଳ ଓ ସଶକ୍ତ ଯୁବଗୋଷ୍ଠୀ। ଯଦି ଯୁବ ସମାଜ ପଥଭ୍ରଷ୍ଟ ହେବ, ନିଶା ଓ ହିଂସାରେ ମାତିବା ସହ ବିଶୃଙ୍ଖଳିତ ଆଚରଣ କରି ଆଳସ୍ୟରେ ବୁଡ଼ି ରହିବ, ତାହା ହେବ ଜାତି ପାଇଁ ବଡ଼ ବିପଦ। ସ୍ୱାଭିମାନ ଓ ସ୍ୱାବଲମ୍ବନକୁ ଜୀବନର ଗୁରୁମନ୍ତ୍ର ଭାବେ ଗ୍ରହଣ କଲେ ବ୍ୟକ୍ତି, ପରିବାର, ସମାଜ ଓ ଜାତୀୟ ଜୀବନ ପୁଲକିତ ହେବ। ଏଥିଲାଗି ପ୍ରଦୂଷଣମୁକ୍ତ ପରିବେଶରେ କିଭଳି ପ୍ରତି ସବଳ ହାତକୁ କାମ ଓ ପ୍ରତି କ୍ଷେତକୁ ପାଣି ମିଳିପାରିବ ଏବଂ ପ୍ରତି ଗାଁ ସ୍ୱାବଲମ୍ବୀ ହେବ ତାହା ଆମ ପାଇଁ ବଡ଼ ଆହ୍ୱାନ। ବେକାରୀ ଓ ବେରୋଜଗାରୀ ବ୍ୟାଧିରୁ ମୁକ୍ତ ହେବା ଲାଗି ଆମକୁ ଠିକଣା ମାର୍ଗ ଖୋଜିବାକୁ ପଡ଼ିବ। ଆମ ଜନସଂଖ୍ୟାର ପ୍ରାୟ ଅଧା ମହିଳା ଥିବାରୁ ମାତୃଜାତିର ସଶକ୍ତୀକରଣ ହିଁ ରାଜ୍ୟ ପ୍ରଗତିର ମାନଦଣ୍ଡ ହୋଇପାରିବ। ପ୍ରଗତିର ଶିଖରକୁ ସ୍ପର୍ଶ କରିବା ଲାଗି ଦୀର୍ଘବର୍ଷ ଧରି ଯେଉଁ ଅଭିଯାନ ଚାଲିଛି ସେଥିରେ ଜାତି, ଧର୍ମ, ବର୍ଣ୍ଣ, ଦଳ ନିର୍ବିଶେଷରେ ପ୍ରତିଟି ଓଡ଼ିଆ ସାମିଲ ହେଲେ ବହୁ ସମସ୍ୟାର ସହଜ ସମାଧାନ ହୋଇପାରିବ। ଗାଁର କଳହ ଗାଁରେ ତୁଟିଲେ ଏବଂ ସାମାଜିକ ଓ ପାରିବାରିକ ବ୍ୟବସ୍ଥା ଆଧ୍ୟାତ୍ମିକ ଓ ସଂସ୍କୃତି ସମ୍ପନ୍ନ ହେଲେ, ଚରିତ୍ର ଗଠନ ସହ ସ୍ୱାଭିମାନୀ ଓ ସ୍ୱାବଲମ୍ବୀ ହେବା ଲାଗି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଗଲେ ଓଡ଼ିଶା ଉପରେ ଆଉ ୨୦ଲକ୍ଷ ମାମଲାର ଚାପ ରହିବ ନାହିଁ। ଏ ପରିପ୍ରେକ୍ଷୀରେ ପ୍ରତି ଗାଁକୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱତନ୍ତ୍ର ନକ୍ସା ତିଆରି କରିବାକୁ ପଡ଼ିବ। ହିଂସା ଓ ନିଶାଠାରୁ ଆମକୁ ଦୂରରେ ରହିବାକୁ ହେବ। ଓଡ଼ିଶାରେ ଭରି ରହିଥିବା ପ୍ରାକୃତିକ ସମ୍ପଦ ଓ ପରିବେଶର ସୁରକ୍ଷା ସହିତ ତାହାର ଆବଶ୍ୟକତାଭିତ୍ତିକ ବିନିଯୋଗ କରିବାକୁ ପଡ଼ିବ। ତେଲ, ଲୁଣଠାରୁ କପଡ଼ା, ଖାଦ୍ୟ ପଦାର୍ଥ ସମେତ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯେଭଳି ଓଡ଼ିଆଲୋକେ ଉତ୍ପାଦନ କରି ରାଜ୍ୟର ଚାହିଦା ମେଣ୍ଟାଇବା ସହ ବିଦେଶକୁ ଓ ଅନ୍ୟ ରାଜ୍ୟକୁ ରପ୍ତାନି କରିବେ ତା' ଉପରେ ଦୃଷ୍ଟି ଦେବାକୁ ହେବ। ରାଜ୍ୟକୁ ସମାବେଶୀ ବିକାଶ ପଥରେ ଆଗେଇ ନେବା ବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଆଦିର ଆହୁରି ଅଧିକ ବିକାଶ ସହିତ ଆଧୁନିକ ଜ୍ଞାନକୌଶଳର ଉପଯୋଗ ପାଇଁ ଆମ ଯୁବଶକ୍ତିକୁ ପ୍ରଶିକ୍ଷିତ କରିବାକୁ ପଡ଼ିବ। ଓଡ଼ିଆମାନେ ଏବେ ଦେଶ ବିଦେଶରେ ବିଜ୍ଞାନ, ବୈଷୟିକ, କଳା, ସ୍ଥାପତ୍ୟ, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା, ଆଧ୍ୟାତ୍ମିକତା ଆଦି କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଆସୁଛନ୍ତି। ଏହାକୁ ଆହୁରି ଆଗକୁ ନେବାପାଇଁ ମଧ୍ୟ ଦୃଷ୍ଟି ଦେବାକୁ ହେବ।

ସଶକ୍ତ ଓ ସମୃଦ୍ଧ ଓଡ଼ିଶା ପାଇଁ ଆମକୁ ଅହିଂସା, ସତ୍ୟ, ଅଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ, ମିତବ୍ୟୟିତା, ଶରୀରଶ୍ରମ, ନିର୍ଭୀକତା, ଭାଇଚାରା, ସେବା, ତ୍ୟାଗ ଆଦିକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ ହେବ। ୧, ୫୫, ୭୦୭ ବର୍ଗକିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଆମ ରାଜ୍ୟର ପ୍ରତି ଇଞ୍ଚ ଜମିର ସୁରକ୍ଷା ଓ ବିକାଶ ପାଇଁ ଆମକୁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସଙ୍କଳ୍ପବଦ୍ଧ ଓ ସମର୍ପିତ ଉଦ୍ୟମ କରିବାକୁ ପଡ଼ିବ। ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ମଣ୍ଡପରେ ଲେଖାଯାଇଥିବା ବହୁ ସଦୁକ୍ତି ମଧ୍ୟରେ ଅନ୍ୟତମ ଥିଲା 'ସବୁ ଭୁଲ୍ ମୋର।' ସଫଳତା ପାଇଁ ଗର୍ବରେ ଉତ୍ଫୁଲିତ ନ ହୋଇ ଓ ବିଫଳତାରେ ଭାଙ୍ଗି ପଡ଼ି ଅନ୍ୟକୁ ଦୋଷ ଦେବା ପରିବର୍ତ୍ତେ ଭୁଲ୍ ସ୍ୱୀକାର କରି ଆମକୁ ଆଗେଇବାକୁ ପଡ଼ିବ। ଏ ପରିପ୍ରେକ୍ଷୀରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଗୋଟିଏ ପ୍ରେରଣାଦାୟୀ ବକ୍ତବ୍ୟ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ। ଦାସେ ଆପଣେ କହୁଥିଲେ ଯେ ଘଣ୍ଟୁଆ ଯେତେବେଳେ ଘଣ୍ଟ ବଜାଏ ତାହାର ଘଣ୍ଟଧ୍ୱନି କାହା କାନରେ ପଡ଼ିବ କି ନ ପଡ଼ିବ ସେଥିପାଇଁ ଅପେକ୍ଷା କରେ ନାହିଁ। ସେମିତି ଫଳାଫଳକୁ ଅପେକ୍ଷା ନକରି ଆମେ ସଙ୍କଳ୍ପବଦ୍ଧ ଭାବେ କାମକରି ଚାଲିଲେ ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେବର୍ଷ ପୂର୍ତ୍ତି ବେଳକୁ ଦେଶବିଦେଶରେ ଆମ ସମୃଦ୍ଧି ଚର୍ଚ୍ଚାର ବିଷୟ ହୋଇଥିବ। ଏଥିଲାଗି ଧନ ଅପେକ୍ଷା ଅଧିକ ଲୋଡ଼ା ଅଛି ସଙ୍କଳ୍ପବଦ୍ଧ ସାଧକ ମନର।

# ପକ୍ଷୀ ଓ ପରିବେଶ



ଡ.ପ୍ରଫୁଲ୍ଲ କୁମାର ସାହୁ
ଭଦ୍ରକ, ମୋ: ୬୩୭୧୬୪୨୪୬୪

ଆମ ଜୈବ ବ୍ୟବସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇବା କ୍ଷେତ୍ରରେ ପକ୍ଷୀମାନଙ୍କର ଭୂମିକା ସ୍ୱତନ୍ତ୍ର। ବୀଜବିକ୍ଷେପ ମାଧ୍ୟମରେ ବନାଞ୍ଚଳ ବୃଦ୍ଧି, ନଷ୍ଟକାରୀ କୀଟପତଙ୍ଗର ଜୈବିକ ନିୟନ୍ତ୍ରଣ, ପଚାଶଢ଼ା ପ୍ରାକୃତିକ ପଦାର୍ଥର ସଫେଇ, ଖାଦ୍ୟ ଶୃଙ୍ଖଳର ଭାରସାମ୍ୟ, ମୃତ୍ତିକା ଉର୍ବରତାରେ ଉନ୍ନତିକରଣ ଓ ପରିବେଶ ସନ୍ତୁଳନ ଆଦି ବିଭିନ୍ନ କ୍ଷେତ୍ରରେ ପକ୍ଷୀର ଭୂମିକା ସ୍ୱତନ୍ତ୍ର। ପକ୍ଷୀଙ୍କ ଯୋଗୁଁ ପୃଥିବୀରେ ସୃଷ୍ଟି ହୋଇଥିଲା ଲକ୍ଷ ଲକ୍ଷ ହେକ୍ଟର ଜଙ୍ଗଲ। ଆମ ପରିବେଶରେ ବର, ଓସ୍ତ, ସାହାଡ଼ା, ଡିମିରି ଓ ଚନ୍ଦନ ଆଦି କେତେପ୍ରକାର ବୃକ୍ଷ ବି ଅଛି, ଯା'ର ବଂଶବିସ୍ତାର ନିର୍ଭର କରେ ନିର୍ଦ୍ଦିଷ୍ଟ କିଛି ପ୍ରଜାତିର ପକ୍ଷୀଙ୍କ ଉପରେ। ଏ ସୁନ୍ଦର ପୃଥିବୀକୁ ସୁନ୍ଦରତର କରିବା ଦିଗରେ ମଧ୍ୟ ଯଥେଷ୍ଟ ମହତ୍ତ୍ୱ ରଖେ ପକ୍ଷୀର ସୁନ୍ଦର ରୂପ ଓ ସୁମଧୁର ସ୍ୱର। ତେଣୁ ବେଦ ଓ ପୁରାଣ ଶାସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ସବୁଠି ରହିଛି ପକ୍ଷୀର ସୌନ୍ଦର୍ଯ୍ୟକୁ ନେଇ ପର୍ଯ୍ୟାପ୍ତ ବର୍ଣ୍ଣନା।

ପକ୍ଷୀଙ୍କ କାକଳିରେ ହିଁ ଆରମ୍ଭ ହୁଏ ଆମର ପ୍ରତିଟି ସକାଳ। ପକ୍ଷୀ ଗୋଟିଏକୁ ପୁଣି ଶବ୍ଦ ଗୋଟିଏ। କୁଆର 'କା' ତ କୋଇଲିର 'କୁ'। ପାରା 'ଘୁଁ ଘୁଁ ଘୁମୁରେ' ଆଉ 'ଚିଁ ଚିଁ' ଶବ୍ଦ କରେ କୁନିଚଢ଼େଇ ଘରଚଟିଆ। ପ୍ରାଣକୁ ଆମୋଦିତ ଓ ଆହ୍ଲାଦିତ କରେ ନାନାଜାତିର ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ। ଶବ୍ଦ ନୁହେଁ, ସେସବୁ ସଂଗୀତ। ସେ ଅମୃତ ପାନ କରି ଛନ୍ଦାୟିତ ହୁଏ ଜୀବନ। ସେଥିରେ ଭାବାବିଷ୍ଟ ହୋଇ ସ୍ୱଭାବ କବି ଗଙ୍ଗାଧର ମେହେର ଗାଇଛନ୍ତି- 'ମଧୁମୟ ଗାନେ ମଧୁମୟ ସ୍ୱନେ ଗାଇ ମଧୁମୟ ଗୀତି, ବିହଙ୍ଗମଗଣ ପୂରାନ୍ତି ଶ୍ରବଣ ମଧୁଢାଳି ନିତିନିତି।

ଋତୁଚକ୍ରର ଆବର୍ତ୍ତନକ୍ରମରେ ବସନ୍ତ ଧରାପୃଷ୍ଠରେ ପଦାର୍ପଣ କରିବା ମାତ୍ରେ ନବମୁକୁଳ ଗହଳରୁ ଭାସି ଆସେ କୋକିଳର କୁହୁତାନ। ସ୍ୱଭାବ କବିଙ୍କ ଭାଷାରେ - 'ବସନ୍ତ ବିଜୟ ବାରତା ପ୍ରଚାରିଲା ଭୁବନେ, ପାଦପ ଆନୀତ ପତର ପରଭୃତ(କୋଇଲି) ପଠନେ।' ବସନ୍ତ ଆସିଲେ ତା'ର ଆଦର ଅଭ୍ୟର୍ଥନା ପାଇଁ ଷୋହଳ କଳାରେ ସଜେଇ ହୁଏ ପ୍ରକୃତି। ବିଭୋର ହୁଏ ମନ ଓ ପ୍ରାଣ। ଋତୁରାଜ ବସନ୍ତର ଅଗ୍ରଦୂତ କୋଇଲି। ରୂପ ସୌନ୍ଦର୍ଯ୍ୟ ନୁହେଁ, କୋଇଲି କଣ୍ଠରୁ ଝରି ଆସୁଥିବା ପଞ୍ଚମ ତାନ ହିଁ ତା'ର ପରିଚୟ। ସେ ଅମୃତଭରା କଣ୍ଠର ପ୍ରଶଂସାରେ ଶତମୁଖ ହୋଇ ମେହେର କବି ତାଙ୍କ ତପସ୍ୱିନୀ କାବ୍ୟରେ ଲେଖିଛନ୍ତି- 'ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି କଳକଣ୍ଠେ କହିଲା, ଦରଶନ ଦିଅ ସତୀ ରାତି ପାହିଲା।'

ଛୋଟିଆ ପକ୍ଷୀଟିଏ ହେଲେ ବି କବି ଗୋପବନ୍ଧୁଙ୍କୁ ଅଭିଭୂତ କରିଥିଲା ପତ୍ର ଗହଳରେ ଆତ୍ମଗୋପନ କରି ଅମୃତ ବିତରଣ କରୁଥିବା କୋଇଲିର ବିନମ୍ର ଭାବ ଓ ପବିତ୍ର ମାଧୁରୀ। ତୁଚ୍ଛତା, କ୍ଷୁଦ୍ରତା, ଅହଂ ସର୍ବସ୍ୱତା, ଆତ୍ମବଡ଼ିମା ଓ ସ୍ୱାର୍ଥପରତା ଆଦି ସଂକୁଚିତ ଭାବ-ଦୁନିଆର ଊର୍ଦ୍ଧ୍ୱକୁ ଉଠି ଆର୍ଯ୍ୟ ଋଷିମାନେ ଜଗତକଲ୍ୟାଣ ପାଇଁ କରୁଣା ବିତରଣ କଲା ପରି କୋଇଲିର ତପଶ୍ଚରଣରୁ କବି ପାଇଛନ୍ତି ଦେଶ ହିତୈଷଣାର ଅନୁପ୍ରେରଣା ଏବଂ ସେବା ଧର୍ମର ଦିଗଦର୍ଶନ। ତେଣୁ ଋଷିପ୍ରାଣ କବିକଣ୍ଠରୁ ସ୍ୱତଃ ଝରି ଆସିଛି-'କେଡ଼େ କ୍ଷୁଦ୍ର ଦେହେ କେଡ଼େ ଗୁରୁତର ଭାବ, ଲାଗଇ ଆଶ୍ଚର୍ଯ୍ୟ ମୋତେ ଦେଖି ତୋ ପ୍ରଭାବ, ଆରେ ପ୍ରବୀଣ ବିହଙ୍ଗ ଲଭିବାକୁ ମୋର ଇଚ୍ଛା ତୋର ସାଧୁସଙ୍ଗ'(ଅବକାଶ ଚିନ୍ତା)।

ବଉଳ ଛୁରିଆନା ପରିବେଷ୍ଟିତ ସତ୍ୟବାଦୀ ବନବିଦ୍ୟାଳୟର ଆଶ୍ରମିକ ପରିବେଶ ମଧ୍ୟରେ କବି ଗୋଦାବରୀଶ ମିଶ୍ରଙ୍କ ସୃଷ୍ଟି ପ୍ରବଣତାକୁ ଉଚ୍ଚାଟ କରିଥଲା କୋଇଲିର ମଧୁ ମୂର୍ଚ୍ଛନା। ତା'ର ପଞ୍ଚମ ତାନରେ ଭାବାବିଷ୍ଟ ହୋଇ ମୁହୂର୍ତ୍ତକ ପାଇଁ ହେଲେ ବି ପାର୍ଥିବ ଦୁନିଆର ସକଳ ଦୁଃଖକୁ ଭୁଲି ଯାଉଥଲେ କବି। ତେଣୁ ତାଙ୍କ ଦୃଷ୍ଟିରେ କୋଇଲି କେବଳ ସାମାନ୍ୟ ପକ୍ଷୀଟିଏ ନୁହେଁ, ସେ ସ୍ୱର୍ଗଦୂତ। ତା'ର କଣ୍ଠ ସଙ୍ଗୀତରେ ଥିବା ସ୍ୱର୍ଗୀୟ ସୁଧା ବିଶ୍ୱକଲ୍ୟାଣ ନିମନ୍ତେ ଏକ ଅଦୃଶ୍ୟ ଶକ୍ତିର ବରଦାନ। ତେଣୁ କୋଇଲିର କୁହୁତାନକୁ ସେ ରାଜସମ୍ପଦ ଓ ସୁବର୍ଣ୍ଣଠାରୁ ଦୁର୍ଲଭ ଭାବି ଗାଇଛନ୍ତି- 'ଏ ସକଳୁ ତେବେ ଦୁର୍ଲଭ ଆହୁରି ମଧୁରେ ଅଧିକ ବୋଳା, ବନ ଗଛୁ ଗଛେ ଉଡ଼ି ବୁଲିବାର କୋଇଲିର କଣ୍ଠଧାରା(କଣ୍ଠଧାରା)।'

ଆମ ଆଧ୍ୟାତ୍ମିକ ଚିନ୍ତନରେ ପାରା ଓ ହଂସକୁ ଆତ୍ମାର ପ୍ରତୀକ ବୋଲି କୁହାଯାଏ ଏବଂ ଗରୁଡ଼, ପେଚା ଓ ମୟୂର ଆଦି ପକ୍ଷୀଙ୍କୁ ଗ୍ରହଣ କରାଯାଏ ଦେବଦେବୀଙ୍କ ବାହନ ଭାବରେ। ଏମିତି ଆହୁରି ଅନେକ ପକ୍ଷୀଙ୍କୁ ଭଗବାନଙ୍କ ନିକଟତର ବୋଲି କୁହାଯାଏ, ଯା'ର ଏକ ଦୃଷ୍ଟାନ୍ତ ହେଉଛି ଶୁଭପକ୍ଷୀ ଭଦଭଦଳିଆ ବା ଭରଦ୍ୱାଜ। ଭଦଭଦଳିଆର ଚକ୍ ଚକ୍ କରୁଥିବା ନୀଳବର୍ଣ୍ଣର ଦେହ ଯେମିତି ସୁନ୍ଦର ତା'ର ଉଡ଼ାଣ କୌଶଳ ସେମିତି ଚମତ୍କାର। ତା'ର ଘିରିଘିରି ହୋଇ ଚକର କାଟିବା, ତଳୁ ଉପରକୁ ରକେଟ ପରି ଜୋରରେ ଉଠିବା, ଚିତପଟାଙ୍ଗ ହୋଇ ଉଡ଼ିବା ଓ କେତେବେଳେ ବାମକୁ ତ କେତେବେଳେ ଡାହାଣକୁ କଡ଼େଇ କଡ଼େଇ ଉଡ଼ିବା ଆଦି କୌଶଳ ଦେଖିଲେ ଲାଗେ ଠିକ୍ ସର୍କସରେ ଖେଳ ଦେଖିଲା ପରି। କୋଳାହଳଶୂନ୍ୟ ଶାନ୍ତ ପରିବେଶରେ ରହିବାକୁ ଭଲପାଉଥିବା ଏହି ପକ୍ଷୀଟିକୁ ହିନ୍ଦୀରେ 'ନୀଳକଣ୍ଠ' ଏବଂ ସଂସ୍କୃତରେ କୁହାଯାଏ 'ଭରଦ୍ୱାଜ'। ମହାଭାରତ ଯୁଦ୍ଧ ବେଳେ ତାକୁ କୁଆଡ଼େ ଘଣ୍ଟ ଘୋଡ଼େଇ ରକ୍ଷା କରିଥିଲେ ସ୍ୱୟଂ ଭଗବାନ। ସେହିକଥା ବର୍ଣ୍ଣନା କରିବାକୁ ଯାଇ କବି ଦୀନକୃଷ୍ଣ ଦାସ ଲେଖିଛନ୍ତି- 'କୁରୁସଭା ତଳେ ଦ୍ରୌପଦୀ ଚିନ୍ତିଲା କୋଟିବସ୍ତ୍ର ଦିଆଇଲେ ତ, ଭାରତ ଯୁଦ୍ଧରେ ଭରତିଆ ପକ୍ଷୀ ଘଣ୍ଟ ଘୋଡ଼ାଇ ରଖିଲେ ତ।'

ହଳଦୀ ଗୁରୁଗୁରୁ ହଳଦୀବସନ୍ତ। ମଣିଷକୁ ଦେଖିବା ମାତ୍ରେ ଲାଜଲାଜ ହୋଇ ଲୁଚିଯାଏ ପତ୍ର ଗହଳରେ। ଆମ ବାଡ଼ିବଗିଚାରେ ଥିବା ସାହାଡ଼ାଗଛର ବଂଶବିସ୍ତାର ଏଇ ହଳଦୀବସନ୍ତର ଦାନ। ତା'ର ସୋରିଷଫୁଲିଆ ରୂପକୁ ଦେଖୁ ଦେଖୁ କବି ପ୍ରାଣରେ ଖେଳିଯାଏ ପ୍ରେମର ପୁଲକ, ଯେଉଁ ଆବେଗସ୍ନାତ ଅନୁଭବ ନେଇ କବି ମନୋରମା ବିଶ୍ୱାଳ ମହାପାତ୍ର ଲେଖିଛନ୍ତି- 'ହଳଦୀବସନ୍ତ ଅଳସ ଲଗନେ ରହି ରହି ଡାକ ଦିଏ, କବି ଜୀବନର ମଧୁଝରା ଗାନ ସତେ କି ସେ ଗାଇଥାଏ।' କେବଳ ଆଧୁନିକ କବିତା ନୁହେଁ, ହଳଦୀବସନ୍ତକୁ ନେଇ ଓଡ଼ିଶାର ଗାଁଗଣ୍ଡାରେ ରହିଛି ଅନେକ ଢଗଢମାଳି ଓ ଲୋକଗୀତ। ପ୍ରଚଳିତ ଲୋକଗୀତି ମଧ୍ୟରେ ସବୁଠାରୁ କରୁଣ ରସାଶ୍ରିତ ତଥା ତାରୁଣ୍ୟ, ପ୍ରେମ, ଈର୍ଷା ଓ ଅଭିମାନର ଏକ ଅପୂର୍ବ ସମନ୍ୱୟ ହେଉଛି କାନ୍ଦଣା ଗୀତ। ହଳଦୀ ଗୋରୀ ହଳଦୀବସନ୍ତକୁ ଦେଖି ମନେ ମନେ ଈର୍ଷାରେ ଜଳି ଯାଉଥିବା ଅସୁନ୍ଦରୀ ଝିଅଟି ବାହାଘର ବେଳେ ମାଆକୁ କାନ୍ଦି କାନ୍ଦି ପଚାରେ- 'ହଳଦୀ ବସନ୍ତ ଜନମରୁ ଗୋରୀ ଲୋ ବୋଉ, ମୁଁ କାହିଁକି ହେଲି କାଳୀ କୋତରୀ ଲୋ ବୋଉ।' ବାହାଘର ପରେ ଝିଅଟି ହରେଇ ବସେ ବାପଘରେ ରହିବାର ଅଧିକାର। ଅଥଚ ହଳଦୀବସନ୍ତ ଯେମିତି ତାଙ୍କ ବାଡ଼ି ଗଛରେ ବସୁଥିଲା, ସେମିତି ଆସି ବସେ ତା' ନିଜ ଇଚ୍ଛାରେ। ତେଣୁ ଶାଶୂଘରକୁ ଯିବାବେଳେ ଝିଅଟି ନିଜକୁ ହଳଦୀବସନ୍ତଠାରୁ ହୀନ ମଣେ ଓ ଭାଗ୍ୟକୁ ଦୋଷ ଦେଇ କାନ୍ଦଣାରେ ଗାଏ- 'ହଳଦୀବସନ୍ତ ବାଡ଼ିରେ ବସେ ମୋ ବୋଉ, ଝିଅ ହେଲି କେଉଁ କରମ ଦୋଷେ ମୋ ବୋଉ।'

ଆମ ଜନଜୀବନ ସହ ଯୋଡ଼ି ହୋଇ ରହିଥିବା କାଉ, ପାରା, ଘରଚଟିଆ, କୁମ୍ଭାଟୁଆ, କଜଳପାତି, ବଗ ଓ ଗେଣ୍ଡାଳିଆ ଆଦି ପକ୍ଷୀଙ୍କୁ ନେଇ ରହିଛି ଅନେକ ଲୋକଗୀତ। ବର୍ଷା ଋତୁ ଆଗମନରେ ମନକୁ ଆଲୋଡ଼ିତ କରେ ଝଙ୍କାଳିଆ ଗଛର ଅଗ୍ରଭାଗରେ ଗେଣ୍ଡାଳିଆ ଦଳଙ୍କ କିଚିରିମିଚିରି ସ୍ୱର। ସୂର୍ଯ୍ୟସ୍ନାତ ଦୂର ଆକାଶରେ ଅବା କଳାହାଣ୍ଡିଆ ବଉଦ ତଳେ ଗେଣ୍ଡାଳିଆଙ୍କ ଉଡ଼ାଣରୁ ମୌସୁମୀ ଆଗମନର ସୂଚନା ପାଇ ହଳ ଲଙ୍ଗଳ ସଜ କରେ ଚଷାପୁଅ। ଗେଣ୍ଡାଳିଆକୁ ନେଇ ଲେଖା ଯାଇଥିବା ଲୋକପ୍ରିୟ ଗୀତ ମଧ୍ୟରେ ମନେପଡ଼େ - 'ମାଟିର ମଣିଷ' ଚଳଚ୍ଚିତ୍ରରେ ଥିବା କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସେହି କାଳଜୟୀ ଗୀତର ଘୋଷା - 'ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ି ଦେଲେ ପର, ରଜାଝିଅ ବାହୁନୁଛି ଦେଖି ବୁଢ଼ାବର।' ଭୁବନେଶ୍ୱର ମିଶ୍ରଙ୍କ ସ୍ୱର ସଂଯୋଜନାରେ ଆଧୁନିକ ଓଡ଼ିଆ ସଂଗୀତର ମୁକୁଟବିହୀନ ସମ୍ରାଟ ଅକ୍ଷୟ ମହାନ୍ତି ଗାଇଥିବା ଏ ଗୀତରେ ଛାପି ହୋଇଯାଇଛି ଓଡ଼ିଶାର ସାମାଜିକ ଜୀବନଧାରା ଓ କଳାସଂସ୍କୃତିର ନିଛକ ଚିତ୍ର।

ଭାରତର ଜାତୀୟ ପକ୍ଷୀ ମୟୂର। ପକ୍ଷୀ ଜଗତର ରାଜା। ଶରୀରରେ ବିଭିନ୍ନ ବର୍ଣ୍ଣର ସମାବେଶ ଓ ଅପୂର୍ବ ସମନ୍ୱୟ ଯୋଗୁଁ ତା'ର ଅନ୍ୟନାମ ବିଚିତ୍ରବର୍ଣ୍ଣା। ମୟୂର ଦିଏ ବର୍ଷାର ଆଗମନୀ ବାର୍ତ୍ତା। ମୟୂରର ନୃତ୍ୟ ଦେଖି ନାଟ୍ୟାଚାର୍ଯ୍ୟ ଭରତମୁନିଙ୍କ ହୃଦୟରେ ଅଙ୍କୁରିତ ହୋଇଥଲା ନୃତ୍ୟକଳାର ଭାବ। ସେଥିପାଇଁ କୁହାଯାଏ ମୟୂର ହେଉଛି ଆମ ନୃତ୍ୟକଳାର ଆଦିଗୁରୁ। ତା'କୁ ଦେବଦୂତର ଆଖ୍ୟା ଦେଇ କବି ଗାଇଛି- 'ରୂପେ ସୁକୁମାର ଗୁଣେ ସରସ, ସାଧୁଜନ ପ୍ରାଣେ ଆଣେ ହରସ। ଖଳଜୀବ ମନେ ଆଣେ ସେ ଭୀତି, ଦେଖାଏ ତା' ଆଗେ ବଡ଼ିମା ରୀତି। ବିହଙ୍ଗମେ ସାର, କେତେ ରାଜକୀୟ ଭଙ୍ଗିମା ତା'ର।'

ବିଡ଼ମ୍ବନାର ବିଷୟ ରୂପରେ ହେଉ କି ଗୀତରେ ହେଉ ପ୍ରକୃତି ଓ ପରିବେଶକୁ ପକ୍ଷୀ ଯେତିକି ସୁନ୍ଦର କରେ, ତା'କୁ ସେତିକି ଅସୁନ୍ଦର କରେ ମଣିଷର ସ୍ୱାର୍ଥପରତା। ପକ୍ଷୀମାନଙ୍କ ଯୋଗୁଁ ଦିନେ ଯେଉଁଠି ନିବିଡ଼ ନିରନ୍ଧ୍ର ଅରଣ୍ୟ ଥିଲା, ତାହା ଏବେ ବୃକ୍ଷଶୂନ୍ୟ। ଯେଉଁଠି ମେଘ ଡମ୍ବରୁ ନାଦ ଶୁଣି ମୟୂର ନାଚୁଥିଲା, ମଧ୍ୟାହ୍ନରେ ବି ବାଘ ଛୁଆଟିଏ ନିର୍ଭୟରେ ବିଚରଣ କରୁଥିଲା, ସେଠାରେ ଆଉ ଶୁଣିବାକୁ ମିଳୁନି ପକ୍ଷୀର କାକଳି। ଜଳବାୟୁ ପରିବର୍ତ୍ତନ ହେଉ କି ସହରୀକରଣ ପ୍ରଭାବ ହେଉ, ପକ୍ଷୀ ପାଇଁ ବଢ଼ି ଚାଲିଛି ବିପଦ। କହିବାର କଥା ଫଗୁଣ କୋଇଲିଟି କାଳପୀଡ଼ିତ ହୋଇପାରେ, କିନ୍ତୁ ତା'ର କୁହୁଧ୍ୱନି ଶାଶ୍ୱତ। ଏକଥା ଯଦି ମଣିଷ ନ ବୁଝିବ, ତେବେ ସହକାର ଶାଖାରୁ ଆଉ କୋଇଲି ଗାଇବ ନି କି ବହିବନି ଚଇତି ବାଆ। କ୍ଷୁଣ୍ଣ ହୋଇଯିବ ଜୀବନଚକ୍ର।

# ଉତ୍ତର ଘୁମୁସର ବନଖଣ୍ଡରେ ଅସୁସ୍ଥ ଦନ୍ତା ହାତୀର ମୃତ୍ୟୁ

## ଥରେ ପଡ଼ି ଉଠିଲା, ଦ୍ୱିତୀୟ ଥରରେ ଚାଲିଗଲା

**ଭଞ୍ଜନଗର, ୩୧।୩ (ସମିସ):** ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ଗାଲେରୀ ରେଞ୍ଜର ତିଳିସିଂ ସେକ୍ସନର ବେରୁଆଁବାଡ଼ି ଗ୍ରାମ ନିକଟରେ ଥିବା ଜଙ୍ଗଲରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ହାତୀଟି ଅସୁସ୍ଥ ରହିଥିବା ଅନୁମାନ କରି ବନ ବିଭାଗ କର୍ମଚାରୀମାନେ ଚିକିତ୍ସା ଆରମ୍ଭ କରିଥିଲେ। ତେବେ ମଧ୍ୟାହ୍ନରେ ତା'ର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ୍ୟୁର ପ୍ରକୃତ



କାରଣ ଜଣାପଡ଼ି ନାହିଁ। ହାତୀଟିର ଆନୁମାନିକ ବୟସ ୩୦ରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ସୋମବାର ଭୁବନେଶ୍ୱରରୁ ଏକ ଦଳ ଆସି ତଦନ୍ତ କରିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

ସୂଚନାନୁଯାୟୀ, ସକାଳେ ହାତୀଟି ବେରୁଆଁବାଡ଼ି ଗ୍ରାମ ନିକଟ ଚନ୍ଦ୍ରଗିରି ଜଙ୍ଗଲ ଭିତରୁ ବାହାରି ନିକଟରେ ଥିବା ଏକ ଜଳାଶୟରେ ପାଣି ପିଇବା ସହ ଆଖପାଖରେ ଦୀର୍ଘ ସମୟ ରହିଥିଲା। ଏହା ଦେଖି ସ୍ଥାନୀୟ ଲୋକ ବନ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀ ସେଠାରେ ପହଞ୍ଚି ତାକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ହାତୀଟି ଅଳ୍ପ ଅଳ୍ପ ଚାଲି ଯାଉଥିବା ଦେଖି ବିଭାଗୀୟ କର୍ମଚାରୀ ରେଞ୍ଜର ଓ ଡିଏଫ୍‌ଓଙ୍କୁ ଅବଗତ କରାଇଥିଲେ। ପ୍ରାଣୀ ଚିକିତ୍ସକଙ୍କ ସହ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ଗାଲେରୀ ରେଞ୍ଜର ଆଶାଲତା ଦିଗାଲ, ତାରସିଂ ରେଞ୍ଜର ଅରୁଣ ପ୍ରଧାନ, ଡେପୁଟି ରେଞ୍ଜର କୃତ୍ତିବାସ କୁମାରଙ୍କ ସମେତ ବନ ବିଭାଗର କର୍ମଚାରୀ ଓ ରାପିଡ୍ ଏକ୍ସନ୍ ଟିମ୍ ଛାନଭିନ୍ ଆରମ୍ଭ କରିଥିଲେ। ତଳେ ପଡ଼ିଯିବା ସହ ପଡ଼ିବା ସମୟରେ ତା'ର ଗୋଟିଏ ଦାନ୍ତ ଗଳି ଯାଇଥିବା ଡିଏଫ୍‌ଓ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ହାତୀଟି ପ୍ରଥମଥର ପଡ଼ି ସଙ୍ଗେସଙ୍ଗେ ଉଠି ଯାଇଥିଲା। କିନ୍ତୁ ଦ୍ୱିତୀୟଥର ପୂରା ତଳେ ପଡ଼ିଯିବାରୁ ପ୍ରାଣୀ ଚିକିତ୍ସକ ଓ ବନ କର୍ମଚାରୀ ତା' ପାଖକୁ ଯାଇ ଦେଖିବା ବେଳକୁ ହାତୀର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଉକ୍ତ ଅଞ୍ଚଳରେ ଗତ କିଛି ମାସ ହେଲା ହାତୀଙ୍କ ଚଳପ୍ରଚଳ ନଥିବା ବେଳେ ଗୋଠରୁ ଅଲଗା ହୋଇ କିମ୍ବା ଅନ୍ୟ କୌଣସି ଜାଗାରୁ ହାତୀଟି ଚାଲି ଆସିଥିବା ବନ ବିଭାଗ ଅନୁମାନ କରୁଛି। ତେବେ ହାତୀଟି କିଭଳି ଅସୁସ୍ଥ ହେଲା, କେତେ ଦିନ ଧରି ସେ ଏଭଳି ଅବସ୍ଥାରେ ବୁଲୁଥିଲା, ତାହା ସ୍ପଷ୍ଟ ହୋଇପାରିନାହିଁ।

# 'ଅପରାଜିତାଙ୍କୁ ଭୋଟ୍ ନ ଦେବାକୁ ଘରକୁ ଘର ବୁଲିବେ ବିଜେପି କର୍ମୀ'

**ଖୋର୍ଦ୍ଧା/ବେଗୁନିଆ, ୩୧।୩ (ସମିସ):** ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ମନମୁଖୀ କାର୍ଯ୍ୟକୁ ନେଇ ବିଜେପିରେ କୁହୁଳୁଥିବା ଅସନ୍ତୋଷ ଏବେ ବିସ୍ଫୋରକ ରୂପ ନେଲାଣି। ଭୁବନେଶ୍ୱର, ଖୋର୍ଦ୍ଧା ପରେ ଆଜି ପୁଣି ବେଗୁନିଆ ନିର୍ବାଚନମଣ୍ଡଳୀରେ ଅପରାଜିତାଙ୍କୁ ଘୋର୍ ବିରୋଧ କରାଯାଇଛି। ବହୁ ସଂଖ୍ୟାରେ ବିଜେପି କର୍ମୀ ଆଜି ବେଗୁନିଆରେ ମହାମେଳି କରିବା ସହ ଅପରାଜିତାଙ୍କ ବିରୋଧରେ ବିଷ ଉଗାରିଛନ୍ତି। ୩ ଦଫା ପ୍ରସ୍ତାବ ସମ୍ବଳିତ ଏକ ପତ୍ର ରାଜ୍ୟ ଏବଂ କେନ୍ଦ୍ର ନେତୃତ୍ୱଙ୍କ ନିକଟକୁ ପଠାଇବାକୁ ସ୍ଥିର କରିଛନ୍ତି। ଆଜି ଅପରାହ୍ଣରେ ଦକ୍ଷିଣ ବେଗୁନିଆ ମଣ୍ଡଳର ପୂର୍ବତନ ସଭାପତି ସଞ୍ଜୟ ପ୍ରସାଦ ଛୁଆଳସିଂହଙ୍କ ସଭାପତିତ୍ୱରେ ବେଗୁନିଆ ବ୍ଲକ୍‌ର ଜୋନ୍ ନଂ-୨୨ ଉତ୍ତର ବେଗୁନିଆର ପୋଡ଼ାଡିହ ପଞ୍ଚାୟତର ବହୁ ବିଜେପି କର୍ମୀ ବରସାହିସ୍ଥିତ ହନୁମାନ ମନ୍ଦିର ପୀଠରେ ମେଳି ହୋଇଥିଲେ। ସେମାନେ ସାଂସଦ ଅପରାଜିତାଙ୍କୁ ଅହଂକାରୀ ଏବଂ ବିଜେପି ସଂଗଠନ ଓ କର୍ମୀ ବିରୋଧୀ ବୋଲି କହିବା ସହ ଆଗାମୀ ନିର୍ବାଚନରେ ତାଙ୍କୁ ଭୋଟ୍ ନଦେବାକୁ ସ୍ଥିର କରିଛନ୍ତି। ଖାଲି ସେତିକି ନୁହେଁ, ଅପରାଜିତାଙ୍କୁ ଭୋଟ ନ ଦେବାକୁ ମଧ୍ୟ ବିଜେପି କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହାସହ ବେଗୁନିଆ-ବୋଲଗଡ଼ ନିର୍ବାଚନ ମଣ୍ଡଳୀରେ ଗଠନ ହୋଇଥିବା 'ଅପରାଜିତା ହଟାଅ ବିଜେପି ବଞ୍ଚାଅ' ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବାକୁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ସର୍ବସମ୍ମତିକ୍ରମେ ବୈଠକରେ ୩ଟି ପ୍ରସ୍ତାବ ଆଗତ କରାଯାଇଥିଲା। ପ୍ରସ୍ତାବଗୁଡ଼ିକ ହେଲା, ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପ୍ରାର୍ଥିତ୍ୱରୁ ଅପସାରଣ କରାଯିବା, ତାଙ୍କ ସ୍ଥାନରେ ସଂଗଠନ ସହ ଜଡ଼ିତ ଥିବା ଜଣେ ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ପ୍ରାର୍ଥୀ ଚୟନ କରିବା ଏବଂ ବେଗୁନିଆ-ବୋଲଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଜଣେ ସ୍ଥାନୀୟ ପୁରୁଣା କାର୍ଯ୍ୟକର୍ତ୍ତାଙ୍କୁ ବିଧାୟକ ପ୍ରାର୍ଥୀ ରୂପେ ଚୟନ କରିବା। ସେହିପରି ବିଧାନସଭା ପ୍ରାର୍ଥୀ ଚୟନରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ମତାମତ ଗ୍ରହଣ କରାଯାଉ। ଅପରାଜିତାଙ୍କ ସମର୍ଥନରେ କୌଣସି ପ୍ରାର୍ଥୀ ଚୟନ କରାନଯାଉ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ଏହି ପ୍ରସ୍ତାବଗୁଡ଼ିକ ଶୀଘ୍ର ରାଜ୍ୟ ଓ କେନ୍ଦ୍ର ବିଜେପି ନେତୃତ୍ୱଙ୍କୁ ପଠାଯିବ ବୋଲି ସ୍ଥିର କରାଯାଇଛି।




ବିଜେପି ନେତା ଧ୍ରୁବଚରଣ ବାହିନୀପତି କହିଛନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ସଂସଦୀୟ କ୍ଷେତ୍ରରେ ଅପରାଜିତାଙ୍କ ପତିଆରା କାମ କରିନଥିଲା। ଦଳକୁ ସବୁଠି ନିରାଶର ମୁହଁ ଦେଖିବାକୁ ପଡ଼ିଥିଲା। ନିଜର କିଛି ସମର୍ଥକଙ୍କୁ ନେଇ ଅପରାଜିତା ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ସାମନ୍ତରାଜ ଶାସନ ଚଳାଇବାକୁ ଉଦ୍ୟମ କରୁଛନ୍ତି। ଏହାକୁ ଦଳୀୟ ନେତା ଓ କର୍ମୀ ହଜମ କରିପାରୁନାହାନ୍ତି। ବିଜେପିରେ ଦୀର୍ଘ ଦିନ ହେଲା କାମ କରୁଥିବା ଅଭିଜ୍ଞ, ଦକ୍ଷତାସଂପନ୍ନ ନେତାଙ୍କୁ ସାଙ୍ଗଠନିକ କାର୍ଯ୍ୟଠାରୁ ଦୂରେଇ ରଖି ଅପରାଜିତା

### ବେଗୁନିଆରେ ମେଳି

ନିଜ ପତିଆରା ଜାହିର କରିବାରେ ଲାଗିଛନ୍ତି। ଏନେଇ ଦଳରେ କନ୍ଦଳ ବଢ଼ିବାରେ ଲାଗିଛି। ତେଣୁ ତାଙ୍କୁ ଦଳୀୟ ପ୍ରାର୍ଥୀ କରାଗଲେ, ଘରକୁ ଘର ବୁଲି ଲୋକଙ୍କୁ ତାଙ୍କ ସମର୍ଥନରେ ଭୋଟ ନ ଦେବାକୁ ସଚେତନ କରଯିବ ବୋଲି କହିଥିଲେ।

ଏହି ବୈଠକରେ ବରିଷ୍ଠ ସକ୍ରିୟ କାର୍ଯ୍ୟକର୍ତ୍ତା ଗୌରାଙ୍ଗ ଚରଣ ପ୍ରହରାଜ, ଧ୍ରୁବଚରଣ ବାହିନୀପତି, ଧନେଶ୍ୱର ପ୍ରଧାନ, ସୁଶାନ୍ତ ଜଗଦେବ, ମନୋଜ ବେହେରା, ଶେଷଦେବ ଶିକାରୀ, ସୁରେଶ ସେଠୀ, ଦେବରାଜ ବେହେରା, ଭଗବାନ ପ୍ରଧାନ, ଅରକ୍ଷିତ ସାମଲ, ହାଡୁ ମହାପାତ୍ର, ପବନ କୁମାର ବେହେରା ଘନଶ୍ୟାମ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବହୁ କର୍ମୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଅବଶିଷ୍ଟାଂଶ...

### ଜଲ୍‌ପାଇଗୁଡ଼ି ଜିଲ୍ଲାରେ...

ଶତାଧିକ ଲୋକ ଆହତ ହୋଇଛନ୍ତି। ବିଭିନ୍ନ ଅଞ୍ଚଳରେ ଶହ ଶହ ଗଛ ଉପୁଡି ରାସ୍ତା ଅବରୋଧ ହୋଇଥିଲା ବେଳେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଯାଇଥିବାରୁ ବିଦ୍ୟୁତ ସେବା ମଧ୍ୟ ବ୍ୟାହତ ହୋଇଛି। ସମସ୍ତ ମୃତକଙ୍କ ଚିହ୍ନଟ କରାଯିବା ସହିତ ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସିତ କରାଯାଉଛି। କ୍ଷତିଗ୍ରସ୍ତ ଅଞ୍ଚଳରେ ସ୍ଥାନୀୟ ବିଧାୟକ ଏବଂ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପରିସ୍ଥିତି ସମୀକ୍ଷା କରିଛନ୍ତି। କେତେକ ସ୍ଥାନରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଲାଗି ସ୍ୱତନ୍ତ୍ର 'କ୍ୟୁଆରଟି' ଦଳଙ୍କୁ ମୁତୟନ କରାଯାଇଛି। କ୍ଷତିଗ୍ରସ୍ତ ଲୋକଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦେବାକୁ ଘୋଷଣା କରାଯାଇଛି।

### ଦିନରାତି କଳବଳ...

ସ୍ଥାନରେ ଦିନ ତାପମାତ୍ରା ରେ ୨ ରୁ ୪ ଡିଗ୍ରୀ ଯାଏଁ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାଦ୍ୱାରା ଅନକେ ସ୍ଥନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବାର ଆଶଙ୍କା ରହିଛି। ଅନ୍ୟପଟେ ଦିନ ସହିତ ରାତିରେ ମଧ୍ୟରେ ଅଧିକ ତାତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମଙ୍ଗଳବାରଠାରୁ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ ସାଢ଼େ ୪ ଡିଗ୍ରୀରୁ ଅଧିକ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାରଠାରୁ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର 'ଉଷ୍ଣ ରାତି' ଆଲର୍ଟ ଜାରି କରିଛି। ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟରେ ୨ ରୁ ୪ ତାରିଖ ଯାଏଁ ଉଷ୍ଣ ଏବଂ ଆର୍ଦ୍ର ପାଣିପାଗ ସ୍ଥିତି ତଥା କିଛି ଜିଲ୍ଲାରେ ଉଷ୍ଣ ରାତି ପରିସ୍ଥିତି ଉପୁଜିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ୨ ଏପ୍ରିଲରେ ସମ୍ଭାବ୍ୟ ଉଷ୍ଣରାତ୍ରି ପରିସ୍ଥିତି ପାଇଁ ଆଲର୍ଟ ଜାରି ହୋଇଥିବା ଜିଲ୍ଲାଗୁଡ଼ିକରେ ଦିନ ତାପମାତ୍ରା ଅତିକମ୍‌ରେ ୪୦ ଡିଗ୍ରୀ ରହିବା ସହ ରାତିର ତାପମାତ୍ରା ଏହି ତାରିଖରେ ଅତି କମରେ ସ୍ୱାଭାବିକ ଠାରୁ ୪.୫ ଡିଗ୍ରୀ କିମ୍ବା ଅଧିକ ରହିବାର ସମ୍ଭାବନା ରହିଛି। ମଙ୍ଗଳବାର ଉଷ୍ଣ ରାତି ପାଇଁ ଚେତାବନୀ ଜାରି ହୋଇଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ସୋନପୁର ଓ ମାଲକାନଗିରି ପ୍ରମୁଖ ଜିଲ୍ଲା ସାମିଲ୍ ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ତାତି ଓ ଉପକୂଳରେ ଗୁଳୁଗୁଳି ଆଶଙ୍କା ରହିଥିବା ବେଳେ ୬ ତାରଖ ଉପରବେଳା କିଛି ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା ରହିଛି। ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ଗୋଟିଏ ଦୁଇ ଦିନ ବର୍ଷା ହେବାର ଆଶଙ୍କା ଥିବାରୁ ଏହି ସମୟରେ ହୁଏତ କିଛି ପରିମାଣରେ ତାପମାତ୍ରା ହ୍ରାସ ହେବାର ସମ୍ଭାବନା ରହିଛି।

### ବିଜେଡିରେ ପରାକ୍ରମୀ...

ନିକଟରେ ବିଜେପି ଓ କଂଗ୍ରେସରୁ ଇସ୍ତଫା ଦେଇ ନବୀନ ଓଡ଼ିଶା ଗଠନରେ ସାରଥୀ ସାଜିବା ଲାଗି ପଣ କରିଛନ୍ତି। ସେମାନେ ବିନା କୌଣସି ସ୍ୱାର୍ଥରେ ବିଜେଡିକୁ ଆସିଛନ୍ତି ଆଉ ଆଗାମୀ ଦିନରେ ଦଳ ଯେଉଁ ଦାୟିତ୍ୱ ଦେବ ତାହା ସୁଚାରୁରୂପେ ତୁଲାଇବେ ବୋଲି ମଧ୍ୟ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି।

କଂଗ୍ରେସ ଟିକଟରେ ୨୦୦୪ରେ ତିର୍ତ୍ତୋଲ ଏବଂ ୨୦୧୪ରେ ଜଗତସିଂହପୁର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ଚିରଞ୍ଜୀବ ବିଶ୍ୱାଳ। ରାଜ୍ୟ ରାଜନୀତିରେ ତାଙ୍କ ପରିବାରର ମଧ୍ୟ ବେଶ୍ ପ୍ରଭାବ ରହିଆସିଛି। ଜଗତସିଂହପୁର ସମେତ ପୂରା ରାଜ୍ୟରେ ସେ ଜଣେ ବେଶ୍ ଜଣାଶୁଣା ବ୍ୟକ୍ତିତ୍ୱ। ତାଙ୍କର ଯୋଗଦାନ ବିଜେଡିର ସଂଗଠନକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି କୁହାଯାଉଛି। ସେହିପରି ନୀଳଗିରି ବିଧାୟକ ସୁକାନ୍ତ ସାହୁଙ୍କର ସାଂଗଠନିକ ଦକ୍ଷତା କିଛି କମ୍ ନୁହେଁ। ପୂରା ବାଲେଶ୍ୱର ଜିଲ୍ଲାରେ ଶ୍ରୀ ନାୟକଙ୍କ ପ୍ରଭାବ ରହିଛି। ଛାତ୍ର ଜୀବନରୁ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଶ୍ରୀ ନାୟକ ୨୦୧୪ ମସିହାରେ ବିଜେଡି ପ୍ରାର୍ଥୀ ଭାବେ ନୀଳଗିରିରୁ ନିର୍ବାଚନ ଲଢ଼ି ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେପି ପ୍ରାର୍ଥୀଙ୍କୁ ୧୩ ହଜାରରୁ ଅଧିକ ଭୋଟରେ ପରାଜିତ କରିଥିଲେ। ତେବେ ୨୦୧୯ ରେ ସେ ବିଜେଡି ଛାଡ଼ି ବିଜେପି ଟିକଟରେ ବିଧାୟକ ନିର୍ବାଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ପୁନର୍ବାର ତାଙ୍କୁ ଦଳରେ ସ୍ଥାନ ଦେଇଥିବାରୁ କୃତଜ୍ଞତା ପ୍ରକାଶ କରିବା ସହ ଆଜି ତାଙ୍କର ଘର ବାହୁଡ଼ା ହୋଇଛି ବୋଲି ଶ୍ରୀ ନାୟକ କହିଛନ୍ତି। ରାଜ୍ୟରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟ, ଲୋକାଭିମୁଖୀ ଶାସନ ତଥା ମୁଖ୍ୟମନ୍ତ୍ରୀଙ୍କ ବିକାଶ କାର୍ଯ୍ୟ ଅନ୍ୟ ଦଳର ନେତାଙ୍କୁ ବିଜେଡି ପ୍ରତି ଆକର୍ଷିତ କରୁଛି।

ନିର୍ବାଚନ ଆସିଲେ, ନେତାଙ୍କ ଦଳ ପରିବର୍ତ୍ତନ ସାଧାରଣ କଥା। କିନ୍ତୁ ୨୦୨୪ ନିର୍ବାଚନ ଓଡ଼ିଶା ରାଜନୈତିକ ଦୃଶ୍ୟପଟରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ଦିନକୁ ଦିନ ବିଜେଡି ଯୋଡ଼ୁଥିବା ବେଳେ ବିଜେପି ଓ କଂଗ୍ରେସ ଛିଡ଼ି ଛିଡ଼ି ଚାଲିଛି। କଂଗ୍ରେସ କ୍ୟାମ୍ପ୍ ନେତାଶୂନ୍ୟ ହୋଇ ଚାଲିଥିବା ବେଳେ ଜନବିରୋଧୀ ଓ ଅପରାଧରେ ଲିପ୍ତ ନେତାଙ୍କ ଭରସାରେ ଅଛି ବିଜେପି। ଏପରିକି, ୧୪୭ ବିଧାନସଭା କ୍ଷେତ୍ର ପାଇଁ ବିଜେପି ପାଖରେ ପ୍ରାର୍ଥୀ ନାହାନ୍ତି ବୋଲି ମଧ୍ୟ ଆଜି ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ଡଃ ସସ୍ମିତ ପାତ୍ର ମନ୍ତବ୍ୟ ଦେଇ ରାଜ୍ୟ ବିଜେପିର ଅସହାୟତାକୁ ସାର୍ବଜନୀନ କରିଛନ୍ତି।

ବିଜେଡି ପକ୍ଷରୁ ପ୍ରଥମ ପର୍ଯ୍ୟାୟ ବିଧାନସଭା ଓ ଲୋକସଭା ପ୍ରାର୍ଥୀ ତାଲିକା ଘୋଷଣା ହୋଇଥିବା ବେଳେ ଶୀଘ୍ର ପରବର୍ତ୍ତୀ ତାଲିକା ଘୋଷଣା ହେବାର ସମ୍ଭାବନା ଅଛି। ଏହା ସତ୍ତ୍ୱେ ରାଜ୍ୟ ରାଜନୀତିରେ ପ୍ରଭାବ ବିସ୍ତାର କରିଥିବା ନେତାଙ୍କ ସୁଅ ଛୁଟୁଛି ଶଙ୍ଖ ଭବନ ଅଭିମୁଖେ। ଗତକାଲି ବଲାଙ୍ଗିର ଜିଲ୍ଲାର ପୁରୁଖା କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ବିଜେଡିରେ ମିଶିଥିବା ବେଳେ ଗତ ସପ୍ତାହରେ ନୟାଗଡ଼ ବିଜେପି ବିଧାୟିକା ପ୍ରାର୍ଥୀ ଇରାନୀ ରାୟ, ପାରାଦୀପ ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ମୋନିଦୀପା ସର୍ଖେଲ, ପାରଳାଖେମୁଣ୍ଡିର ପୂର୍ବତନ କଂଗ୍ରେସ ବିଧାୟକ କେ. ସୂରିଆ ରାଓ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟ, ଖରିଆରର କଂଗ୍ରେସ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସୋର ପୌରପରିଷଦ ଅଧ୍ୟକ୍ଷ ମାଧବ ଧଡ଼ାଙ୍କ ଭଳି ଅନେକ ନେତା 'ଶଙ୍ଖ' ଧରିଛନ୍ତି। ଏତିକି ନୁହେଁ, ଟିକଟ ଆଶାରେ ବହୁ ନୂଆ ଓ ପୁରୁଣା ନେତା ନବୀନ ନିବାସରେ ଭିଡ଼ ଜମାଉଛନ୍ତି।

### ମ୍ୟାନେଜରଙ୍କ ସହ...

ତାଙ୍କ ନାମରେ ଅନ୍‌ଲାଇନ୍ ମାଧ୍ୟମରେ ଲୋନ୍ କରି ନେଉଥିଲେ। ଏପରିକି ଫିକ୍ସ-ଡିପୋଜିଟ୍ ଅନୁସାରେ ଋଣ ନେଉଥିଲେ। ଏହିଭଳି ସେମାନେ ୨୦୨୧ରୁ ୨୦୨୨ ଜୁନ୍ ୩୦ ଭିତରେ ୧.୦୪ଟଙ୍କା ଠକି ନେଇଥିଲେ। ଏପରିକି ବରିଷ୍ଠ ନାଗରିକ ଦେଇଥିବା ଚେକ୍ ମଧ୍ୟ ଅନ୍‌ଲାଇନ୍ ମାଧ୍ୟମରେ ପାଇବା ପରେ ମଧ୍ୟ ଟଙ୍କା ଠକିବାକୁ ସେମାନଙ୍କୁ ସହଜ ହୋଇଥିଲା। ସେମାନେ ଗ୍ରାହକଙ୍କ ସବୁ ଜାଣିବା ପରେ ବ୍ୟାଙ୍କିଙ୍ଗ୍ ସିଷ୍ଟମ୍‌କୁ ଯାଇ ପଞ୍ଜୀକୃତ ଫୋନ୍ ନମ୍ବରକୁ ମଧ୍ୟ ବଦଳାଇ ଦେଉଥିଲେ। ଆକାଉଣ୍ଟଧାରୀଙ୍କ ଅଜାଣତରେ ସେମାନେ ଆକାଉଣ୍ଟରୁ ଟଙ୍କା ଉଠାଇ ନେଉଥିଲେ। ଉକ୍ତ ଶାଖାର ପରିଚାଳକ ସେମାନଙ୍କ କାରନାମା ବିଷୟରେ ଜାଣିଥିଲେ ମଧ୍ୟ ଚୁପ୍ ରହିଥିଲେ। ଯେଉଁଥି ପାଇଁ ପରିଚାଳକ ପ୍ରଶାନ୍ତ ଗିରଫ ହୋଇଛନ୍ତି। ଠକେଇ ହୋଇଥିବା ଆକାଉଣ୍ଟଧାରୀଙ୍କ ମଧ୍ୟରୁ ୧୧ଜଣଙ୍କୁ ଚିହ୍ନଟ କରାଯାଇଛି। ବ୍ୟାଙ୍କ ନିଜସ୍ୱ ଠକେଇର ଶିକାର ହୋଇଥିବା ଲୋକଙ୍କୁ ୮୭ ଲକ୍ଷ ୫୪ହଜାର ୪୭ ଟଙ୍କା ଫେରାଇଛି। ଏନେଇ ଜଣାପଡ଼ିବା ପରେ ବ୍ୟାଙ୍କ୍ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ କରାଯାଇଥିଲା। ତଦନ୍ତରେ ଜାଲିଆତି ହୋଇଥିବା ସ୍ପଷ୍ଟ ହେବା ପରେ ସାଇବର୍ ଥାନାରେ ଅଭିଯୋଗ କରିଥିଲେ। ଏଥିସହ ସ୍ୱାଗତିକା ନାମରେ ମଧ୍ୟ ଢେଙ୍କାନାଳ ଟାଉନ୍ ଥାନାରେ ୩ଟି ମାମଲା ମଧ୍ୟ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ଆହୁରି ଏକାଧିକ ବ୍ୟକ୍ତି ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଯେଉଁଥିପାଇଁ ଗିରଫ ୩ଜଣଙ୍କୁ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ସୂଚନା ମିଳିଛି।

### ବିବାହ ଭୋଜିଖାଇ...

ହୋଇପଡ଼ିଥିଲେ। ପରିବାର ଲୋକ ସେମାନଙ୍କୁ ତୁରନ୍ତ ତାଳଚେର ମଣ୍ଡାପାଳ ଡାକ୍ତରଖାନାକୁ ନେଇଥିଲେ ଓ ଡାକ୍ତର ତାଙ୍କୁ ସେଠାରୁ ଜିଲ୍ଲାଲ୍ଲା ମୁଖ୍ୟ ଚିକତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ମାତ୍ର ଜିଲ୍ଲା ମୁଖ୍ୟ ଚିକତ୍ସାଳୟକୁ ନେଲାବେଳେ ଜଣେ ମୃତ୍ୟୁବରଣ କରିଥିଲେ। ଅନ୍ୟ ଜଣେ ସ୍ଥାନୀୟ ନେହରୁ ଶତାବ୍ଦୀ ଚିକତ୍ସାଳୟକୁ ଚିକିତ୍ସା ଲାଗି ଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିବା କୁହାଯାଉଛି। ଏହି ବିହାବ ଭୋଜି ଖାଇ ଅନ୍ୟ ୮ ଜଣ ଗୁରୁତର ଅସୁସ୍ଥ ହୋଇ ଚିକତ୍ସାଳୟରେ ଚିକିତ୍ସିତ ହେଉଥିବା କୁହାଯାଉଛି। ତେବେ ତାଳଚେର ଅଞ୍ଚଳରେ ଏଭଳି ଘଟଣା ପ୍ରଥମ ଥର ପାଇଁ ଘଟିଥିବା ବେଳେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ତେବେ ନିମ୍ନମାନର ଖାଦ୍ୟ ଯୋଗୁଁ ଏଭଳି ଘଟିଥିବା କୁହାଯାଉଛି। ତେବେ ଏଠାରେ ନିୟୋଜିତ ଖାଦ୍ୟ ସୁରକ୍ଷା ଅଧିକାରୀ ସରକାରଙ୍କ ତହବିଲରୁ ଦରମା ନେଇ କରୁଛନ୍ତି କ'ଣ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୁଆଡ଼େ ତାଳଚେର ଓ ଅନୁଗୋଳ ମେଡିକାଲ ଟିମ ଆସି ଉକ୍ତ ଖାଦ୍ୟର ମାନ ଯାଞ୍ଚ କରିଥିଲେ ବୋଲି ସ୍ଥାନୀୟ ଲୋକଙ୍କ ପକ୍ଷରୁ ଜଣାପଡ଼ିଛି।

### କୋଇଲା ଖଣିରେ...

ଖଣି ରାସ୍ତାରେ ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଆଉ ଜଣଙ୍କୁ ଗୁରତର ଅବସ୍ଥାରେ ମେଡିକାଲ ନେବା ରାସ୍ତାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ବଡ଼ ବଡ଼ ପୋଷ୍ଟର୍ ବ୍ୟାନର୍ ଲଗାଯାଇ ଲୋକଙ୍କୁ ସଚେତନ କରାଯାଉଥିଲେ ମଧ୍ୟ ଏପରି ଘଟଣା କିପରି ଘଟୁଛି ଓ ଏଥିପାଇଁ ଦାୟୀ କିଏ, ଏହା ତଦନ୍ତ ପରିସରଭୁକ୍ତ ବୋଲି କାର୍ଯ୍ୟରତ ଠିକା କର୍ମଚାରୀମାନେ ଦାବି କରିଛନ୍ତି। ଏହି ଦୁର୍ଘଟଣାରେ ଶୀକାର ହୋଇଥିବା ମୃତ ପରିବାର ପକ୍ଷରୁ କ୍ଷତିପୂରଣ ଦାବି କରି ଆନ୍ଦୋଳନ କରାଯାଇଛି। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ତାଳଚେର ସରକାରୀ ମଣ୍ଡାପାଳ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି।

### ବିଜେପି ବୈଠକରେ...

କରାଇଛି ଯେ ଦୁଇଦିନ ପୂର୍ବେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ବଡ଼ପୋଖରୀଆରେ ବିଜେପିର ଏକ ସଭା ହେଉଥିଲା। ଏଥିରେ ବିଜେପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଏବଂ ବିଜେପି ନେତା ପ୍ରଶାନ୍ତ ଗଜଦେବ ଉପସ୍ଥିତ ଥିଲେ। ଏହି ସଭାରେ ରେଳ ବିଭାଗର ତିନି ଜଣ ବରିଷ୍ଠ ଅଧିକାରୀ ଯଥା ଖୋର୍ଦ୍ଧା ଡିଭିଜନର ଟିଟିଆଇ ପ୍ରଭାକର ବରାଳ ଏବଂ ଏସ.ଆର. ପଟ୍ଟନାୟକଙ୍କ ସମେତ ଖୋର୍ଦ୍ଧା ଡିଭିଜନ ଆଇଓଡବ୍ଲ୍ୟୁ ବିବି ମହାନ୍ତି ଉପସ୍ଥିତ ଥିଲେ। ଭାରତୀୟ ରେଳ ବିଭାଗର ବରିଷ୍ଠ ଅଧିକାରୀ ବିଜେପି ନିର୍ବାଚନୀ କାର୍ଯ୍ୟକ୍ରମରେ ସାମିଲ ହେବା ଦୁର୍ଭାଗ୍ୟର ବିଷୟ ବୋଲି ବିଜେଡି ସାଂସଦ ସସ୍ମିତ ପାତ୍ର କହିବା ସହ ନିର୍ବାଚନ କମିଶନ ଏହାକୁ ଗୁରୁତ୍ୱର ସହ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ଆଶା ପ୍ରକଟ କରିଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ରେଳ




ବିଭାଗର ତିନି ଜଣ ଅଧିକାରୀ ବିଜେପିର ନିର୍ବାଚନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ଆଚରଣ ବିଧି ଉଲ୍ଲଂଘନ କରୁଛି। ତେଣୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ବିଜେଡି ମୁକ୍ତ ଓ ଅବାଧ ନିର୍ବାଚନ ଉପରେ ବିଶ୍ୱାସ କରେ। ତେଣୁ ଭାରତ ସରକାରଙ୍କ ଅଧିକାରୀ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିବାକୁ ନିର୍ବାଚନ କମିଶନ ବରଦାସ୍ତ କରିବେ ନାହିଁ ବୋଲି ଦଳ ପକ୍ଷରୁ ଆଶା ରହିଥିବା ନେଇ ବିଜେଡି କହିଛି।

ବିଜେଡି ପକ୍ଷରୁ ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ, ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି, ଅମିତ ମଲ୍ଲିକ, ହରିଶ ଚୌଧୁରୀ, ପ୍ରିୟବ୍ରତ ମାଝି, ତୁମ୍ବନାଥ ପଣ୍ଡା, ଗୌତମବୁଦ୍ଧ ଦାସ, ଓମ୍‌ପ୍ରକାଶ ସାହୁ, ଇପସିତା ସାହୁ, ମାହିକ୍ଷୀତା ମିଶ୍ର, ମଧୁସ୍ମିତା ନାୟକ, ପ୍ରମୁଖ ଅତିରିକ୍ତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ।

# ୫ ଯାଏଁ ବଢ଼ିଲା ସିୟୁଇଟି-ୟୁଜି ଆବେଦନ ଅବଧି

**ଭୁବନେଶ୍ୱର, ୩୧।୩(ସମିସ):** ସ୍ନାତକ ପଢ଼ିବା ପାଇଁ ଏକକ ବିଶ୍ୱବିଦ୍ୟାଳୟପ୍ରବେଶିକା ପରୀକ୍ଷା(ସିୟୁଇଟି-ୟୁଜି) ଆବେଦନ ଅବଧି ଦ୍ୱିତୀୟ ଥର ପାଇଁ ବୃଦ୍ଧି ପାଇଛି। ମାର୍ଚ୍ଚ ୨୬ ତାରିଖରେ ଶେଷ ହେଉଥିବା ଆବେଦନ ଅବଧିକୁ ପ୍ରଥମଥର ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ରବିବାର ଏହାକୁ ପୁଣିଥରେ ଏପ୍ରିଲ ୫ ତାରିଖ ରାତି ୯.୫୦ ଯାଏଁ ବୃଦ୍ଧି କରାଯାଇଛି। ଏହି ସମୟ ଅବଧି ମଧ୍ୟରେ ଆଗ୍ରହୀ ଛାତ୍ରଛାତ୍ରୀମାନେ ଆବେଦନ କରି ପାରିବେ। ଆବେଦନ ଅବଧି ସରିବା ପରେ ଆବେଦନ ଫର୍ମରେ ସଂଶୋଧନ କରିପାରିବେ। ଆବେଦନକାରୀଙ୍କ ପକ୍ଷରୁ ଅନୁରୋଧ ପାଇବା ପରେ ଅବଧି ବୃଦ୍ଧି କରାଯାଇଥିବା ପରୀକ୍ଷା ସଞ୍ଚାଳନ କରୁଥିବା ନେସନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ସିୟୁଇଟି-ୟୁଜି ପରୀକ୍ଷା ପାଇଁ ଏପ୍ରିଲ ୩୦ ତାରିଖରେ ପରୀକ୍ଷା କେନ୍ଦ୍ର ସହରର ନାମ ପ୍ରକାଶ ପାଇବ। ମେ ଦ୍ୱିତୀୟ ସପ୍ତାହରେ ଆର୍ଡମିଟ୍ କାର୍ଡ ପ୍ରକାଶ ପାଇବାକୁ ଥିବାବେଳେ ମେ ୧୫ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ହେବ। ଜୁନ୍ ୩୦ ତାରିଖରେ ପରୀକ୍ଷା ଫଳ ପ୍ରକାଶିତ କରିବା ପାଇଁ ଲକ୍ଷ୍ୟ ରହିଥିବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ସୂଚନା ଦିଆଯାଇଛି।

# ଓଏଭିରେ ନିଯୁକ୍ତି ପାଇଁ ଆଜିଠୁ ଆବେଦନ ଆରମ୍ଭ

**ଭୁବନେଶ୍ୱର,୩୧।୩(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ଓ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ୧୩୮୬ଟି ଶିକ୍ଷକ ଓ ଅଧକ୍ଷ ପଦ ପୂରଣ ପାଇଁ ଆସନ୍ତାକାଲି ଅର୍ଥାତ ସୋମବାର ଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେଉଛି। ଏପ୍ରିଲ ୩୦ ତାରିଖ ସଂଧ୍ୟା ୫ଟା ମଧ୍ୟରେ ଆଶାୟୀ ପ୍ରର୍ଥୀମାନେ ଆବେଦନ କରିପାରିବେ। ମେ ୨ ତାରିଖ ପର୍ଯ୍ୟନ୍ତ ଆବେଦନ ଶୁଳ୍କ ଦାଖଲ କରିପାରିବେ। ଓଏଭି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୩୪୨ଟି ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପାଇଁ ୪୪ଟି ପଦରେ ନିଯୁକ୍ତି ଦିଆଯିବ। ଆଶାୟୀମାନେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୱେବ୍‌ସାଇଟ୍ www.oav.edu.in ରେ ଆବେଦନ କରିପାରିବେ।

**ପୂରଣ ହେବ ୧୩୮୬ ଶିକ୍ଷକ ଓ ଅଧକ୍ଷ ପଦ**

# ଆଜିଠୁ କେନ୍ଦ୍ରୀୟ ବିଦ୍ୟାଳୟ ନାମଲେଖା ପଞ୍ଜୀକରଣ

**ଭୁବନେଶ୍ୱର, ୩୧।୩(ସମିସ):** ଆସନ୍ତା ୨୦୨୪-୨୫ ଶିକ୍ଷାବର୍ଷରେ କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆସନ୍ତାକାଲି ଅର୍ଥାତ ସୋମବାରଠାରୁ ଆରମ୍ଭ ହେଉଛି। ବାଲ୍‌ବାଟିକା ୧, ୨ ଓ ୩ ସମେତ ପ୍ରଥମରୁ ଦଶମ ଶ୍ରେଣୀରେ ନାମଲେଖା ପାଇଁ ଏପ୍ରିଲ ୧୫ ତାରିଖ ଯାଏଁ ପଞ୍ଜୀକରଣ କରିପାରିବେ। ବାଲ୍‌ବାଟିକାରେ ନାମଲେଖା ପାଇଁ ବିଦ୍ୟାର୍ଥୀଙ୍କୁ ରବିବାର ସୁଦ୍ଧା ୩ରୁ ୬ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ସେହିପରି ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ଅନ୍ୟୁନ ୬ବର୍ଷ ହୋଇଥିବା ଆବଶ୍ୟକ। ଦ୍ୱିତୀୟରୁ ତଦୂର୍ଦ୍ଧ୍ୱ ଶ୍ରେଣୀରେ ନାମଲେଖା ପାଇଁ ଏପ୍ରିଲ ୧୦ ତାରିଖ ଯାଏଁ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଅନୁରୂପ ଭାବେ ଏକାଦଶ ବା +୨ ପ୍ରଥମ ବର୍ଷରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବାର ୧୦ଦିନ ମଧ୍ୟରେ ଆରମ୍ଭ କରାଯିବ ବୋଲି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ତାଲିକା ଏପ୍ରିଲ ୧୯ ତାରିଖରେ ଆସିବ। ଏହାପରେ ୨୯ ତାରିଖରେ ଦ୍ୱିତୀୟ ଓ ମେ' ୮ ତାରିଖରେ ତୃତୀୟ ପର୍ଯ୍ୟାୟ ଚୟନ ତାଲିକା ପ୍ରକାଶ ପାଇବ। ଯେଉଁଠି ସିଟ୍ ପୂରଣ ହୋଇନଥିବ ବା ସିଟ୍ ଅନୁସାରେ ଆବେଦନ ଗ୍ରହଣ ହୋଇନଥିବ, ସେଠାରେ ମେ' ୭ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜୀକରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ମେ' ୮ ରୁ ୧୫ ତାରିଖ ମଧ୍ୟରେ ବିଦ୍ୟାର୍ଥୀମାନେ ଆବେଦନ କରିପାରିବେ। ସୂଚନାଯୋଗ୍ୟ, ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଅନଲାଇନ୍‌ରେ ହେବ। ଆଗ୍ରହୀ ବିଦ୍ୟାର୍ଥୀମାନେ କେନ୍ଦ୍ରୀୟ ବିଦ୍ୟାଳୟ ୱେବ୍‌ସାଇଟ୍ kvsangathan.nic.in ଓ kvsonlineadmission.kvs.gov.in ରେ ଆବେଦନ କରିପାରିବେ।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
I, Khulana Sundari Rout, daughter of Siba Charan Rout, residing at Village - Mutunia, PO - Bhandisahi have undergone a name change after my marriage. My current name is Kaushalya Swain, wife of Umakant Swain and it is reflected as such in my voter ID, PAN card, Aadhar card and all other government documents. I have obtained an affidavit No - 67AA 773248/ 6.3.2024 before the Executive Magistrate Balikuda to officially change my name and henceforth, I will be known as Kaushalya Swain for all government purposes.

**ପୁରୀ ସଂସଦୀୟ କ୍ଷେତ୍ର**

# ସ୍ୱଚ୍ଛ ଭାବମୂର୍ତ୍ତି ବନାମ 'ବିକାଶବିରୋଧୀ'

**ପୁରୀ, ୩୧।୩ (ସମିସ):** ଉପକୂଳବର୍ତ୍ତୀ ଜିଲାର ଏକ ଚର୍ଚ୍ଚିତ ସଂସଦୀୟ କ୍ଷେତ୍ର ପୁରୀ। ଏଥର ମଧ୍ୟ ପୁରୀ ସଂସଦୀୟ କ୍ଷେତ୍ରକୁ ନେଇ ରାଜ୍ୟରୁ ଦିଲ୍ଲୀ ପର୍ଯ୍ୟନ୍ତ ଚାଲିଥିଲା ଚର୍ଚ୍ଚା, ଆଲୋଚନା। ଏହି ଲୋକସଭା ଆସନ ବେଶ୍ ଗୁରୁତ୍ୱ ବହନ କରୁଥିବାରୁ ଏଠାରୁ ଜିତିବା ପ୍ରାର୍ଥୀଙ୍କ ପାଇଁ ବଡ଼ ସଫଳତା ବୋଲି କୁହାଯାଏ। ତେବେ ପୂର୍ବରୁ ଏହି ଆସନକୁ କଂଗ୍ରେସ ଅଧିକାଂଶ ସମୟ ନିଜ କବ୍‌ଜାରେ ରଖୁଥିଲା। ହେଲେ ବିଜେଡି ପ୍ରତିଷ୍ଠା ହେବା ପରଠାରୁ କଂଗ୍ରେସ ଆଉ ଖାତା ଖୋଲିପାରୁ ନାହିଁ। ବିରୋଧୀ ଦଳ ଯେତେପ୍ରକାର ଉଦ୍ୟମ କରୁଥିଲେ ମଧ୍ୟ ସଫଳ ହେଉନାହାନ୍ତି। ୧୯୯୬ରେ ଶେଷଥର ପାଇଁ କଂଗ୍ରେସ ଏଠାରେ ଜିତିଥିଲା। ପିନାକୀ ମିଶ୍ର ସେତେବେଳେ କଂଗ୍ରେସରୁ ଜିତିଥିଲେ। ପରବର୍ତ୍ତୀ ସମୟରେ ବିଜେଡିରେ ମିଶିଥିବା ପିନାକୀ ଏଠାରୁ ହ୍ୟାଟ୍ରିକ୍ କରିଛନ୍ତି। ଅର୍ଥାତ୍ ୨୦୦୯, ୨୦୧୪ ଓ ୨୦୧୯ରେ ଏଠାରୁ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ହେଲେ ଏଥର ଦଳ ନୂଆମୁହଁ ଭାବେ ଓଡ଼ିଶା ମୋ ପରିବାରର ରାଜ୍ୟ ଆବାହକ ଅରୂପ ପଟ୍ଟନାୟକଙ୍କୁ ପ୍ରୋଜେକ୍ଟ କରିଛି। ସେପଟେ ବିଜେପିରୁ ଗତଥରର ପରାଜିତ ପ୍ରାର୍ଥୀ ସମ୍ବିତ ପାତ୍ରଙ୍କୁ ଦଳ ପୁଣି ଭରସା କରିଥିବା ବେଳେ ଏ ପର୍ଯ୍ୟନ୍ତ କଂଗ୍ରେସ ତା' ଚିତ୍ର ସ୍ପଷ୍ଟ କରିନି।



**ଏଯାଏ ପ୍ରାର୍ଥୀ ଘୋଷଣା କରିନି କଂଗ୍ରେସ**

ପୁରୀ ଲୋକସଭା ଆସନ ୭ଟି ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ପୁରୀ ଜିଲାର ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି ଓ ନୟାଗଡ଼ ଜିଲାର ରଣପୁର, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଏହାର ସୀମା ନିର୍ଦ୍ଧାରଣ କରାଯାଇଛି। ତେବେ ୧୯୯୧ରୁ ଜନତା ଦଳରୁ ପ୍ରାର୍ଥୀ ହୋଇ ଜିତିଥିବା ବ୍ରଜକିଶୋର ତ୍ରିପାଠୀ ୧୯୯୮, ୧୯୯୯ ଏବଂ ୨୦୦୪ରେ ବିଜେଡିରୁ ପ୍ରାର୍ଥୀ ହୋଇ ଜିତିଥିଲେ। ହେଲେ ୨୦୦୯ରେ ଦଳ ତାଙ୍କୁ ଭରସା କରିପାରିନଥିଲା। କଂଗ୍ରେସରୁ ଆସିଥିବା ପିନାକୀଙ୍କୁ ପ୍ରାର୍ଥୀ କରି ଦଳ ସଫଳତା ପାଇଥିଲା ସେହିପରି ୨୦୧୪ରେ ଦ୍ୱିତୀୟଥର ପ୍ରାର୍ଥୀ ହୋଇ ପିନାକୀ କଂଗ୍ରେସର ସୁଚରିତା ମହାନ୍ତିଙ୍କୁ ପରାସ୍ତ କରିଥିଲେ। ୨୦୧୯ରେ ପିନାକୀ ବିଜେପିର ସମ୍ବିତ ପାତ୍ରଙ୍କୁ ପରାସ୍ତ କରି ହ୍ୟାଟ୍ରିକ ମାରିଥିଲେ। ପିନାକୀ ୫, ୩୮, ୩୨୧ ଖଣ୍ଡ ଭୋଟ ପାଇଥିବାବେଳେ ସମ୍ବିତ ୫, ୨୬, ୬୦୭ ଖଣ୍ଡ ଏବଂ କଂଗ୍ରେସର ସତ୍ୟପ୍ରକାଶ ନାୟକ ୪୪, ୭୩୪ ଖଣ୍ଡ ଭୋଟ ପାଇଥିଲେ। ବିଜେଡିକୁ ୪୭.୪୦ ପ୍ରତିଶତ ଭୋଟ ମିଳିଥିବା ବେଳେ ବିଜେପିକୁ ୪୬.୩୭ ପ୍ରତିଶତ ଏବଂ କଂଗ୍ରେସକୁ ୩.୯୪ ପ୍ରତିଶତ ଭୋଟ ମିଳିଥିଲା।

୨୦୧୯ ନିର୍ବାଚନରେ ପୁରୀ ଲୋକସଭା ଅଧୀନ ୭ଟି ବିଧାନସଭା ମଧ୍ୟରୁ ୫ଟି ବିଜେଡି କବ୍‌ଜାରେ ରହିଛି। ପୁରୀର ୨ଟି, ନୟାଗଡ଼ର ୨ଟି ଏବଂ ଖୋର୍ଦ୍ଧାର ଗୋଟିଏ ନିର୍ବାଚନମଣ୍ଡଳୀରେ ବିଜେଡି ବିଜୟୀ ହୋଇଥିବା ବେଳେ ପୁରୀ ଏବଂ ବ୍ରହ୍ମଗିରି ଆସନକୁ ବିଜେପି ଦଖଲ କରିଛି। ମୋଟାମୋଟି ଦେଖିବାକୁ ଗଲେ ବିଜେଡି ଗଠନ ପରଠାରୁ ପୁରୀ ଲୋକସଭା ଆସନ ବିଜେଡିର ଏକ ଅଭେଦ୍ୟ ଦୁର୍ଗ ଭାବେ ପରିଗଣିତ ହୋଇଆସୁଛି। ଏଥର ପୁରୀ ସଂସଦୀୟ କ୍ଷେତ୍ର ଉପରେ ସବୁ ଦଳର ରହିଛି କଡ଼ା ନଜର।





ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ବିଜେଡି ଏବଂ ବିଜେପି ପ୍ରାର୍ଥୀ ସ୍ପଷ୍ଟ ହୋଇଯାଇଥିବା ବେଳେ କଂଗ୍ରେସ ଏ ପର୍ଯ୍ୟନ୍ତ କାହା ନାଁ ଘୋଷଣା କରିନାହିଁ। ତେବେ ଅରୂପ ପଟ୍ଟନାୟକଙ୍କ ନାଁ ଘୋଷଣା ପରେ ବିଜେଡି ଶିବିରରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ଗୋଟିଏ ଦୃଷ୍ଟିରୁ ଦେଖିଲେ, ମାଟିର ପୁଅ ଭାବେ ଅବତୀର୍ଣ୍ଣ ହୋଇଛନ୍ତି ଅରୂପ। ତାଙ୍କ ନିଜ ଗାଁ ପିପିଲି ନିର୍ବାଚନମଣ୍ଡଳୀ ଡେଲାଙ୍ଗ ଅଞ୍ଚଳରେ। ମାଟିର ପୁଅ ନାରା, କ୍ଲିନ୍ ଇମେଜର ପ୍ରଶାସନିକ ଭାବେ ଟ୍ରାକ୍ ରେକର୍ଡ ସହ ସମାଜସେବୀ ଅରୂପଙ୍କୁ ପୁରୀ ଲଢ଼େଇକୁ ଛାଡ଼ି ଏଥର ପୁଣି ବାଜି ମାରିବା ଲକ୍ଷ୍ୟରେ ରହିଛି ବିଜେଡି। ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ସାଙ୍ଗକୁ ଅରୂପଙ୍କ ବ୍ୟକ୍ତିତ୍ୱ ବିଜେଡିକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ନେବ ବୋଲି ଚର୍ଚ୍ଚା ହେଉଛି। ମୁମ୍ବାଇର ପୂର୍ବତନ ପୁଲିସ କମିସନର ଅରୂପ ୨୦୧୯ରେ ନୂଆ କରି ରାଜନୀତିକୁ ପ୍ରବେଶ କରି ଭୁବନେଶ୍ୱର ଲୋକସଭା ଆସନରୁ ଲଢ଼ିଥିଲେ ହେଁ ଅଳ୍ପ ଭୋଟ ବ୍ୟବଧାନରେ ଅସଫଳ ହୋଇଥିଲେ। ହେଲେ ଏହି ୫ବର୍ଷ ମଧ୍ୟରେ ରାଜନୀତିର ଜଣେ ଅଭିଜ୍ଞ ବ୍ୟକ୍ତିତ୍ୱ ଭାବେ ନିଜକୁ ପ୍ରମାଣିତ କରିଥିବା ଅରୂପ ଓଡ଼ିଶା ମୋ ପରିବାର ଦାୟିତ୍ୱ ନେଇ ଜଣେ ସମାଜସେବୀ ଭାବେ ନିଜ ଛବି ତିଆରି କରିଛନ୍ତି। ତେଣୁ ଏଥର ପୁରୀରୁ ତାଙ୍କୁ ପ୍ରାର୍ଥୀ ବିଜେଡି ନିଜ ଗଡ଼କୁ ସୁରକ୍ଷା ଦେବା ଲାଗି ଅଣ୍ଟା ଭିଡ଼ିଛି।

ରାଜ୍ୟ ସରକାର ସମଗ୍ର ରାଜ୍ୟରେ ବିଶେଷକରି ପୁରୀରେ ଯେଉଁଭଳି ବିକାଶମୂଳକ କାର୍ଯ୍ୟ କରିଛନ୍ତି, ତାହା ବିଜେଡିକୁ ଫାଇଦାରେ ରଖିବ ବୋଲି ରାଜନୈତିକ ମହଲ ଆକଳନ କରୁଛନ୍ତି। ପୁରୀ ସଂସଦୀୟ କ୍ଷେତ୍ର ଅଧୀନ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ କେବଳ ଚିଲିକାକୁ ବାଦ୍ ଦେଲେ ଅନ୍ୟ ୬ଟିରୁ କିଏ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ କରିଛି ବିଜେଡି। ଇତିମଧ୍ୟରେ ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ପ୍ରାର୍ଥୀମାନେ ଭୋଟରଙ୍କ ପାଖରେ ପହଞ୍ଚିଲେଣି। ଅରୂପ ମଧ୍ୟ ଦଳୀୟ ସଭାସମିତିରେ ଭୋଟରଙ୍କ ନିକଟତର ହେଲେଣି। ଜଣେ ଭଲ ବ୍ୟକ୍ତିତ୍ୱ ଭାବେ ଭୋଟର୍‌ମାନେ ତାଙ୍କୁ ସ୍ୱାଗତ କରୁଥିବା ଦେଖିବାକୁ ମିଳୁଛି।

ଅନ୍ୟପକ୍ଷରେ ୨୦୧୯ ନିର୍ବାଚନରେ ବିଜେଡିଠାରୁ ପରାସ୍ତ ହୋଇଥିବା ବିଜେପିର ସମ୍ବିତ ପାତ୍ର ଏଥର ବେଶ୍ ଆଶାବାଦୀ ରହିଛନ୍ତି। ସେ ବିଭିନ୍ନ ଅଞ୍ଚଳକୁ ଯାଇ ସଭା ସମିତିରେ ଯୋଗ ଦେଉଛନ୍ତି। କିନ୍ତୁ ଅନେକ ସମୟରେ ସେ ବିକାଶ କାର୍ଯ୍ୟକୁ ବିରୋଧ କରିଥିବା ନଜିର ରହିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ବଡ଼ ଦୃଷ୍ଟାନ୍ତ। ବଡ଼ଦେଉଳର ସୁରକ୍ଷା ଏବଂ ଭକ୍ତଙ୍କ ସୁବିଧା ପାଇଁ ହେଉଥିବା ବିକାଶ କାମକୁ ଅଟକାଇଥିବାରୁ ସମ୍ବିତଙ୍କ ଉପରେ ବାଜିଛି ବିକାଶ ବିରୋଧୀର ଷ୍ଟାମ୍ପ। ତେଣୁ ଆଗାମୀ ନିର୍ବାଚନରେ ଏହା ସମ୍ବିତଙ୍କ ପାଇଁ ମହଙ୍ଗା ପଡ଼ିପାରେ ବୋଲି ଚର୍ଚ୍ଚା ହେଉଛି।

---

**ବ୍ରହ୍ମପୁର ଓ ଗୋପାଳପୁରରେ ବିଜେପିର ମାଳମାଳ ଆଶାୟୀ**

# ଛିଣ୍ଡୁନି ଅଙ୍କ; ଟିକଟ ନ ମିଳିଲେ ବିଦ୍ରୋହ ଲାଗି ସଜବାଜ

**ବ୍ରହ୍ମପୁର, ୩୧।୩ (ସମିସ):** ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ତାଲିକା ଚୂଡ଼ାନ୍ତ କରିବାରେ ବିଭିନ୍ନ ଦଳ ମଧ୍ୟରେ ଛକାପଞ୍ଝା ଜାରି ରହିଛି। ତେବେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରି ନଥିବା ବେଳେ ବିଜେପିରେ ଚୂଡ଼ାନ୍ତ ତାଲିକାକୁ ନେଇ ଅଙ୍କ ଛିଣ୍ଡୁ ନଥିବା ଜଣାପଡ଼ିଛି। ୧୯୫୧ ମସିହାରୁ ଆଜି ପର୍ଯ୍ୟନ୍ତ ଥରେ ମଧ୍ୟ ଏହି ଆସନ ବିଜେପି ହାତକୁ ଯାଇନଥିବା ବେଳେ ୧୯୯୦ ମସିହାରୁ ଜନତା ଦଳ ଓ ୨୦୦୦ ମସିହାରୁ ଏହି ଆସନ ବିଜୁ ଜନତା ଦଳ ଅକ୍ତିଆରରେ ରହି ଆସିଛି। ପ୍ରତି ନିର୍ବାଚନରେ ବିଜେଡିର ଭୋଟ୍ ହାର ବୃଦ୍ଧି ପାଇବା ସହ ଗତ ୨୦୧୯ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କୁ ସର୍ବାଧିକ ଶତକଡ଼ା ୫୭.୨୭% ଭୋଟ ମିଳିଥିଲା। ଏହି ଆସନରୁ ବିଜେଡି ପ୍ରାର୍ଥୀମାନେ କ୍ରମାଗତ ବିଜୟୀ ହୋଇ ନିଜର ଆଧିପତ୍ୟ ବଜାୟ ରଖିଛନ୍ତି। ତେବେ ଚଳିତଥର ଏହି ବିଧାନସଭା ଆସନରେ ଚିତ୍ର ସାମାନ୍ୟ ବଦଳିଛି। ସ୍ଥାନୀୟ ବିଧାୟକ ତଥା ବିଜେଡି ଯୁବନେତା ବିକ୍ରମ କୁମାର ପଣ୍ଡାଙ୍କୁ ବ୍ରହ୍ମପୁର ପରିବର୍ତ୍ତେ ଗୋପାଳପୁର ବିଧାନସଭା ଆସନରୁ ଦଳ ପ୍ରାର୍ଥୀ କରିଛି।



ସେପଟେ ଗୋପାଳପୁର ଓ ବ୍ରହ୍ମପୁର ଉଭୟ ଆସନ ପାଇଁ ବିଜେପି ନିଜର ପ୍ରାର୍ଥୀ ଚୂଡ଼ାନ୍ତ କରିପାରିନାହିଁ। ଉଭୟ ଆସନ ପାଇଁ ବିଜେପିରେ ମାଳମାଳ ଆଶାୟୀ ରହିଥିବାରୁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିବାରେ ସମସ୍ୟା ଉପୁଜୁଥିବା ଜଣାପଡ଼ିଛି। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଜେପିରେ ସାମିଲ ହେବା ପରେ ତାଙ୍କୁ ବ୍ରହ୍ମପୁର ଲୋକସଭା ଆସନରୁ ପ୍ରାର୍ଥୀ ଘୋଷଣା କରିଛି ବିଜେପି। ତେବେ ଗୋପାଳପୁରରୁ ୨୦୦୯ ମସିହାରୁ କ୍ରମାଗତ ୩ଥର ପରାଜିତ ହୋଇଥିବା ବିଜେପି ପ୍ରାର୍ଥୀ ବିଭୂତି ଜେନାଙ୍କୁ ଚଳିତ ଥର ଦଳ ପ୍ରାର୍ଥୀ କରିବ କି ନାହିଁ, ତାହା ମଧ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସେପଟେ ଗୋପାଳପୁର ଆସନ ପାଇଁ ମଧ୍ୟ ଦଳରେ ମାଳମାଳ ଆଶାୟୀ ଅଛନ୍ତି। ପୂର୍ବ ନିର୍ବାଚନଗୁଡ଼ିକରେ ବିଜେପି ପ୍ରାର୍ଥୀ ବିଭୂତି ଜେନାଙ୍କୁ ସମର୍ଥନ ଓ ସହଯୋଗ କରୁଥିବା ବହୁନେତା ଚଳିତଥର ନିଜେ ଟିକଟ ଲବିରେ ଅଛନ୍ତି। ଫଳରେ କ୍ରମାଗତ ପରାଜିତ ହେଉଥିବା ବ୍ୟକ୍ତିଙ୍କ ସ୍ଥାନରେ ନୂଆ ଚେହେରାକୁ ପ୍ରାର୍ଥୀ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏଭଳି ପରିସ୍ଥିତିରେ ଟିକଟ ପାଇବାରୁ ବଞ୍ଚିତ ହେଲେ ଚଳିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଅସହଯୋଗ କରିବା ସହ ବିଦ୍ରୋହ ପାଇଁ କିଛି ଆଶାୟୀ ସଜବାଜ ହେଉଥିବା ସୂଚନା ମିଳିଛି।

ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ (୧୩୩) ବ୍ରହ୍ମପୁର ବିଧାନସଭା ଆସନ ଉପରେ ମଧ୍ୟ ସବୁ ଦଳର ନଜର ରହିଛି। ବିଜେଡି ହାତରେ ରହିଆସିଥିବା ଏହି ଆସନ ପାଇଁ ଖୁବଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା ହେବାର ସମ୍ଭାବନା ଥିବା ବେଳେ ଦଳୀୟ ପ୍ରାର୍ଥୀଙ୍କୁ ସମସ୍ତେ ସହଯୋଗ କରିବେ ବୋଲି ଜଣାପଡ଼ିଛି। ତେବେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ବିଜେପିରୁ ମାଳମାଳ ଆଶାୟୀ ରହିଛନ୍ତି। ପୂର୍ବତନ ଜିଲ୍ଲା ସଭାପତି କାହ୍ନୁଚରଣ ପତି ଗତ ୨୦୧୯ରେ ଦଳୀୟ ପ୍ରାର୍ଥୀ ହୋଇଥିବା ବେଳେ ପୂର୍ବତନ ମେୟର ଶିବଶଙ୍କର ଦାଶ ୨୦୧୪ ନିର୍ବାଚନରେ ବିଜେପିରୁ ପ୍ରାର୍ଥୀ ଥିଲେ। ଅନ୍ୟ ଆଶାୟୀଙ୍କ ମଧ୍ୟରେ ନିକଟରେ ବିଜେପିରେ ଯୋଗ ଦେଇଥିବା ପୂର୍ବତନ କର୍ପୋରେଟର କେ. ଅନୀଲ କୁମାର, ଜିଲ୍ଲା ବିଜେପି ଉପସଭାପତି ରାମ କୁମାର ପାତ୍ରଙ୍କ ସମେତ ବର୍ତ୍ତମାନର ଜିଲ୍ଲା ସଭାପତି ଡାକ୍ତର ସୁବାସ ସାହୁ, ଅନୁଜା ନନ୍ଦ ବିଶ୍ୱାଳ ଓ ଗତ ପୌର ନିର୍ବାଚନରେ ବିଜେପିରୁ ମେୟର ପ୍ରାର୍ଥୀ ଥିବା ଡଃ ସବିତା ସୁଆର ମଧ୍ୟ ଏହି ଆସନରୁ ଦଳୀୟ ଟିକଟ ପାଇଁ ଆଶାୟୀ ଥିବା ଜଣାପଡ଼ିଛି। ଏହାବ୍ୟତୀତ ଚଳଚ୍ଚିତ୍ର ତାରକା ତଥା ପୂର୍ବତନ ବ୍ରହ୍ମପୁର ଲୋକସଭା ସାଂସଦ ସିଦ୍ଧାନ୍ତ ମହାପାତ୍ର ବିଜେପିରେ ଯୋଗଦେବା ପରେ ତାଙ୍କ ନାମକୁ ନେଇ ମଧ୍ୟ ଦଳ ଚିନ୍ତା କରୁଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ଏଣୁ ଏହି ଆସନରୁ ବହୁ ଆଶାୟୀ ଥିବା ବେଳେ ଜଣଙ୍କୁ ଟିକଟ ମିଳିଲେ ଦଳର ସାଙ୍ଗଠନିକ ସ୍ଥିତି ଉପରେ ପ୍ରଭାବ ପଡ଼ିବା ଏକରକମ ଥୟ ବୋଲି ରାଜନୈତିକ ବିଶାରଦମାନେ କହିଛନ୍ତି।

କେବଳ ଏତିକି ନୁହେଁ, ଆଶାୟୀଙ୍କୁ ଟିକଟ ନ ମିଳିଲେ ବିଜେପିର ଦଳୀୟ ପ୍ରାର୍ଥୀଙ୍କୁ ଅସହଯୋଗ କରିବା ସହ ବିଦ୍ରୋହ କରି ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ମଧ୍ୟ ନିଜ ସମର୍ଥକଙ୍କ ସହ କିଛି ନେତା ମସୁଧା କରୁଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତିରେ ବିଜେପି ଜିଲ୍ଲା ସଭାପତି ଡାକ୍ତର ସୁବାସ ସାହୁଙ୍କୁ ଜିଲ୍ଲା ବିଜେପିର କିଛି ପୁରୁଖା ନେତା କୋଣଠେସା କରି ନିଜର ମନମାନି ଜାହିର କରୁଥିବା ଦେଖିବାକୁ ମିଳିଛି। ଏକଥା ଜିଲ୍ଲାରୁ ଆରମ୍ଭ କରି ଦଳର ରାଜ୍ୟ ନେତୃମଣ୍ଡଳୀଙ୍କୁ ମଧ୍ୟ ଅଛପା ନାହିଁ। ଏଭଳି ପରିସ୍ଥିତିରେ ଗତ କିଛି ମାସ ତଳେ ଦାୟିତ୍ୱ ଗ୍ରହଣ କରିଥିବା ଜିଲ୍ଲା ବିଜେପି ସଭାପତି ସାଙ୍ଗଠନିକ ସ୍ଥିତିରେ କିଛି ପରିବର୍ତ୍ତନ କରିବାକୁ ଚିନ୍ତା କରୁଥିବା ଜଣାପଡ଼ିଛି। ଜିଲ୍ଲାର ପୂର୍ବତନ ସଭାପତିଙ୍କ ଦ୍ୱାରା ନିଯୁକ୍ତ କିଛି ମଣ୍ଡଳ ସଭାପତି ସ୍ତରରେ ଅଦଳବଦଳ କରି ଭିନ୍ନ ଦାୟିତ୍ୱ ଦେବାକୁ ଯୋଜନା ରହିଛି। ଫଳରେ ନିର୍ବାଚନ ପୂର୍ବରୁ ଜିଲ୍ଲା ବିଜେପିରେ ସାଙ୍ଗଠନିକ କ୍ଷେତ୍ରରେ ପରିବର୍ତ୍ତନ କରି ଦଳୀୟ କର୍ମୀଙ୍କୁ ଏକଜୁଟ କରି ଅଧିକ ସୁଦୃଢ଼ କରିବାକୁ ଯୋଜନା ଚାଲିଥିବା ସୂଚନା ଦେଇଛନ୍ତି ଜିଲ୍ଲା ବିଜେପି ସଭାପତି ଡାକ୍ତର ସୁବାସ ସାହୁ।

---

**ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ**

# ଭାଗ୍ୟ ନିର୍ଦ୍ଧାରଣ କରିବେ ୨.୧୧ ଲକ୍ଷ ଭୋଟର

କେନ୍ଦୁଝର, ୩୧।୩ (ସମିସ): କେନ୍ଦୁଝର ଜିଲ୍ଲାର ୬ଗୋଟି ବିଧାନସଭା ଆସନ ମଧ୍ୟରୁ ପାଟଣା (ଏସ୍‌ଟି) ସଂରକ୍ଷିତ ଆସନଟି ଅନ୍ୟତମ। ୨୦୧୪-୧୯ରୁ ୨୦୧୯-୨୪ରେ ଏହି ଆସନଟି ବିଜେଡି ନିଜ ଅକ୍ତିଆରକୁ ନେଇଥିଲା। ଏଥର ମଧ୍ୟ ଏହି ଆସନଟିରେ ବିଧାୟକ ଜଗନ୍ନାଥ ନାୟକଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିଥିବାରୁ ସେ ଦ୍ୱିତୀୟ ପାଳି ବିଜୟବାନା ଉଡ଼ାଇବାକୁ ଅଭିଯାନ ଆରମ୍ଭ କରିଛନ୍ତି। ଏହି ନିର୍ବାଚନମଣ୍ଡଳୀର ସମସ୍ତ ୫୬ପଞ୍ଚାୟତରେ ଅନୁସୂଚିତ ଜନଜାତି ଭୋଟର୍‌ଙ୍କ ସଂଖ୍ୟା ଅଧିକ ରହିଛି। ତେଣୁ ସେମାନଙ୍କ ଭୋଟ ସବୁବେଳେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ପାଟଣା ବ୍ଲକର ସମସ୍ତ ୨୦ ପଞ୍ଚାୟତ, ସାହାରପଡ଼ା ବ୍ଲକର ସମସ୍ତ ୨୦ ପଞ୍ଚାୟତ ଓ ଚମ୍ପୁଆ ବ୍ଲକର ୨୨ରୁ ୬ଟି ପଞ୍ଚାୟତ, ଝୁମ୍ପୁରା ବ୍ଲକର ୨୨ ପଞ୍ଚାୟତରୁ ୧୦ଟି ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ।



ଆଗାମୀ ୨୦୨୪ ବିଧାନସଭା ନିର୍ବାଚନରେ ଏଠାରୁ ୧,୦୫,୫୦୮ ଜଣ ପୁରୁଷ ଏବଂ ୧, ୦୬, ୨୨୮ଜଣ ମହିଳା ଭୋଟର୍ ଏବଂ ୨ ଜଣ ଅନ୍ୟାନ୍ୟ ଭୋଟର୍‌ଙ୍କୁ ମିଶାଇ ମୋଟ ୨,୧୧,୭୩୮ ଜଣ ଭୋଟର ସେମାନଙ୍କର ମତ ସାବ୍ୟସ୍ତ କରିବାକୁ ଯାଉଛନ୍ତି। ଏହି ନିର୍ବାଚନମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ଜନସଂଖ୍ୟାର ୬୮.୯୨ ପ୍ରତିଶତ ରହିଥିବା ବେଳେ ଏଥିମଧ୍ୟରୁ ମହିଳା ଭୋଟର ୬୯.୪୪ ପ୍ରତିଶତ ଏବଂ ୬୮.୪୧ ପ୍ରତିଶତ ପୁରୁଷ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ଏଥର ୨୭୩ ଗୋଟି ବୁଥରେ ଭୋଟ୍ ଗ୍ରହଣ ହେବ ବୋଲି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

ଗତ ୨୦୧୪ ନିର୍ବାଚନରେ ଏଠାରେ ୨୯.୩୨ ପ୍ରତିଶତ ଭୋଟ ସହିତ ମୋଟ ୪୪୫୮୪ ଖଣ୍ଡ ଭୋଟ ପାଇ ବିଜୁ ଜନତା ଦଳର ପ୍ରାର୍ଥୀ ହୃଷୀକେଶ ନାଏକ ବିଜୟ ହୋଇଥିଲେ। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଭବାନୀ ନାୟକଙ୍କୁ ୮୮୪୩ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ଭବାନୀ ୨୩.୯୮ ପ୍ରତିଶତ ବା ୩୫, ୭୪୧ ଖଣ୍ଡ ଭୋଟ ପାଇଥିଲେ। ସେଥର କଂଗ୍ରେସ ପ୍ରାର୍ଥୀ ସନାତନ ନାୟକ ୨୦, ୨୩୮ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଗୌରହରି ନାୟକ ୨୨, ୪୩୦ ଭୋଟ ପାଇଥିଲେ। ୨୦୧୯ ନିର୍ବାଚନରେ ପୁଣି ଏହି ଆସନକୁ ବିଜେଡି ନିଜ ହାତକୁ ନେଇଥିଲା। ବିଜେଡିର ଜଗନ୍ନାଥ ନାୟକ ୪୨.୯୨ ପ୍ରତିଶତ ଭୋଟ ସହ ୭୦, ୩୧୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଏଥର ବିଜେପି ପ୍ରାର୍ଥୀ ଭବାନୀ ନାୟକ ୬୨, ୫୧୪ଖଣ୍ଡ ଭୋଟ ପାଇ ୭୭୯୬ ଭୋଟ ବ୍ୟବଧାନରେ ହାରିଯାଇଥିଲେ। କଂଗ୍ରେସ ପ୍ରାର୍ଥୀ ୧୩, ୦୫୮ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାୟକ ୮୦୭୪ ଖଣ୍ଡ ଭୋଟ ହାତେଇବାକୁ ସକ୍ଷମ ହୋଇଥିଲେ।

---

**ଲବିରେ ୩ ଆଶାୟୀ ; ଧର୍ମଶାଳା ବିଜେପି ଟିକଟ କାହାର**

# ସ୍ମୃତିରେଖା ଅନ୍ତର୍ଦ୍ଧାନ; ସଂଗଠନ ସଜାଡୁଛନ୍ତି ହିମାଂଶୁ

**ଧର୍ମଶାଳା, ୩୦।୩(ସମିସ):** ବିଜେପି ବିଧାନସଭା ପ୍ରାର୍ଥୀ ଚୟନ ଏଯାଏ ହୋଇନାହିଁ। ସମ୍ଭବତଃ ଆଉ ଦିନ କେଇଟା ପରେ ଘୋଷଣା ହୋଇପାରେ। କିନ୍ତୁ ଏଠାରେ ନେତୃତ୍ୱ ଜାହିର୍ କରି ଆସୁଥିବା ବିଜେପି ନେତ୍ରୀ ସ୍ମୃତିରେଖା ପହି ଯେତିକି ସକ୍ରିୟ ହେବା କଥା, ସେତିକି ନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ନିର୍ବାଚନ ଯେତେ ପାଖଉଛି, ତାଙ୍କ ସଂଗଠନ ବା ରାଜନୈତିକ କାର୍ଯ୍ୟକ୍ରମ ସେତେ ଶିଥିଳ ହେବାରେ ଲାଗିଛି। ଏକପ୍ରକାର ସେ ଅନ୍ତର୍ଦ୍ଧାନ ବୋଲି ବିରୋଧୀଙ୍କ ଶିବିରରେ ଚର୍ଚ୍ଚା ହେଲାଣି। ଅପରପକ୍ଷେ ଗତ ଡିସେମ୍ବରରେ ବିଜେପିରେ ଯୋଗ ଦେଇଥିବା ଯୁବନେତା ଇଂ. ହିମାଂଶୁ ଶେଖର ସାହୁ ଗତ ଚାରି ମାସ ହେଲା ବିଜେପି ସଂଗଠନକୁ ଧର୍ମଶାଳାରେ ସଜାଡ଼ିବାରେ ଲାଗିଛନ୍ତି। ଏପରିକି ସ୍ମୃତିଙ୍କ ଶିବିରରେ ଥିବା ଅର୍ଦ୍ଧାଧିକ ଆଗଧାଡ଼ିର କର୍ମୀ ଏବେ ହିମାଂଶୁଙ୍କ ସହ ରହି ସଂଗଠନକୁ ସମ୍ଭାଳିଛନ୍ତି। ବିଜେପି କାହାକୁ ପ୍ରାର୍ଥୀ ଘୋଷଣା କରିବ, ତାକୁ ଗୁରୁତ୍ୱ ନ ଦେଇ ହିମାଂଶୁ ଦୈନନ୍ଦିନ ବିଜେପି ସଂଗଠନ ବୃଦ୍ଧି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ସ୍ମୃତିଙ୍କ ହଠାତ୍ ନିରବତା ତାଙ୍କ ସହ ଥିବା କର୍ମୀଙ୍କୁ ହତୋତ୍ସାହିତ କରିଛି।

୨୦୧୯ ପୂର୍ବରୁ ରମେଶ ଚନ୍ଦ୍ର ପରିଡ଼ା ବିଜେପିର ନେତୃତ୍ୱ ନେଇ ଆସୁଥିଲେ। ୨୦୨୧ରେ ସ୍ମୃତିରେଖା କଂଗ୍ରେସ ଛାଡ଼ି ବିଜେପିରେ ମିଶିବାର କିଛି ମାସ ପରେ ରମେଶ ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଏହା ପରଠାରୁ ବିଜେପିର ମଙ୍ଗ ଧରିଥିଲେ ସ୍ମୃତିରେଖା। ସେହି ସମୟରେ ତାଙ୍କ ସହ ସମାନ୍ତରାଳ ସଂଗଠନ କରିଆସୁଥିଲେ ବିଜେପିର ଅନ୍ୟତମ ପୁରୁଣା ନେତା ସର୍ବେଶ୍ୱର ବେହୁରା। ହେଲେ ହିମାଂଶୁଙ୍କ ଦଳରେ ପ୍ରବେଶ ପରେ ବିଜେପି ଆଉ ଏକ ଶାଖା ଖୋଲିଛି। ଯଦିଓ ଦଳ ତିନି ଭାଗରେ ବିଭକ୍ତ, ଅଧିକାଂଶ କର୍ମୀ ହିମାଂଶୁଙ୍କ ପାଖରେ ରହିଥିବା ତାଙ୍କ ବିଭିନ୍ନ କାର୍ଯ୍ୟକ୍ରମରୁ ଦେଖିବାକୁ ମିଳୁଛି। ସ୍ମୃତିରେଖା, ସର୍ବେଶ୍ୱର ଓ ହିମାଂଶୁ ଏବେ ଟିକଟ ଲବିରେ ରହିଛନ୍ତି। ତେବେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିଷ୍ପତ୍ତି ଉପରେ ହିମାଂଶୁ ଓ ସର୍ବେଶ୍ୱରଙ୍କ ପ୍ରାର୍ଥିତ୍ୱ ନିର୍ଭର କରୁଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଭଲ ସମ୍ପର୍କ ରହିଛି ସ୍ମୃତିରେଖାଙ୍କର। କାହା ଲବିରେ କିଏ ଟିକଟ ପାଇବ, ତାକୁ ସମର୍ଥକଙ୍କ ଅପେକ୍ଷା ରହିଛି। ସେପଟେ ଧର୍ମଶାଳା ଭଳି ବିଜେଡି ଗଡ଼ରେ ତଥା ବିଜେଡି ପ୍ରାର୍ଥୀ ପ୍ରଣବ ବଳବନ୍ତରାୟଙ୍କ ଭଳି ଟାଣୁଆ ନେତାଙ୍କ ବିରୁଦ୍ଧରେ ବିଜେପି କାହାକୁ ପ୍ରାର୍ଥୀ କରିବ, ଆଉ କିଛି ଦିନ ମଧ୍ୟରେ ତାହା ସ୍ପଷ୍ଟ ହୋଇଯିବ।

---

**ଜଳେଶ୍ୱର ବିଧାନସଭା**

# କର୍ମୀଙ୍କୁ ଅଡୁଆ ଆଶାୟୀଙ୍କ ଲମ୍ବା ତାଲିକା

**ଜଳେଶ୍ୱର ବ୍ଲକ, ୩୧।୩ (ସମିସ):** ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବିଧାନସଭା ଆସନରେ ଉଷ୍ମତା ବଢ଼ିବଢ଼ି ଚାଲିଛି। ବିଜେଡିକୁ ଛାଡ଼ି ଅନ୍ୟ ଦୁଇ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ ଓ ବିଜେପିରେ ଆଶାୟୀଙ୍କ ସଂଖ୍ୟା ବଢୁଥିବା ବେଳେ ଏହା କର୍ମୀ ଓ ଭୋଟର୍‌ଙ୍କୁ ଅଡୁଆ କରୁଛି। ବିଶେଷକରି କର୍ମୀମାନେ କାହାକୁ ନେତା ମାନିବେ ଓ କାହା ପାଇଁ ପ୍ରଚାର କରିବେ; ସେନେଇ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁନାହାନ୍ତି।

୨୦୧୯ ନିର୍ବାଚନରେ ଏଠାରୁ ବିଜେଡିର ଅଶ୍ୱିନୀ ପାତ୍ର ପ୍ରାୟ ୮୩ ହଜାର ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଜୟନାରାୟଣ ମହାନ୍ତିଙ୍କଠାରୁ ୩୦ ହଜାର ଭୋଟ ଅଧିକ ପାଇ ନିର୍ବାଚିତ ହୋଇଥିଲେ। ସେହିପରି ୨୦୨୧ରେ ପଞ୍ଚାୟତ ନିର୍ବାଚନ ବେଳେ ବିଜେଡିର ଭୋଟ ହାର ବଢ଼ିଥିଲା। ୨୦୨୪ରେ ଅଶ୍ୱିନୀ ପାତ୍ର ପୁଣି ବିଜେଡି ପ୍ରାର୍ଥୀ ଘୋଷିତ ହୋଇଛନ୍ତି। କିନ୍ତୁ ଅନ୍ୟ ଦଳରୁ ପ୍ରାର୍ଥୀ ଘୋଷଣା ହୋଇନଥିବା ବେଳେ କର୍ମୀମାନେ ଆଶାୟୀଙ୍କ ତାଲିକା ଦେଖି ଅଡୁଆରେ ପଡ଼ିଯାଇଛନ୍ତି।

ଜଳେଶ୍ୱରରେ ବିଜେପି ଗତ ୨୦୧୯ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିଲା। ସ୍ୱର୍ଗତ ଜୟନାରାୟଣ ମହାନ୍ତି ପୂର୍ବରୁ କଂଗ୍ରେସରୁ ୨ଥର ବିଧାୟକ ଥିବା ବେଳେ ୩ୟ ଥର ପାଇଁ ବିଜେପିରୁ ଲଢ଼ିଥିଲେ। ତାଙ୍କୁ କଂଗ୍ରେସର ବହୁ ଭୋଟ ଓ ବିଜେପିର ଭୋଟ ମିଳିଥିବା ଚର୍ଚ୍ଚା ହୋଇଥିଲା। ଏବେ ତାଙ୍କ ଅବର୍ତ୍ତମାନରେ ତାଙ୍କ ପୁଅ ଦିବ୍ୟକାମ ମହାନ୍ତି ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ହେଉଛି। ସେହିପରି ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକର ବାସିନ୍ଦା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଚଳିତଥର ବିଜେପିରୁ ଆଶାୟୀ ଦୌଡ଼ରେ ଅଛନ୍ତି। ୨୦୧୯ ନିର୍ବାଚନରେ ସେ ବସ୍ତା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ବେଳେ ଏଥର ଜଳେଶ୍ୱର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେବେ ବୋଲି ତାଙ୍କ ନିକଟତମ ମହଲରୁ ଶୁଣିବାକୁ ମିଳୁଛି। ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନରେ ବସ୍ତାର ୧୪ଟି ପଞ୍ଚାୟତ ରହିଥିବାରୁ ସେଠାରୁ ସେ ସିଂହଭାଗ ଭୋଟ ନେବେ ବୋଲି ଆଶା ବାନ୍ଧିଛନ୍ତି। ଜଳେଶ୍ୱର ପୌରାଞ୍ଚଳର ପୂର୍ବତନ ପୌରପାଳ ଓ ବିଜେପିର ଜିଲ୍ଲା ଉପସଭାପତି ପ୍ରବୀର ପ୍ରଧାନ ମଧ୍ୟ ବିଜେପିରୁ ଆଶାୟୀ ତାଲିକାରେ ଅଛନ୍ତି। ସେହିପରି ପୂର୍ବରୁ



**■ କାହାକୁ ଛାଡ଼ିବେ, କାହାକୁ ଧରିବେ**
**■ ଅଶ୍ୱିନୀ ପୁଣି ବିଜେଡି ପ୍ରାର୍ଥୀ**

ଜିଲ୍ଲା ପରିଷଦ ସଦସ୍ୟ ଭାବେ କାର୍ଯ୍ୟ କରିଥିବାରୁ ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ ଚଳିତଥର ପ୍ରାର୍ଥୀ ହେବାକୁ ମନ ବଳାଇଛନ୍ତି। ନିକଟରେ ବିଜେପି ପକ୍ଷରୁ ତାଙ୍କୁ ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତି ମିଳିଛି। ନିକଟରେ ଇଞ୍ଜିନିଅରିଂ କଲେଜରୁ ଅଧ୍ୟକ୍ଷ ପଦରୁ ଅବ୍ୟାହତି ନେଇ ନିର୍ବାଚନରେ ଭାଗ ନେବାକୁ ମନ ବଳେଇଛନ୍ତି ଇଞ୍ଜିନିୟର ରତ୍ନାକର ରାୟ। ରାଇବଣିଆ ଅଞ୍ଚଳରେ ତାଙ୍କ ଘର। ସେହିପରି ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ସେବା ଯୋଗାଇ ଆସୁଥିବା ସଂଗ୍ରାମ ପରିଡ଼ା ମଧ୍ୟ ନିର୍ବାଚନରେ ଅବତୀର୍ଣ୍ଣ ହେବାକୁ ଆଶା ବାନ୍ଧିଛନ୍ତି। ଯୁବ ଭୋଟର୍‌ଙ୍କୁ ନେଇ ଆଗେଇ ଚାଲିଥିବା ସିଦ୍ଧାର୍ଥ ଶଙ୍କର ପାଳ, ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ଇଂ.ପରମାନନ୍ଦ ମହାପାତ୍ର, ସମୀର କୁମାର ପାତ୍ରଙ୍କ ନାମ ମଧ୍ୟ ଶୁଣିବାକୁ ମିଳୁଛି। କିଛି ଦିନ ତଳେ ବ୍ରଜମୋହନ ପ୍ରଧାନ ବିଜେଡିରୁ ଆସି ବିଜେପି ଦଳରେ ଯୋଗଦେଇ ପ୍ରାର୍ଥୀ ହେବା ଲାଗି ଜୋରଦାର ଲବି ଚଳାଇଛନ୍ତି। ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ରାମଚନ୍ଦ୍ର ଜେନାଙ୍କୁ ପ୍ରାର୍ଥୀ କରିବା ପାଇଁ ଦଳିତ ସଂଗଠନ ପକ୍ଷରୁ ଦାବି କରାଯାଇଛି।

ଅପରପକ୍ଷେ, କଂଗ୍ରେସରୁ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଏଥର ପୁଣି ତାଲିକାରେ ଆଗରେ ରହିଛନ୍ତି। ସେ ତାଙ୍କର ପ୍ରାର୍ଥିପତ୍ର ସପକ୍ଷରେ ଲଢୁଥିବା ବେଳେ ଜଳେଶ୍ୱରର ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚନ୍ଦ ମଧ୍ୟ ଆଶାୟୀ ରହିଛନ୍ତି। ରାଜ୍ୟସ୍ତରର ଏକ ଗୋଷ୍ଠୀ ସୁଦର୍ଶନଙ୍କୁ ସମର୍ଥନ କରୁଥିବା ବେଳେ ଅନ୍ୟଏକ ଗୋଷ୍ଠୀ ଦେବୀ ପ୍ରସନ୍ନଙ୍କୁ ସହାୟତା କରୁଥିବା ଶୁଣିବାକୁ ମିଳୁଛି। ବାମ ଦଳରୁ ଶିଶିର ହୁଇ ସାଧାରଣ ନିର୍ବାଚନ ଲଢ଼ି ଆସୁଥିବା ବେଳେ ଚଳିତବର୍ଷ ଦିଲ୍ଲୀପ ଗିରି ପ୍ରାର୍ଥୀ ହେବେ ବୋଲି ବିଭିନ୍ନ ସ୍ଥାନରେ ଆଲୋଚନା ଚାଲିଛି।

ବିଭିନ୍ନ ଦଳରେ ଏତେ ସବୁ ଆଶାୟୀଙ୍କ ନାଁ ତାଲିକାରେ ଦେଖି କର୍ମୀ ଏବେ ଅଡୁଆରେ ପଡ଼ିଛନ୍ତି କାହାକ ସମର୍ଥନରେ ବାହାରିବେ।

## ପ୍ରଚାର ଆରମ୍ଭରୁ ଭର୍ତ୍ତୃହରିଙ୍କୁ ସଂତୃପ୍ତଙ୍କ ଟାର୍ଗେଟ୍

# 'ପୁରୁଣା ବୋଲରଙ୍କୁ ଛକା ମାରି ପାରେ ନୂଆ ବ୍ୟାଟ୍ସମ୍ୟାନ'

**କଟକ, ୩୧।୩ (ସମିସ):** "ଜଣେ ନୂଆ ବ୍ୟାଟ୍ସମ୍ୟାନ, ଜଣେ ପୁରୁଣା ବୋଲରଙ୍କୁ ବି ଛକା ମାରିପାରେ। କ୍ରିକେଟ ଇତିହାସରେ ଏଭଳି ଅନେକ ଉଦାହରଣ ରହିଛି। ନୂତନତାର ବିଶେଷତ୍ୱ ସବୁବେଳେ ଅଛି। ଅଭିଜ୍ଞତା ଓ ନୂତନତ୍ୱର ଦ୍ୱନ୍ଦ୍ୱ ଭିତରେ, ନୂତନତା ହିଁ ଜିତିଥାଏ। ଜଣେ ନୂଆ ଚେହେରା ହିସାବରେ ମନରେ କୌଣସି ଦ୍ୱନ୍ଦ୍ୱ ନରଖି ନିର୍ବାଚନକୁ ଓହ୍ଲାଇଛି। ନିଜେ ଖୋଦ୍ ଜଣେ କଟକିଆ। କଟକବାସୀଙ୍କ ଭଲ ପାଇବା ନିଶ୍ଚିତ ପାଇବି। କମ୍ ସମୟ ଭିତରେ ସମସ୍ତ କଟକବାସୀଙ୍କ ପାଖରେ କିପରି ପହଞ୍ଚିବି ତାହା ପ୍ରାଥମିକ ଲକ୍ଷ୍ୟ"। ନିର୍ବାଚନୀ ମଇଦାନକୁ ଓହ୍ଲାଇବା ପରେ ଏହି ମତ ରଖିଛନ୍ତି, ବିଜେଡିର କଟକ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର। ତେବେ ଶ୍ରୀ ମିଶ୍ରଙ୍କ ବିରୋଧରେ ଏଥର ନିର୍ବାଚନ ଲଢ଼ିବେ ଭର୍ତ୍ତୃହରି ମହତାବ। ୬ଥର ସାଂସଦ ହୋଇଥିବା ଶ୍ରୀ ମହତାବ ବିଜୁ ଜନତା ଦଳ ଛାଡ଼ି ନିକଟ ଅତୀତରେ ପଦ୍ମ ଧରିଛନ୍ତି। ଉଭୟଙ୍କ ମୁକାବିଲାକୁ ନେଇ ଗଣମାଧ୍ୟମ ପକ୍ଷରୁ ହୋଇଥିବା ପ୍ରଶ୍ନରେ ବିଜେଡି ସାଂସଦ ପ୍ରାର୍ଥୀ ସଂତୃପ୍ତ ଏଭଳି ଢ଼ଙ୍ଗରେ କଡ଼ା ଜବାବ ଦେଇଛନ୍ତି।

ଶ୍ରୀ ମିଶ୍ର ରବିବାରଠାରୁ ପ୍ରଚାର ଆରମ୍ଭ କରିଛନ୍ତି। ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ଶତାଧିକ ଯୁବକ ଓ ଛାତ୍ରଙ୍କୁ ନେଇ ଆୟୋଜିତ ପ୍ରଥମ ବୈଠକରେ ହିଁ ବିଜେଡି ସଭାପତି ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଆଗରେ ସବୁ ଫିକା ପଡ଼ିବ ବୋଲି ଦୃଢ଼ୋକ୍ତିର ସହ କହିଛନ୍ତି ସଂତୃପ୍ତ। ସେ କହିଥିଲେ ଯେ ସମାଜ ଗଠନରେ ଯୁବକ ଓ ଛାତ୍ରଙ୍କ ପ୍ରମୁଖ ଭୂମିକା ରହିଥାଏ। ରାଜ୍ୟରେ ଯୁବକ ଓ ଛାତ୍ରମାନଙ୍କୁ ନବୀନ ପଟ୍ଟନାୟକ ଅଗ୍ରାଧିକାର ଦେଇ ଆସିଛନ୍ତି। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଏହାର ଉଦାହରଣ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହି ଯୁବକ ଓ ଛାତ୍ରମାନଙ୍କ କାନ୍ଧରେ ଭବିଷ୍ୟତ ନିର୍ଭର କରେ। ଯୁବ-ଛାତ୍ରଙ୍କ ଶକ୍ତି ସମ୍ମୁଖରେ ସମସ୍ତେ ଶକ୍ତିହୀନ ବୋଲି ସଂତୃପ୍ତ କହିଥିଲେ।



ବାଙ୍କୀ ବିଧାୟକ ତଥା ଛାତ୍ର ବିଜେଡିର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଦେଉଳ ସାହିସ୍ଥିତ ମୋନାଲିସା ମଣ୍ଡପରେ ବୈଠକ ଡକାଯାଇଥିଲା। ବିଜୁ ଯୁବ ଜନତା ଦଳର କଟକ ନଗର ସଭାପତି ସୌମ୍ୟଦୀପ ଘୋଷ, ରାଜ୍ୟ ଉପସଭାପତି ମିହିର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଜଗତଜ୍ୟୋତି ପଟ୍ଟନାୟକ, ମନୋଜ ମହାନ୍ତି, ଅମରେଶ ରାଜ୍, ଯୁବ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ରାୟ, ବିଜୁ ଛାତ୍ର ଜନତା ଦଳର କଟକ ଜିଲ୍ଲା ସଭାପତି ଆଶିଫ ଅମିନ, ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର, ଅବିନାଶ ମହାନ୍ତି, ରାଜ୍ୟ ସମ୍ପାଦକ ସୁମନ ବେହେରା, ଆଶାଶ୍ରୀ ସାହୁ, ନଗର ସଭାପତି ସଞ୍ଜୟ ପଟ୍ଟନାୟକ, ବାରବାଟୀ ଯୁବ ସଭାପତି ସୟଦ୍ ଜଲିଲ, ବାରବାଟୀ ଛାତ୍ର ସଭାପତି ଜଗନ୍ନାଥ ମହାରଣା, ଜ୍ୟୋତି ରଞ୍ଜନ ମହାନ୍ତି, ଶୁଶ୍ରୁତ ମହାନ୍ତି, ହୁସେନ ଅବରାର, ତାପସ ବେହେରା, ସୁମନ୍ତ ବେହେରା, ପର୍ମିତ ଦାସ, ରମେଶ ସେଠୀ, ବିପ୍ଳବ ବେହେରା, ଶୋଭନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। କଟକ ଜିଲ୍ଲା ସଂଯୋଜକ ଶୋଭେନ୍ ମହାନ୍ତି ଧନ୍ୟବାଦ ଦେଇଥିଲେ।

---

କନ୍ଧମାଳ ବିଜେପିରେ ଫାଟ ଜଳଜଳ

# ସାଂସଦ ପ୍ରାର୍ଥୀଙ୍କୁ ତୀବ୍ର ବିରୋଧ

**ଫୁଲବାଣୀ, ୩୧।୩ (ସମିସ):** ଜିଲ୍ଲା ବିଜେପିରେ ଫାଟ ଦେଖାଦେଇଛି। ଟିକଟ ଆଶା କରିଥିବା ପ୍ରାର୍ଥୀଙ୍କୁ ଟିକଟ ନ ମିଳିବାରୁ ଏବେ ଘରକଳି ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ଦଳୀୟ ସାଂସଦ ପ୍ରାର୍ଥୀଙ୍କୁ ବିରୋଧ କରାଯାଇଛି। "ଆମଦାନୀ ନେତା ଆଉ ଦରକାର ନାହିଁ। ଉକ୍ତ ପ୍ରାର୍ଥୀଙ୍କୁ ପ୍ରତ୍ୟାହାର କର" ବୋଲି କର୍ମୀମହଲରେ ଜୋରଦାର ଦାବି ହେଲାଣି। କନ୍ଧମାଳ ସାଂସଦ ପ୍ରାର୍ଥୀ ଭାବେ ବିଜେପି ସୁକାନ୍ତ ପାଣିଗ୍ରାହୀଙ୍କ ନାମ ଘୋଷଣା କରିବା ପରେ ଦଳରୁ ତୀବ୍ର ବିରୋଧ ଆରମ୍ଭ ହୋଇଛି। ଏହାକୁ ନେଇ ଜିଲ୍ଲା ବିଜେପି ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ବାରମ୍ବାର ହାରୁଥିବା ଜଣେ ପ୍ରାର୍ଥୀଙ୍କୁ କାହିଁକି ସୁଯୋଗ ଦିଆଯାଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି

- ବିଷ ଉଗାରିଲେ ଜିଲ୍ଲା ଉପସଭାନେତ୍ରୀ ସ୍ମିତାରାଣୀ
- 'ଆମଦାନୀ ନେତା ଆଉ ଦରକାର ନାହିଁ'
- ପ୍ରାର୍ଥୀ ନ ବଦଳାଇଲେ 'ଲକ୍ଷ୍ମଣ ସେନା' ନାଁରେ ସ୍ୱାଧୀନ ପ୍ରାର୍ଥୀ ଦେବୁ

ସ୍ଥାନୀୟ ନେତା। ଏବେ ବି ସମୟ ଅଛି, ରାଜ୍ୟ ବିଜେପି ସଭାପତି ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପ୍ରାର୍ଥୀ ବଦଳାନ୍ତୁ ବୋଲି ଜିଲ୍ଲା ବିଜେପି ପକ୍ଷରୁ କୁହାଯାଇଛି। କନ୍ଧମାଳ ଜିଲ୍ଲାର ଦଳୀୟ ନେତାକୁ ପ୍ରାର୍ଥୀ କରିବାକୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଏହାକୁ ବିରୋଧ କରାଯିବ। ଲକ୍ଷ୍ମଣ ସେନା ନାଁରେ ସ୍ୱାଧୀନ ପ୍ରାର୍ଥୀ ଦିଆଯିବ ବୋଲି ରବିବାର ଫୁଲବାଣୀରେ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଉପସଭାନେତ୍ରୀ ତଥା ଫୁଲବାଣୀ ପୌର ପରିଷଦ ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି ଯୋଗଦେଇ କହିଛନ୍ତି ଯେ ଜିଲ୍ଲାରେ ବହୁ ପ୍ରାର୍ଥୀ ଥିବା ବେଳେ କାହାକୁ କରାଯାଇନାହିଁ। କନ୍ଧମାଳ ଏକ ଥଇଥାନ କେନ୍ଦ୍ର ନୁହଁ ଯେ ଯିଏ ଯେଉଁଠୁ ଆସିବ, ତାକୁ ଆମେ ସମର୍ଥନ କରିବୁ। ଜିଲ୍ଲାରୁ ବହୁ ସାଂସଦ ଆଶାୟୀ ପ୍ରାର୍ଥୀ ରାଜ୍ୟ ସଭାପତିଙ୍କ ପାଖରେ ଆବେଦନ କରିଥିଲେ। ହେଲେ ସେସବୁ ଅଣଦେଖା କରାଯାଇଛି। ପ୍ରକୃତରେ କେନ୍ଦ୍ର ପାଖରେ ଏସବୁ ତଥ୍ୟ ପହଞ୍ଚୁନାହିଁ। ତୃଣମୂଳସ୍ତରରେ ସ୍ଥାନୀୟ ନେତା, କର୍ମୀ ଖଟିବେ ଓ ବାହାରୁ ପ୍ରାର୍ଥୀ ଆସି ଲଢ଼ିବେ। ସୁକାନ୍ତଙ୍କୁ ଦଳ ଟିକଟ ଦେଇଛି, ହେଲେ ସେ ପୂର୍ବରୁ ନିଜ ଅମାନତ ହରାଇଛନ୍ତି। ତେଣୁ କେଉଁ ଆଧାରରେ ତାଙ୍କୁ ଟିକଟ ଦିଆଯାଇଛି ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ନେତା। ଦଳ ପ୍ରାର୍ଥୀ ନବଦଳାଇଲେ, ଆମେ ସମ୍ପୂର୍ଣ୍ଣ ଭାବେ ବିରୋଧ କରିବୁ ବୋଲି କହିଛନ୍ତି।

ଦଳ ସୁକାନ୍ତ ପାଣିଗ୍ରାହୀଙ୍କୁ ସାଂସଦ ପ୍ରାର୍ଥୀ କରିଥିବା ବେଳେ ଜିଲ୍ଲାବାସୀ ଏହାକୁ ଗ୍ରହଣ କରି ପାରୁନାହାନ୍ତି। ୨୦୧୪ରେ ସେ



ସାଂସଦ ପ୍ରାର୍ଥୀ ହୋଇ ଅମାନତ ହରାଇଥିଲେ। ୨୦୧୯ରେ ଖାରବେଳ ସ୍ୱାଇଁଙ୍କୁ ପ୍ରାର୍ଥୀ କରିବା ପରେ କିଛି ମାତ୍ରାରେ ଭୋଟ ବଢ଼ିଥିଲା, କିନ୍ତୁ ସେ ହାରିବା ପରେ ଗଣମାଧ୍ୟମ ଆଗରେ କନ୍ଧମାଳକୁ ନିନ୍ଦିବା ଶୋଭନୀୟ ନୁହେଁ ବୋଲି ବିଜେପି ଜିଲ୍ଲା ଉପସଭାନେତ୍ରୀ କହିଛନ୍ତି। ପୁଣି ସୁକାନ୍ତଙ୍କୁ କେଉଁ ଆଧାରରେ ପ୍ରାର୍ଥୀ କରାଗଲା ବୋଲି ସେ ଅଭିଯୋଗ କରିଛନ୍ତି। ଦଳ ନିଜର ଆଭିମୁଖ୍ୟ ଏବଂ ପ୍ରାର୍ଥୀ ନ ବଦଳାଇଲେ, ଆମେ ଲକ୍ଷ୍ମଣ ସେନା ନାଁରେ ସ୍ୱାଧୀନ ପ୍ରାର୍ଥୀ ଦେବୁ ବୋଲି ସେ କହିଛନ୍ତି। ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି ଓ ସ୍ୱରୂପାନନ୍ଦ ପଟ୍ଟନାୟକ, ଫୁଲବାଣୀ ନଗର ସଭାପତି ସୁଶାନ୍ତ ମହାନ୍ତି, ପ୍ରଣବ କୁମାର ନାୟକଙ୍କ ସହ ଅନ୍ୟ କାର୍ଯ୍ୟକର୍ତ୍ତା ଏବଂ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

---

## ରାୟଗଡ଼ା ବିଧାନସଭା ଆସନ

# ଗଡ଼ ଦଖଲ ଲାଗି ବିଜେଡି ପ୍ରସ୍ତୁତ

**ରାୟଗଡ଼ା, ୩୧।୩ (ସମିସ):** ଚଳିତଥର ରାୟଗଡ଼ା ବିଧାନସଭା ଆସନ ଦଖଲ ଲାଗି ବିଜେଡି ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ ଦଳ ହାତରୁ ଖସିଯାଇଥିବା ଏହି ଆସନକୁ ଦଖଲ କରିବା ଲାଗି ଏଥର ବିଜେଡି ମହିଳା କାର୍ଡ ଖେଳିଛି। ଏହି ଆସନରୁ ତିନି ଥର ବିଧାୟକ ହୋଇ ମନ୍ତ୍ରୀ ହୋଇଥିବା ଲାଲବିହାରୀ ହିମିରିକାଙ୍କ ବଦଳରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝୀଙ୍କୁ ଦଳ ବିଧାୟକ ପ୍ରାର୍ଥୀ କରିଛି। ପ୍ରଥମ ମହିଳା ବିଧାୟିକା ପ୍ରାର୍ଥୀ ଭାବେ ଅନସୂୟାଙ୍କୁ ଏଠାରେ ଦଳ ଟିକଟ ଦେଇଥିବା ବେଳେ ଅନସୂୟାଙ୍କ ବିପକ୍ଷରେ କଂଗ୍ରେସ ଓ ବିଜେପିରୁ କିଏ ପ୍ରାର୍ଥୀ ହେବ, ତାକୁ ନେଇ ସଂଶୟ ଲାଗିରହିଛି। ଉଭୟ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇନଥିବାରୁ ନେତା ଓ କର୍ମୀମାନେ ହତାଶ ହୋଇପଡ଼ିଛନ୍ତି। ଚଳିତଥର ରାୟଗଡ଼ା ବିଧାନସଭା ଆସନରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଚର୍ଚ୍ଚା ଜୋର୍ ଧରିଥିବା ବେଳେ କଂଗ୍ରେସ ଓ ବିଜେପି ଦଳୀୟ ପ୍ରାର୍ଥୀ ଦେବାରେ ପଛରେ ପଡ଼ିଯାଇଛନ୍ତି। ଅପରପକ୍ଷେ ବିଜେଡି ତା'ର ବିଧାୟକ ପ୍ରାର୍ଥୀ ଅନସୂୟାଙ୍କ ନାମ ଘୋଷଣା କରିସାରି ପ୍ରଚାର କାର୍ଯ୍ୟ ଆରମ୍ଭ କରିଛି। ତାଙ୍କୁ ଜିତାଇବା ପାଇଁ ନେତା, କର୍ମୀ ଓ ସମର୍ଥକମାନେ ନିର୍ବାଚନମଣ୍ଡଳୀରେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିସାରିଲେଣି।

**ବିଜେପି, କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ଯୋଗୁଁ ନେତା ଓ କର୍ମୀ ହତାଶ**

ରାୟଗଡ଼ା ଓ କାଶୀପୁର ବ୍ଲକ୍ ସମେତ ରାୟଗଡ଼ା ପୌର ପରିଷଦକୁ ନେଇ ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ୨୦୦୦, ୨୦୦୯ ଓ ୨୦୧୪ ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା କ୍ରମାଗତ ଭାବେ ଏଠାରୁ ବିଧାୟକ ହୋଇ ବିଧାନସଭାକୁ ଯାଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିବା ମକରନ୍ଦ ମୁଦୁଲି ଲାଲବିହାରୀ ହିମିରିକାଙ୍କୁ ୪,୮୭୦ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଥିଲେ। ଏଥିରେ କଂଗ୍ରେସର କାଡ୍ରକା ଆପଲାସ୍ୱାମୀ ୩୯ ହଜାର ୬୫୭ ଖଣ୍ଡ ଭୋଟ୍ ପାଇ ତୃତୀୟ ଓ ବିଜେପିର ବସନ୍ତ କୁମାର ଉଲାକା ୨୪ ହଜାର ୪୨୫ ଖଣ୍ଡ ଭୋଟ୍ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ। ତେବେ ଚଳିତ ବର୍ଷ ସାଧାରଣ ନିର୍ବାଚନରେ ପୁଣି ରାୟଗଡ଼ା ବିଧାନସଭା ଆସନକୁ ନିଜ ଦଖଲରେ ରଖିବା ପାଇଁ ବିଜେଡି ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝୀଙ୍କ ଉପରେ ଆସ୍ଥା



ପ୍ରକଟ କରିଛନ୍ତି। ତାଙ୍କ ବିପକ୍ଷରେ ଲଢ଼ିବାକୁ ବିରୋଧୀ ବିଜେପି ଓ କଂଗ୍ରେସ ପକ୍ଷରୁ ଏଯାବତ୍ ପ୍ରାର୍ଥୀ ଘୋଷଣା ହୋଇନଥିବା ବେଳେ କଂଗ୍ରେସରୁ କାଡ୍ରକା ଆପଲାସ୍ୱାମୀ ଏବଂ ବିଜେପିରୁ ବସନ୍ତ ଉଲାକା ଏବଂ ପ୍ରତାପ ପୁଆଲା ପ୍ରମୁଖ ଆଶାୟୀ ରହିଥିବା ଜଣାପଡ଼ିଛି। ତେବେ ଏମାନଙ୍କୁ ନେଇ ଚିତ୍ର ସ୍ପଷ୍ଟ ହୋଇପାରି ନଥିବାରୁ ନେତା ଓ କର୍ମୀ ହତାଶ ହୋଇଛନ୍ତି।

ଏକଦା ରାୟଗଡ଼ା କଂଗ୍ରେସର ଗଡ଼ ଭାବେ ପରିଚିତ ଥିବା ବେଳେ ବିଜେଡି ଦଖଲକୁ ଏହି ବିଧାନସଭା ଆସନ ଯିବା ପରେ ଏଠାରେ କଂଗ୍ରେସ ଓ ବିଜେପିର ସାଂଗଠନିକ ସ୍ଥିତି ଏକପ୍ରକାର ଦୁର୍ବଳ ରହିଛି। ତଥାପି ଚଳିତଥର ଏହି ବିଧାନସଭା ଆସନ ପାଇଁ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୀତି ସମୀକ୍ଷକମାନେ ଆଲୋଚନା କରୁଛନ୍ତି। ରାୟଗଡ଼ା ବିଧାନସଭା ଆସନରେ ସର୍ବମୋଟ ୩୦୧ଟି ବୁଥ୍ ରହିଥିବା ବେଳେ ଏଠାରେ ୫୨ଟି ବୁଥ୍ ସମ୍ବେଦନଶୀଳ ରହିଛି। ରାୟଗଡ଼ା ବ୍ଲକରେ ୧୧୪, କାଶୀପୁର ବ୍ଲକରେ ୧୩୩ ଏବଂ ରାୟଗଡ଼ା ପୌର ପରିଷଦରେ ୫୪ଟି ବୁଥରେ ଭୋଟର୍‌ମାନେ ମତଦାନ କରିବେ। ରାୟଗଡ଼ା ଜିଲ୍ଲାରେ ସର୍ବମୋଟ ୭ ଲକ୍ଷ ୪ ହଜାର ୫୦୩ଜଣ ଭୋଟର ରହିଥିବା ବେଳେ ରାୟଗଡ଼ା ବିଧାନସଭା ଆସନରେ ୧ ଲକ୍ଷ ୧୮ ହଜାର ୩୨୩ ଜଣ ପୁରୁଷ, ୧ ଲକ୍ଷ ୩୨ ହଜାର ୧୪୬ ଜଣ ମହିଳା ଭୋଟରଙ୍କ ସମେତ ୯୭ ଜଣ କିନ୍ନରଙ୍କୁ ମିଶାଇ ମୋଟ ୨ ଲକ୍ଷ ୫୦ ହଜାର ୫୬୬ ଭୋଟର ରହିଛନ୍ତି। ଏଥିସହ ଚଳିତ ଥର ୩୨ ହଜାର ୧୮୯ ଜଣ ଯୁବ ଭୋଟର ପ୍ରଥମଥର ଲାଗି ନିଜର ରାଜନୈତିକ ଅଧିକାର ସାବ୍ୟସ୍ତ କରିବାକୁ ଯାଉଛନ୍ତି।

---

## ରାଇରଙ୍ଗପୁର ବିଧାନସଭା ଆସନ

# ନବ ସାଂସଦ ପ୍ରାର୍ଥୀ ହେବା ପରେ ବିଜେପିରେ ଡଜନେ ଆଶାୟୀ

**ବହଳଦା, ୩୧।୩ (ସମିସ):** ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର (୨୮ ନଂ) ନିର୍ବାଚନମଣ୍ଡଳୀ ଜିଲ୍ଲାରେ ବହୁ ଗୁରୁତ୍ୱ ବହନ କରେ। ରାଇରଙ୍ଗପୁର ପୌରପରିଷଦ, ବହଳଦା, ଜାମଦା ଓ ତିରିଂ ବ୍ଲକକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ବିଜେପି ହାତରେ ରହିଛି। ଏହି ଆସନରୁ ବିଧାୟକ ଥିବା ନବଚରଣ ମାଝୀ ଦଳରୁ ସାଂସଦ ପ୍ରାର୍ଥୀ ଭାବେ ଘୋଷଣା କରାଯିବା ପରେ ଏବେ ରୋଚକ ସ୍ଥିତିରେ ରାଇରଙ୍ଗପୁର ରାଜନୀତି। ନବଚରଣ ସଂସଦୀୟ କ୍ଷେତ୍ରରୁ ଲଢ଼ିବାକୁ ନିଷ୍ପତ୍ତି ହେବା ପରେ ଏବେ ଏଠାରେ ବିଧାନସଭା ଆସନ ପାଇଁ ବିଜେପିରେ ଆଶାୟୀଙ୍କ ଲମ୍ବା ତାଲିକା ବଢ଼ିଯାଇଛି। ନବଚରଣ ବିଧାୟକ ଥିବା ଯୋଗୁ ସେମାନଙ୍କୁ ଦଳୀୟ ଟିକଟ ମିଳିବା ନେଇ ସନ୍ଦିହାନ ଥିବା ଏବଂ ଆଶା କ୍ଷିଣ ଜାଣିବା ପରେ ଯେଉଁମାନେ ମୁହଁ ମାଡ଼ି ଶୋଇଥିଲେ, ସେମାନେ ପୁଣି ତତ୍ପରତା ସହ ଲବି ଆରମ୍ଭ କରିଦେଇଥିବା ଦେଖାଯାଇଛି। ପାଖାପାଖି ବିଜେପିରୁ ପ୍ରାୟ ଏକ ଡଜନ ଆଶାୟୀ ଏହି ଆସନ ପାଇଁ ମୁଣ୍ଡ ଟେକିଲେଣି।



ନିକଟରେ ବିଜେପିରେ ସାମିଲ ହୋଇଥିବା ସାନ୍ତାଳୀ ସାହିତ୍ୟିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ନାମ ଏହି ତାଲିକାରେ ଆଗରେ ରହିଛି। ତାଙ୍କ ପଛକୁ ତିରିଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ପରମେଶ୍ୱର ସମାଡ଼, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜଲେନ ବଦ୍ରା, ଯୁବନେତା ଫାଗୁରାମ, ରାଜ୍ୟ ବିଜେପି ଆଦିବାସୀ ମୋର୍ଚ୍ଚାର ସମ୍ପାଦକ ରାମଚନ୍ଦ୍ର ହାଁସଦା, ସେବାନିବୃତ୍ତ ସରକାରୀ କର୍ମଚାରୀ ବିଜୟ କୁମାର ନାଏକ, ବିର୍ସା କାଣ୍ଡେଲକର ପ୍ରମୁଖ ପ୍ରାର୍ଥୀ ଦୌଡ଼ରେ ଅଛନ୍ତି।

କଂଗ୍ରେସରୁ ବି ଏନେଇ କିଛି ସ୍ପଷ୍ଟ ଚିତ୍ର ଆସିନାହିଁ। ଯଦି କଂଗ୍ରେସ ଦଳ ଜେଏମ୍‌ଏମ୍ ସହ ନିର୍ବାଚନୀ ମେଣ୍ଟ କରେ କାହା ଭାଗରେ ଏହି ଆସନ ପଡ଼ିବ ସେ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। କଂଗ୍ରେସରୁ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପୂର୍ବତନ ବିଧାୟକ ଶ୍ୟାମଚରଣ ହାଁସଦା, ହେଲେନା ବାଗେ ପ୍ରମୁଖ ଆଶାୟୀ ଅଛନ୍ତି। ଜେଏମ୍‌ଏମ୍‌ର ଆଦିବାସୀମାନଙ୍କ ଭିତରେ କିଛି ପାରମ୍ପରିକ ଭୋଟ ଅଛି। ଏହାକୁ ଅଣ ଦେଖାକରି ହେବନାହିଁ; କିନ୍ତୁ ତାହା ଫଳାଫଳରେ ପ୍ରଭାବ ଶୂନ୍ୟ ରହିବ। ନିର୍ବାଚନ ପାଖାପାଖି ୨ ମାସ ଥିଲା ବେଳେ କୌଣସି ଦଳ ବିଧାୟକ ପ୍ରାର୍ଥୀ ଚୂଡ଼ାନ୍ତ କରିନାହାନ୍ତି। ତେବେ ଦଳର ସଂଗଠନ, ପ୍ରାର୍ଥୀଙ୍କ ଭାବମୂର୍ତ୍ତି ଓ ବ୍ୟକ୍ତିତ୍ୱ ଓ ଜିତିବା ସମ୍ଭାବନାକୁ ନେଇ ଦଳଗୁଡ଼ିକ ତାଙ୍କର ପ୍ରାର୍ଥୀଙ୍କୁ ମଇଦାନକୁ ଛାଡ଼ିବେ ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ସୀମା ନିର୍ଦ୍ଧାରଣ ପରେ ୨୦୦୯ରେ ପ୍ରଥମ ନିର୍ବାଚନରେ କଂଗ୍ରେସର ଶ୍ୟାମଚରଣ ହାଁସଦା ବିଜୟୀ ହୋଇଥିଲେ। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜେଏମ୍‌ଏମ୍‌ର ପୂର୍ଣ୍ଣଚନ୍ଦ୍ର ମାରାଣ୍ଡିଙ୍କୁ ୪୬୦୨ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ସେହିପରି ୨୦୧୪ ସାଧାରଣ ନିର୍ବାଚନରେ ବିଜେଡିର ସାଇବା ସୁଶୀଲ କୁମାର ହାଁସଦା ବାଜିମାତ କରିଥିଲେ। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାୟ ୬୩୮୩ ଭୋଟରେ ପରାସ୍ତ କରିଥିଲେ। ୨୦୧୯ ନିର୍ବାଚନରେ ଏହି ଆସନକୁ ବିଜେପିର ନବଚରଣ ମାଝୀ ଅକ୍ତିଆର କରିଥିଲେ। ବିଜେଡି ପକ୍ଷରୁ ବାସନ୍ତୀ ମାରାଣ୍ଡି ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ବି ସଫଳତା ମିଳିନଥିଲା। ମାତ୍ର ୨୮୪୭ କମ୍ ଭୋଟ ପାଇଁ ପରାଜିତ ହୋଇଥିଲେ।

---

## କଟକ ପାଲଟିଛି ନିର୍ବାଚନୀ ସଙ୍ଗୀତ ପ୍ରସ୍ତୁତିର ହବ୍

# ଡିମାଣ୍ଡରେ ହୁନୁ ହୁନୁ-ଚାଙ୍ଗୁମାଡ଼-ରସିଆ

**କଟକ, ୩୧।୩(ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି, ପ୍ରଚାରର ପୂର୍ବ ପ୍ରସ୍ତୁତି ଠିକ୍ ସେତିକି ବଢ଼ିବାରେ ଲାଗିଛି। ରାଜ୍ୟର ଅନ୍ୟ ସହର ତୁଳନାରେ କଟକ ସହର ପାଲଟିଛି ନିର୍ବାଚନୀ ସଙ୍ଗୀତ ପ୍ରସ୍ତୁତିର ପ୍ରମୁଖ ହବ୍। ଏଠାରେ ଛୋଟବଡ଼ ୧୫୦ରୁ ଅଧିକ ଷ୍ଟୁଡିଓ ରହିଛି। ଏବେଠାରୁ ଷ୍ଟୁଡିଓଗୁଡ଼ିକରେ ନିର୍ବାଚନୀ ସଙ୍ଗୀତ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଯେହେତୁ ପ୍ରମୁଖ ଦଳଗୁଡ଼ିକର ଅଧିକାଂଶ ସ୍ଥାନରେ ଟିକଟ୍ ଘୋଷଣା ଶେଷ ହୋଇଛି, ସେମାନେ ପ୍ରଚାର ମଇଦାନକୁ ଓହ୍ଲାଇବା ପାଇଁ ଗୀତ ଆବଶ୍ୟକ କଲେଣି। କିନ୍ତୁ ଏଥର ନିର୍ବାଚନରେ ଗୋଟିଏ ନୂଆ କଥା ଦେଖିବାକୁ ମିଳିଛି। ନେତାମାନେ ପୁରୁଣା ଟ୍ରାକ୍‌ରେ ଗୀତ କରିବା ଅପେକ୍ଷା ସମ୍ପୂର୍ଣ୍ଣ ଭାବେ ନୂତନ ଗୀତ ପ୍ରସ୍ତୁତ କରିବାକୁ କହୁଛନ୍ତି। ଯଦ୍ୱାରା

- ନେତାଙ୍କ ପସନ୍ଦ ନୂଆ ଟ୍ରାକ୍, ପୁରୁଣା ଟ୍ରାକ୍‌ରେ ବି ଚାଲିଛି ଖେଳ
- ଭାଷଣ, ଭିଡିଓ ଓ ଗୀତର ପ୍ୟାକେଜ୍ ଦର ସର୍ବାଧିକ ୧ଲକ୍ଷ ଟଙ୍କା
- ନବୀନ ଓ ମୋଦିଙ୍କ ଗୀତରେ ଦୁଲୁକୁଛି ଷ୍ଟୁଡିଓ

ସଙ୍ଗୀତ ନିର୍ଦ୍ଦେଶକମାନେ ନୂଆ ଧୂନ୍ ନିର୍ମାଣ କରୁଥିବା ବେଳେ ଗୀତିକାରମାନେ ସାମ୍ପ୍ରତିକ ସମୟ ଆଧାରରେ ନେତାଙ୍କ ବରାଦକୁ ନେଇ ଗୀତ ଲେଖୁଛନ୍ତି। କିନ୍ତୁ ନୂଆ ଗୀତ ସହିତ ପୁରୁଣା ଟ୍ରାକ୍‌ରେ ଗୀତ ପ୍ରସ୍ତୁତ କରିବାକୁ ବରାଦ ମଧ୍ୟ ଆସୁଛି। କହିବାକୁ ଗଲେ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କର ପ୍ରଚାରରେ ପୁରୁଣା ଟ୍ରାକ୍ ଅପେକ୍ଷା ନୂଆ ଗୀତ ବାଜିବାକୁ ସେମାନେ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ସାଧାରଣ ଭାବେ ଯେଉଁ ଗୀତ ହିଟ୍ ହୋଇଥାଏ, ସେହି ଗୀତର ଟ୍ରାକ୍‌ରେ ଗୀତିକାରମାନେ ଗୀତ ଲେଖି ଥାଆନ୍ତି। କିନ୍ତୁ ସମୟ ବଦଳିବା ସହ ନେତାଙ୍କ ପସନ୍ଦ ମଧ୍ୟ ବଦଳିବାରେ ଲାଗିଛି। ବିଧାୟକଙ୍କ ପାଇଁ ଏକ ପ୍ୟାକେଜ୍ ରହିଥିବା ବେଳେ ସାଂସଦଙ୍କ ପାଇଁ ମଧ୍ୟ ଭିନ୍ନ ପ୍ୟାକେଜ୍ ରହିଛି। ପ୍ରତି ପ୍ୟାକେଜ୍‌ରେ ୬ଟି ଲେଖାଁଏ ଗୀତ, ଭାଷଣ ଓ ୨ଟି ସୋସିଆଲ୍ ମିଡିଆ ପ୍ରଚାର ନିମନ୍ତେ ଭିଡିଓ ରହୁଛି। ଯେଉଁ ୬ଟି ଗୀତ ରହୁଛି, ତନ୍ମଧ୍ୟରୁ ଗୋଟିଏ ନୂଆ ଗୀତ ଓ ଅନ୍ୟ ୫ଟି ପୁରୁଣା ଟ୍ରାକ୍‌ର ଗୀତ ରହୁଛି। ଏହି ପ୍ୟାକେଜ୍‌ର ମୂଲ୍ୟ ୧ଲକ୍ଷ ୨୦ହଜାର ଟଙ୍କା ରଖାଯାଇଛି। ଅନ୍ୟପଟେ କେତେକ ଷ୍ଟୁଡିଓ ଏହି ଦର କମ୍ କରି ନେଉଥିବା ଦେଖିବାକୁ ମିଳୁଛି।

ଏଥର ହିଟ୍ ମ୍ୟୁଜିକ୍ ଭିଡିଓ ଓ ସିନେମା ଗୀତର ଟ୍ରାକ୍ ମଧ୍ୟରୁ ପ୍ରାୟ ୩୦ଟି ଗୀତର ଟ୍ରାକ୍ ବରାଦ ବିଭିନ୍ନ ଷ୍ଟୁଡିଓକୁ ଆସୁଛି। ପ୍ରାର୍ଥୀଙ୍କ ବିଶେଷ ପସନ୍ଦ ତାଲିକାରେ ଧୂଳିଆ ଜନ୍ଦା, ମଜା ଅଲଗା, କ୍ୟୁଟ୍ ଗେହ୍ଲି, ଝଲମଲ ଆଖି ହେଲା ଝଲମଲ..., ସେଦିନୁ ମୁଁ ହୁନୁହୁନୁ..., ତୋ ଦୁଆରେ ହେବ ଚାଙ୍ଗୁ ମାଡ଼..., ଚାଲ୍ ଚାଲ୍ ଚାଲ୍ ବଉଳ..., ଇ ଇ ରସିଆ..., ବୁଲେଟ୍ ଗାଡ଼ି..., ଆମ ବାପାର ପଇସା ନାହିଁ..., ଦିଲ୍ ହେଲା କୁଟକୁଟା..., ସୁକୁମାରି... ରହିଛି। ଏହି ଗୀତଗୁଡ଼ିକର ଟ୍ରାକ୍ ବ୍ୟବହାର କରି ନିର୍ବାଚନ ପାଇଁ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ପ୍ରଚାର ଉଦ୍ଦେଶ୍ୟରେ ବିଭିନ୍ନ ଷ୍ଟୁଡିଓରେ ରେକର୍ଡିଂ ଆରମ୍ଭ ହୋଇଯାଇଛି। ଗୀତ ରେକର୍ଡିଂ ପାଇଁ ଏବେ କେଶରପୁରସ୍ଥିତ ଆଫିୟାନ୍ସ ଷ୍ଟୁଡିଓ, ବାରବାଟୀ ଷ୍ଟାଡିୟମ ନିକଟସ୍ଥ ଶକ୍ତି ଷ୍ଟୁଡିଓ, ମହତାବ ରୋଡ ମା' ଷ୍ଟୁଡିଓ, ଲିଙ୍କରୋଡ ପିଏମ ଷ୍ଟୁଡିଓ, ବାଦାମବାଡ଼ି ପବିତ୍ର ଷ୍ଟୁଡିଓ, ସିଡିଏ ସେକ୍ଟର ୯ରେ ଥିବା ପ୍ରତିଭା ଷ୍ଟୁଡିଓ, ଲିଙ୍କରୋଡ୍ ମିଲନ୍ ଷ୍ଟୁଡିଓ ଇତ୍ୟାଦି ନିର୍ବାଚନୀ ଗୀତ ରେକର୍ଡିଂ ପାଇଁ ଚଳଚଞ୍ଚଳ ହେଲାଣି।

କଟକର ସେଭେନ୍ ଇନ୍ ଷ୍ଟୁଡିଓ ମାଲିକ ବିପ୍ଳବ ପୁରୋହିତଙ୍କ କହିବା ଅନୁଯାୟୀ ଯେଉଁ ପ୍ରାର୍ଥୀ ଟିକେଟ୍ ପାଇ ସାରିଛନ୍ତି, ସେମାନେ ଗୀତ ରେକର୍ଡିଂ ପାଇଁ ବରାଦ ଦେଇସାରିଲେଣି। ପଶ୍ଚିମ ଓଡ଼ିଶା ପ୍ରାର୍ଥୀଙ୍କ ଭାଷାଜନିତ ସମସ୍ୟା ଥିବାରୁ ସେପଟୁ ବେଶି କାମ ଆସୁନାହିଁ। ବର୍ତ୍ତମାନ ଏହି ନିର୍ବାଚନୀ ଗୀତ ଗାଇବା ପାଇଁ ପ୍ରଚ୍ଛଦପଟ୍ଟ ଗାୟକ ଭାବେ ତାରିକ ଅଜିତ, ସଞ୍ଜୁ ମହାନ୍ତି, ମାନସୀ ପାତ୍ର, ସସ୍ମିତା ମିଶ୍ର, ଅମ୍ରିତା ନାୟକ, ସଂଗ୍ରାମ ମହାନ୍ତି, ଶୁଭାଶିଷ ମହାକୁଡ଼, ବିଶ୍ୱଜିତ ଆଚାର୍ଯ୍ୟ, ମୋନାଲି ମଧୁସ୍ମିତା, କରୁଣାକର ପ୍ରମୁଖ ରହିଥିବା ଜଣାପଡ଼ିଛି। କିନ୍ତୁ ଆଗଧାଡ଼ିରେ ପ୍ଲେ-ବ୍ୟାକ୍ କରୁଥିବା ଗାୟକ ଓ ଗାୟିକାମାନେ ପୁରୁଣା ଟ୍ରାକ୍‌ରେ ଗୀତ ଗାଉ ନାହାନ୍ତି। ମୁଖ୍ୟତଃ ହ୍ୟୁମାନ୍



ସାଗର, ଅସୀମା ପଣ୍ଡା, ସ୍ୱୟମ୍ ପାଢ଼ୀ, ସତ୍ୟଜିତ୍ ପ୍ରଧାନ, ଅନ୍ତରା ଚକ୍ରବର୍ତ୍ତୀ ଭଳି ଆଗଧାଡ଼ିର କଣ୍ଠଶିଳ୍ପୀମାନେ ପୁରୁଣା ଟ୍ରାକ୍‌ରେ ନିର୍ବାଚନୀ ଗୀତ ଗାଉନଥିବା ଦେଖିବାକୁ ମିଳୁଛି। ନୂଆ ଗୀତ ଓ ସ୍ୱରରେ ଗୀତ ଗାଇବାକୁ ସେମାନେ ପସନ୍ଦ କରୁଛନ୍ତି। କଂଗ୍ରେସ ଦଳର ଗୀତ ପ୍ରସ୍ତୁତି ଆରମ୍ଭ ହୋଇ ନଥିବା ବେଳେ ମୋଦି ଓ ନବୀନଙ୍କ ଗୀତରେ ଦୁଲୁକୁଛି ଷ୍ଟୁଡିଓ। ନିର୍ବାଚନ ଗୀତ ପ୍ରସ୍ତୁତି ସମ୍ପର୍କରେ ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ଅଭିଜିତ୍ ମଜୁମଦାରଙ୍କୁ ପଚାରିବାରୁ ସେ କହିଛନ୍ତି, ଉପଯୁକ୍ତ ପ୍ରାପ୍ୟ ଯେଉଁମାନେ ଦେବେ, ସେମାନଙ୍କ ଗୀତ କରାଯାଉଛି। ଯଦି ନେତା କମ୍ ପ୍ରାପ୍ୟ ଦେବା ପାଇଁ କହୁଛନ୍ତି ତେବେ ନିର୍ବାଚନୀ ଗୀତ ପ୍ରସ୍ତୁତ କରିବା ସମ୍ଭବପର ହେଉନାହିଁ।



## ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ
# ଦୁଇଫାଳ

**ବାରିକପୁର, ୩୧।୩(ସମିସ):**

ଗମନାଗମନ ସୁବିଧା ପାଇଁ ସରକାର ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଆଜି ଲକ୍ଷହୀନ ହୋଇଯାଇଛି। ରାସ୍ତା ନିର୍ମାଣର ଅବଧି ସରିଥିଲେ ସୁଦ୍ଧା ପୁନଃନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ। ଫଳରେ ହଜାର ହଜାର ଜନସାଧାରଣ ଦୈନନ୍ଦିନ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଦୂରବସ୍ଥା ଯୋଗୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମାନ ଘଟୁଥିବା ଦେଖାଯାଉଛି। ଏମିତି ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ପଟାପୋଲ ମହିମା ବଜାର ଠାରୁ ଧାମନଗରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନସ୍ଥ ଗୋଟିଏ ରାସ୍ତାର ଚିତ୍ର। ରାସ୍ତାଟି ପ୍ରଥମେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ହୋଇଥିବା ବେଳେ କିଛି ବର୍ଷ ପରେ ଏହାର ପୁନଃ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା। ତଦନୁଯାୟୀ ତାଳପଦା ୩ନଂ. କେନାଲ ଠାରୁ କଣ୍ଟି ଭାୟା ମଣିମାଝୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୩କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ରାସ୍ତା ନବୀକରଣ ନାମରେ ସମ୍ପୃକ୍ତ ଠିକାଦାର କାମ ଆରମ୍ଭ କରି କମ ଅର୍ଥ ବ୍ୟୟ ବରାଦ ହୋଇଥିବା ଅଭିଯୋଗ କରି କାର୍ଯ୍ୟକୁ ଛାଡ଼ିଦେଇଥିବା ଜଣାପଡ଼ିଛି। ଏପଟେ ରାସ୍ତାର ଉତ୍ତରାଗଡ଼ିଆ ଠାରୁ କଣ୍ଟି ଯାଏଁ ଅବସ୍ଥା ନକହିଲେ ଭଲ। ରାସ୍ତା ତମାମ ଖାଲ ଖମାରେ ଭର୍ତ୍ତି ହୋଇଯାଇଥିବା ବେଳେ ପଟ୍ଟାପୋଲ ଠାରୁ ଉତ୍ତରାଗଡ଼ିଆ ଯାଏଁ କଂକ୍ରିଟ ଫାଟି ଦୁଇଫାଳ ହୋଇଗଲାଣି। ଏଥିପାଇଁ ପଥଚାରୀ ମାନେ ଦୈନନ୍ଦିନ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି। ଏହାଛଡା ସମ୍ପୂର୍ଣ୍ଣ ଦୁଇକିମି କେନାଲ ରାସ୍ତା ମଧ ତଦ୍ରୁପ ହୋଇଗଲାଣି। ଦୁଇ ବର୍ଷ ହେବ ପଡ଼ିଥିବା ଡଷ୍ଟ ଧୂଳିରେ ପଥଚାରୀ ମାନେ ଦୈନନ୍ଦିନ ଅସ୍ତବ୍ୟସ୍ତ ହେଉଛନ୍ତି। ଗତ ଏକ ବର୍ଷ ମଧରେ ରାଜଧାନୀରୁ ଉଚ୍ଚ ପଦସ୍ଥ ଅଧିକାରୀମାନେ ଆସି ରାସ୍ତା ପରିଦର୍ଶନ କରିଥିଲେ ସୁଦ୍ଧା ଏହାର ମରାମତି ପାଇଁ କୌଣସି ପଦକ୍ଷେପ ନେଉନଥିବା ଜଣାପଡ଼ିଛି। ଯାହାକୁ ନେଇ ରାସ୍ତା ଉପରେ ଦୈନନ୍ଦିନ ଯାତାୟାତ ପାଇଁ ନିର୍ଭର କରୁଥିବା ଆଖପାଖ ୧୦ଖଣ୍ଡି ଗ୍ରାମର ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତେଣୁ ଏହା ଉପରେ ଜିଲ୍ଲାପାଳ ଦୃଷ୍ଟି ଦେଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଛି।

## ଭଦ୍ରକ-ଆରଡ଼ି ରାସ୍ତା କାର୍ଯ୍ୟ ନିମ୍ନମାନର
# ଜୀବନରେଖା ଏବେ ମରଣଯନ୍ତା

**ଅସୁରାଳି, ୩୧।୩(ସମିସ):** ଭଦ୍ରକରୁ ବାବା ଆଖଣ୍ଡଳମଣିଧାମ ପର୍ଯ୍ୟନ୍ତ ଭଦ୍ରକ ଆରଡ଼ି ରାଜ୍ୟ ରାଜପଥ ରାଜ୍ୟର ଏକ ପ୍ରମୁଖ ବ୍ୟସ୍ତ ବହୁଳ ସଡ଼କ। କେବଳ ରାଜ୍ୟର ବିଭିନ୍ନ ପ୍ରାନ୍ତ ନୁହଁ; ବରଂ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କ ପୀଠକୁ ଆସିଥାନ୍ତି। ଜିଲ୍ଲା ସଦର ମହକୁମା ସହିତ ସିଧାସଳଖ ଯୋଡ଼ି ହେଇଥିବାରୁ ଏହି ସଡ଼କ ଉପରେ ଏ ଅଞ୍ଚଳର କୃଷକ, ଛାତ୍ର, କର୍ମଜୀବୀ, ବ୍ୟବସାୟୀ ଠାରୁ ଆରମ୍ଭ କରି ସବୁ ବର୍ଗର ଲୋକ ନିର୍ଭର କରିଥାନ୍ତି। ଏହି ରାସ୍ତାଟି ଏ ଅଞ୍ଚଳର ଜୀବନ ରେଖା। କିନ୍ତୁ ଏବେ ମରଣଯନ୍ତା ପାଲଟିଛି। ଯାହାକୁ ନେଇ ଜନ ଅସନ୍ତୋଷ ଅତ୍ୟନ୍ତ ତୀବ୍ର ହେବାକୁ ଲାଗିଛି। ଭିତ୍ତିପ୍ରସ୍ତର ସ୍ଥାପନ ହେବାର ଦୀର୍ଘ ଦିନ ବିତିଗଲା ପରେ ଟେଣ୍ଡର ପ୍ରକ୍ରିୟା ସରି ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ହଠାତ ରାସ୍ତାର ଦୁଇ ପାର୍ଶ୍ୱରେ ଦୀର୍ଘ ତିରିଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ବହୁ ମୂଲ୍ୟବାନ ଗଛକୁ ତରବରିଆ ଭାବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ କାଟି ଦିଆଗଲା। ଯେଉଁଥି ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଭିତରେ ଦୁଃଖ ଓ ଅସନ୍ତୋଷ ଦେଖିବାକୁ ମିଳୁଛି। କାଳବୈଶାଖୀ, ବାତ୍ୟା, ବନ୍ୟାରୁ ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେଉଥିବା ମୂଲ୍ୟବାନ ଗଛ ଗୁଡ଼ିକୁ ନିର୍ଦ୍ଦୟ ଭାବରେ କାଟି ଦିଆଗଲା। ପ୍ରତି ବଦଳରେ ଗଛଟିଏ ଲଗାଗଲା ନାହିଁ। ରାସ୍ତାର ମନ୍ଥର ଗତି ନିର୍ମାଣ କେବେ ଶେଷ ହେବ ତାର କୌଣସି ସୂଚନା ଫଳକ ନାହିଁ। ବର୍ତ୍ତମାନ ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କଟିର ଦୟନୀୟ ଅବସ୍ଥା ସତ୍ତ୍ୱେ ପୂର୍ତ୍ତ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି। ଭଦ୍ରକର ଏହି ପ୍ରମୁଖ ରାସ୍ତା ଆଜି ବଡ଼ ବଡ଼ ଖାଲଖମାରେ ପରିପୂର୍ଣ୍ଣ ହୋଇ ମରଣଯନ୍ତା ପାଲଟିଛି। ପ୍ରତିଦିନ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ସମଗ୍ର ରାସ୍ତା ଏମିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ଯେ, ସାଇକେଲ ଚଳାଇବା ମଧ କଷ୍ଟକର। ଆରଡ଼ି ଛକରୁ ସମରାଇପୁର ଶେଷ ପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥାର ତ୍ରୁଟି ପାଇଁ ବେଙ୍ଗ ପରିସ୍ରା କଲେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ସାଂଘାତିକ ପରିସ୍ଥିତି ସୃଷ୍ଟି ହେଉଛି। କାଳବୈଶାଖୀ ପ୍ରକୋପରେ କେବେ ଅସରାଏ ବର୍ଷା ହେଲେ ରାସ୍ତାର ଅବସ୍ଥା ବେହାଲ୍ ହୋଇଯାଉଛି। ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ର ପ୍ରଶସ୍ତିକରଣ, ସମ୍ପ୍ରସାରଣକୁ ଲୋକେ ବିରୋଧ କରୁ ନଥିବା ବେଳେ ପ୍ରଶାସନର ମନୋମୁଖୀ ମନ୍ଥର କାର୍ଯ୍ୟକୁ ନେଇ ଅସନ୍ତୋଷ ଏବେ ସାଂଘାତିକ ରୂପ ଧାରଣ କରିଛି। ଲୋକେ ବାଧ୍ୟ ହୋଇ ରାସ୍ତା ଅବରୋଧ କରି ଧାରଣା ଦେବାକୁ ନିଷ୍ପତ୍ତି ଗ୍ରହଣ କରିଥିବା ଜାଣିବାକୁ ମିଳିଛି। ଭଦ୍ରକ ପୂର୍ତ୍ତ ବିଭାଗର ମୁଖ୍ୟ ଦୀପକ ପାଣିଗ୍ରାହୀଙ୍କୁ ପଚାରି ବାରୁ ସେ କହିଲେ ଖୁବ୍‌ଶୀଘ୍ର ତଦାରଖ କରି କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି।



# ଗୀତା ପାଠଶାଳା ବାର୍ଷିକ ଉତ୍ସବ



**ବାରିକପୁର, ୩୧।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମଣୀନାଥପୁର ଠାରେ ଗୀତା ପାଠ ଶାଳାର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୃହସ୍ଥ ନାଗାର୍ଜୁନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ଯୋଗଦେଇ ଗୀତା ମହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାଖା ପକ୍ଷରୁ ଶିବ ସନ୍ଦେଶ ନେଇ ଗ୍ରାମ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିକେ ସରସ୍ୱତୀଙ୍କ ସମେତ ବିକେ ଶୁଭାଶିଷ, ବିକେ କିଶୋର, ବିକେ ଅଶୋକ, ବିକେ ରବି, ବିକେ ଦୁର୍ଗା ଭାଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୫୦ରୁ ଅଧିକ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିବ ସନ୍ଦେଶ ଓ ଗୀତା ମହାତ୍ମ୍ୟ ସମ୍ପର୍କରେ ଅବଗତ ହୋଇଥିଲେ।

# ଶିକ୍ଷା ବିଭାଗରେ ଶିକ୍ଷା ପାଠଚକ୍ର




**ଭଦ୍ରକ, ୩୧।୩(ସମିସ):** ଭଦ୍ରକ ମହିଳା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ତରଫରୁ 'ଶିକ୍ଷାରେ ନେତୃତ୍ୱ ପରିଚାଳନା' ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସୁପ୍ରୀତି କର ଅଧ୍ୟକ୍ଷତା କରିବା ସହ ଶିକ୍ଷା ବିଭାଗର ମୁଖ୍ୟ ଡ. ଆଭାମୟୀ ମହାପାତ୍ର, ଜ୍ୟୋସ୍ନାରାଣୀ ଲେଙ୍କା, ସ୍ନିଗ୍ଧାରାଣୀ ଖୁଣ୍ଟିଆ ଓ ପ୍ରୀତିରେଖା ଜେନା ପରିକଳ୍ପନା କରିଥିଲେ। ଏହି ପାଠଚକ୍ରର ମୁଖ୍ୟବକ୍ତା ଡ. ଅନୀଲ କୁମାର ନାୟକ ପିଲାମାନଙ୍କୁ ଶିକ୍ଷାନୁଷ୍ଠାନରେ ନେତୃତ୍ୱ ପରିଚାଳନା ସହ ଶିକ୍ଷାର ସମ୍ପର୍କରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ଡ. ସଙ୍ଗୀତା ଦାସ, ଇପ୍‌ସିତା ବିଶ୍ୱାଳ, ଅମୃତା ମହାନ୍ତି, ସୁପ୍ରିୟା ଚକ୍ରବର୍ତ୍ତୀ, ଅନୀଲ ବେହେରା, ସୁବାସିନୀ ସେଠୀ, ଗୀତାଞ୍ଜଳୀ ସାହୁ ଓ ପ୍ରିୟଦର୍ଶନୀ ସାହୁ ଉପସ୍ଥିତ ରହି ସଭାର ଗୁରୁତ୍ୱ ବହନ କରିଥିଲେ। ପିଲାମାନେ ମୁଖ୍ୟ ଅତିଥିଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ସହ ପାଠଚକ୍ରରେ ନିଜର ମତାମତ ବ୍ୟକ୍ତ କରିଥିଲେ। ଏହି ପାଠଚକ୍ର ପିଲାମାନଙ୍କୁ ସବୁକ୍ଷେତ୍ରରେ ଉଚ୍ଚସ୍ତରୀୟ ନେତୃତ୍ୱ ନେବାରେ ସହାୟକ ହେବ ବୋଲି ମୁଖ୍ୟଅତିଥି, ଅଧ୍ୟକ୍ଷା ଏବଂ ବିଭାଗୀୟ ମୁଖ୍ୟାଙ୍କର ମତ ଥିଲା।

# ଆଗରପଡ଼ା ଫାର୍ମାସିଷ୍ଟଙ୍କୁ ସମ୍ବର୍ଦ୍ଧନା



**ବନ୍ତ/ଆଗରପଡ଼ା, ୩୧।୩(ସମିସ):** ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୨୨ବର୍ଷ ଧରି ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିବା ମହେଶ୍ୱର ଦାସ ରବିବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଶ୍ରୀ ଦାସଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ମେଡ଼ିକାଲ ଅଫିସର ଡାକ୍ତର ମନୋଜ ପତି, ବିପିଏମ ଶୁଭେନ୍ଦୁ ପୁହାଣ, ଫାର୍ମାସିଷ୍ଟ ଜୟପ୍ରକାଶ ମହାନ୍ତି, ରିତା ମଞ୍ଜରୀ ଜେନା, ମମତା ପରିଡ଼ା, ରୋଜାଲିନୀ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଦାସଙ୍କ ସେବା ମନୋବୃତ୍ତିକୁ ଉଚ୍ଚପ୍ରଶଂସା କରିଥିଲେ।

# ଧାମରାରେ ୧୦ମ ବାର୍ଷିକ ଗୌରାଙ୍ଗ ଉତ୍ସବ

**ଭଦ୍ରକ, ୩୧।୩(ସମିସ):** ଧାମରା ପଞ୍ଚାୟତ ଅଧୀନସ୍ଥ ଖଡକଟା ଗ୍ରାମର ଗୌରାଙ୍ଗ ମହାପ୍ରଭୁଙ୍କର ୧୦ମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ଉଦ୍ୟମ ଯୋଗୁ ପ୍ରତିବର୍ଷ ପରି ଚଳିତ ବର୍ଷ ଚୈତ୍ର ମାସ କୃଷ୍ଣପକ୍ଷରେ ଆରମ୍ଭ ହେଉଥିବା ଏହି ଉତ୍ସବକୁ ଦେଖିବା ପାଇଁ ବହୁ ଦୂରାନ୍ତରରୁ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଏକତ୍ରୀତ ହେଉଥିବା ଦେଖିବାକୁ ମିଳୁଛି। ତିନି ଦିନ ବ୍ୟାପୀ ଆରମ୍ଭ ହୋଇଥିବା ଏହି ମହୋତ୍ସବର ପ୍ରଥମ ଦିନ ଗ୍ରାମଦେବତୀ ମା' ଶିତଳା ଦେବୀଙ୍କର ପୂଜା ସହିତ ଅଷ୍ଟପ୍ରହରୀ ନାମଯଜ୍ଞର ଅଧିବାସ ଓ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିନରେ ନାମ ଯଜ୍ଞରେ ବିଭିନ୍ନପ୍ରାନ୍ତରରୁ କୀର୍ତ୍ତନ ମଣ୍ଡଳୀଙ୍କର ଆଗମନ ଓ ତୃତୀୟ ଦିନରେ ନଗର କୀର୍ତ୍ତନ ସହିତ ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି। ହଜାର ହଜାର ଲୋକଙ୍କ ସମାବେଶକୁ ଲକ୍ଷ୍ୟ ରଖି ଗ୍ରାମବାସୀ କିପରି ଏହାକୁ ଶାନ୍ତି ଶୃଙ୍ଖଳାର ସହିତ ଉଜ୍ଜାପନ କରିବେ ସେଥିପାଇଁ ଏକତ୍ରୀତ ରହିଛନ୍ତି।

# ଶିକ୍ଷା ମଣ୍ଡଳସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା



**ଧାମନଗର, ୩୧।୩(ସମିସ):** ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷା ମଣ୍ଡଳସ୍ତରୀୟ ବିଦାୟକାଳୀନ ତଥା ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ହାଇସ୍କୁଲ ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ, ବରେଣ୍ୟ ଅତିଥି ବ୍ଲକ ଶିକ୍ଷାଧିକାରୀ ଗଦାଧର ଜେନା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା, ସତ୍ୟପ୍ରିୟ ପାଣିଗ୍ରାହୀ, ସନ୍ତୋଷ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଇଓ ଗଦାଧର ଜେନାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ ତରଫରୁ ମଧ ବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା କରାଯାଇଛି। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଘଣ୍ଟେଶ୍ୱର ସାହୁଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ସହିତ ପରିଚୟ ପ୍ରଦାନ କରିଥିବା ବେଳେ ଏବିଇଓ ଭୀମସେନ ହୋ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ କାର୍ଯ୍ୟଦକ୍ଷତାକୁ ଦୃଷ୍ଟିରେ ରଖି ୪ଜଣ ଶିକ୍ଷକ ହେମେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ସେଠୀ, ମନୋଜ କୁମାର ସିଂହ, ଭାବଗ୍ରାହୀ ଖୁଣ୍ଟିଆ ଏବଂ ସାମ୍ବାଦିକ ସେକ ଜାଫର ଅଲ୍ଲୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଶିକ୍ଷାଧିକାରୀ ଅଧୀନରେ ନବନିଯୁକ୍ତ ୧୫ଜଣ ସିଆର୍‌ସିସିଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ମନ୍ମଥ କୁମାର ରାଉତ, ପ୍ରଶାନ୍ତ କୁମାର ବେହେରା, ରୂପକ କୁମାର ମିଶ୍ର, ପୁରୁଷୋତ୍ତମ କର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ଏବିଇଓ ବିଜୟଲକ୍ଷ୍ମୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରିଲା ମୋବାରକପୁର ଦୋଳ ମେଲଣ



**ଭଣ୍ଡାରିପୋଖରୀ, ୩୧।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକର ପାଟୁଳି ପଞ୍ଚାୟତ ଅନ୍ତର୍ଗତ ମୋବାରକପୁର ପଡ଼ିଆରେ ଦୋଳ ମେଲଣ ଶନିବାର ରାତ୍ରରେ ଅନୁଷ୍ଠିତ ହୋଇ ରବିବାର ପ୍ରତ୍ୟୁଷରେ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ମା'ମଙ୍ଗଳା ମେଲଣ କମିଟି ଆନୁକୂଲ୍ୟରେ ଆଖପାଖ ଗ୍ରାମର ବିମାନ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ଆଣି ମେଲଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସେଠାରେ ଭୋଗଲାଗି କରାଯିବା ପରେ ଫଗୁଖେଳ ଅନୁଷ୍ଠିତ ହୋଇଥିଲା। ଗତ ୩୩ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ମେଲଣକୁ କମିଟି ସଭାପତି ଲକ୍ଷ୍ମଣ ନାୟକ, ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ମାନସ ଗିରି, ଦୀପକ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଲୋକେ ଏହି ମେଲଣକୁ ପରିଚାଳନା କରିଥିଲେ।

# ଗାଁ ମଞ୍ଚରେ ହେଲା ନାଟକ ପରିବେଷଣ

**ବାରିକପୁର, ୩୧।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ସୁରୁବଣ ଠାରେ ସୁବର୍ଣ୍ଣେଶ୍ୱର ଯୁବ ନାଟ୍ୟ ପରିଷଦ ପକ୍ଷରୁ ଗ୍ରାମ୍ୟ କଳାକାରମାନଙ୍କ ଦ୍ୱାରା ଦୁଇ ଦିନ ଧରି ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଶ୍ରୀଧର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉତ୍ସବକୁ ମୁଖ୍ୟଅତିଥି ବିଜେପି ନେତା ବଦ୍ରୀ ନାରାୟଣ ଧଳ ଉଦ୍‌ଘାଟନ କରି ନାଟକ ସୁସ୍ଥ ସମାଜ ଗଠନର ବାର୍ତ୍ତା ଦିଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଅକ୍ଷୟ ସାହୁ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା, ସରପଞ୍ଚ ରଞ୍ଜନ ପରିଡ଼ା, ନିମନ୍ତ୍ରିତ ଅତିଥି ସମାଜ ସେବୀ ଉତ୍କଳ ବିଶ୍ୱାଳ, ସ୍ୱତନ୍ତ୍ର ଅତିଥି ପ୍ରଶାନ୍ତ ରାଉତ ପ୍ରମୁଖ ଏଥିରେ ଉପସ୍ଥିତ ରହି ଗ୍ରାମ୍ୟ କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ ଭାଇଚାରାର ନିଦର୍ଶନ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରୋତ୍ତମ ରାଉତ, ସୁଧାଂଶୁ ବେହେରା, ସୁଧାକର ଜେନା, ସୁଶାନ୍ତ ସାହୁ, ଅଭୟ ରାଉତ ପ୍ରମୁଖ ଯୋଗଦେଇଥିଲେ। ନାଟ୍ୟ ପରିଷଦ ସଭାପତି ନାରାୟଣ ଚନ୍ଦ୍ର ବେହେରା ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ନାରାୟଣ ଚନ୍ଦ୍ର ପରିଡ଼ା ଓ ଜିତେନ୍ଦ୍ର ରାଉତଙ୍କୁ ଅତିଥି



ମାନେ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ନାଟକ 'ଭାଙ୍ଗି ଗଲା ବାଇ ଚଢ଼େଇ ବସା' ଓ 'ବନ୍ଧୁ ବାନ୍ଧିଛି ମୁଁ ଲୁହ ସାଥିରେ' ପରିବେଷଣ ହୋଇଥିଲା। ଏଥିରେ ସୁରେନ୍ଦ୍ର ରାଉତ, ବୈଦ୍ୟନାଥ ରାଉତ, କରୁଣାକର ଜେନା, କାଶୀନାଥ ପରିଡ଼ା, ଧନେଶ୍ୱର ମଲ୍ଲିକ, ଉପେନ୍ଦ୍ର ଜେନା, ଅରୁଣ ଦାସ, ପ୍ରକାଶ ରାଉତ, ପପି ସ୍ୱାଇଁ, ରଞ୍ଜନ ବେହେରା, ବଳରାମ ସେଠୀ ପ୍ରମୁଖ ଅଭିନୟ କରିଥିଲେ। ଉତ୍ସବକୁ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ



**ଭଦ୍ରକ, ୩୧।୩(ସମିସ):**

ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଊନବିଂଶ ବାର୍ଷିକ ଉତ୍ସବ କୁଆଁସ ସ୍ଥିତ ସଂଘର ସ୍ଥାୟୀ ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ' ଭବନରେ ସଭାପତି ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଯଶୋଦା ସେନାପତି, ମୁଖ୍ୟବକ୍ତା ଭାବେ ଡିଏଭି କଲେଜ ନିରାକାରପୁରର ଇଂରାଜୀ ବିଭାଗର ପ୍ରାଧ୍ୟାପକ ପ୍ରଫେସର ଡ. ମୃତ୍ୟୁଞ୍ଜୟ ରଥ ଆସନ ଅଳଙ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଉଦୟ ନାଥ ମହାନ୍ତି, ସାଧାରଣ ସମ୍ପାଦକ ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ। ଉପସଭାପତି ଶାନ୍ତନୁ କୁମାର ରାଉତ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଅଜିତ୍ କୁମାର ନାୟକ ଅତିଥି ପରିଚୟ ଓ ଦିଗମ୍ବର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଘର ବାର୍ଷିକ ମୁଖପତ୍ର 'ଉତ୍ତରଣ' ଉନ୍ମୋଚିତ ହୋଇଥିଲା। 'ଉତ୍ତରଣ'ର ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଡ. ଗୋଲକ ବିହାରୀ ସାହୁ, ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ ସଂଘର ବାର୍ଷିକ ବିବରଣୀ ଉପସ୍ଥାପନ କରି ପାଠ କରିଥିଲେ। ସଂଘର ଅଶିତିପର ୧୦ ଜଣ ଆଜୀବନ ସଦସ୍ୟ ସଦସ୍ୟା ଡ. ବାଙ୍କବିହାରୀ ଦାସ, ଶରତ କୁମାରୀ ଦେଇ, କୁଞ୍ଜବିହାରୀ ଦାଶ, ଶରତ ଚନ୍ଦ୍ର ମହାନ୍ତି, ରଙ୍ଗବଲ୍ଲଭ ଜେନା, ନାରାୟଣ ପ୍ରସାଦ ନାୟକ, ନିର୍ମଳ ଚନ୍ଦ୍ର ପ୍ରଧାନ, ରାମକୃଷ୍ଣ ସାମଲ, ପଣ୍ଡିତ ରତ୍ନାକର ମିଶ୍ର ଓ ଡ. ବାସୁଦେବ ବାରିକଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ସଂଯୋଜନା ଉପସଭାପତି ହରମୋହନ କୁଅଁର, ହିସାବ ସମୀକ୍ଷକ ଲକ୍ଷ୍ମଣ କୁମାର ମହାନ୍ତି, ମୁକ୍ତିକାନ୍ତ ମହାପାତ୍ର ଓ ସଦସ୍ୟ ଯୁଧିଷ୍ଠିର ବାରିକ ସମ୍ପାଦନ କରିଥିଲେ। କାଶୀନାଥ ସାହୁଙ୍କ ପ୍ରଦତ୍ତ ଅର୍ଥରେ ଜିଲ୍ଲା ସ୍କୁଲ ଭଦ୍ରକର ଶିକ୍ଷୟିତ୍ରୀ ସୁଷମା ବେହେରା ଓ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଜକିଶୋର ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୟାଧର ପଲାଇ ସ୍ମୃତି ପୁରସ୍କାର, କୃପାସିନ୍ଧୁ ବାରିକ ସ୍ମୃତି ପୁରସ୍କାର, ମୁରଲୀଧର ପଣ୍ଡା ସ୍ମୃତି ପୁରସ୍କାର, ନବକିଶୋର ହେମଦେବୀ ସ୍ମୃତି ପୁରସ୍କାର, ଗୋପୀନାଥ ରଙ୍ଗଦେବୀ ସ୍ମୃତି ପୁରସ୍କାର, କୃପାସିନ୍ଧୁ ମହାନ୍ତି ସ୍ମୃତି ପୁରସ୍କାର, କାଶୀନାଥ ସାହୁଙ୍କ ପୁରସ୍କାର ଓ ପଙ୍କଜିନୀ ମହାପାତ୍ର ପୁରସ୍କାର ଭାବେ ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷା ଓ ବିଦ୍ୟାଳୟ ବାର୍ଷିକ ପରୀକ୍ଷାର କୃତୀ ବିଦ୍ୟାର୍ଥୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାସୁଦେବପୁର, ଇରମ, ଆଗରପଡ଼ା, ବନ୍ତ, ତିହିଡ଼ି, ଚାନ୍ଦବାଲି, ଧାମନଗର, ଦୋବଲ, କୋଠାର, ଧୂଷୁରୀ, ଭଣ୍ଡାରିପୋଖରୀ ଓ ବନ୍ତ ଜୋନ୍‌ର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ରାମଚନ୍ଦ୍ର ପଣ୍ଡା, ଡ. ରାମଚନ୍ଦ୍ର ନାୟକ, ଡ.ମନୀନ୍ଦ୍ର ମହାନ୍ତି, ଡ. ଭାଗବତ ତ୍ରିପାଠୀ, ଡାକ୍ତର ସୁକାନ୍ତି କୁମାରୀ ଜେନା, ଉଷା ଦେବତା, ଡ.ମାନସ ରଞ୍ଜନ ଲେଙ୍କା, ଇଂ.ବିମ୍ବାଧର ବ୍ରହ୍ମ, କାଶୀନାଥ ସାହୁ, ଗୀତା କୁମାରୀ ପରିଡ଼ା, ସ୍ନେହଲତା ବେହେରା, କୈଳାଶ ଚନ୍ଦ୍ର ପଣ୍ଡା, ନବକିଶୋର ପାତ୍ର, ବୀରନାରାୟଣ ଦାସ, ଚନ୍ଦ୍ରମୋହନ ମହାନ୍ତି, ରବୀନ୍ଦ୍ର ନାଥ ମହାନ୍ତି, ରମେଶ ଚନ୍ଦ୍ର ଦାସ, ଆଦିତ୍ୟ କୁମାର ଗୋସ୍ୱାମୀ, ଅରୁଣ ମିତ୍ର, ଦୁଃଶାସନ ମହାନ୍ତି, ଭାଗୀରଥି ନନ୍ଦଶର୍ମା, ସଙ୍ଗୀତା ଦେ, ବିନୟ କୁମାର ପଣ୍ଡା, ଅରବିନ୍ଦ ବସନ୍ତରାୟ, ହରେକୃଷ୍ଣ ସାହୁ, ବସନ୍ତ ଦେ, ପ୍ରତାପ ଚନ୍ଦ୍ର ଦଳାଇ, ତାରକ ଦାସ ଆଢ୍ୟ, ପ୍ରଶାନ୍ତ ଦେ, ହରେକୃଷ୍ଣ ସାହୁ, ଉପେନ୍ଦ୍ର ରାଉତ, ବିକାଶ ମହାନ୍ତି, ସୁରେଶ ସାହୁ, ଅନାଦି ଚରଣ ଦାସ, ବାମନ ଚରଣ ରାଉତ, ରମେଶ ଚନ୍ଦ୍ର ଦାସ, ରାମଚନ୍ଦ୍ର ସାହୁ, ତ୍ରିଲୋଚନ ପଣ୍ଡା ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ଯୋଗଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କରୁଣାକର ଉପାଧ୍ୟାୟ।

# କୁକୁଡିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଭୋଗରାଇ, ୩୧।୩ (ସମିସ) :** ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନର ମୂଳଦୁଆ ପ୍ରତ୍ୟେକ ପରିବାରରୁ ସୃଷ୍ଟି ହୋଇଥାଏ। ବିଦ୍ୟାଳୟ ହିଁ ସେହି ସମାଜ ଗଠନ ପ୍ରକ୍ରିୟାର ମୂଳଦୁଆକୁ ଅଧିକ ତ୍ୱରାନ୍ୱିତ କରିଥାଏ। ତେଣୁ ବିଦ୍ୟାଳୟର ଶିକ୍ଷକମାନଙ୍କ ଠାରୁ ପରିବାରରେ ବାପାମାଆ ମାନେ ଅଧିକ ସଚେତନ ଓ ଯତ୍ନବାନ ହେଲେ ଆମ ପିଲାମାନେ ସଂସ୍କାରିତ ହୋଇ ପାରିବେ ବୋଲି କୁକୁଡିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି। ଝକଝକି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୌତମ କୁମାର ଦତ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭାରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସମ୍ଭାବନା ପ୍ରକାଶନୀ ମୁଖ୍ୟ କବି ଡ. ଶ୍ରୀକୁମାର ଘୋଷ, ସମ୍ମାନିତ ଅତିଥି ଭାବେ ବାରବାଟିଆ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ଅଶୋକ କୁମାର ସାହୁ, ପଶରବିନ୍ଧା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ ଦାସ, ଜୟରାମପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉତ୍ତମ କୁମାର ସାମଲ, କାଳାହୀ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବେନୁଚରଣ ଜେନା, କଣ୍ଟାବଣିଆ ଧନଞ୍ଜୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଶୋକ ବେହେରା, ବାରବାଟିଆ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପିକା ରାଜଶ୍ରୀ କର ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳ କୁମାର ନାୟକ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ସହକାରୀ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପାଳ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ବିଦ୍ୟାଳୟର କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ଭିତ୍ତିକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତପନ କୁମାର କର, ରାମଚନ୍ଦ୍ର ମଣ୍ଡଳ, ନିର୍ମଳ କୁମାର କର, ସୁଶିଳ ମଣ୍ଡଳ, ପ୍ରଦୀପ ଗିରି, ରଶ୍ମିରେଖା ଗିରି, କମଳାକାନ୍ତ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୋଗରାଇ ମୋ ପରିବାର ପକ୍ଷରୁ ସାହିତ୍ୟ ମହୋତ୍ସବ




**କମର୍ଦ୍ଦା, ୩୧।୩ (ସମିସ) :** ଭୋଗରାଇ ବ୍ଲକ ଅନ୍ତର୍ଗତ ଦୁଡପଳ ଗ୍ରାମପଞ୍ଚାୟତର ଅଧିନ ବାହାର୍ଦ୍ଦାଠାରେ ଭୋଗରାଇ ମୋ ପରିବାର ତରଫରୁ ରବିବାର ଭୋଗରାଇ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାକାର୍ଯ୍ୟରେ ସଭାପତିତ୍ୱ କରିଥିଲେ ଦୁଡ଼ପଳ ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ଅନାଦି ନନ୍ଦନପାଳ. ମୁଖ୍ୟ ଅତିଥି ଡ. ଶତିଷ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ପବିତ୍ରମୋହନ ପାଣିଗ୍ରାହୀ, ସମ୍ମାନିତ ବକ୍ତା ନାସିର ବକ୍ସ, ସମ୍ମାନିତ ଅତିଥି ଡ. ପ୍ରଦୀପ୍ତ କୁମାର ମିଶ୍ର. କବି ଶ୍ରୀକୁମାର ଘୋଷ, କବି ମଳୟ କୁମାର ସୁର ଉପସ୍ଥିତ ଥିଲେ। କବି ମନୋଜ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଭୋଗରାଇ ମୋ ପରିବାର ପ୍ରତିଷ୍ଠାତା ଉତ୍ତମ କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବିସ୍ମୟ ବାଳକ ଦିଶାନ ଖଟୁଆକୁ ମାନପତ୍ର ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ସାମ୍ବାଦିକମାନଙ୍କୁ ମାନପତ୍ର ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଧର୍ମପରାୟଣ ମହିଳାଙ୍କ ଦେହାନ୍ତ

**ଜଳେଶ୍ୱର ବ୍ଲକ, ୩୧।୩ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁ ରାମଚନ୍ଦ୍ରପୁର ପଞ୍ଚାୟତର ରାୟାଁ ଗ୍ରାମର ଉମାମଣି ସାହୁଙ୍କ ୯୦ ବର୍ଷ ବୟସରେ ରବିବାର ଦିନ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ହୋଇଛି। ସେ ଜଣେ ଧର୍ମାବଲମ୍ବୀ, ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁ ଖବରପାଇ ଅଞ୍ଚଳର ବହୁ ଲୋକ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଗ୍ରାମର ଯୁବକ ଦିଲ୍ଲୀରେ ଅବସ୍ଥାପିତ ଥିବା ଡାକ୍ତର ରତ୍ନାକର ସାହୁ ଶୋକ ବାର୍ତ୍ତା ପଠାଇଛନ୍ତି। ତାଙ୍କର ବଡ଼ ପୁତ୍ର ହରିଶ୍ଚନ୍ଦ୍ର ସାହୁ, ମଧ୍ୟମ ପୁତ୍ର ନବ କୁମାର ସାହୁ ଓ ସାନ ପୁତ୍ର କୁଶ କୁମାର ସାହୁ, ବଡ଼ ବୋହୂ ଗୀତାଞ୍ଜଳି ସାହୁ, ସାନ ବୋହୂ ସଂଯୁକ୍ତା ସାସମଲ, ନାତି ଲିଟୁ, ବିଟୁ ଓ ଗୁଡୁ ଅଛନ୍ତି। ମୃତ୍ୟୁ ସମୟରେ ବଡ଼ ଝିଅ, ନାତି ବୋହୂ, ନାତୁଣୀ ଓ ପଣ ନାତି ରୁଦ୍ର ପାଖରେ ଥିଲେ। ସୁବର୍ଣ୍ଣରେଖା ନଦୀ କୂଳରେ ତାଙ୍କ ଅନ୍ତିମ ସତ୍କାର କରା ଯାଇଥିବା ବେଳେ ସାନ ପୁଅ କୁଶ ମୁଖାଗ୍ନି ଦେଇଥିଲେ।

**ଭୋଗରାଇରେ ପ୍ରବଳ କୁଆପଥର ମାଡ଼**

# ଉଜୁଡ଼ିଲା ରବିଧାନ ସମେତ ପନିପରିବା ଫସଲ

**ଭୋଗରାଇ, ୩୧।୩ (ସମିସ) :**



ସପ୍ତାହକ ପୂର୍ବରୁ କାଳବୈଶାଖୀ ଅଦିନିଆ ବର୍ଷା ସମଗ୍ର ଚାଷୀ କୂଳକୁ କନ୍ଦାଇଥିଲା। କ୍ଷେତରେ ପାଣି ଜମି ରବିଧାନ ସହିତ ପନିପରିବା ତରଭୁଜ, କାକୁଡ଼ି ଓ ଚିନାବାଦାମ ଚାଷର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପୁଣି ରବିବାର ବଡି ସକାଳୁ କାଳବୈଶାଖୀ ପବନ, ବିଜୁଳି ଘଡଘଡି ଓ ଘନଘନ ବଜ୍ରପାତ ସହିତ ବ୍ୟାପକ କୁଆପଥର ମାଡ ସମଗ୍ର ଭୋଗରାଇ ବ୍ଲକ ଅଞ୍ଚଳରେ ତାଣ୍ଡବ ରଚିଛି। ପ୍ରାୟ ୫ ଗ୍ରାମରୁ ୧୦ ଗ୍ରାମ ଓଜନର ବଡ଼ ବଡ଼ କୁଆପଥର ସମଗ୍ର ଅଞ୍ଚଳକୁ ବରଫ ଚାଦରରେ ଢାଙ୍କି ଦେଇଥିଲା। ଲୋକେ ବିଛଣା ଛାଡ଼ିବା ପୂର୍ବରୁ ସକାଳ ପ୍ରାୟ ୫ଟା ସମୟରେ ୩୦ ମିନିଟରୁ ଅଧିକ ସମୟ ଧରି ସାମାନ୍ୟ କିଛି ବର୍ଷା ସହିତ କୁଆପଥର ମାଡରେ ରାସ୍ତାଘାଟ, ଘରଛାତ, ରବିଧାନ ଓ ପନିପରିବା କ୍ଷେତ ସମ୍ପୂର୍ଣ୍ଣ ବରଫାବୃତ ହେବା ସହିତ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏହି ବରଫ ତରଳି ପାଣି ହେବାକୁ ପ୍ରାୟ ଏକ ଘଣ୍ଟା ସମୟ ଲାଗିଥିଲା। ଏହାସହିତ ଘନ ଘନ ବିଜୁଳି ଘଡଘଡି ସମଗ୍ର ଅଞ୍ଚଳକୁ ଦୋହଲାଇ ଦେଇଥିଲା। ମୁଣ୍ଡର ଝାଳ ତୁଣ୍ଡରେ ମାରି, ଖରାବର୍ଷାକୁ ଖାତିର ନ କରି ଜମିରେ ଫଳାଇଥିବା ଧାନ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି କ୍ଷତିକୁ ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଭୋଗରାଇରେ ଚଳିତବର୍ଷ ୧୪ ହଜାର ୭ ଶହ ହେକ୍ଟରରୁ ଅଧିକ ଜମିରେ ଅଧିକ ଅମଳକ୍ଷମ ରବିଧାନ ଚାଷ ହୋଇଛି। କୃଷି ବିଭାଗ ଉନ୍ନତ କିସମର ଅଧିକ ଅମଳକ୍ଷମ ବିହନ ଯୋଗାଇ ପାରି ନ ଥିଲାବେଳେ ଚାଷୀମାନେ ଖୋଲା ବଜାରରୁ ଅଧିକ ଦରରେ ବିହନ କିଣି ଚାଷ କରିଛନ୍ତି। ରାସାୟନିକ ସାର, କୀଟନାଶକ ଔଷଧ, ମଜୁରୀ, ଟ୍ରାକ୍ଟର ଲଙ୍ଗଳ, ଜଳ କର ଆଦିରେ ହେକ୍ଟର ପ୍ରତି ୭୫ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ କରିଛନ୍ତି। ଏବେ ଧାନ ଗଛରେ ଥୋଡ ଆସିଥିଲା ବେଳେ ଗଛ ପେଟରେ ଓ ଫୁଲ ଉଡାଇ ସାରିଥିବା କେଣ୍ଡାରେ ଜୋରରେ କୁଆପଥର ମାଡ ହୋଇଛି। ଫଳରେ ଅଧିକାଂଶ ଧାନ କେଣ୍ଡା ଶୁଖି ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱ ଗାଁ ସମେତ ଭୋଗରାଇ ବ୍ଲକର ବିଭିନ୍ନ ଗାଁରେ ବ୍ୟାପକ ଭାବେ ପନିପରିବା ଚାଷ ହୋଇଥିଲା ବେଳେ ଏହି କୁଆପଥର ମାଡରେ କଖାରୁ, ଭେଣ୍ଡି, ବାଇଗଣ, ପୋଟଳ, ଜହ୍ନି, କଲରା, ଟମାଟୋ, ତରଭୁଜ, କାକୁଡି ଆଦି ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ପ୍ରକୃତିର କରାଳ ରୂପ କାଳ ବୈଶାଖୀ ଓ କୁଆପଥର ମାଡ଼ରେ ଚାଷୀର ସବୁ ସ୍ୱପ୍ନ ଧୂଳିସାତ ହୋଇଯାଇଛି। ଧାର କରଜ କରି ଚାଷ କରିଥିଲେ। ଚାଷ ନଷ୍ଟ ହେବାରୁ ଋଣ କେମିତି ସୁଝିବେ ସେ ନେଇ ଚାଷୀଙ୍କୁ ଚିନ୍ତା ଘାରିଛି। ଏପରି ଦୁର୍ଦ୍ଦିନରେ ଗରିବ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# କୁଳିଦା ଦୋଳ ଉତ୍ସବ ଓ ମାନସ ମାତା ପୂଜୋତ୍ସବ ଉଦ୍‌ଘାଟିତ

**ଭୋଗରାଇ, ୩୧।୩ (ସମିସ) :** ସମଗ୍ର ମାନବ ଜାତିର କଲ୍ୟାଣ ନିମନ୍ତେ ସନାତନ ହିନ୍ଦୁ ଧର୍ମର ପ୍ରାଣପୁରୁଷ ନଦୀୟା ନନ୍ଦନ ଶ୍ରୀଶ୍ରୀ ଚୈତନ୍ୟ ଦେବ ମହାପ୍ରଭୁଙ୍କ ଆବିର୍ଭାବ ଦିବସକୁ ଦୋଳ ଉତ୍ସବ ଭାବେ ସମଗ୍ର ଦେଶରେ ପାଳନ କରାଯାଉଥିଲା ବେଳେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ କୁଳିଦା ଗ୍ରାମରେ ହରିସମାଜ କମିଟି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ସାର୍ବଜନୀନ ଦୋଳ ଉତ୍ସବ ଓ ମନସା ମାତାଙ୍କ ପୂଜାର୍ଚ୍ଚନା ସହିତ ଚବିଶ ପ୍ରହର ନାମ ସଙ୍କୀର୍ତ୍ତନ ଶୁଭାରମ୍ଭ ହୋଇଛି। କୁଳିଦା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖସ୍ଥ ଦୋଳ ମଣ୍ଡପରେ ଆସନ୍ତା ଏପ୍ରିଲ ୫ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଏହି ସମାରୋହ ପାଳିତ ହେବ। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଗତ ମାର୍ଚ୍ଚ ୨୫ ତାରିଖ ସୋମବାର ମହାସମାରୋହରେ ପବିତ୍ର ଦୋଳ ଉତ୍ସବ ପାଳନ ହୋଇଥିଲା ବେଳେ ପରବର୍ତ୍ତୀ ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ମନସା ମାତାଙ୍କ ଘଟୋତ୍ତୋଳନ ହୋଇଥିଲା ବେଳେ ଶନିବାର ଷୋଡ଼ଶ ଉପଚାରରେ ମାଁଙ୍କ ପୂଜାର୍ଚ୍ଚନା ହୋଇଥିଲା। ରବିବାର ପୂର୍ଣ୍ଣମାସୀ ପ୍ରତିଷ୍ଠା ସହିତ ଅପରାହ୍ଣରେ



ବିଭିନ୍ନ ପାରମ୍ପରିକ ବାଦ୍ୟ, ଝାଞ୍ଜ, ମୃଦଙ୍ଗ ବାଜଣା ଓ ଘଣ୍ଟ, ଘଣ୍ଟା, ଶଙ୍ଖ ହୁଳହୁଳି ମଧ୍ୟରେ ଦେଉଳା କୋଷ୍ଟ କେନାଲ ଘାଟରୁ ପାଣି ନେଇ ୫ ଶହ ମହିଳାଙ୍କ ଏକ ବିଶାଳ ବର୍ଣ୍ଣାଢ଼୍ୟ କଳସ ଶୋଭାଯାତ୍ରା ଦୋଳ ମଣ୍ଡପ ଠାରେ ପହଞ୍ଚିଥିଲେ। ସନ୍ଧ୍ୟାରେ ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଦୋଳ ମଣ୍ଡପକୁ ଆଗମନ କରିବା ସହିତ ଚବିଶ ପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ ଶୁଭାରମ୍ଭ ହୋଇଛି। ରାତିରେ ମେଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୋମବାର ଓ ମଙ୍ଗଳବାର ଦିବସ ବ୍ୟାପୀ ନାମ ସଙ୍କୀର୍ତ୍ତନ ଓ ସନ୍ଧ୍ୟାରେ ଆଳତୀ ଓ ମେଳି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ବୁଧବାର ଦିବସ ବ୍ୟାପୀ ନାମ ସଙ୍କୀର୍ତ୍ତନ, ସନ୍ଧ୍ୟାରେ ଆଳତୀ, ମେଳି ଓ ଦଧି ଉତ୍ସବ ଅନୁଷ୍ଠିତ ହେବାକୁ ଥିଲା ବେଳେ ମଧ୍ୟାହ୍ନରେ ବିଶାଳ ଅନ୍ନ ମହୋତ୍ସବ ଅନୁଷ୍ଠିତ ହେବ। ପରବର୍ତ୍ତୀ ଗୁରୁବାର ଓ ଶୁକ୍ରବାର ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ରାତିରେ ଯାତାନୁଷ୍ଠାନ ଆୟୋଜନ କରାଯାଇଛି। ଏହି ଉତ୍ସବ ଅବସରରେ ଆକର୍ଷଣୀୟ ମେଳା, ମୀନାବଜାର, ଖାଦ୍ୟ ବିପଣୀ, ଆତସବାଜି, ମନୋରମ ବିଦ୍ୟୁତ ଆଲୋକ ସଜ୍ଜା ଓ ବୈଦ୍ୟୁତିକ କଳା କୌଶଳ ପରିବେଷଣ ହେବାର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ବୋଲି କୁଳିଦା ହରିସମାଜ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ହରିସମାଜ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ଚାକିରି ଛାଡ଼ିଲେ ଡାକ୍ତର ସରୋଜ ଦାସ ମଜୁମଦାର

**● ବିଧାନସଭା ନିର୍ବାଚନ ଲଢ଼ିବା ଚର୍ଚ୍ଚା**



**ଭୋଗରାଇ, ୩୧।୩ (ସମିସ) :** ବହୁ କଳ୍ପନା ଜଳ୍ପନା ପରେ ଚାକିରି ଛାଡିଛନ୍ତି ଭୁବନେଶ୍ୱର ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସ୍ (ଏମ୍ସ)ର ରେଡିଏସନ ଅଙ୍କୋଲୋଜି ବିଭାଗ ମୁଖ୍ୟ ଡାକ୍ତର ସରୋଜ କୁମାର ଦାସ ମଜୁମଦାର। ବ୍ୟକ୍ତିଗତ କାରଣରୁ ସେ ଚାକିରୀ ଛାଡିଥିବା ଦର୍ଶାଇଛନ୍ତି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ବାଡସରିଷା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଡାକ୍ତର ଦାସ ମଜୁମଦାର ଜଣେ ଜନଦରଦୀ ବ୍ୟକ୍ତି ହୋଇଥିଲା ବେଳେ ଲୋକଙ୍କୁ ନିଃସ୍ୱାର୍ଥପର ଚିକିତ୍ସା ସେବା ଯୋଗାଇ ଦେବାରେ ସୁନାମ ଅର୍ଜନ କରିଛନ୍ତି। କର୍କଟ ରୋଗ ଚିକିତ୍ସା ଓ ଗବେଷଣା କ୍ଷେତ୍ରରେ ତାଙ୍କର ଦୀର୍ଘ ୨୫ ବର୍ଷର ଅନୁଭବ ଏବଂ ଅଭିଜ୍ଞତା ରହିଛି। ଆମେରିକା, ଇଂଲଣ୍ଡ ଆଦି ଦେଶ ସମେତ ଦିଲ୍ଲୀ ଏମସରେ କର୍କଟ ରୋଗ ଚିକିତ୍ସା ଓ ଗବେଷଣା କ୍ଷେତ୍ରରେ ଦୀର୍ଘ ବର୍ଷ ସେବା ପ୍ରଦାନ ପରେ ଭୁବନେଶ୍ୱର ଏମସରେ ସେବା ଯୋଗାଇ ଦେଇଆସୁଥିବା। ନିଜ ଜନ୍ମମାଟି ଭୋଗରାଇ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ମାଗଣା ଚିକିତ୍ସା ଶିବିର ଆୟୋଜନ ମାଧ୍ୟମରେ ହଜାର ହଜାର ରୋଗୀଙ୍କ ପାଖରେ ପହଞ୍ଚି ଚିକିତ୍ସା ସେବା ଯୋଗାଇ ଦେଇ ବହୁ ସୁନାମ ଅର୍ଜନ କରିଆସିଛନ୍ତି। ରାଜନୀତିରେ ପ୍ରବେଶ ଉଦ୍ଦେଶ୍ୟରେ ଡାକ୍ତର ମଜୁମଦାର ଚାକିରୀ ଛାଡିଥିବା ଚର୍ଚ୍ଚା ହେଉଛି। ଶନିବାର ସନ୍ଧ୍ୟାରେ ଡାକ୍ତର ମଜୁମଦାର ଚାକିରୀ ଛାଡିବା ଖବର ପ୍ରଚାରିତ ହେବା ମାତ୍ରେ ସମଗ୍ର ଭୋଗରାଇରେ ଏହା ପ୍ରମୁଖ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ବୋଲଂ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଉଦ୍‌ଯାପିତ

**ଲଙ୍ଗଳେଶ୍ୱର, ୩୧।୩ (ସମିସ):** ବାଲିଆପାଳ ବ୍ଲକ ବୋଲଂ ପଞ୍ଚାୟତ ଅନ୍ତର୍ଗତ ବୋଲଂ କ୍ରିକେଟ ପଡ଼ିଆରେ ୭ ଦିବସ ବ୍ୟାପି ଅନୁଷ୍ଠିତ ହୋଇଥିବା ବୋଲଂ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଆଜି ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଚାମ୍ପିଅନ ଏବଂ ରନର୍ସ ଅପ ଟିମ୍‌କୁ ଟ୍ରଫି ପ୍ରଦାନ କରି ଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ଅଜୟ ସାମଲ, ବୋଲଂ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ସମିତି ସଭ୍ୟା ନିହାରିକା ରାଉତ, ଯୁବନେତା କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ପଞ୍ଚାୟତ ବିଜେଡି ସଭାପତି ଯୋଗେନ୍ଦ୍ର ମହାପାତ୍ର, ଯୁବନେତା ତପନ ରାଉତ, ସମାଜସେବୀ ସପନ ରାଉତ, ରାଜ କିଶୋର ଦାସ, ରଜତ ମହାନ୍ତି, ଅଜୟ ସାମନ୍ତ, ମୀନକେତନ ବେହେରା, ସହଦେବ ପରିଡ଼ା,




ନାରିନେତ୍ରୀ ସୁଲତା ନାୟକ ଯୋଗଦେଇ ଥିଲେ। ଏହି ପ୍ରିମିୟର ଲିଗ୍ ଗତ ୨୩ ତାରିଖ ଠୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଥିଲା। ଆମ୍ପାୟାର ହିସାବରେ ମଣ୍ଟୁ ବାରିକ ଏବଂ ମିଟୁ ଦାସ ଖେଳ ପରିଚାଳନା କରିଥିଲେ। ଏହି ପ୍ରିମିୟର ଲିଗ୍‌ରେ ମୋଟ ୫ଟି ଟିମ ଭାଗ ନେଇ ଖେଳିବା ସହ ଆଜି ଫାଇନାଲ ମ୍ୟାଚ ପିଲୁ ଇଲେଭେନ୍ ଏବଂ ଶିବଶଙ୍କର ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ଏଥିରେ ଶିବଶଙ୍କର ଫାଇଟର ଚାମ୍ପିଅନ ହୋଇ ଟ୍ରଫି ହାସଲ କରିଥିଲା। ଆଜିର କାର୍ଯ୍ୟକ୍ରମକୁ ସତ୍ୟଜିତ ମହାପାତ୍ର, ସିଦ୍ଧେଶ୍ୱର ମଲ୍ଲିକ, ଦୁଷ୍ମନ୍ତ ମହାପାତ୍ର, କମଳାକାନ୍ତ ପଟ୍ଟାୟତ, ରାକେଶ ଜେନା, ହରିଶଙ୍କର ମଲ୍ଲିକ, ସୁଶାନ୍ତ ବେହେରା, ଶକ୍ତିପଦ ପରିଡ଼ା, ଅଭିଜିତ ମଲ୍ଲିକ, ବାପି ବେହେରା, ସତ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ

**ଜଳେଶ୍ୱର ବ୍ଲକ, ୩୧।୩ (ସମିସ) :**




**ନିଦ୍ରାରେ ଖଣି ବିଭାଗ**

ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ବାଲି ସୈରାତ ଗୁଡ଼ିକୁ ଖଣି ବିଭାଗ ଅଦ୍ୟାବଧି ନିଲାମ କରୁନାହିଁ। ଫଳରେ ସ୍ଥାନୀୟ ପ୍ରଶାଶନକୁ ଆଖିଠାର ମାରି ବିଭିନ୍ନ ସୈରାତରୁ ପ୍ରତିଦିନ ମାଫିଆମାନେ ସନ୍ଧ୍ୟାରୁ ସକାଳ ପର୍ଯ୍ୟନ୍ତ ଖୁଲମଖୁଲା ଶହ ଶହ ଟ୍ରାକ୍ଟର ବାଲି ଚୋରା ଚାଲାଣ କରୁଛନ୍ତି। ଟ୍ରାକ୍ଟର ମାଲିକମାନେ ନଦୀରୁ ବାଲି ଚୋରାରେ ନେଇ ଚାଷୀଙ୍କ ଚାଷ ଜମି ଉପରେ ଜବରଦସ୍ତ ଚଳାଚଳ କରୁଛନ୍ତି। ଏହାକୁ ବିରୋଧ କଲେ ବାଲି ମାଫିଆ ଧମକ ଚମକ ଦେବା ସହିତ ଏଥିରୁ ବିରତ ରହିବାକୁ କହିଛନ୍ତି। ଖଣି ବିଭାଗର ଉଦାସୀନତା ଯୋଗୁଁ ବାଲି ଖାଦାନ ଗୁଡ଼ିକ ନିଲାମ ହୋଇ ପାରୁନି। କିନ୍ତୁ ବାଲିର ଆବଶ୍ୟକତା ଅଧିକ ଥିବାରୁ ମାଫିଆମାନେ ଆଦୌ ରାଜସ୍ୱ ନ ଦେଇ ଟ୍ରାକ୍ଟର ପିଛା ୩ ହଜାର ଟଙ୍କା ଲୁଟୁଛନ୍ତି। ସୂଚନାରୁ ଜଣା ପଡ଼ିଛି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ପଞ୍ଚାୟତର ବାଲିକବାର୍ଡ ନଦୀକୂଳରେ ପ୍ରାୟ ୨୦/୩୦ କାଠ ଡଙ୍ଗାରେ ଅପର ପାର୍ଶ୍ୱ (ଗଡ଼ସାହି ବାଲିଆପାଳ ଗାଁ ପାଖ) ରୁ ବାଲି ଆଣି ଶହ ଶହ ଟ୍ରାକ୍ଟର ଲୋଡ ହୋଇ ସରସିଦା ରାସ୍ତାରେ ଯାଇ ପଶ୍ଚିମବଙ୍ଗକୁ ନେଇ ଚଢ଼ା ଦରରେ ବିକ୍ରି କରି ମାଫିଆମାନେ ମାଲେମାଲ ହେଉଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ହେଉଛି। ଏହାର କାରଣ ବାଲି ମାଫିଆ ମାନେ କେତେକ ରାଜନୈତିକ ଓ ମୁଷ୍ଟିମେୟ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ରହିଥିବା କୁହାଯାଉଛି। ଆଉ କିଛି ବାଲି ଟ୍ରାକ୍ଟର ସ୍ଥାନୀୟ ଅଞ୍ଚଳରେ ବାଲି ଯୋଗାଇ ୨ ହଜାରରୁ ଆରମ୍ଭ କରି ୩ ହଜାର ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛ। ଭଲ ଅର୍ଥ ରୋଜଗାର ହେଉ ଥିବାରୁ କେତେକ ବ୍ୟକ୍ତି ଡଙ୍ଗା ଯୋଗାଇ ଭଲ ଅର୍ଥ ରୋଜଗାର କରିବା ପାଇଁ ନୂଆ ଡଙ୍ଗା ତିଆରି କରିଛନ୍ତି। ଏହା ଦ୍ୱାରା କେବଳ ରାଜସ୍ୱ ହାନି ହେଉନି, ନଦୀରୁ ବାଲି ଉତ୍ତୋଳନ ହେବା ଦ୍ୱାରା ମୃତ୍ତିକା କ୍ଷୟ ହେଉଛି। ଚୋରା ବାଲି ନେଉଥିବା ସମୟରେ ପ୍ରଶାସନ ଭୟରେ ଦ୍ରୁତ ବେଗରେ ଟ୍ରାକ୍ଟର ଚଳାଇବା ଦ୍ୱାରା ଦୁର୍ଘଟଣା ହେବାର ଆଶଙ୍କା ରହିଛି। କେବଳ ପାଇକାସିଦା ପଞ୍ଚାୟତର ବାଲିକବାର୍ଡ ନୁହେଁ ଉତ୍ତରପଡ଼ା, ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ଏକତାଳି ଓ ଜମାଲପୁର କୋଟସାହି ପଞ୍ଚାୟତର ଗୋବର୍ଦ୍ଧନପୁର, ପଶ୍ଚିମବାର୍ଡ ପଞ୍ଚାୟତର ରେଳା, ନମକାନା, ଝାଡ଼ପିମ୍ପଳ ପଞ୍ଚାୟତର କଣ୍ଟାପାଳ, ମହମ୍ମଦ ନଗର ପାଟଣା ପଞ୍ଚାୟତର ସେକସରାଇ, ଶିଖରପୁର ପଞ୍ଚାୟତର ଭାନୁପୁର ଓ ଶିଖରପୁର, ଗୋବରଘାଟା ପଞ୍ଚାୟତର ଗୋବରଘାଟା, ଶ୍ରୀରାମପୁର ପଞ୍ଚାୟତର ଶ୍ରୀରାମପୁର, ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ଦକ୍ଷିଣ ପ୍ରହରାଜପୁର, କେଏମସାହି ପଞ୍ଚାୟତର ବେହେରାସାହି, ମକିଡିଆ ପଞ୍ଚାୟତର କୁଅଁରପୁର, ଗୋପାଳପୁର ଓ ମାକିଡିଆ, ଏବଂ ଓଲମରା ପଞ୍ଚାୟତର ଓଲମରା ଇତ୍ୟାଦି ସ୍ଥାନରୁ ଚୋରା ବାଲି ଉତ୍ତୋଳନ କରି ସ୍ଥାନୀୟ ବାଲି ମାଫିଆ ମାନଙ୍କ ଦ୍ୱାରା ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ବେଳେ ଖଣି ବିଭାଗ ସମ୍ପୁର୍ଣ୍ଣ ନୀରବଦ୍ରଷ୍ଟା ସାଜିଛି। ବାରମ୍ବାର ଲୋକମାନେ ଖଣି ବିଭାଗକୁ ଖବର ଦେବାକୁ ଚେଷ୍ଟା କଲେ ବିଭାଗର ଅଧିକାରିଣୀ ମୋବାଇଲ ଉଠାଉ ନାହାନ୍ତି। ଖଣି ବିଭାଗର କର୍ମଚାରୀ କୁମ୍ଭକର୍ଣ୍ଣ ନିଦ୍ରା ଯୋଗୁଁ ଏଭଳି ବାଲି, ମାଟି ଓ ଗୋଡି (ମୋରମ) ଚୋରା ଚାଲାଣ ବଢ଼ି ଚାଲିଥିବା ଦେଖିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ଖଣି ବିଭାଗ ଓ ଜଳେଶ୍ୱର ପ୍ରଶାସନ କଡ଼ା ନଜର ଦେବା ପାଇଁ ଜଳେଶ୍ୱର ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ମେଗା ରକ୍ତଦାନ ଶିବିର, ୯୪ ୟୁନିଟ୍ ସଂଗୃହୀତ



**ଭୋଗରାଇ/ଚୌକି, ୩୧।୩(ସମିସ) :** ଭୋଗରାଇ ବ୍ଲକ ଅନ୍ତର୍ଗତ ନିମାତପୁର ଶ୍ରୀଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ଉପଲକ୍ଷେ ନିମାତପୁର ଓ ପସରବିନ୍ଧା ପଞ୍ଚାୟତବାସୀଙ୍କ ମିଳିତ ଉଦ୍ୟମରେ ରବିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନିମାତପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି ଶିବିରରେ ସମୁଦାୟ ୯୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ନିମାତପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଚିନ୍ମୟ ପରିଡ଼ା, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉତ୍ତର କୁମାର ଦଣ୍ଡପାଟ ଏବଂ ଜିଲ୍ଲା ରକ୍ତଦାତା ସଙ୍ଘର ସଭାପତି କମଳ ଚକ୍ରବର୍ତ୍ତୀ ମିଳିତ ଭାବେ ଏହି ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୋଗରାଇ ବ୍ଲକ ରକ୍ତଦାତା ସଂଘ ସଭାପତି ଅଧୀର ଗିରି ଗୋସ୍ୱାମୀ, ସମାଜସେବୀ କୌଶିକ ଚାନ୍ଦ, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, ପସରବିନ୍ଧା ସରପଞ୍ଚ ସୁମନ୍ତ କୁମାର ବେହେରା, ନିମାତପୁର ପଞ୍ଚାୟତ ସମିତି ସଦସ୍ୟ ଭଗବାନ ଚନ୍ଦ୍ର ରଣା, ସମାଜସେବୀ ସତୀଶ ଚନ୍ଦ୍ର ପରିଡ଼ା, ଦିଲ୍ଲୀପ କୁମାର ପ୍ରଧାନ, ପୂର୍ଣ୍ଣେନ୍ଦୁ କୁମାର ନନ୍ଦୀ, ହରିଶ୍ଚନ୍ଦ୍ର ପରିଡ଼ା, ଗୋପାଳ ଚନ୍ଦ, ସାମ୍ବାଦିକ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ନିମାତପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଓ ବହୁ ଗ୍ରାମବାସୀ ପରିଚାଳନା କରିଥିଲେ। ଜିଲ୍ଲା ରକ୍ତ ଭଣ୍ଡାର ଟେକନିସିଆନ ବସନ୍ତ ଜେନା, ପଲ୍ଲବୀ ମହାପାତ୍ର ଓ ବିନୋଦ ବିହାରୀ ଦାସ ରକ୍ତ ସଂଗ୍ରହ କରିଥିଲେ।

# ଉତ୍କଳ ଦିବସ ଓ ଓଡ଼ିଆ ଅସ୍ମିତା

୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ୩୨୬୯୫ ବର୍ଗମାଇଲ୍ କ୍ଷେତ୍ର ଏବଂ ୮୦୪୩୬୮୧ ଜନସଂଖ୍ୟାକୁ ନେଇ ନୂତନ ଓଡ଼ିଶା ପ୍ରଦେଶ ଜନ୍ମଲାଭ କରିଥିଲା। ସେତେବେଳେ ସମଗ୍ର ଓଡ଼ିଶାକୁ ୬ ଗୋଟି ଜିଲ୍ଲାରେ ଯଥା: କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟରେ ବିଭକ୍ତ କରାଯାଇଥିଲା। ଏହି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଉଛି ଭାରତ ବର୍ଷରେ ସର୍ବପ୍ରଥମ ଭାଷାଭିତ୍ତିକ ପ୍ରଦେଶ। ସେହିଦିନ ଇଂରେଜ ସରକାର ସାମ୍ପ୍ରତିକ ଭାରସାମ୍ୟ ରକ୍ଷା କରିବା ନିମନ୍ତେ ମୁସଲମାନ ବହୁଳ ସ୍ୱତନ୍ତ୍ରେ ସିନ୍ଧୁପ୍ରଦେଶ ଗଠନ କରିଥିଲେ। ପ୍ରତିବର୍ଷ ଆମ ଓଡ଼ିଶାବାସୀ ଏହି ଦିନକୁ 'ଉତ୍କଳ ଦିବସ' ରୂପେ ପାଳନ କରିଆସୁଛନ୍ତି। ଉତ୍କଳ ଗୌରବ ମଧୁସୂଦନ ଦାସ, ପାରଳଖେମୁଣ୍ଡି ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବ, କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ଜୟପୁର ଇଷ୍ଟେଟର ରାଜା ବିକ୍ରମ ଦେବ ବର୍ମା, ଖଲ୍ଲିକୋଟ ରାଜା ରାମଚନ୍ଦ୍ର ଦେବ ପ୍ରଭୃତିଙ୍କ ସହ ଅନେକ ଜନନେତାଙ୍କ ଉଦ୍ୟମ ଯୋଗୁଁ ଓଡ଼ିଶା ପ୍ରଦେଶ ଗଠନ ହୋଇପାରିଥିଲା। ଏଥିରେ ଅନେକ ଓଡ଼ିଆ ସଂଗଠନ ଯଥେଷ୍ଟ ସାହାଯ୍ୟ କରିଥିଲେ।

୧୯୩୦ ମସିହା ନଭେମ୍ବର ୧୨ ତାରିଖଠାରୁ ୧୯୩୧ ମସିହା ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ଲଣ୍ଡନଠାରେ ପ୍ରଥମ ଗୋଲ୍‌ଟେବୁଲ ବୈଠକର ଆୟୋଜନ କରାଯାଇଥିଲା। ସାଇମନ କମିଶନଙ୍କ ରିପୋର୍ଟକୁ ଆଧାର କରି ୧୯୩୧ ମସିହା ଜାନୁଆରୀ ୧୬ ତାରିଖରେ ପ୍ରଥମ ଗୋଲଟେବୁଲ ବୈଠକ ବସିଲା। ଏହି ବୈଠକରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରଶ୍ନ ଉଠିଲା। ଏଥିରେ ପାରଳାଖେମୁଣ୍ଡିର ମହାରାଜା ଗଜପତି କୃଷ୍ଣଚନ୍ଦ୍ର ଦେବ ଓଡ଼ିଆମାନଙ୍କ ଦାବିକୁ ଉପସ୍ଥାପନ କରିବା ନିମନ୍ତେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଦୃଢ଼ ଦାବି କରି ଏକ ସ୍ମାରକପତ୍ର ସେ ଉପସ୍ଥାପନ କରିଥିଲେ। ଏହାର ଶୀର୍ଷକ ଥିଲା 'ଓଡ଼ିଆ: ସେମାନଙ୍କ ଆବଶ୍ୟକତା ଓ ଏକ ପୃଥକ କ୍ଷେତ୍ର ଗଠନର କାରଣ'। ତାହାର ସାରମର୍ମ ଥିଲା- 'ଓଡ଼ିଆ ସମସ୍ୟା ପଞ୍ଚାନବେ ଲକ୍ଷ ଲୋକଙ୍କ ସମସ୍ୟା'। ଏମାନେ ଚାରିଟି କ୍ଷେତ୍ର ଯଥା- ବିହାର-ଓଡ଼ିଶା, ମଧ୍ୟପ୍ରଦେଶ, ବଙ୍ଗଳା ଓ ମାଦ୍ରାସରେ ବିକ୍ଷିପ୍ତ ଭାବରେ ବସବାସ କରିଆସୁଛନ୍ତି। ଏ ଜାତି ଆର୍ଯ୍ୟଜାତିର ଏକ ଶାଖା। ଏ ଜାତିର ଇତିହାସ ଓ ସାହିତ୍ୟ ଅଛି। ସଂସ୍କୃତ ସାହିତ୍ୟ ଏ ଭାଷା ଉପରେ ବଡ଼ ପ୍ରଭାବ ବିସ୍ତାର କରିଛି। ଓଡ଼ିଆମାନଙ୍କର ସଭ୍ୟତା ମହାଭାରତ ଯୁଗରୁ ଆରମ୍ଭ। ଏ ଜାତି ଯୋଦ୍ଧା। କଳା କୌଶଳ ଇତ୍ୟାଦି ଏ ଜାତିର ଅସ୍ଥି ମଜ୍ଜାଗତ। ସାହିତ୍ୟ, ବିଜ୍ଞାନ ଓ ସତ୍‌ସାହସରେ ଏ ଜାତି କାହାରି ପଛରେ ପଡ଼ିନାହିଁ। ପଞ୍ଚଦଶ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶ ରାଜତ୍ୱ ସମୟରେ ଏ ଜାତିର ଗରିମା ଓ ମହତ୍ତ୍ୱ ପ୍ରକାଶ ପାଇଥିଲା। ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଏହି ଓଡ଼ିଶା ରାଜ୍ୟ ଜୟ କରିଥିଲେ।



ସେତେବେଳେ ଏ ଦେଶରେ ସାହିତ୍ୟର ଅଭିବୃଦ୍ଧି ଚରମ ସୀମାରେ ଉପନୀତ ହୋଇଥିଲା, କିନ୍ତୁ ଏ ମଧ୍ୟାହ୍ନ ସୂର୍ଯ୍ୟର ପ୍ରଖର ଆଲୋକ କ୍ରମେ ମରହଟ୍ଟାମାନଙ୍କ ଆକ୍ରମଣ ଫଳରେ ହୀନପ୍ରଭ ହୋଇଆସିଲା। ୧୮୦୩ରେ ଓଡ଼ିଆମାନେ ବ୍ରିଟିଶ ସରକାରଙ୍କ ଅଧୀନତା ସ୍ୱୀକାର କଲେ। ତାହା ପରଠାରୁ ଏ ପର୍ଯ୍ୟନ୍ତ ଓଡ଼ିଆମାନଙ୍କୁ ଖଣ୍ଡ ବିଖଣ୍ଡିତ କରି ରଖାଯାଇଛି। ଅବଶ୍ୟ ବ୍ରିଟିଶ ରାଜତ୍ୱ କାଳରେ ଓଡ଼ିଆଙ୍କର ଅଭିବୃଦ୍ଧି ସମ୍ଭବ ହୋଇପାରିଛି; କିନ୍ତୁ ସମ୍ମିଳିତ ଓଡ଼ିଆ ପ୍ରଦେଶ ଏମାନଙ୍କ ଭାଗ୍ୟରେ ଘଟି ନଥିବାରୁ ଏ ଜାତିର ଉନ୍ନତିରେ ଘୋର ବାଧା ସୃଷ୍ଟି ହୋଇଛି। (ଓଡ଼ିଶା ପ୍ରଦେଶ ଗଠନର ଇତିହାସ- ହରିହର କାନୁନ୍‌ଗୋ- ପୃ- ୫୨)

କେବଳ ଏତିକି ନୁହେଁ, ଏହି ସ୍ମାରକ ପତ୍ରରେ ଉତ୍କଳର କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ, ଭାଷା ଓ ସାହିତ୍ୟ ସହ ଓଡ଼ିଆ ଅସ୍ମିତାର ପରିଚୟ ସମ୍ପର୍କରେ ସୂଚନା ପ୍ରଦତ୍ତ ହୋଇଥିଲା। ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କର ଗଣନା, ବିଦ୍ୟାବୁଦ୍ଧିର ସନ୍ଦର୍ଶନରେ ତତ୍‌କାଳୀନ ବଡ଼ଲାଟ୍ ଲର୍ଡ କର୍ଜନଙ୍କ ପର୍ଯ୍ୟନ୍ତ ସମସ୍ତେ ବିମୋହିତ ହୋଇଥିଲେ। ଭୁବନେଶ୍ୱର, କୋଣାର୍କ ଓ ପୁରୀର ହିନ୍ଦୁ ମନ୍ଦିରରେ ଓଡ଼ିଆର କଳାକୌଶଳର ନିପୁଣତା ପରିଦୃଷ୍ଟ। କଟକ ଓ ପାରଳାଖେମୁଣ୍ଡିର ଶିଙ୍ଗକାମ ମଧ୍ୟ କଳାର ଟେକ ରଖିପାରିଛି। ଓଡ଼ିଆ ଜାତିର କାବ୍ୟ କବିତା, ସଙ୍ଗୀତ ଇତ୍ୟାଦି ଚମତ୍କାର ଉପମା ଆଦର୍ଶ ଓ ମୌଳିକତାରେ ପରିପୂର୍ଣ୍ଣ। କିନ୍ତୁ ବ୍ରିଟିଶ ଶାସନରେ ଓଡ଼ିଆମାନଙ୍କୁ ଖଣ୍ଡବିଖଣ୍ଡିତ କରି ରଖାଯାଇଥିବାରୁ ଏ ଜାତିର ପରମ୍ପରା, ଏକତା ଓ ଜାତୀୟତା ବାଧାପ୍ରାପ୍ତ। ଏ ସମସ୍ତ ପ୍ରସଙ୍ଗକୁ ବଳିଷ୍ଠ ଯୁକ୍ତି ମାଧ୍ୟମରେ ପାରଳାଖେମୁଣ୍ଡିର ମହାରାଜା ଉପସ୍ଥାପନ କରିଥିବାରୁ ଉଭୟ ଲଣ୍ଡନ ଓ ଓଡ଼ିଶାରେ ଉଚ୍ଚ ପ୍ରଶଂସିତ ହୋଇଥିଲେ।

ପ୍ରକୃତରେ ଓଡ଼ିଆଙ୍କର ନଥିଲା କ'ଣ? ଶକ୍ତି ଥିଲା, ସାହସ ଥିଲା, ବିଦ୍ୟା ଥିଲା, ବୁଦ୍ଧି ଥିଲା, ବାଣିଜ୍ୟ ଥିଲା, ରୂପଗୁଣ କୌଶଳ ଓ ସୌନ୍ଦର୍ଯ୍ୟ ଚେତନା ସବୁ କିଛି ଥିଲା। ଭୋଗ ଥିଲା, ତ୍ୟାଗ ବି ଥିଲା। ଧର୍ମ ଓ ଦର୍ଶନ ଥିଲା, ନୃତ୍ୟ, ସଙ୍ଗୀତ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଥିଲା, କଳା, ସାହିତ୍ୟ, ସଂସ୍କୃତି ମଧ୍ୟ ଥିଲା। ଓଡ଼ିଶାର ବଡ଼ ମଣିଷମାନେ ସଂକୀର୍ଣ୍ଣ, କ୍ଷୁଦ୍ରପ୍ରାଣ ନ୍ୟସ୍ତ ସ୍ୱାର୍ଥ, ପରଶ୍ରୀକାତର, ଶ୍ରମକୁଣ୍ଠ, ପରାଙ୍ଗପୁଷ୍ଟ ନଥିଲେ। ଆଖି ସେମାନଙ୍କର ଆକାଶକୁ ପାଉଥିଲା, ସମୁଦ୍ରର ଅନନ୍ତ ଗଭୀରତାକୁ କଳନା କରିପାରୁଥିଲା। ୧୯୦୦ ଖ୍ରୀଷ୍ଟାବ୍ଦରେ ଜନସୁମାରି ରିପୋର୍ଟରେ ଦେଖାଯାଇଥିଲା ଯେ ଓଡ଼ିଶାର ସାକ୍ଷର ଲୋକସଂଖ୍ୟା ଭାରତର ଅନ୍ୟାନ୍ୟ ପ୍ରତ୍ୟେକ ପ୍ରଦେଶର ସାକ୍ଷର ଲୋକସଂଖ୍ୟାଠାରୁ ଯଥେଷ୍ଟ ଅଧିକ ଥିଲା। ଏହାର ପ୍ରେରଣା ହେଉଛି- ଜଗନ୍ନାଥ ଦାସଙ୍କ ଭାଗବତ। ଏହା ଥିଲା ଆମର ଅସ୍ମିତାର ପରିଚୟ ଓ ପ୍ରାଥମିକ ଶିକ୍ଷା ପାଠ୍ୟଗ୍ରନ୍ଥ। ପୁଣି ପରମ ଶାସ୍ତ୍ର ଭାଗବତ। ଓଡ଼ିଆଙ୍କ ପ୍ରଶସ୍ତଛାତିରେ ବହୁଥିଲା ଗଙ୍ଗା ଯମୁନାର ପ୍ଲାବନ ପ୍ରବାହ। ସେମାନଙ୍କ ମଧ୍ୟରେ ଥିଲେ ଖାରବେଳ, କପିଳେନ୍ଦ୍ର ଦେବ, ଜୟଦେବ, ବିଶ୍ୱନାଥ କବିରାଜ, ସାରଳା-ବଳରାମ-ଜଗନ୍ନାଥ-ଅଚ୍ୟୁତ-ଅନନ୍ତ-ଭଞ୍ଜ, ଦୀନକୃଷ୍ଣ-ଶ୍ରୀଧର, ରାମାନନ୍ଦ, ଭୀମଭୋଇ, ଚନ୍ଦ୍ରଶେଖର, ଫକୀରମୋହନ, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ପ୍ରଭୃତି। ସେମାନେ କରିଥିଲେ ଦେଶ ଜୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସାତ ସମୁଦ୍ର ତେରନଇ ପାରହୋଇ କାହିଁ ଜାଭା, ସୁମାତ୍ରା, ବୋର୍ଣ୍ଣିଓ, କାହିଁ ସିଂହଳ- ସେମାନେ ବାଣିଜ୍ୟ-ଲକ୍ଷ୍ମୀର ବିଜୟ କେତନ ଉଡ଼ାଇଥିଲେ। ସେମାନେ ଗଢ଼ିଥିଲେ ପୁରୀ, କୋଣାର୍କ, ଭୁବନେଶ୍ୱରର ଭୁବନମୋହନ ତୁଙ୍ଗ ଦେବାଳୟ। ପ୍ରତିଷ୍ଠା କରିଥିଲେ ବିଶ୍ୱମୈତ୍ରୀର ପରମ ପ୍ରତୀକ ଶ୍ରୀଜଗନ୍ନାଥକୁ, ସଂସ୍କୃତରେ ଓ ମାତୃଭାଷାରେ ଗଢ଼ିଥିଲେ ଅକ୍ଷୟ, ଅବ୍ୟୟ ଅମର କିର୍ତ୍ତୀର ଭଣ୍ଡାର। ଏଇ ଖାରବେଳଙ୍କ ବଂଶଧରଙ୍କ ଜାତିକୁ, ଭାଷାକୁ ବଞ୍ଚାଇବା ପାଇଁ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଢ଼ିବା ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ ସେହି ପ୍ରଜ୍ଞାଦୀପ୍ତ ଦକ୍ଷ ଆଇନ ବିଶାରଦ, ଜାତିପ୍ରାଣ ପଗଡ଼ି ପୁରୁଷ ଉତ୍କଳ ଗୌରବ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଗଠନର ଅଗ୍ରସାରଥୀ ମଧୁସୂଦନ ଦାସ। ସେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନରେ ରଖିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଥିଲେ।

୧୮୬୬ରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷର ପରିଣତିକୁ ଦେଖି ୧୮୬୮ ଖ୍ରୀଷ୍ଟାବ୍ଦରେ ବିଲାତରେ ଥିବା ଭାରତ ସଚିବ ସାର୍ ଷ୍ଟାଫୋର୍ଡ ନର୍ଥ କୋଟ ଓଡ଼ିଶା ପାଇଁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଓ ପ୍ରାଦେଶିକ ସରକାର ଗଠନର ଆବଶ୍ୟକତା ଉପଲବ୍ଧି କରି ଓଡ଼ିଶା ଏବଂ ଆସାମକୁ ଏକ ଶାସନାଧୀନରେ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ପୂର୍ବରୁ ମଧ୍ୟ ୧୮୫୫ ମସିହାରେ ପ୍ରଥମ ରାଜସ୍ୱ ପରିଷଦ ସଭ୍ୟ ହେନେରି ରିକେଟସ୍ ଓଡ଼ିଶା ସହିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ମିଶ୍ରଣ ପ୍ରସ୍ତାବ ଦେଇଥିଲେ। ଓଡ଼ିଶାର ସ୍ୱାର୍ଥ ଓ ଓଡ଼ିଶାବାସୀଙ୍କ ଦୁଃଖ ଦୁର୍ଦ୍ଦଶା ପ୍ରତି ଇଂରେଜ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମିତ୍ତ କୌଣସି ସମ୍ବାଦପତ୍ର ସେତେବେଳେ ନଥିଲା। ତେଣୁ ୧୮୬୬ ମସିହାରେ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ କଟକରୁ 'ଉତ୍କଳ ଦୀପିକା' ବୋଲି ଗୋଟିଏ ସାପ୍ତାହିକ ପତ୍ରିକା ଓଡ଼ିଆ ଭାଷାରେ ପ୍ରକାଶିତ ହେଲା। ୧୮୭୩ ମସିହାରେ ବୈକୁଣ୍ଠନାଥ ଦେ 'ବାଲେଶ୍ୱର ସମ୍ବାଦ ବାହିକା' ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ପରିପୁଷ୍ଟ କରିବା ସହ ବଙ୍ଗଳା ଭାଷା ପ୍ରବର୍ତ୍ତନ ବିରୋଧରେ ଜନମତ ସୃଷ୍ଟି କରିଥିଲେ। ୧୮୭୮ରେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ନିମିତ୍ତ ଗୌରୀଶଙ୍କର ରାୟଙ୍କ ନେତୃତ୍ୱରେ 'ଉତ୍କଳ ସଭା' ନାମକ ଏକ ଅନୁଷ୍ଠାନ ଗଢ଼ା ଯାଇଥିଲା। ପରେ ମଧୁସୂଦନ ଦାସଙ୍କ ପ୍ରଚେଷ୍ଟା ଫଳରେ ଓଡ଼ିଶାରେ ଏହା ନବ ଜାଗରଣର ପ୍ରଧାନ ଶକ୍ତିପୀଠ ଭାବରେ ପରିଣତ ହେଲା। ୧୮୮୫ରେ ପାରଳାଖେମୁଣ୍ଡିର ରାଜକୁମାର ପଦ୍ମନାଭ ଗଜପତି ନାରାୟଣ ଦେବଙ୍କ ଉପଦେଷ୍ଟା ରୂପେ ଶ୍ୟାମସୁନ୍ଦର ରାଜଗୁରୁ ରହିଥିଲେ। ତାଙ୍କ ସହିତ ଗଙ୍ଗାଧର ଖାଡ଼ଙ୍ଗା ଓ ପାରଳାଖେମୁଣ୍ଡି ରାଜାଙ୍କ ମ୍ୟାନେଜର ଦ୍ୱୈପାୟନ ରାଓ ମିଶି ଜନ୍ମଭୂମି ଓଡ଼ିଶା ତଥା ଓଡ଼ିଆ ଜାତିର ଉନ୍ନତି ନିମନ୍ତେ 'ଉତ୍କଳ ହିତୈଷିଣୀ' ନାମକ ଜାତୀୟ ଅନୁଷ୍ଠାନ ଗଢ଼ି ଦକ୍ଷିଣ ଓଡ଼ିଶାର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ଚେତନାର ବିକାଶ ଘଟାଇଥିଲେ।

୧୮୯୫ ମସିହାରେ ଓଡ଼ିଶାର କମିଶନର ମିଷ୍ଟର ଏଚ୍. ବି. କୁକ୍ ତାଙ୍କ ବାର୍ଷିକ ରିପୋର୍ଟରେ ସମ୍ବଲପୁର ଓ ଗଞ୍ଜାମକୁ ଓଡ଼ିଶାରେ ମିଶାଇ ଏକ ଶାସନାଧୀନ କଲେ ସେମାନଙ୍କ ଭାଷାର ଉନ୍ନତି ସମ୍ଭବ ବୋଲି ଉଲ୍ଲେଖ କରିଥିଲେ। ୧୮୯୭ରେ ଏହି ରିପୋର୍ଟକୁ ଭିତ୍ତିକରି କଟକରେ ପ୍ରତିଷ୍ଠିତ ଓଡ଼ିଆ ସମାଜ ତରଫରୁ ଏକ ସ୍ମାରକପତ୍ର ମଧୁବାବୁଙ୍କ ଅଧ୍ୟକ୍ଷତାରେ ଲଣ୍ଡନର ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟସ ଲର୍ଡ ଜର୍ଜ ହେମିଲଟନ୍‌ଙ୍କଠାରେ ଉପସ୍ଥାପନ କରାଯାଇଥିଲା। କିନ୍ତୁ ୧୮୭୦ ମସିହାରେ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା ନୁହେଁ ବରଂ ବଙ୍ଗଳା ଭାଷାର ଗୋଟିଏ ବିକୃତ ଅଂଶ ବୋଲି ପ୍ରମାଣ କରିବା ପାଇଁ କାନ୍ତିଲାଲ ଭଟ୍ଟାଚାର୍ଯ୍ୟ, ରାଜେନ୍ଦ୍ର ଲାଲ ମିତ୍ର ପ୍ରଭୃତି ଆଗେଇ ଆସିଥିଲେ। ୧୮୮୩ ମସିହାରେ ମାଦ୍ରାଜ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷାକୁ ସ୍ଥାନ ଦିଆଯାଇଥିଲା।

ସମ୍ବଲପୁର ଜିଲ୍ଲାରେ ଓଡ଼ିଆ ଭାଷା ସରକାରୀ କୋର୍ଟ-କଚେରୀରେ ପୁନଃ ପ୍ରଚଳିତ ପରେ ଭାରତର ବିଭିନ୍ନ ପ୍ରଦେଶଗୁଡ଼ିକର ସୀମା ନିର୍ଦ୍ଧାରଣ ନିମିତ୍ତ ସରକାରୀ ନୀତି ଘୋଷିତ ହୋଇଥିଲା। ଏହି ଘୋଷଣାପତ୍ରରେ ଭାରତ ସରକାରଙ୍କ ସେକ୍ରେଟାରୀ ଏଚ୍.ଏଚ୍. ରିସ୍‌ଲେ ସ୍ୱାକ୍ଷର କରିଥିଲେ। ତାହା ଥିଲା ଭାଷା ଭିତ୍ତିରେ ବିଭିନ୍ନ ପ୍ରଦେଶଗୁଡ଼ିକର ସୀମା ନିର୍ଦ୍ଧାରଣ। ଏଥିରେ ଗଞ୍ଜାମ ଓ ସମ୍ବଲପୁରକୁ ଓଡ଼ିଶା ପ୍ରଦେଶ ସହିତ ସାମିଲ କରିବାକୁ ଦର୍ଶାଯାଇଥିଲା। ପରେ ୧୯୦୩ ମସିହା ଡିସେମ୍ବର ମାସରେ 'ଉତ୍କଳ ସମ୍ମିଳନୀ'ର ପରିକଳ୍ପନା କରାଯାଇଥିଲା। ଏହାର ଲକ୍ଷ୍ୟ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା ସହିତ ଅବଲୁପ୍ତ କୁଟୀର ଶିଳ୍ପର ପୁନରୁଦ୍ଧାର, ପ୍ରଦେଶର ଶୈକ୍ଷିକ ଅଭିବୃଦ୍ଧି, କୃଷି ତଥା ଅର୍ଥନୀତିର ପୁନର୍ଜାଗରଣ, ବ୍ୟବସାୟଗତ ଶିକ୍ଷାର ପ୍ରସାର ଓ ଓଡ଼ିଶାର ସାଂସ୍କୃତିକ ଓ ରାଜନୈତିକ ଜାଗରଣ। ମୟୁରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ ଓଡ଼ିଆ ଭାଷାଭାଷୀ ସମସ୍ତ ଅଞ୍ଚଳର ଏକତ୍ରୀକରଣ ପାଇଁ ପ୍ରସ୍ତାବ ଆଣିଥିଲେ। ସମ୍ମିଳନୀର ୩୮୧ଟି ଶାଖା ପ୍ରଚାର ପାଇଁ ଗଢ଼ାଯାଇଥିଲା। ମଧୁସୂଦନ ଥିଲେ ଏହାର ସମ୍ପାଦକ।

୧୯୨୦ ଫେବ୍ରୁଆରୀ ୨୦ ତାରିଖରେ କେନ୍ଦ୍ର ବିଧାନସଭାରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ମିଶାଇ ଏକ ଶାସନାଧୀନ କରାଯାଉ ବୋଲି ପ୍ରସ୍ତାବ ଆଗତ ହୋଇଥିଲା। ୧୯୩୦ ମସିହାରେ ପ୍ରକାଶିତ ସାଇମନ କମିଶନ ରିପୋର୍ଟରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ଶୀଘ୍ର ଧ୍ୟାନ ଦେବାରେ ଆବଶ୍ୟକତା ରହିଛି ବୋଲି ସୁପାରିସ କରାଗଲା। ଫଳରେ ୧୯୩୦ ସେପ୍ଟମ୍ବରରେ ସାଇମନ କମିଶନ ତାଙ୍କ ରିପୋର୍ଟରେ ସିନ୍ଧୁ ଓ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମିତ୍ତ ସୀମା ନିର୍ଦ୍ଧାରଣ କମିଶନ ବସାଇବାକୁ ପରାମର୍ଶ ଦେଲେ।

ପ୍ରଥମ ଗୋଲଟେବୁଲ ବୈଠକରେ ପ୍ରତିନିଧିତ୍ୱ କରିଥିବା ମହାରାଜା ଗଜପତି ଶ୍ରୀକୃଷ୍ଣଚନ୍ଦ୍ର ଦେବ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ଅସ୍ମିତା ସମ୍ପର୍କରେ ସ୍ମାରକପତ୍ର ଦେଇଥିଲେ। ୧୯୩୨ ଡିସେମ୍ବର ୨୪ ତାରିଖରେ ତୃତୀୟ ଲଣ୍ଡନ ଗୋଲ୍‌ଟେବୁଲ ବୈଠକରେ ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର ସାମୁଏଲ୍ ହୋରଙ୍କ ଘୋଷଣା ପରେ ଇଂରେଜ ସରକାର ୧୯୩୩ ମସିହା ମାର୍ଚ୍ଚ ୧୭ ତାରିଖରେ ଦୁଇଟି ନୂତନ ପ୍ରଦେଶ ମୁସଲିମ ଲିଗ୍‌ର 'ସିନ୍ଧୁ ପ୍ରଦେଶ' ଏବଂ 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ' ଗଠନ ନିମିତ୍ତ ଶ୍ୱେତପତ୍ର ପ୍ରକାଶ କଲେ। ପରିଶେଷରେ ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା। ଆମର ଅସ୍ମିତା ବଜାୟ ରହିଲା। ସେଦିନ ଓଡ଼ିଶା ଲେଜିସ୍‌ଲେଟିଭ କାଉନ୍‌ସିଲର ସଭ୍ୟ ଭାବରେ ମଧୁସୂଦନ ଦାସଙ୍କ ପ୍ରଥମ ଭାଷଣ ଥିଲା- 'ଓଡ଼ିଶାର ଐତିହ୍ୟ ଗୌରବମୟ। ପ୍ରଦେଶର ଅନ୍ୟାନ୍ୟ ଅଂଶପରି, ଓଡ଼ିଶା ମଧ୍ୟ ଅତୀତର ସମସ୍ତ ଦୁର୍ଦ୍ଦିନକୁ ଅତିକ୍ରମ କରି ବର୍ତ୍ତମାନ ସୂର୍ଯ୍ୟାଲୋକ ଦୀପ୍ତ ଯେଉଁ ପର୍ବତ-ଶିଖର ଦିଗରେ ସାରାଦେଶ ଧାବମାନ, ସେହି ଦିଗକୁ ଆଶା ଓ ବିଶ୍ୱାସପୂର୍ଣ୍ଣ ନୟନରେ ଚାହିଁ ରହିଅଛି'।

ପ୍ରଫେସର ଉଦୟନାଥ ସାହୁ
ନୂଆଦିଲ୍ଲୀ, ମୋ: ୯୮୨୧୧୯୬୪୬୬

# ଭାଷା ଆନ୍ଦୋଳନ ଏବଂ ଓଡ଼ିଆ ଗଣମାଧ୍ୟମ

ଓଡ଼ିଶା ପରାଧୀନ ହେଲା ୧୫୬୮ ମସିହାରେ। ଶେଷ ସ୍ୱାଧୀନ ରାଜା ଭାବେ ହାରିଲେ ଓ ପ୍ରାଣ ହରାଇଲେ ମୁକୁନ୍ଦ ହରିଚନ୍ଦନ। ପରେ ମୁଗଲ ଓ ମରାଠାଙ୍କ ରାଜୁତି। ଶେଷକୁ ୧୮୦୩ରେ ବ୍ରିଟିଶ ଅକ୍ତିଆର କଲେ ଓଡ଼ିଶା। ଚକ୍ରାନ୍ତ କରି ଓଡ଼ିଶାକୁ ମିଶାଇ ଦିଆଗଲା କଲିକତା, ମାଡ୍ରାଜ୍ ଓ ସେଣ୍ଟ୍ରାଲ ପ୍ରୋଭିନ୍‌ସରେ। ସେଇଠୁ ହଜିବା ଆରମ୍ଭ ହେଲା ଓଡ଼ିଆ ଭାଷା। ୧୮୯୬ରେ ସମ୍ବଲପୁରରେ ହିନ୍ଦୀକୁ ସରକାରୀ ଭାଷାର ମାନ୍ୟତା ମିଳିଲା। ସେପଟେ ବଡ଼ ବଡ଼ ପଦବୀରେ ରହିଥିଲେ ବଙ୍ଗାଳୀ। ଓଡ଼ିଆ ଭାଷା ଉଠାଇବା ପାଇଁ ସେମାନେ ଜୋରଦାର ଲବି କଲେ। କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପରି ଜଣେ ଶିକ୍ଷକ ତାହାରି ନିଛକ ଉଦାହରଣ। ସେପଟେ ବ୍ରହ୍ମପୁର ଇଲାକାରେ ଲୋକେ ତେଲୁଗୁ କହିଲେ। ଜାତିର ଭାଗ୍ୟରେ ଏମିତି ଏକ ବିପର୍ଯ୍ୟୟ ଆସିଲା, ଯେଉଁଠି ଭାଷା ହଜିଲା, ପର ଅଧୀନରେ ରହି ଏ ଜାତିଟା ନିହାତି ହାନିମାନିଆ ହେଲା।

ଉନବିଂଶ ଶତାବ୍ଦୀ ଶେଷ ବେଳକୁ ସାମାଜିକ ଓ ରାଜନୈତିକ ଚିତ୍ରରେ ଆସିଲା ଢେର୍ ପରିବର୍ତ୍ତନ। ଅନେକ ପ୍ରକାଶନୀ ସେଇ ସାମ୍ନାରେ ବାହାରକୁ ଆସିଲେ। ଯେଉଁଗୁଡ଼ିକ ଓଡ଼ିଆ ଜାତିର ପ୍ରାଣରେ ଉନ୍ମାଦନା ଭରିବାରେ ବିଶେଷ ସହାୟକ ହେଲେ। ଯଦି ମୋଟ ଉପରେ ଆମେ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଜାତୀୟ ଗଣମାଧ୍ୟମର ଭୂମିକା ଦେଖିବା, ତେବେ ସେମାନେ ଯୋଡ଼ାଏ କାମ ନିଖୁଣ ଢଙ୍ଗରେ କରିଛନ୍ତି। ପ୍ରଥମ- ଜାତୀୟତା ଆନ୍ଦୋଳନକୁ ଭରପୂର ସମର୍ଥନ। ଦ୍ୱିତୀୟ- ସମାଜ ସଂସ୍କାରକର ଭୂମିକା। ଓଡ଼ିଶାରେ କିନ୍ତୁ ଓଡ଼ିଆ ଗଣମାଧ୍ୟମ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇଥିଲା। ଓଡ଼ିଆ ଭାଷାଭାଷୀ ଇଲାକାକୁ ଏକାଠି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ପ୍ରାଣାନ୍ତକ ଉଦ୍ୟମ କରିଥିଲା ଆଞ୍ଚଳିକ ଗଣମାଧ୍ୟମ।

ଇତିହାସକୁ ଦେଖିଲେ- ପ୍ରଥମରୁ ଦୁଇଟି ପ୍ରସଙ୍ଗ ଓଡ଼ିଆ ଖବରକାଗଜ ସଂସାର ଗଢ଼ିବାରେ ପରୋକ୍ଷରେ ସାହାଯ୍ୟ କରିଥିଲା। ୧୮୩୫ରେ ଲର୍ଡ ମାକ୍‌କୁଲେଙ୍କ ଶିକ୍ଷା ନୀତି ଅନୁସାରେ ପାଠ୍ୟ ପୁସ୍ତକ ଛପାଇବା ଦରକାର ପଡ଼ିଲା। ଯଦିଓ ମିଶନାରୀ ଛପା ଅଧିକ ହେଲା, ତେବେ ମଧ୍ୟ ଏହା ଓଡ଼ିଶାରେ ଛାପା ପ୍ରକ୍ରିୟା ପାଇଁ ଏହା ସୁଯୋଗ ସୃଷ୍ଟି କଲା। ୧୮୩୭ରେ କଟକ ମିଶନ ପ୍ରେସ୍ - ଦି ନ୍ୟୁ ଟେଷ୍ଟାମେଂଟ ଛାପିଥିଲା। ଦ୍ୱିତୀୟଟି- ୧୮୩୯ରେ ଓଡ଼ିଆକୁ ଅଦାଲତୀ ଭାଷା ଭାବେ ଗ୍ରହଣ କରାଗଲା। କଟକ ମିଶନ ପ୍ରେସ୍ ପ୍ରତିଷ୍ଠା ହେବାର ୨୭ବର୍ଷ ପରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ୧୮୬୪ ମସିହାରେ କଟକରେ ପ୍ରତିଷ୍ଠା କରାଗଲା କଟକ ପ୍ରିଣ୍ଟିଂ କଂପାନୀ। ଏହା ଥିଲା ଓଡ଼ିଶାର ଦ୍ୱିତୀୟ ପ୍ରେସ୍ ବା ମୁଦ୍ରଣ ଯନ୍ତ୍ରାଳୟ। ଏହାର ଚାରିବର୍ଷ ପରେ ଓଡ଼ିଶାର ତୃତୀୟ ପ୍ରେସ୍ ଉତ୍କଳ ପ୍ରିଣ୍ଟିଂ କୋ. ଫକୀର ମୋହନ ସେନାପତି ପ୍ରତିଷ୍ଠା କଲେ। ଓଡ଼ିଆ ସାହିତ୍ୟ ଓ ସାମ୍ବାଦିକତା ବିକାଶରେ ଏ ଦୁଇଟି ପ୍ରେସ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

## ଉତ୍କଳ ଦୀପିକା

ଯଦିଓ କୁଜିବର ପତ୍ରକୁ ଅନେକ ଓଡ଼ିଶାର ପ୍ରଥମ ସମ୍ବାଦପତ୍ରର ମାନ୍ୟତା ଦିଅନ୍ତି, ତେବେ ପ୍ରକୃତ ଅର୍ଥରେ ଓଡ଼ିଆ ଭାଷାର ପ୍ରଥମ ଖବରକାଗଜ ହେଉଛି 'ଉତ୍କଳ ଦୀପିକା'। ଉତ୍କଳ ଦୀପିକା ଓଡ଼ିଶାର ସାମାଜିକ ଓ ରାଜନୈତିକ ଚିତ୍ରରେ ପ୍ରମୁଖ ଭୂମିକା ନିଭେଇ ଥିଲା। ଯେବେ ଓଡ଼ିଶା ଭୋକ ଓ ଯନ୍ତ୍ରଣା ଦାଉରେ ଆଉଟୁପାଉଟୁ ହେଉଥିଲା, ସେଇ ସମୟରେ ୧୮୬୬ ମସିହା ଅଗଷ୍ଟରେ ପ୍ରକାଶ ପାଇଥିଲା ଏଇ ଖବରକାଗଜଟି। ଓଡ଼ିଆ ଭାଷାଭାଷୀ ଇଲାକାକୁ ଏକ କରିବା ଏବଂ ଭାଷାର ବିକାଶ ଦିଗରେ ଉତ୍କଳ ଦୀପିକା ଯେଉଁ କାର୍ଯ୍ୟ କରିଥିଲା, ତାହା ଅନ୍ୟ ପରବର୍ତ୍ତୀ ଖବରକାଗଜ ପାଇଁ ମାନଦଣ୍ଡ ଭାବେ ଉଭା ହୋଇଥିଲା।

ଓଡ଼ିଆଙ୍କ ସ୍ୱାର୍ଥକୁ ସବୁଠାରୁ ଅଧିକ ଜଗିଥିଲା ଏଇ କାଗଜଟି। ୧୯୨୦ ବେଳକୁ ଓଡ଼ିଶା ଏକତ୍ରୀକରଣ ଆନ୍ଦୋଳନ ଚରମରେ ପହଞ୍ଚିଥିଲା। ମଇ ୮, ୧୯୨୦ରେ 'ଉତ୍କଳ ଦୀପିକା' ଲେଖିଥିଲା- ବର୍ଷ ବର୍ଷ ଧରି ଏଇ ବିଷୟକୁ ନେଇ ଓଡ଼ିଆମାନେ ଆନ୍ଦୋଳନ କରୁଛନ୍ତି। ହେଲେ ଏହାର ପରିଣାମ ସରକାର କ'ଣ ଦେଉଛନ୍ତି? 'ଉତ୍କଳ ଦୀପିକା' ଲେଖିଥିଲା- ଆସାମ ଗୋଟେ ଛୋଟ ରାଜ୍ୟ ହେଲେ ସେଠାକାର ଲୋକଙ୍କୁ ସମ୍ମାନ ଜଣାଇ ସରକାର, ବେଙ୍ଗଲର ଜିଲ୍ଲା ନେଇ ସେଥିରେ ମିଶେଇଲେ। ଆଉ ଏଠି ଭାଗଭାଗ ହୋଇ ପଡ଼ିଥିବା ଓଡ଼ିଆ ଏକାଠି ହେବାକୁ ଚାହୁଁଥିଲେ ବି କେହି ତାଙ୍କ କଥା ଶୁଣୁ ନାହାନ୍ତି।

କନିକା ରାଜା ସାହେବ ସେଣ୍ଟ୍ରାଲ କାଉନସିଲରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ- ତାହା ବିସ୍ତୃତ ଭାବେ ୬ ମାର୍ଚ୍ଚ ୧୯୨୦ରେ ପ୍ରକାଶ ପାଇଥିଲା। ସେମିତି ୧୯ ଫେବୃଆରୀ ୧୯୨୭ ରେ ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶା ଏକାଠି ନ ହେବା ଯାଏ ଥୟ ନାହିଁ ବୋଲି ସେଣ୍ଟ୍ରାଲ କାଉନସିଲରେ ରଖିଥିବା ବକ୍ତବ୍ୟ ବିସ୍ତୃତ ଭାବେ ପ୍ରକାଶିତ ହୋଇଥିଲା।

## ସମ୍ବଲପୁର ହିତୈଷିଣୀ

ଦେବଗଡ଼ରୁ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ'ର ପ୍ରଭାବ ଜନମାନସ ଉପରେ ବେଶ ଅଧିକ ଥିଲା। ଏହା ଥିଲା ପଶ୍ଚିମ ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଖବରକାଗଜ। ୩୪ ବର୍ଷର ପ୍ରକାଶନ କାଳ ମଧ୍ୟରେ 'ସମ୍ବଲପୁର ହିତୈଷିଣୀ' ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲା। ସମ୍ବଲପୁରରେ ହିନ୍ଦୀ ବଦଳରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରିବାରେ ଏହାର ଅବଦାନ ବେଶ ଅଧିକ। ବ୍ରିଟିଶ ଶାସନ କାଳରେ ସମ୍ବଲପୁର ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ଛୋଟ ନାଗପୁର ସହିତ ପ୍ରଶାସନିକ ସୂତ୍ରରେ ସଂଯୁକ୍ତ ଥିଲା। ୧୮୯୬ ଜାନୁଆରୀ ପହିଲାରୁ ସେଠାରେ ଓଡ଼ିଆ ବଦଳରେ ହିନ୍ଦୀ ଭାଷା ପ୍ରଚଳନ ପାଇଁ ଆଦେଶ ଜାରି ହୋଇଥିଲା। ଏହାର ତୀବ୍ର ବିରୋଧ କରିଥିଲା 'ସମ୍ବଲପୁର ହିତୈଷିଣୀ'। ଫଳସ୍ୱରୂପ ୧୯୦୩ ମସିହା ଜାନୁଆରୀ ପହିଲାରୁ ହିନ୍ଦୀ ବଦଳରେ ପୁଣି ଓଡ଼ିଆ ପ୍ରଚଳନ ହୋଇଥିଲା।

## ଦୈନିକ ଆଶା

୧୯୧୩ରେ ଓଡ଼ିଶାରେ ନୂଆ ସାମ୍ବାଦିକତାର ଆଦ୍ୟପର୍ବ ଆରମ୍ଭ ହେଲା। ଶଶିଭୂଷଣ ରଥ ଏହାର ନେତୃତ୍ୱ ନେଇଥିଲେ। ଏପ୍ରିଲ ୧୩, ୧୯୧୩ରେ ବ୍ରହ୍ମପୁରରୁ 'ଆଶା' ପ୍ରକାଶନ ସେ ଆରମ୍ଭ କରିଥିଲେ। ଓଡ଼ିଆ ଭାଷାଭାଷୀ ଇଲାକା ସହ ମିଶିବା ପାଇଁ ଗଂଜାମ ଲୋକଙ୍କ ଲଢ଼େଇ ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବିକୁ ଏହା ନୂଆ ଦିଶା ଦେଇଥିଲା। ସମୃଦ୍ଧ ଲେଖା, ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, ଗୋପାଳ ପ୍ରହରାଜଙ୍କ ପରି ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ମତ ଏବଂ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼େଇ କ୍ରମଶଃ ସାପ୍ତାହିକ ଆଶାକୁ ଓଡ଼ିଶାର ଏକତ୍ରୀକରଣ ଦିଗରେ ସବୁଠାରୁ ଫଳପ୍ରଦ ଅସ୍ତ୍ର ଭାବେ ଗଢ଼ି ତୋଳିଥିଲା। (ମୃଣାଳ ଚାଟାର୍ଜୀ-ଓଡ଼ିଶାରେ ସାମ୍ବାଦିକତାର ଇତିହାସ)

ସାପ୍ତାହିକ ଆଶା ୧୯୨୮ରେ 'ଦୈନିକ ଆଶା'ରେ ପରିଣତ ହୋଇଥିଲା।

## ମେଦିନୀବାନ୍ଧବ

ଏଇ ପ୍ରକାଶନୀଟି ବିଷୟରେ ଓଡ଼ିଶାରେ ବିଶେଷ ଚର୍ଚ୍ଚା ହୋଇନାହିଁ କହିଲେ ଚଳିବ। ୧୯୩୧ବେଳକୁ ଓଡ଼ିଆ କହୁଥିବା ପଶ୍ଚିମବଙ୍ଗର ମେଦିନାପୁର, ବିହାରର ସିଂହଭୂମ ପ୍ରଭୃତି ଅଞ୍ଚଳରେ ଓଡ଼ିଶା ସହିତ ମିଶିବା ପାଇଁ ଜନ ଜାଗରଣ ସୃଷ୍ଟି ହେଲା। ଗୋଦାବରୀଶ ମହାପାତ୍ର ୧୯୩୧ରେ ଏହି ଅଭିଯାନକୁ ବିଶେଷ ସମର୍ଥନ ଜଣାଇଲେ। ତା' ପୂର୍ବରୁ ୧୯୧୫ରୁ ମେଦିନୀବାନ୍ଧବର ପ୍ରକାଶନ ଆରମ୍ଭ ହୋଇଥିଲା। ଓଡ଼ିଆ ଭାଷାଭାଷୀ ଲୋକଙ୍କ ମନରେ ଏକାଠି ହେବାର ଭାବନା ଭରିବାରେ ଏହା ବିଶେଷ ସହାୟକ ହୋଇଥିଲା।

ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ସମାଜ' ଓ ଡଃ ହରେକୃଷ୍ଣ ମହତାବଙ୍କ 'ପ୍ରଜାତନ୍ତ୍ର' ପୁରୁଣା ମୂଳଦୁଆକୁ ଆଧାର କରି ନବଉନ୍ମାଦ ଲୋକଙ୍କ ମନରେ ଭରିଥିଲେ। ଏକାଠି ହେବାର ସ୍ୱପ୍ନରେ ବିଭୋର କରିଥିଲେ। ଆଉ ସାକାର କରି ଦେଖାଇଥିଲେ ମଧ୍ୟ। 'ପ୍ରଜାତନ୍ତ୍ର' ସହିତ ଜଡ଼ିତ ଜାତୀୟ କବି ବୀର କିଶୋର ଓଡ଼ିଆଙ୍କ ମନରେ ଦେଶପ୍ରେମର ମଞ୍ଜି ବୁଣିଥିଲେ। ଶେଷକୁ ୧୯୩୬ ଏପ୍ରିଲ ପହିଲାରେ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ମାନ୍ୟତା ପାଇଲା। ହଜାର ହଜାର ଲୋକଙ୍କ ବର୍ଷବର୍ଷର ଦୀର୍ଘ ସଂଗ୍ରାମ ସାକାର ରୂପ ନେଲା।

## ସ୍ୱାଧୀନତା ପରବର୍ତ୍ତୀ ସମୟ

ଥରେ ମୂଳଦୁଆ ପଡ଼ିଗଲେ ତେଣିକି ଛିଡ଼ା ହେବା ପାଇଁ କିଛି ଅସୁବିଧା ନାହିଁ। ସ୍ୱାଧୀନତା ପୂର୍ବବର୍ତ୍ତୀ ଖବରକାଗଜ ଜାତୀୟତାର ଯେଉଁ ମାନଦଣ୍ଡ ଛାଡ଼ି ଯାଇଥିଲେ, ତାହା ସ୍ୱାଧୀନତା ଆସିବା ପରେ ଧିମେଇଗଲା। ପ୍ରସିଦ୍ଧ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ସଂପାଦନାରେ 'କଳିଙ୍ଗ' କିଛିଟା ଚମକ ଦେଖେଇଥିଲା। ସବୁ ଭିତରେ ମହତାବଙ୍କ ସ୍ତମ୍ଭ 'ଗାଁ ମଜଲିସ୍'ରେ ନିଚ୍ଛକ ଓଡ଼ିଆର ପରିଚୟ ଥିଲା ଏବଂ ଭାଷାର ବିକାଶରେ ବି ସାହାଯ୍ୟ କରିଥିଲା। 'ଧରିତ୍ରୀ' ବି ସେଇ ରାସ୍ତାରେ ଯାଇଥିଲା। ଅଶୀ ଦଶକରେ ପରିବର୍ତ୍ତନର ସୁଅ ଆସିଲା। 'ସମ୍ବାଦ' ପ୍ରକାଶିତ ହେଲା। ଭାଷାର ସୁରକ୍ଷା ଓ ବିକାଶ ଦିଗରେ 'ସମ୍ବାଦ'ର ଭୂମିକା ସବୁଦିନେ ସ୍ମରଣୀୟ। ସେମିତି 'ସମୟ' ଟଂଗ ଆଣିଲା। ପରିପାଟୀରେ ବିବିଧତା ବି। ତେବେ ଭାଷା ସୁରକ୍ଷା ଓ ଏକତ୍ର ଓଡ଼ିଶା ଗଠନରେ ଓଡ଼ିଆ ଗଣମାଧ୍ୟମର ଭୂମିକା ସବୁଦିନେ ପ୍ରଶଂସନୀୟ ହୋଇ ରହିବ। ଏ ଜାତିକୁ ସେମାନେ ସ୍ୱାଧୀନତାମନସ୍କ କରିଥିଲେ ଓ ଭାଷାକୁ ଦେଇଥିଲେ ସୁରକ୍ଷା ଓ ସାକାର ରୂପ ବି।



ଡ. ଜ୍ୟୋତି ପ୍ରକାଶ ମହାପାତ୍ର

# ଉତ୍କଳ ଦିବସ

## କିଛି କଥା, କିଛି ଗାଥା

ଆମ ରାଜ୍ୟ ଉତ୍କଳ କେବଳ ଏକ ଭୂଖଣ୍ଡ ନୁହେଁ, ଏହା ହେଉଛି ଏକ ଆତ୍ମା। ଏଠାରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ହିଁ ବିରାଜମାନ କରିଛନ୍ତି। ଉତ୍କୃଷ୍ଟ କଳାର ଦେଶ ବୋଲି ଏହା 'ଉତ୍କଳ' ନାମରେ ଅଭିହିତ। ଆଉ ସେହି ସମସ୍ତ କଳାର ପ୍ରତୀକ ହେଉଛନ୍ତି ଆମ ଜାତିର ଅସ୍ମିତା ସ୍ୱୟଂ ଶ୍ରୀଜଗନ୍ନାଥ, ସେଥିପାଇଁ ସେଦିନ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉଦାତ୍ତ କଣ୍ଠରେ ଗାଇ ଉଠିଥିଲେ – "ଜଗତେ ସରସ, ଭାରତ କମଳ / ତା' ମଧ୍ୟେ କେଶର ପୂଣ୍ୟ ନୀଳାଚଳ।"

କପିଳ ସଂହିତା ଅନୁଯାୟୀ- "ବର୍ଷାଣାଂ ଭାରତ ଶ୍ରେଷ୍ଠ, ଦେଶାନାଂ ଉତ୍କଳ ଶ୍ରୁତ ଉତ୍କଳସ୍ୟ ସମଦେଶ, ଦେଶ ନାସ୍ତି ମହୀତଳେ।"

ଆଜିର ଓଡ଼ିଶା କଳିଙ୍ଗ, ଉତ୍କଳ, କଙ୍ଗୋଦ ଓ ଉଡ୍ରଭୂମି ଭାବରେ ପରିଚିତ ଥିଲା। ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ଏହାର ଭୂଖଣ୍ଡ। ସାହସ, ବୀରତ୍ୱ, ସାହିତ୍ୟ, କଳା ଓ ସ୍ଥାପତ୍ୟକ୍ଷେତ୍ରରେ ଏକ ଅନନ୍ୟ ରାଜ୍ୟ। ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀରେ ସମ୍ରାଟ ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖରୁ ଓଡ଼ିଆ ଭାଷାର ପ୍ରାଚୀନତାର ପ୍ରମାଣ ମିଳିଛି। ଏ ଭାଷାର ମୌଳିକତା ଦୃଷ୍ଟିରୁ, ଆର୍ଯ୍ୟଭାଷାର ମାନଦଣ୍ଡରେ ପରୀକ୍ଷିତ ହୋଇ ଶାସ୍ତ୍ରୀୟ ମାନ୍ୟତା ମଧ୍ୟ ଲାଭ କରିଛି।

ଆମ ରାଜ୍ୟର ଆୟତନ ୧୫୫.୪୫ ବର୍ଗ କି.ମି. ସ୍ଥଳଭାଗ, ୪୦୦ ବର୍ଗ କି.ମି. ସମୁଦ୍ର ଉପକୂଳ ଓ ୬୭.୪ ବର୍ଗ କି.ମି. ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ। ପୌରାଣିକ ମତ ଅନୁଯାୟୀ ସତ୍ୟଯୁଗର ରାଜା ଧ୍ରୁବଙ୍କ ପୁତ୍ର ଉତ୍କଳଙ୍କ ନାମ ଅନୁସାରେ ଆମ ରାଜ୍ୟ ନାମିତ। ଚୋଳବଂଶୀୟ ରାଜା ଚୋଳଗଙ୍ଗ ଦେବଙ୍କ ନାମ ଅନୁସାରେ ଆମ ରାଜ୍ୟର ଅନ୍ୟ ଏକ ନାମ ହେଉଛି ଚୋଳ। ଓଡ଼ିଶାର ଧନଧାନ୍ୟ, ଖଣିଜ ସମ୍ପଦ, ଅରଣ୍ୟ ସମ୍ପଦ, ସଂସ୍କୃତି, ପରମ୍ପରା ଓ ସାହିତ୍ୟ ବିଶ୍ୱବିଦିତ। ଦୁଃଖ, କଷ୍ଟ ଆମର ସାଥୀ। ନଅଙ୍କ ଦୁର୍ଭିକ୍ଷ, ନଇବଢ଼ି, ମରୁଡ଼ି, ମହାବାତ୍ୟା, ଫାଇଲିନ୍ ଓ ଫନି ଭଳି ପ୍ରାକୃତିକ ଦୁର୍ବିପାକକୁ ଆମେ ସହି ଯାଇଛୁ। ଅତଏବ ଉତ୍କଳ ଭଳି ଭୂଖଣ୍ଡ ସମଗ୍ର ଆର୍ଯ୍ୟାବର୍ତ୍ତରେ ବିରଳ। ଏ ଜାତି ଦୁର୍ଦ୍ଦଶ ଆଫଗାନ୍, ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇଥିଲା ସତ, କିନ୍ତୁ ନିଜର ପୌରୁଷତ୍ୱ, ବୀରତ୍ୱ, ନିଷ୍ଠାପରତା ଓ ସର୍ବୋପରି ମାନବିକତାକୁ ଅକ୍ଷୁଣ୍ଣ ରଖିପାରିଛି।

ଓଡ଼ିଶାର ଶାସନଭାର ମରହଟ୍ଟା ମାନଙ୍କଠାରୁ ୧୮୦୩ ମସିହାରେ ଇଂରେଜମାନଙ୍କ ହାତକୁ ଚାଲିଯିବା ପରେ ଖଣ୍ଡ ବିଖଣ୍ଡିତ ହୋଇଗଲା ବିଶାଳ ଭୂଖଣ୍ଡ। ଆମ ଭାଷା ମଧ୍ୟ ଆମ ପ୍ରତିବେଶୀ ମାନଙ୍କର ହୀନ ଚକ୍ରାନ୍ତର ଶିକାର ହେଲା। କୁହାଗଲା – 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ'। ଉତ୍କଳଗୌରବ ମଧୁସୂଦନ, ମହାରାଜା କୃଷ୍ଣଚନ୍ଦ୍ର ଦେବ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା ହରିହର ମର୍ଦ୍ଦରାଜ, ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେଓ, ଉତ୍କଳମଣି ଗୋପବନ୍ଧୁ ଦାସ, ବିଶ୍ୱନାଥକର, କର୍ମବୀର ଗୌରୀଶଙ୍କର, ଫକୀରମୋହନ ସେନାପତିଙ୍କ ଭଳି ଅନେକ ସୁପୁତ୍ର ଆଗେଇ ଆସିଥିଲେ ଉତ୍କଳର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ। ମଧୁବାରିଷ୍ଟର ଗଠନ କଲେ ଜାତୀୟ ମଞ୍ଚ ଉତ୍କଳ ସମ୍ମିଳନୀ ୧୯୦୩ ମସିହାରେ। ଓଡିଆ ଜାତିକୁ ଉଦ୍‌ବୋଧନ ଦେଇ ସେଦିନ ଗାଇ ଉଠିଥିଲେ –

"ଏହି ସମ୍ମିଳନୀ, ଜାତି ପ୍ରାଣ ସିନ୍ଧୁ, କୋଟିପ୍ରାଣ ବିନ୍ଦୁ ଧରେ
ତୋ'ର ପ୍ରାଣବିନ୍ଦୁ ମିଶେଇ ଦେ' ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ।"

ଏହି ଉତ୍କଳ ସମ୍ମିଳନୀ ଥିଲା ଓଡ଼ିଆ ଜାତିର ପହିଲି ପୁଲକ, ଓଡିଆ ଜାତୀୟତାର ଆଦ୍ୟଜାତକ। ସେଦିନ ଭାର୍ଗବୀ ନଦୀକୂଳରେ ଉତ୍କଳମଣି ଗୋପବନ୍ଧୁଙ୍କ ସମେତ ପଞ୍ଚସଖା ମଧ୍ୟ ଏହି ଶପଥ ଦେଇଥିଲେ। ଉତ୍କଳର ସ୍ୱତନ୍ତ୍ରତା ଥିଲା ତାଙ୍କର ଏକମାତ୍ର ଅଭିଳାଷ। ୧୯୦୩ ମସିହାରେ ପ୍ରଥମ ସମ୍ମିଳନୀ ଓ ଏହାର ୩୩ ବର୍ଷପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା। ଇଂରେଜମାନଙ୍କ ଶାସନ ସମୟରେ ଓଡ଼ିଶା ପ୍ରଦେଶ ଗଠନ ଆଇନ ଅନୁଯାୟୀ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ୧.୪.୧୯୩୬ ମସିହା ଅର୍ଥାତ୍ ଆଜିର ଦିନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା। ସାହିତ୍ୟ ସାଧକ ଡକ୍ଟର ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟରେ ଉଲ୍ଲେଖ କରିଛନ୍ତି - ଅନ୍ୟ କୌଣସି ଭାରତୀୟ ଭାଷାକୁ କେବଳ ନିଜର ସ୍ଥିତି ପାଇଁ ଏହି ଭଳି ଅନବରତ ସଂଗ୍ରାମ କରିବାକୁ ପଡ଼ିନାହିଁ, ଯାହା ଘଟିଯାଇଛି ବିଚରା ଓଡ଼ିଆଙ୍କ ଜନ୍ମ ଜାତକରେ।

୧୯୦୩ ମସିହାରେ ପ୍ରଥମ ଉତ୍କଳ ସମ୍ମିଳନୀ, ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ଓ ୨୦୧୪ ମସିହାରେ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଆମ ଇତିହାସର ମହାର୍ଘ ମୁହୂର୍ତ୍ତ। ସଦ୍ୟ ସମାପ୍ତ ୨୦୨୪ ମସିହାର ଅନ୍ତର୍ଜାତୀୟ ଭାଷା ସମ୍ମିଳନୀ ଆମ ଜାତିକୁ ଓ ଏ ଭାଷାକୁ ଗୌରାବନ୍ୱିତ କରିଛି। କବିବର ରାଧାନାଥ ରାୟଙ୍କ ଭାଷାରେ – 'ପାଇଲାଣି ଘୋର ତମସା ରଜନୀ, ଫୁଟିବ ଉତ୍କଳ ଭାଷା କମଳିନୀ' ଆମ ଭାଷା ଆମ ବୈଚିତ୍ର୍ୟ, ଆମ ଜାତୀୟତାର ପରିଚୟ। ଓଡିଆ ଭାଷା ଗ୍ରନ୍ଥ, ଜାତିଶ୍ରେଷ୍ଠ କରିବା ଆମର ଅହଂକାର ନୁହେଁ, ବରଂ ଏହା ଆମ ସ୍ୱାଭିମାନ, ରାତି ଆଜି ପାହିଯାଇଛି, ଉତ୍କଳ ଭାଷା କମଳିନୀ ମଧ୍ୟ ପୂର୍ଣ୍ଣ ପ୍ରସ୍ଫୁଟିତ।

ଏହି ଦିବସଟି ଆଜି ଓଡ଼ିଆମାନଙ୍କର ସଂକଳ୍ପ ଓ ସମୀକ୍ଷାର ଦିବସ ହେଉ। ସମସ୍ତ ଓଡ଼ିଆ ପ୍ରାଣରେ ସ୍ପନ୍ଦିତ ହେଉ ଜାତୀୟ ଐକ୍ୟ, ଜାତୀୟ ମମତା ଓ ଜାତୀୟ ପ୍ରୀତି।

ବିଜୟ କୁମାର ପାଢ଼ୀ, ଭୁବନେଶ୍ୱର
ମୋ-୭୮୯୪୧୫୩୫୭୮

ହକି ଇଣ୍ଡିଆ ୬ଷ୍ଠ ବାର୍ଷିକୀ ପୁରସ୍କାର

# ହାର୍ଦ୍ଦିକ, ସାଲିମା ଶ୍ରେଷ୍ଠ ଖେଳାଳି


ପୁରସ୍କାର ଗ୍ରହଣ କରିବା ଅବସରରେ (ବାମରୁ) ଅଶୋକ କୁମାର, ହାର୍ଦ୍ଦିକ ସିଂହ ଓ ସାଲିମା ଟେଟେ

ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି)

ହାର୍ଦ୍ଦିକ ସିଂହ ଓ ସାଲିମା ଟେଟେ ଯଥାକ୍ରମେ ୨୦୨୩ ବର୍ଷ ଲାଗି ଭାରତର ଶ୍ରେଷ୍ଠ ପୁରୁଷ ଓ ମହିଳା ହକି ଖେଳାଳି ବିବେଚିତ ହୋଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ରବିବାର ନୂଆଦିଲ୍ଲୀରେ ଆୟୋଜିତ ୬ଷ୍ଠ ବାର୍ଷିକ ପୁରସ୍କାର ଉତ୍ସବରେ ଉଭୟ ହାର୍ଦ୍ଦିକ ଓ ସାଲିମାଙ୍କୁ 'ବଲ୍‌ବୀର ସିଂହ ସିନିଅର୍ ପୁରସ୍କାର' ପ୍ରଦାନ କରାଯାଇଛି। ଉଭୟଙ୍କୁ ମାନପତ୍ର ସହ ୨୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ୨୫ ବର୍ଷୀୟ ହାର୍ଦ୍ଦିକ କ୍ରମାଗତ ୨ୟ ବର୍ଷ ଲାଗି ଏହି ସମ୍ମାନଜନକ ପୁରସ୍କାର ହାସଲ କରିଛନ୍ତି। ସେ ମଧ୍ୟ ବର୍ଷ ୨୦୨୩ ଲାଗି ଦେଶର ଶ୍ରେଷ୍ଠ ମଧ୍ୟକ୍ରମ ଖେଳାଳି ପୁରସ୍କାର ଜିତିଛନ୍ତି।

ହାର୍ଦ୍ଦିକ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ କାଂସ୍ୟ ପଦକ ବିଜୟୀ ହୋଇଥିବା ଭାରତୀୟ ଦଳର ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ଗତବର୍ଷ ଏସିଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ ଜିତିଥିବାବେଳେ ତାଙ୍କ ଅବଦାନ ମଧ୍ୟ ଉଲ୍ଲେଖନୀୟ ରହିଥିଲା। 'ଏହି ସମ୍ମାନଜନକ ପୁରସ୍କାର ଜିତିବା ମୋ ପାଇଁ ଗର୍ବର ବିଷୟ। ଏଥିଲାଗି ମୋତେ ସହାୟତା କରିଥିବା ସମସ୍ତଙ୍କୁ ମୁଁ ଧନ୍ୟବାଦ ଦେଉଛି। ଅପରପକ୍ଷରେ ଝାଡ଼ଖଣ୍ଡର ୨୨ ବର୍ଷୀୟା ସାଲିମା ଗତବର୍ଷ ଏସିଆନ ଗେମ୍ସରେ କାଂସ୍ୟ ଜିତିଥିବା ଭାରତୀୟ ଦଳର ସଦସ୍ୟା ରହିଥିଲେ। ସାଲିମା ମଧ୍ୟ ନିକଟରେ ୨୦୨୩ ବର୍ଷ ଲାଗି ଏସିଆ ମହାଦେଶର ଶ୍ରେଷ୍ଠ ଉଦୀୟମାନ ମହିଳା ହକି ଖେଳାଳି ପୁରସ୍କାର ଜିତିଥିଲେ।

ସେହିଭଳି ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ କାଂସ୍ୟ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ତଥା କିମ୍ବଦନ୍ତୀ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ପୁଅ ଅଶୋକ କୁମାରଙ୍କୁ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଥିଲା। ହକି କ୍ରୀଡ଼ାକୁ ଅତୁଳନୀୟ ଅବଦାନ ଲାଗି ଅଶୋକଙ୍କୁ ଏହି ସମ୍ମାନଜନକ ପୁରସ୍କାର ବାବଦକୁ 'ମେଜର ଧ୍ୟାନଚାନ୍ଦ ସମ୍ମାନ' ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ୧୯୭୫ ବିଶ୍ୱକପରେ ଭାରତ ଚାମ୍ପିଅନ ହୋଇଥିବାବେଳେ ଅଶୋକ ଫାଇନାଲରେ ଭାରତ ପାଇଁ ବିଜୟସୂଚକ ଗୋଲଟି ଦେଇଥିଲେ।

ଏହି ଅବସରରେ ପିଆର୍ ଶ୍ରୀଜେଶ ଶ୍ରେଷ୍ଠ ଗୋଲ୍‌କିପର, ହର୍‌ମନପ୍ରୀତ୍ ସିଂହ ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି ବିବେଚିତ ହୋଇଥିଲେ। ଏଥିସହ ମାଇଲଖୁଣ୍ଟ ମ୍ୟାଚ୍ ଖେଳିଥିବା ମନପ୍ରୀତ୍ ସିଂହ (୩୫୦ତମ ମ୍ୟାଚ୍), ହର୍‌ମନପ୍ରୀତ୍ (୨୦୦ତମ), ସବିତା ପୁନିଆ (୨୫୦ତମ), ଶ୍ରୀଜେଶ (୩୦୦ତମ)ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

**ହକି ଇଣ୍ଡିଆ ପୁରସ୍କାର- ୨୦୨୩ ବିଜେତା**

- ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ: ଅଶୋକ କୁମାର
- ଶ୍ରେଷ୍ଠ ପୁରୁଷ ଖେଳାଳି: ହାର୍ଦ୍ଦିକ ସିଂହ
- ଶ୍ରେଷ୍ଠ ମହିଳା ଖେଳାଳି: ସାଲିମା ଟେଟେ
- ଶ୍ରେଷ୍ଠ ଗୋଲ୍‌ରକ୍ଷକ: ପିଆର୍ ଶ୍ରୀଜେଶ
- ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି: ହର୍‌ମନପ୍ରୀତ୍ ସିଂହ
- ଶ୍ରେଷ୍ଠ ମଧ୍ୟକ୍ରମ ଖେଳାଳି: ହାର୍ଦ୍ଦିକ ସିଂହ
- ଶ୍ରେଷ୍ଠ ଅଗ୍ରଭାଗ ଖେଳାଳି: ଅଭିଷେକ
- ଉଦୀୟମାନ ମହିଳା ଖେଳାଳି: ଦୀପିକା ସୋରେଙ୍ଗ
- ଉଦୀୟମାନ ପୁରୁଷ ଖେଳାଳି: ଅରାଇଜିତ୍ ସିଂହ ହୁଣ୍ଡାଲ

ଦ୍ୱିତୀୟ ଟେଷ୍ଟ

# ଶ୍ରୀଲଙ୍କାର ବିଶାଳ ସ୍କୋର

ଚଟୋଗ୍ରାମ୍,୩୧।୩(ଏଜେନ୍ସି)

ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଶ୍ରୀଲଙ୍କା ପ୍ରଥମ ପାଳିରେ ବିଶାଳ ସ୍କୋର ସଂଗ୍ରହ କରିଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କୌଣସି ବ୍ୟାଟର ଶତକ ହାସଲ କରିପାରି ନଥିଲେ ମଧ୍ୟ ଅଗ୍ରଭାଗ ଓ ମଧ୍ୟଭାଗ ଖେଳାଳିମାନେ ଦମ୍‌ଦାର ବ୍ୟାଟିଂ କରଥିଲେ। ଶ୍ରୀଲଙ୍କା ପ୍ରଥମ ପାଳିରେ ୧୫୯ ଓଭରରେ ୫୩୧ ରନ ସଂଗ୍ରହ କରିଛି। ଜବାବରେ ପ୍ରଥମ ପାଳି ଆରମ୍ଭ କରି ବାଂଲାଦେଶ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଗୋଟିଏ ୱିକେଟ ହରାଇ ୫୫ ରନ ସଂଗ୍ରହ କରି ଭଲ ଆରମ୍ଭ କରିଛି ଓ ଏବେ ୪୭୬ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଜାକିର ହାସନ ୨୮ ଓ ତାଇଜୁଲ ଇସ୍‌ଲାମ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଓପନର ମାହମୁଦୁଲ ହାସନ ଜୟ ୨୧ ରନକରି ଲାହିରୁ କୁମାରାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ।

**କାମିନ୍ଦୁ ମେଣ୍ଡିସ ଶତକରୁ ବଞ୍ଚିତ**



ଅସମାପ୍ତ ପ୍ରଥମ ପାଳି ସ୍କୋର ୩୧୪/୪ରୁ ଶ୍ରୀଲଙ୍କା ଖେଳ ଆରମ୍ଭ କରି ରବିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟର ଦୀନେଶ ଚାଣ୍ଡିମଲ ୩୪ ଓ ଧନଞ୍ଜୟ ଡିସିଲଭା ୧୫ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୫୯ ଓ ୭୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। କାମିନ୍ଦୁ ମେଣ୍ଡିସ ୯୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ଓ ସେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବାଥ ଜୟସୂରିୟା ୨୮, ବିଶ୍ୱ ଫର୍ଣ୍ଣାଣ୍ଡୋ ୧୧, ଲାହିରୁ କୁମାରା ୧୧ ରନକରି ଆଉଟ ହୋଇଥିବା ବେଳେ ଅସିଥା ଫର୍ଣ୍ଣାଣ୍ଡୋ ଖାତା ଖୋଲିପାରି ନଥିଲେ। ପୂର୍ବରୁ ଓପନର ନିଶାନ ମଦୁସ୍କା ୫୭, ଦିମୁଥ କରୁଣାରତ୍ନେ ୮୬, କୁଶଲ ମେଣ୍ଡିସ ୯୩, ଅଭିଜ୍ଞ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ ୨୩ ରନକରି ଆଉଟ ହୋଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ସାକିବ ଅଲ ହାସନ ୩, ହାସନ ମାହମୁଦ ୨, ଖଲିଲ ଅହମ୍ମଦ ଓ ମେହିଦି ହାସନ ମିରାଜ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଶ୍ରୀଲଙ୍କାର ୩ ବ୍ୟାଟର ରନ୍ ଆଉଟ ହୋଇଥିଲେ।

କଳାହାଣ୍ଡି କପ୍: କିଶୋର, ପଙ୍କଜଙ୍କ ଶତକ

# କୋରାପୁଟ, କେନ୍ଦୁଝର, ଭୁବନେଶ୍ୱର-ବି ବିଜୟୀ


ଏ. କିଶୋର


ପଙ୍କଜ ସେନାପତି

**କଟକ,୩୧।୩(ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ରେ ରବିବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କୋରାପୁଟ, ଭୁବନେଶ୍ୱର-ବି ଏବଂ କେନ୍ଦୁଝର ବିଜୟ ହାସଲ କରିଛନ୍ତି। ଡ୍ରିମସ ଗ୍ରାଉଣ୍ଡରେ କୋରାପୁଟ ଏବଂ ମୟୂରଭଞ୍ଜ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ୨୬୩ ରନରେ ଅଲଆଉଟ ହୋଇଥିଲା। ଏ. କିଶୋର ୧୨୧ ରନର ଶତକୀୟ ପାଳି ଖେଳିଥିଲେ। ମୟୂରଭଞ୍ଜ ପକ୍ଷରୁ ଅଭିଜିତ ଘନ ଏବଂ ମନୁ ରାମଙ୍କୁ ୩ଟି ଲେଖାଏ ୱିକେଟ ମିଳିଥିଲା। ଜବାବରେ ୨୬୪ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ମୟୂରଭଞ୍ଜ ସମସ୍ତ ୱିକେଟ ହରାଇ ୨୦୦ ରନ କରିଥିଲା। ଅଭିଜିତ ସର୍ବାଧିକ ୩୮ରନ କରିଥିଲେ। ବାରବାଟୀ ଷ୍ଟାଡିୟମରେ କେନ୍ଦୁଝର ୧୦୪ ରନରେ ନୟାଗଡକୁ ପରାସ୍ତ କରିଛି। ପଙ୍କଜ ସେନାପତିଙ୍କ ୧୦୯ ରନ ବଳରେ କେନ୍ଦୁଝର ସମସ୍ତ ୱିକେଟ ବିନିମୟରେ ୨୧୦ରନ ସଂଗ୍ରହ କରିଥିଲା। ଜବାବରେ ନୟାଗଡ ମାତ୍ର ୯୭ ରନରେ ଅଲଆଉଟ ହୋଇଥିଲା। ବିଜୟୀ କେନ୍ଦୁଝର ଦଳର ଅସିତ ସାହୁ ୬ରନ ଦେଇ ୪ଟି ୱିକେଟ ଅକ୍ତିଆର କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଭୁବନେଶ୍ୱର-ବି ୮ ୱିକେଟରେ ପୁରୀକୁ ହରାଇଥିଲା। ପୁରୀ ପକ୍ଷରୁ ଧାର୍ଯ୍ୟ ୧୫୮ ରନର ବିଜୟ ଲକ୍ଷ୍ୟକୁ ୩୩.୪ ଓଭରରେ ଦୁଇ ୱିକେଟ ହରାଇ ହାସଲ କରିଥିଲା ଭୁବନେଶ୍ୱର-ବି। ଶୁଭମ ଶତ୍ରୁଜିତ ସର୍ବାଧିକ ୭୪ରନ କରିଥିଲେ। ସୋମବାରଠାରୁ କଳାହାଣ୍ଡି କପ୍‌ର ୩ୟ ପର୍ଯ୍ୟାୟ ମ୍ୟାଚ୍ ଆରମ୍ଭ ହେବ।



# ରାଜ୍ୟ ଓପନ୍ ଚେସ୍ ଜିତିଲେ ହର୍ଷିତ

**ଭୁବନେଶ୍ୱର, ୩୧।୩ (ସମିସ):** ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଡ. ଧନଞ୍ଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ୍ ଚେସ ଚାମ୍ପିଅନସିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିଅନ ହୋଇଛନ୍ତି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ସେ ୪.୫ ପଏଣ୍ଟ ରଖିଥିଲେ। କଟକର ଅନ୍ୟଦୁଇ ପ୍ରତିଯୋଗୀ ଲଳିତ ରଞ୍ଜନ ସାହୁ ୨ୟ ସ ରବୀନ୍ଦ୍ର କୁମାର ଓଝା ୩ୟ ସ୍ଥାନ ହାସଲ କରିଥିଲେ। ସେହିଭଳି ବିଭିନ୍ନ ବୟସବର୍ଗରେ ସତ୍ୟରଞ୍ଜନ ସ୍ୱାଇଁ (୮ ବର୍ଷରୁ କମ୍), ପିନାକ ରୟ (୧୦ ବର୍ଷରୁ କମ୍), ଓମ୍ ସ୍ୱରୂପ ପାଢ଼ୀ (୧୨ ବର୍ଷରୁ କମ୍), ସ୍ୱସ୍ତିକ ବେହେରା (୧୪ ବର୍ଷରୁ କମ୍) ଓ ବାଳିକାରେ ନମସ୍ୟ ନଳିନୀ ପ୍ରଥମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ଏହି ପ୍ରତିଯୋଗିତାକୁ ରୟାଲ୍ ପବ୍ଲିକ ସ୍କୁଲର ପ୍ରିନ୍ସପାଲ ସର୍ବେଶ୍ୱର ସାମଲ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିଭଳି ପୁରସ୍କାର ବିତରଣ ଉତ୍ସବରେ ନଳିନୀକାନ୍ତ ନାୟକ, ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସୁମିତ୍ରା ମହାନ୍ତି ଓ ଶିଭାଙ୍ଗୀ ଶ୍ରେୟା ମହାନ୍ତି ଅତିଥି ଭାବେ ଉପସ୍ଥିତ ରହିଥିଲେ।

# ହାଇଜମ୍ପରେ ତେଜସ୍ୱିନଙ୍କ କମାଲ

**ନୂଆଦିଲ୍ଲୀ, ୩୧।୩ (ଏଜେନ୍ସି):** ବର୍ଷର ପ୍ରଥମ ଆଉଟ୍‌ଡୋର୍ ମିଟ୍‌ରେ ଭାରତର ହାଇଜମ୍ପ ଆଥ୍‌ଲେଟ୍ ତେଜସ୍ୱିନ ଶଙ୍କରଙ୍କ କମାଲ ଦେଖିବାକୁ ମିଳିଛି। ଆମେରିକାର କନସସ୍‌ଠାରେ ଅନୁଷ୍ଠିତ ସକର୍ ସ୍ପୋର୍ଟିଂ ଆମନ୍ତ୍ରଣୀୟ ଦୌଡ଼କୁଦ ପ୍ରତିଯୋଗିତାରେ ୨୫ ବର୍ଷୀୟ ତେଜସ୍ୱିନ ହାଇଜମ୍ପରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସେ ୨.୧୭ ମିଟର ଉଚ୍ଚକୁ ଡେଇଁ ପ୍ରଥମ ସ୍ଥାନରେ ରହିଥିଲେ। ଏଥିରେ ଆମେରିକାର ବାର୍ଡି ପାଲେନ (୨.୧୭ମି) ଓ ଜାଚାରୀ ବାଏଲ୍ (୨.୦୫ ମିଟର) ଦ୍ୱିତୀୟ ଓ ୩ୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତେଜସ୍ୱିନଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୨.୨୯ ମିଟର ରହିଛି। ଏହା ମଧ୍ୟ ଭାରତର ଜାତୀୟ ରେକର୍ଡ। ଯାହାକୁ ସେ ୨୦୧୮ ରେ ହାସଲ କରିଥିଲେ।




● ମହିଳା ଫୁଟବଲରଙ୍କୁ ମାଡ ମାମଲା

# ଏଆଇଏଫ୍ଏଫ୍ ସଦସ୍ୟ ଦୀପକଙ୍କୁ ମିଳିଲା ଜାମିନ

**ନୂଆଦିଲ୍ଲୀ,୩୧।୩(ଏଜେନ୍ସି):** ଗୋଆରେ ମହିଳା ଫୁଟବଲରଙ୍କୁ ମାଡ୍ ମାରିବା ମାମଲାରେ ସର୍ବ ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍ଏଫ୍) କାର୍ଯ୍ୟକରୀ କମିଟି ସଦସ୍ୟ ଦୀପକ ଶର୍ମାଙ୍କୁ ରବିବାର ଜାମିନ ମିଳିଛି। ତାଙ୍କୁ ଗୋଆର ମପୁସା ପୁଲିସ୍ ଶନିବାର ଗିରଫ କରିଥିଲା। ଗୋଆରେ ଭାରତୀୟ ମହିଳା ଲିଗ୍ (ଆଇଡବ୍ଲ୍ୟୁଏଲ୍) ଦ୍ୱିତୀୟ ଡିଭିଜନ୍ ଟୁର୍ଣ୍ଣାମେଣ୍ଟ ଖେଳିବା ଅବସରରେ ହିମାଚଳ ପ୍ରଦେଶର ଖାଦ୍ ଏଫ୍‌ସିର ଦୁଇ ମହିଳା ଫୁଟବଲରଙ୍କୁ ସେ ମାଡ ମାରିଥିଲେ। କ୍ଲବର ମାଲିକ ଦୀପକ ହୋଟେଲ ରୁମ୍‌ରେ ଧସେଇ ପଶି ଫୁଟବଲରଙ୍କୁ ମାଡ଼ ମାରିଥିଲେ ବୋଲି ଅଭିଯୋଗ ହୋଇଥିଲା। କିନ୍ତୁ ଅନ୍ୟ କେତେଜଣ ମହିଳା ଫୁଟବଲର ଦୀପକଙ୍କୁ ସମର୍ଥନ କରିଛନ୍ତି। ଦୀପକ ନିର୍ଦ୍ଦୋଷ ବୋଲି ସେମାନେ କହିଛନ୍ତି। ଦୀପକ ହିମାଚଳ ପ୍ରଦେଶ ଫୁଟବଲ ସଂଘର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱରେ ରହିଛନ୍ତି।

# ଓଡ଼ିଶାକୁ ୧୮ ପଦକ

ଜାତୀୟ ପାରା ସନ୍ତରଣ



**ଭୁବନେଶ୍ୱର, ୩୧।୩ (ସମିସ):** ଗ୍ୱାଲିୟରରେ ଶେଷ ହୋଇଥିବା ଜାତୀୟ ପାରା ସନ୍ତରଣ ଚାମ୍ପିଅନସିପ୍‌ରେ ଓଡ଼ିଆ ପ୍ରତିଯୋଗୀଙ୍କ ଚମକ ଦେଖିବାକୁ ମିଳିଛି। ଅଟଳ ବିହାରୀ ବାଜପେୟୀ ଟ୍ରେନିଂ ସେଣ୍ଟରରେ ୩ ଦିନ ଧରି ଚାଲିଥିବା ଏହି ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାର ପାରା ସନ୍ତରଣକାରୀ ମୋଟ୍ ୧୮ ପଦକ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କମଳକାନ୍ତ ନାୟକ ୩ ସ୍ୱର୍ଣ୍ଣ ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆକାଶ ବାଞ୍ଛୋର ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ, କବିତା ଦଳାଇ ୩ ରୌପ୍ୟ, ନରହରି ବେହେରା ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ, ଦୀନେଶ ମାଝି ୨ କାଂସ୍ୟ, ଦିଗନ୍ତ ଭାନୁ ମଲ୍ଲିକ ୨ ରୌପ୍ୟ ଏବଂ ମୋନାଲି ସ୍ୱାଇଁ, ରଶ୍ମିତା ଜେନା ଓ ଲୋକନାଥ ସାହୁ ଗୋଟିଏ ଲେଖାଏ କାଂସ୍ୟ ପଦକ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ପ୍ରତିଯୋଗିତା ପୂର୍ବରୁ ଓଡ଼ିଶା କ୍ରୀଡ଼ା ବିଭାଗ ୧୮ ଦିନର ପ୍ରଶିକ୍ଷଣ ଶିବିର ଆୟୋଜିତ କରିଥିଲା। ସେଥିରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିଲା।

ମିଆମି ଓପନ୍ ଟେନିସ୍

# ଟାଇଟଲ ଜିତି ବୋପାନ୍ନାଙ୍କ ଇତିହାସ

ଏଟିପି ମାଷ୍ଟର୍ସ ୧୦୦୦ ଜିତିବାରେ ସବୁଠୁ ବୟସ୍କ




ମିଆମି,୩୧।୩(ଏଜେନ୍ସି)

ଏଠାରେ ଚାଲିଥିବା ମିଆମି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା ପୁରୁଷ ଯୁଗଳ ପ୍ରତିଯୋଗିତାରେ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଫାଇନାଲ ମ୍ୟାଚ୍‌ରେ ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ୪୪ ବର୍ଷୀୟ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ୍ ୬-୭,୬-୩,୧୦-୬ ସେଟ୍‌ରେ ଦ୍ୱିତୀୟ ସିଡ୍ କ୍ରୋଏସିଆର ଇଭାନ ଡୋଡିଗ୍ ଓ ଆମେରିକାର ଅଷ୍ଟିନ କ୍ରାଜିସେକ୍‌ଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଏଥିସହ ବୟୋଜ୍ୟେଷ୍ଠ ଖେଳାଳି ଭାବେ ସେ ଏଟିପି ମାଷ୍ଟର୍ସ ୧୦୦୦ ଟାଇଟଲ ଜିତି ଇତିହାସ ରଚିଛନ୍ତି। ଏହି କ୍ରମରେ ଗତବର୍ଷ ସେ ଇଣ୍ଡିଆନ୍ ୱେଲ୍ସରେ ହାସଲ କରିଥିବା ରେକର୍ଡକୁ ପଛରେ ପକାଇଛନ୍ତି। ଏହି ବିଜୟ ସହ ସେ ଏଟିପି ଯୁଗଳ ମାନ୍ୟତାର ଶୀର୍ଷ ସ୍ଥାନକୁ ଫେରିଛନ୍ତି।

**ଜିତିଲେ ଷଷ୍ଠ ଏଟିପି ମାଷ୍ଟର୍ସ ଟାଇଟଲ**

ଏଥି ବିଜୟ ସହ ବୋପାନ୍ନା ଷଷ୍ଠଥର ପାଇଁ ଏଟିପି ମାଷ୍ଟର୍ସ ଟାଇଟଲ ଜିତିଛନ୍ତି। ୨୦୧୧ରେ ସେ ପାକିସ୍ତାନର ଏଇସାମ ଉଲ ହକ୍ କ୍ୟୁରେସିଙ୍କୁ ସାଥିକରି ପ୍ରଥମଥର ପାଇଁ ଏଟିପି ମାଷ୍ଟର୍ସ ଟାଇଟଲ ହାସଲ କରିଥିଲେ। ଏହାପରେ ସେ ୨୦୧୨ ପ୍ୟାରିସ୍, ୨୦୧୫ ମାଦ୍ରିଦ୍, ୨୦୧୭ ମଣ୍ଟେକାର୍ଲୋ ଓ ୨୦୨୩ ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସ ଟାଇଟଲ ଜିତିଥିଲେ। ସେ ଏଥିସହ ୧୪ତମ ଏଟିପି ମାଷ୍ଟର୍ସ ୧୦୦୦ ଫାଇନାଲ, ୬୩ତମ ଏଟିପି ଟୁର ଲିଭେଲ ଫାଇନାଲରେ ପ୍ରବେଶ କରିଥିଲେ। କେବଳ ସେତିକି ନୁହଁ ଲିଆଣ୍ଡର ପେସ୍‌ଙ୍କ ପରେ ଦ୍ୱିତୀୟ ଭାରତୀୟ ଟେନିସ ଖେଳାଳି ଭାବେ ୯ମ ଏଟିପି ମାଷ୍ଟର୍ସ ଫାଇନାଲ ଇଭେଣ୍ଟରେ ପ୍ରବେଶ କରି ଏକ ବିରଳ ସଫଳତା ହାସଲ କରିଛନ୍ତି। ମୋଟ୍ ଉପରେ ସେ କ୍ୟାରିୟରର ୨୬ତମ ଟାଇଟଲ ଜିତିଛନ୍ତି। ନିଜର ପ୍ରଦର୍ଶନ ବୋପାନ୍ନା ଖୁସି ଜାହିର କରିଛନ୍ତି। ଏବେ ମାଷ୍ଟର୍ସ ୧୦୦୦ ଓ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ଭଲ ଖେଳିବାକୁ ପ୍ରୟାସ କରିବି ବୋଲି ସେ କହିଛନ୍ତି।

୪୪ ବର୍ଷ ବୟସରେ ପେସାଦାର ଟେନିସରେ ଏଭଳି ସଫଳତା ହାସଲ କରିବା ନିଶ୍ଚିତ ଭାବେ ଏକ ବଡ଼ କଥା। ବୋପାନ୍ନା ତାଙ୍କ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କ୍ୟାରିୟରରେ ଥରେ ପୁରୁଷ ଯୁଗଳରେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ଚଳିତ ବର୍ଷ ସେ ଏବଡେନଙ୍କ ସହ ଅଷ୍ଟ୍ରେଲିଆନ୍ ଓପନ ପୁରୁଷ ଯୁଗଳ ଟାଇଟଲ ହାସଲ କରିଥିଲେ। ସେହିପରି ସେ ୨୦୧୦ ଓ ୨୦୨୩ରେ ୟୁଏସ୍ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ଓ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ସେହିପରି ସେ ୩ଥର ୱିମ୍ବଲଡନ ଓ ଥରେ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ସେ ମିଶ୍ରିତ ଯୁଗଳରେ ଇଭେଣ୍ଟରେ ୨୦୧୭ରେ ଥରେ ୱିମ୍ବଲଡନ (ଫ୍ରେଞ୍ଚ୍ ଓପନ) ଟାଇଟଲ ଜିତିଥିଲେ ଓ ଦୁଇଥର ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ପ୍ରବେଶ କରି ପରାସ୍ତ ହୋଇଥିଲେ।

**କଲିନ୍ସ ପ୍ରଥମଥର ବିଜୟିନୀ**



ମିଆମି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ବିଭାଗରେ ଆମେରିକାର ଡାନିଏଲେ କଲିନ୍ସ ଚାମ୍ପିଅନ ହୋଇଛନ୍ତି। ଅଣସିଡ୍ କଲିନ୍ସ ଫାଇନାଲ ମୁକାବିଲାରେ ୭-୫, ୬-୩ ସିଧାସଳଖ ସେଟ୍‌ରେ ଚତୁର୍ଥ ସିଡ ଏଲିନା ରିବାକିନାଙ୍କୁ ହରାଇ ବିପର୍ଯ୍ୟୟ ଘଟାଇ ବାଜି ମାରିଛନ୍ତି। ଏଥିସହ ସେ ପ୍ରଥମଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ଏଥିସହ ସେ ୩୦ ବର୍ଷୀୟ କ୍ୟାରିୟରର ତୃତୀୟ ଟାଇଟଲ ହାସଲ କରିଛନ୍ତି। କଲିନ୍ସ ଗତ ଜାନୁଆରୀରେ ଚଳିତ ସେସନ ପରେ ଅବସର ନେବେ ବୋଲି ଘୋଷଣା କରିଥିଲେ। ଗର୍ଭାଶ୍ରୟରେ ଥିବା ସମସ୍ୟା କାରଣରୁ ସେ ଟେନିସ ଛାଡିବେ ବୋଲି ଘୋଷଣା କରିଥିଲେ। ଟାଇଟଲ ଜିତି ସେ ଟେନିସରୁ ଅବସର ନେବାକୁ ପ୍ରସ୍ତୁତି କରୁଥିବାର ଭାବପ୍ରବଣ ହୋଇପଡିଥିଲେ। ତାଙ୍କୁ ଏଥିପାଇଁ ସବୁଆଡୁ ଅଭିନନ୍ଦନର ଜଣାଯାଇଛି।

### ଗୁଜରାଟ ଟାଇଟାନ୍ସର ଦ୍ୱିତୀୟ ବିଜୟ

# ମୋହିତ୍, ମିଲର୍‌ଙ୍କ କମାଲ୍



**ଅହମ୍ମଦାବାଦ୍,୩୧ ।୩(ଏଜେନ୍ସି)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ତମ ସଂସ୍କରଣରେ ଶୁବମାନ ଗିଲଙ୍କ ନେତୃତ୍ୱାଧୀନ ଗୁଜରାଟ ଟାଇଟାନ୍ସ ରବିବାର ଅନୁଷ୍ଠିତ ମୁକାବିଲାରେ ସନରାଇଜର୍ସ ହାଇଦ୍ରାବାଦ ଦଳକୁ ପରାସ୍ତ କରିଛି। ୫ଟି ବଲ ବାକିଥାଇ ୭ ୱିକେଟରେ ମ୍ୟାଚ୍ ହାତେଇବା ସହ ଗୁଜରାଟ ଚଳିତ ସଂସ୍କରଣରେ ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ହାଇଦ୍ରାବାଦ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଜବାବରେ ଗୁଜରାଟ ୧୯.୧ ଓଭରରେ ୩ ୱିକେଟ ହରାଇ ୧୬୮ ରନକରି ବାଜି ମାରିଥିଲା। ୪ ଓଭର ବୋଲିଂ କରି ୨୫ ରନ ଦେଇ ମୂଲ୍ୟବାନ ୩ ୱିକେଟ ହାସଲ କରିଥିବା ଗୁଜରାଟ ଅଭିଜ୍ଞ ଦ୍ରୁତ ବୋଲର ମୋହିତ ଶର୍ମା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଗୁଜରାଟ ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୧ ପରାଜୟ ସହ ୪ ଅଙ୍କ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ହାଇଦ୍ରାବାଦ ୩ ମ୍ୟାଚ୍‌ରୁ ୧ ବିଜୟ, ୨ ପରାଜୟ ସହ ୨ ଅଙ୍କ ହାସଲ କରି ତାଲିକାର ୫ମ ସ୍ଥାନରେ ରହିଛି।

୧୬୩ ରନ ଆଭରେଜ୍ ଲକ୍ଷ୍ୟର ପିଛା କରିବାରେ ଗୁଜରାଟ ସମସ୍ୟାର ସମ୍ମୁଖୀନ ହୋଇ ନଥିଲା। ଦୁଇ ଓପନର ଋଦ୍ଧିମାନ ଶାହା ଓ ଶୁବମାନ ପ୍ରଥମ ୱିକେଟରେ ୩୬ ରନ ସଂଗ୍ରହ କରିଥିଲେ। ୧୩ ବଲରୁ ୧ ଚୌକା ଓ ୨ ଛକା ସହ ୨୫ ରନ କରିଥିବା ବେଳେ ଋଦ୍ଧିମାନ ଶାହବାଜ ଅହମ୍ମଦଙ୍କ ବଲ୍‌ରେ ମିଡ୍ ୱିକେଟରେ ପ୍ୟାଟ୍ କୁମିନ୍ସଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ଗିଲ୍ ୩୬ ରନ (୨୮ ବଲ, ୨ ଚୌକା, ୧ ଛକା) କରି ମୟଙ୍କ ମାର୍କଣ୍ଡେଙ୍କ ବଲ୍‌ରେ ଆଉଟ ହୋଇଥିଲେ। ସାଇ ସୁଦର୍ଶନ ୩୬ ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୧ ଛକା ସହ ୪୫ ରନ କରିଥିବା ବେଳେ କୁମିନ୍ସଙ୍କ ବଲ୍‌ରେ ଡିପ୍ ମିଡ୍‌ୱିକେଟରେ ଅଭିଷେକ ଶର୍ମାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଡେଭିଡ୍ ମିଲର ୪୪ ରନ (୨୭ ବଲ, ୪ ଚୌକା, ୨ ଛକା) ଓ



ବିଜୟ ଶଙ୍କର ୧୪ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ତୃତୀୟ ୱିକେଟରେ ମିଲର ଓ ସୁଦର୍ଶନ ୪୨ ବଲରୁ ୬୪ ରନ ସଂଗ୍ରହ କରି ବିଜୟ ପକ୍କା କରିଥିଲେ।

ବୋଲିଂରେ ହାଇଦ୍ରାବାଦ ପାଇଁ ଶାହବାଜ, ମାର୍କଣ୍ଡେ ଓ କୁମିନ୍ସ ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍ ଭଲ ହାରରେ ରନ ସଂଗ୍ରହ କରିପାରି ନଥିଲା। ଫଳରେ ଦଳ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ଏହି କ୍ରମରେ ଓପନର ଟ୍ରାଭିସ ହେଡ ୧୯, ମୟଙ୍କ ଅଗ୍ରୱାଲ ୧୬, ଇନ୍‌ଫର୍ମ ଅଭିଷେକ ଶର୍ମା ୨୯, ଆଇଡେନ ମାର୍କରାମ ୧୭, ୱିକେଟରକ୍ଷକ ବ୍ୟାଟର ହେନରିଚ କ୍ଲାସେନ ୨୪, ଶାହବାଜ ଅହମ୍ମଦ ୨୨, ଅବଦୁଲ ସମାଦ ୨୯ ରନକରି ଆଉଟ ହୋଇଥିବା ବେଳେ ୱାଶିଂଟନ ସୁନ୍ଦର ଖାତା ଖୋଲିପାରି ନଥିଲେ। କୁମିନ୍ସ ୨ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଗୁଜରାଟ ପାଇଁ ମୋହିତ ସର୍ବାଧିକ ୩, ଆଜମାତୁଲ୍ଲା ଓମରଜାଇ, ଉମେଶ ଯାଦବ, ରସିଦ ଖାନ୍, ନୁର ଅହମ୍ମଦ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ସନରାଇଜର୍ସ ହାଇଦ୍ରାବାଦ** ୧୬୨/୮, ୨୦ ଓଭର (ସମାଦ- ୨୯, ଅଭିଷେକ- ୨୯, କ୍ଲାସେନ- ୨୪, ମୋହିଦ- ୩/୨୫)।

**ଗୁଜରାଟ ଟାଇଟାନ୍ସ** ୧୬୮/୩, ୧୯.୧ ଓଭର (ମିଲର- ୪୪*, ସୁଦର୍ଶନ- ୪୫, ଗିଲ- ୩୬, ଋଦ୍ଧିମାନ- ୨୫, ଶାହବାଜ- ୧/ ୨୦)।

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**ମୁମ୍ବାଇ- ରାଜସ୍ଥାନ**

**ସ୍ଥାନ- ମୁମ୍ବଇ, ସମୟ-** ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୨ | ୨ | ୦ | ୪ | +୧.୦୪୭ |
| ଚେନ୍ନାଇ | ୩ | ୨ | ୧ | ୪ | +୦.୯୭୬ |
| ରାଜସ୍ଥାନ | ୨ | ୨ | ୦ | ୪ | +୦.୮୦୦ |
| ଗୁଜରାଟ | ୩ | ୨ | ୧ | ୪ | -୦.୭୩୮ |
| ହାଇଦ୍ରାବାଦ | ୩ | ୧ | ୨ | ୨ | +୦.୨୦୪ |
| ଲକ୍ଷ୍ନୌ | ୨ | ୧ | ୧ | ୨ | +୦.୦୨୫ |
| ଦିଲ୍ଲୀ | ୩ | ୧ | ୨ | ୨ | -୦.୦୧୬ |
| ପଞ୍ଜାବ | ୩ | ୧ | ୨ | ୨ | -୦.୩୩୭ |
| ବେଙ୍ଗାଲୁରୁ | ୩ | ୧ | ୨ | ୨ | -୦.୭୧୧ |
| ମୁମ୍ବାଇ | ୨ | ୦ | ୨ | ୦ | -୦.୯୨୫ |

## ଚେନ୍ନାଇର ପ୍ରଥମ ପରାଜୟ

**ବିଶାଖାପାଟଣମ, ୩୧।୩ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପ୍ରଥମ ପରାଜୟବରଣ କରିଛି। ରବିବାର ଖେଳାଯାଇଥିବା ସଂସ୍କରଣର ତ୍ରୟୋଦଶ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ରନରେ ଚେନ୍ନାଇକୁ ହରାଇ ଦେଇଛି। ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୯୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ସୁପର୍ କିଙ୍ଗ୍‌ସ ୭ ରନରେ ଦୁଇ ଓପନର୍ ଅଧିନାୟକ ଋତୁରାଜ ଗାଏକ୍ୱାଡ (୧) ଓ ରାଚିନ ରବୀନ୍ଦ୍ର (୨)ଙ୍କ ୱିକେଟ୍ ହରାଇଥିଲା। ତେବେ


ଡେଭିଡ ୱାର୍ଣ୍ଣର

ମଧ୍ୟକ୍ରମରେ ଆଜିଙ୍କ୍ୟ ରାହାଣେ ୪୫, ଡାରୀଲ ମିଚେଲ ୩୪, ରବୀନ୍ଦ୍ର ଜାଡେଜା ୨୧* ଓ ଷ୍ଟାର୍ ଖେଳାଳି ମହେନ୍ଦ୍ର ସିଂ ଧୋନି ୩୭* ରନର ଉପଯୋଗୀ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଚେନ୍ନାଇ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍‌ରେ ୧୭୧ ରନ କରିବାକୁ ସମର୍ଥ ହୋଇଥିଲା। ଧୋନି ତାଙ୍କ ୧୬ ବଲ ପାଳିରେ ୪ ଚୌକା ଓ ୩ ଛକା ମାରିଥିଲେ ମଧ୍ୟ ଦଳକୁ ଜିତାଇପାରି ନଥିଲେ। ବୋଲିଂରେ ଦିଲ୍ଲୀ ପକ୍ଷରୁ ମୁକେଶ କୁମାର (୩-୦-୨୧-୩) ଓ ଖଲିଲ ଅହମ୍ମଦ (୪-୧-୨୧-୨) ସୁନ୍ଦର ବୋଲିଂ କରି ଦଳକୁ ପ୍ରଥମ ବିଜୟ ଭେଟି ଦେଇଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା କ୍ୟାପିଟାଲ୍ସ ପାଇଁ ଅଭିଜ୍ଞ ଡେଭିଡ ୱାର୍ଣ୍ଣର ଓ ପୃଥ୍ୱୀ ଶ' ଓପନିଂ ୱିକେଟ୍‌ରେ ୯୩ ରନ ଭାଗୀଦାରି କରି ଦୃଢ଼ ମୂଳଦୁଆ ପକାଇଥିଲେ। ୱାର୍ଣ୍ଣର ୩୫ ବଲରେ ୫୨ ରନ କରିଥିବାବେଳେ ମୁସ୍ତାଫିଜୁର ରହମାନଙ୍କ ବଲରେ ଆଉଟ୍ ହୋଇଥିଲେ। ଆଇପିଏଲ୍‌ରେ ଏହା ତାଙ୍କର ୬୨ତମ ଅର୍ଦ୍ଧଶତକ ହାସଲ କରିଥିଲେ। ପରେ ପରେ ଅନ୍ୟତମ ଓପନର୍ ପୃଥ୍ୱୀ ମଧ୍ୟ ୨୭ ବଲରୁ ୪୩ ରନ କରି ବିଦାୟ ନେଇଥିଲେ। ତେବେ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ପନ୍ତ ଅଧିନାୟକ ପାଳି ଖେଳି ୩୨ ବଲରୁ ୫୧ ରନ କରିଥିଲେ। ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ୫ ୱିକେଟ୍‌ରେ ୧୯୧ ରନ କରିପାରିଥିଲା। ଭୟଙ୍କର କାର ଦୁର୍ଘଟଣାରୁ ସୁସ୍ଥ ହୋଇ ଫେରିବା ପରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌ରେ ପନ୍ତଙ୍କ ଏହା ପ୍ରଥମ ଅର୍ଦ୍ଧଶତକ ଥିଲା। ବୋଲିଂରେ ସୁପର୍ କିଙ୍ଗ୍‌ସ ପାଇଁ ସିଂହଳୀ ସ୍ପିନର ପଥିରାଣା ସର୍ବାଧିକ ୩ ୱିକେଟ୍ ସଫଳତା ପାଇଥିଲେ।

### ଅର୍ଦ୍ଧଶତକରେ ୱାର୍ଣ୍ଣରଙ୍କ ବିଶ୍ୱରେକର୍ଡ

ୱାର୍ଣ୍ଣର ତାଙ୍କ ୫୨ ରନ ପାଳିରେ ଏକ ବିଶ୍ୱରେକର୍ଡର ସମକକ୍ଷ ହୋଇଛନ୍ତି। ଏହା ତାଙ୍କର ଓଭରଅଲ୍ (ଜାତୀୟ, ଅର୍ନ୍ତଜାତୀୟ ଓ ଲିଗ୍ ପ୍ରତିଯୋଗିତା) ଟି-୨୦ରେ ୧୧୦ତମ ଅର୍ଦ୍ଧଶତକ ଥିଲା। ଏହିକ୍ରମରେ ସେ କ୍ରିସ୍ ଗେଲ୍‌ଙ୍କ ନାମରେ ଥିବା ବିଶ୍ୱରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଗେଲ୍ ଓଭରଅଲ୍ ୪୬୩ ଟି-୨୦ ମ୍ୟାଚ୍ ଖେଳି ୧୧୦ଟି ଅର୍ଦ୍ଧଶତକ କରିଥିଲେ। ଏହି ତାଲିକାରେ ବିରାଟ କୋହଲି (୧୦୧ଟି), ବାବର ଆଜମ (୯୮) ଓ ଜୋଶ୍ ବଟଲର୍ (୮୬) ପରବର୍ତ୍ତୀ ୩ଟି ସ୍ଥାନରେ ରହିଛନ୍ତି।




### ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍

## ନୀତା ଫୁଟ୍‌ବଲ ଏକାଡେମୀ ଚାମ୍ପିଅନ

**କଟକ,୩୧।୩(ସମିସ):** ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍ କଟକରେ ଜାରି ରହିଛି। ଲିଗ୍‌ର ୧୭ ବର୍ଷରୁ କମ୍ ବୟସ ବର୍ଗରେ ସର୍ବାଧିକ ପଏଣ୍ଟ ହାସଲ କରି ନୀତା ଫୁଟବଲ ଏକାଡେମୀ ଚାମ୍ପିଅନ ହୋଇଛି। ସେହିପରି ଦ୍ୱିତୀୟ ସର୍ବାଧିକ ପଏଣ୍ଟ ସହ ରନର୍ସଅପ ହୋଇଛି କିଟ୍-କିସ ଦଳ। ରବିବାର ସିଡିଏ ଗ୍ରାଉଣ୍ଡରେ ଏହି ଦୁଇ ଦଳ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲେ। ମ୍ୟାଚ୍ ୨-୨ ଗୋଲରେ ଡ୍ର ରହିଥିଲା। ନୀତା ଏକାଡେମୀ ପକ୍ଷରୁ ଇପସିତା ରାଉତ ଓ କିରଣ ଦୀପ, କିଟ-କିସ ପକ୍ଷରୁ ସୂର୍ଯ୍ୟ ପୂର୍ତ୍ତି ଓ ପ୍ରିୟଙ୍କା ଓରାମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନ ଏବଂ କିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଶେଷ ହୋଇଥିଲା। ସେହିପରି ରବିବାର ଖେଳାଯାଇଥିବା ୧୫ବର୍ଷରୁ କମ୍ ବୟସ ବର୍ଗର ୩ଟି ମ୍ୟାଚ୍‌ରେ ଓଡ଼ିଶା ଏକାଦଶ, କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଏବଂ ସ୍ପୋର୍ଟସ ଓଡ଼ିଶା ଦଳ ବିଜୟୀ ହୋଇଥିଲେ।

### ରୋହିତଙ୍କ ୱିକେଟରେ ଖୁସି ମନାଇବା ହେଲା କାଳ

## ବୃଦ୍ଧଙ୍କୁ ହତ୍ୟାକଲେ ଦାଦା, ପୁତୁରା

**କୋହ୍ଲାପୁର,୩୧ ।୩(ଏଜେନ୍ସି):** ରୋହିତ ଶର୍ମା ଆଉଟ ହେବାରେ ଖୁସି ମନାଇବାରୁ ଏକ ବଡ଼ ଅଘଟଣ ଘଟିଛି। ସ୍ଥାନୀୟ ହନମନ୍ତବାଡି ଇଲାକାରେ ଜଣେ ୬୩ ବର୍ଷ ବୟସର ବୃଦ୍ଧଙ୍କୁ ବୁଧବାର ରାତି ୧୦ଟାରେ ହତ୍ୟା କରାଯାଇଛି। ଆଇପିଏଲର ଏକ ମ୍ୟାଚ୍‌କୁ ନେଇ ବିବାଦ ଓ ପରେ ଝଗଡ଼ା ହେବା କାରଣରୁ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ବ୍ୟକ୍ତି ହେଉଛନ୍ତି ବାଣ୍ଡୁପନ୍ତ ଟିବିଲେ। ରୋହିତ ଆଉଟ ହେବା ପରେ ସେ ସେଲିବ୍ରେଟ କରିଥିଲେ। ଏଥିରେ ଉଦ୍‌କ୍ଷୀପ୍ତ ହୋଇ ଅଭିଯୁକ୍ତ ବଲବନ୍ଧ ଝାଂଜଗେ ଓ ତାଙ୍କ ପୁତୁରା ସାଗର ଜାଂଜଗେ ତାଙ୍କୁ ବାଡିରେ ବାଡେଇଥିଲେ ଓ ପରେ ତାଙ୍କ ମୁଣ୍ଡକୁ ପଥରେ ଛେଚିଥିଲେ। ଗୁରୁତର ଭାବେ ଆହତ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ଅବସରରେ ସେ ମୃତ୍ୟୁ ବରଣ କରିଥିଲେ। ଦୁଇ ଅଭିଯୁକ୍ତ ମଧ୍ୟ ଏହି ଘଟଣାରେ ଆହତ ହୋଇଥିଲେ ଓ ଦୁହିଁଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁଇଜଣଙ୍କୁ ଗିରଫ କରାଯାଇଛି।

### ୬ଷ୍ଠ ରାମେଶ୍ୱର କପ୍

## ଆଲ୍‌ଫା ସ୍ପୋର୍ଟିଂ ଚାମ୍ପିଅନ

**ଭୁବନେଶ୍ୱର, ୩୧ ।୩ (ସମିସ)**

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ କମଳା ପରିଡ଼ା ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ରାମେଶ୍ୱର କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ଆଲ୍‌ଫା ସ୍ପୋର୍ଟିଂ ଚାମ୍ପିଅନ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ଆଲ୍‌ଫା ସ୍ପୋର୍ଟିଂ ୩୩.୨ ଓଭରରେ ୯ ୱିକେଟ୍ ହରାଇ ୧୪୬ ରନ କରିଥିଲା। ଦଳ ପକ୍ଷରୁ ଅମନ ଦାଶ ସର୍ବାଧିକ ୮୧ ରନ କରିଥିଲେ। ପ୍ରତିପକ୍ଷ ବୋଲର୍ ଶୁଭ୍ରକାନ୍ତ ପରିଡ଼ା ୪ ଓ ସୁବାଶିଷ ମଲ୍ଲିକ ୨ଟି ୱିକେଟ୍ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୨୯ ଓଭରରେ ୧୩୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବୋଲିଂ ଭଳି ବ୍ୟାଟିଂରେ ମଧ୍ୟ ଶୁଭାଶିଷ ୩୭ ଓ ଶୁଭକାନ୍ତ ୨୮ ରନ କରିଥିଲେ। ଅର୍ଦ୍ଧଶତକୀୟ ପାଳି ଲାଗି ଅମନ ଫାଇନାଲର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଆର୍. ସମର୍ଥ ପ୍ରତିଯୋଗିତାର ଶ୍ରେଷ୍ଠ, ସ୍ୱୟମ ପଣ୍ଡା ଶ୍ରେଷ୍ଠ ବ୍ୟାଟର୍, ଶୁଭ୍ରକାନ୍ତ ଶ୍ରେଷ୍ଠ ବୋଲର ଓ ବାବୁସାନ ମାଝି ଶ୍ରେଷ୍ଠ ଫିଲ୍ଡର ପୁରାସ୍କାର ପାଇଥିଲେ। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଶିବ ବେହେରା, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଦିବ୍ୟରଞ୍ଜନ ବେହେରା, ହେମାନନ୍ଦ ମହାପାତ୍ର ଓ ବିଜୟ ଭାସ୍କର ସିଂସାମନ୍ତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚକୁ ସତ୍ୟବ୍ରତ ମହାପାତ୍ର ଓ ବିଶ୍ୱଜିତ୍ ମଲ୍ଲିକ ପରିଚାଳନା କରିଥିଲେ।




### ଦ୍ରୁତ ବୋଲିଂର ନୂଆ ଆବିଷ୍କାର

## 'ରାଜଧାନୀ ଏକ୍ସପ୍ରେସ୍' ମୟଙ୍କ

**ନୂଆଦିଲ୍ଲୀ,୩୧ ।୩(ଏଜେନ୍ସି)**

ଭାରତୀୟ କ୍ରିକେଟରେ ଜଣେ ଯୁବ ଦ୍ରୁତ ବୋଲରଙ୍କ ଉଦୟ ହୋଇଛି। ଚଳିତ ଆଇପିଏଲ୍‌ର ୧୭ତମ ସଂସ୍କରଣରେ ଘଣ୍ଟା ପ୍ରତି ୧୫୦ରୁ ୧୫୫ କିମି ବେଗରେ କ୍ରମାଗତ ଭାବେ ବଲ ପକାଇ ସେ ହଇଚଇ ସୃଷ୍ଟି କରିବା ସହ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛନ୍ତି। ସେ ହେଉଛନ୍ତି ଲକ୍ଷ୍ନୌ ସୁପର ଜାଏଣ୍ଟସର ୨୧ ବର୍ଷୀୟ ଡାହାଣହାତୀ ଦ୍ରୁତ ବୋଲର ମୟଙ୍କ ଯାଦବ। ଶନିବାର ଅନୁଷ୍ଠିତ ଆଇପିଏଲ ମ୍ୟାଚ୍‌ରେ ଦ୍ରୁତ ଗତିରେ ବୋଲିଂ କରିବା ସହ ସେ ୪ ଓଭର ବୋଲିଂ କରି ୨୭ ରନ ଦେଇ ୩ଟି ମୂଲ୍ୟବାନ ୱିକେଟ ହାସଲ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌ରେ ନିଜର ପ୍ରଭାବୀ ବୋଲିଂ ବଳରେ ପଞ୍ଜାବ କିଙ୍ଗ୍‌ସଠାରୁ ବିଜୟ ଛଡାଇ ନେଇଥିଲେ। ପଦାର୍ପଣରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଜିତିବାରେ ସେ ପ୍ରଥମ ଦ୍ରୁତ ବୋଲର ବିବେଚିତ ହୋଇଛନ୍ତି। ୬ ଫୁଟ ୨ ଇଞ୍ଚ ଉଚ୍ଚତା ବିଶିଷ୍ଟ ମୟଙ୍କ ଘଣ୍ଟା ପ୍ରତି ୧୫୫.୬ କିମି ବେଗରେ ବୋଲିଂ କରି ଚଳିତ ଆଇପିଏଲର ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଛନ୍ତି। ଅର୍ଥାତ ତାଙ୍କର ଏହି ବଲ୍ ଚଳିତ ସଂସ୍କରଣରେ ଦ୍ରୁତତମ ଥିଲା। ତାଙ୍କ ଦ୍ରୁତ ବୋଲିଂ କାରଣରୁ ପ୍ରଶଂସକ ଅନ୍ୟତମ ଦ୍ରୁତ ବୋଲର ଉମ୍ରାନ ମଲିକଙ୍କୁ ମନେ ପକାଇଛନ୍ତି।

### ୧୫୦ କିମିରୁ ଊର୍ଦ୍ଧ୍ୱ ବେଗରେ ୬ ବଲ

ଦିଲ୍ଲୀରେ ରହୁଥିବା ମୟଙ୍କ ନିଜ କୋଟାର ୨୪ଟି ବଲ୍‌ରୁ ୬ଟି ବଲର ୧୫୦କିମି ବେଗରୁ ଊର୍ଦ୍ଧ୍ୱରେ ବୋଲିଂ କରିଥିଲେ। ସବୁ ୨୪ଟି ଯାକ ବଲ୍‌କୁ ସେ ୧୪୦ କିମିରୁ ଊର୍ଦ୍ଧ୍ୱ ବେଗରେ ବୋଲିଂ କରିଥିଲେ। ପୂର୍ବରୁ ଅବଶ୍ୟ ସେ ଏତେ ବେଗରେ କେବେ ବୋଲିଂ କରି ନଥିଲେ। କିନ୍ତୁ ମୁସ୍ତାକ ଅଲି ଟ୍ରଫିରେ ସେ ୧୫୦ କିମି ବେଗରେ ବୋଲିଂ କରିଥିଲେ।



### ଜୋତା କିଣିବାକୁ ନ ଥିଲା ଅର୍ଥ

ଦିଲ୍ଲୀର ସୋନେଟ କ୍ରିକେଟ କ୍ଲବରେ ସେ ପ୍ରଶିକ୍ଷଣ ନେଇଛନ୍ତି। ଏହି କ୍ଲବରୁ ତାରକା ୱିକେଟକିପର ବ୍ୟାଟର ଋଷଭ ପନ୍ତ, ଶିଖର ଧାୱନ, ଆଶିଷ ନେହରାଙ୍କ ଭଳି କ୍ରିକେଟର ପ୍ରଶିକ୍ଷଣ ନେଇଛନ୍ତି। ସେ ଦିନେ ଦ୍ରୁତତମ ବୋଲର ହେବେ ବୋଲି ନେହରାଙ୍କ ପ୍ରଶିକ୍ଷକ ପୂର୍ବାନୁମାନ କରି କହିଥିଲେ। ପଦାର୍ପଣ ମ୍ୟାଚ୍‌ରେ ସେ ଦ୍ରୁତବେଗରେ ବୋଲିଂ କରୁଥିବାରୁ ଭାଷ୍ୟକାରମାନେ ତାଙ୍କୁ 'ରାଜଧାନୀ ଏକ୍ସପ୍ରେସ୍' ବୋଲି ନୂଆ ଡାକନାମ ଦେଇଥିଲେ। ତେବେ ରାଜଧାନୀ ଏକ୍ସପ୍ରେସର ବେଗ ଘଣ୍ଟାପ୍ରତି ୧୩୦ କିମି ରହିଛି। ମୟଙ୍କ ବଲ୍‌ର ବେଗ ରାଜଧାନୀ ଏକ୍ସପ୍ରେସଠାରୁ ଯଥେଷ୍ଟ ଅଧିକ ରହିଛି। ଅଧିକ ଉଚ୍ଚତା ଓ ପାଦର ଆକାର ବଡ଼ ହୋଇଥିବାରୁ ସେ ୧୨ ନମ୍ବର ଜୋତା ପିନ୍ଧିଥାନ୍ତି। ଏକ ସାମାନ୍ୟ ପରିବାରରୁ ଆସିଥିବା ମୟଙ୍କ ପିତା ବ୍ୟବସାୟ କରନ୍ତି। କିନ୍ତୁ କରୋନା କାରଣରୁ ଏହା ଡୁବି ଯାଇଥିଲା। ଏପରିକି ଜୋତା କିଣିବା ପାଇଁ ତାଙ୍କ ପାଖରେ ପଇସା ନ ଥିଲା। ଫଳରେ ଏକାଡେମୀ ତାଙ୍କ ପାଇଁ ବାହାରୁ ଜୋତା ମଗାଇଥିଲେ।

### ଆଘାତ ଯୋଗୁଁ କରିପାରି ନ ଥିଲେ ପଦାର୍ପଣ

ଇଂଲଣ୍ଡ ବିପକ୍ଷ ଗତ ଟଷ୍ଟ ସିରିଜରେ ସେ ଆଘାତ ସମସ୍ୟା କାରଣରୁ ପଦାର୍ପଣ କରିବାର ସୁଯୋଗ ହରାଇଥିଲେ। ମୟଙ୍କ ଓ ଆକାଶଦୀପଙ୍କ ଉପରେ ଚୟନକର୍ତ୍ତାଙ୍କ ନଜର ରହିଥିଲା। କିନ୍ତୁ ହାମଷ୍ଟ୍ରିଙ୍ଗ ଇଞ୍ଜୁରି କାରଣରୁ ସେ ରଣଜୀ ଟ୍ରଫି ଖେଳିପାରି ନଥିଲେ ଓ ଫଳରେ ଚୟନକର୍ତ୍ତା ଆକାଶଦୀପଙ୍କ ଉପରେ ଭରସା କରିଥିଲେ। ଆଘାତ ସମସ୍ୟା ଦ୍ରୁତ ବୋଲରଙ୍କ ଜୀବନର ଏକ ଅଂଶ ବୋଲି ସେ ସ୍ୱିକାର କରିଛନ୍ତି। ସେ ଏପର୍ଯ୍ୟନ୍ତ ୧୭ଟି ଲିଷ୍ଟ ଏ, ୧୦ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଲିଷ୍ଟ ଏ'ରେ ୩୪ ୱିକେଟ ନେଇଛନ୍ତି ଓ ତାଙ୍କର ଇକୋନୋମୀ ରେଟ୍ ୫. ୩୫ ରହିଛି। ସେହିପରି ଟି-୨୦ରେ ୬.୪୪ ଇକୋନୋମୀ ରେଟ୍‌ରେ ୧୨ ୱିକେଟ ଅକ୍ତିଆର କରିଛନ୍ତି। ଆଗାମୀ ଦିନରେ ସେ ଭାରତର ସ୍ପିଡ୍‌ଷ୍ଟାର ଆଖ୍ୟା ପାଇବେ ବୋଲି ପ୍ରଶଂସକ ଆଶା ରଖିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA